

ରାକେଶଙ୍କ ସହ କାମ କରିବେ ଜାହ୍ନବୀ

▶ପୃଷ୍ଠା ୧୭ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 • ISSUE-218 • BHUBANESWAR • FRIDAY • 2 FEBRUARY 2024 • PAGE-20 • ₹ 6.00

ବର୍ଷ-୪୧ • ସଂଖ୍ୟା-୨୧୮ • ଭୁବନେଶ୍ୱର • ଶୁକ୍ରବାର • ୨ ଫେବୃଆରୀ ୨୦୨୪ • ପୃଷ୍ଠା-୨୦ • ଟ.୬.୦୦



DSPL-601

ଆମ ଓଡ଼ିଶା ନବୀନ ଓଡ଼ିଶା



# ଅଭିନନ୍ଦନ

## ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିଜେତା



**ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ପୁରସ୍କାର**
- ରାଇରାମଚନ୍ଦ୍ରପୁର
- ପୁରୁଣା ତିଗିରିଆ
- ସୋହାପୁର
- ବିରଜାପୁର
- ଭତଙ୍ଗପଦର
- କେରେଡ଼ି

**ଶ୍ରେଷ୍ଠ ସି.ଆର୍.ସି.ସି ପୁରସ୍କାର**
ରାଜେଶ କୁମାର ବିଶ୍ୱାଳ
ଡୁକୁମ୍ ପ୍ରାଥମିକ ସେବାଶ୍ରମ, ଗୁଣୁପୁର, ରାୟଗଡ଼ା

**ଶ୍ରେଷ୍ଠ ପୁରାତନ ଛାତ୍ର କମିଟି ପୁରସ୍କାର**
ସରକାରୀ ଉଚ୍ଚ ବିଦ୍ୟାଳୟ, ବରୀ ବାଲେଶ୍ୱର

**ଶ୍ରେଷ୍ଠ ବିଦ୍ୟାଳୟ ପରିଚାଳନା କମିଟି ପୁରସ୍କାର**
ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଳ, ବରଗଡ଼

**ଶ୍ରେଷ୍ଠ ପ୍ରାଥମିକ ବିଦ୍ୟାଳୟ ପୁରସ୍କାର**
- ପୋଲାରାଜପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଞ୍ଜାମ
- ଦକ୍ଷିଣପୁର ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଞ୍ଜାମ

**ଶ୍ରେଷ୍ଠ ପ୍ରଧାନଶିକ୍ଷକ ପୁରସ୍କାର (ପ୍ରାଥମିକ)**
- ପୋଲାରାଜପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଞ୍ଜାମ
- ଦକ୍ଷିଣପୁର ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଞ୍ଜାମ

**ଶ୍ରେଷ୍ଠ ଶିକ୍ଷକ ପୁରସ୍କାର (ମାଧ୍ୟମିକ ବିଦ୍ୟାଳୟ)**
- ନିର୍ମଳା ଫତେସିଂହ, ପୋଲିସ୍ ହାଇସ୍କୁଲ୍ ପୁରୀ
- ଜିନାଶ୍ରୀ ରାଉତରାୟ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୯
- ପଦରାଜ ଉମାକାନ୍ତ ନାୟକ, ସରକାରୀ ଉଚ୍ଚ ବିଦ୍ୟାଳୟ, ଆଳିପିଙ୍ଗଳ, ଜଗତସିଂହପୁର
- ସନ୍ତୋଷ କୁମାର କର, ଜେ.ଡ଼ି. ଉଚ୍ଚ ବିଦ୍ୟାଳୟ, କଳାହାଣ୍ଡି
- ପଙ୍କଜିନୀ ନାୟକ, ବୁଢ଼ାରାଜା ସରକାରୀ ଉଚ୍ଚ ବିଦ୍ୟାଳୟ, ସମ୍ବଲପୁର
- କୁଞ୍ଜବିହାରୀ ସାହୁ, କୁଇବାହାଲ ଉଚ୍ଚ ବିଦ୍ୟାଳୟ, ସୁବର୍ଣ୍ଣପୁର
- ଶଙ୍କର୍ଷଣ ବେହେରା, ଯାଜପୁର ଜିଲ୍ଲା ସ୍କୁଲ୍

**ଶ୍ରେଷ୍ଠ ମାଧ୍ୟମିକ ବିଦ୍ୟାଳୟ ପୁରସ୍କାର**
ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଳ, ବରଗଡ଼

**ଶ୍ରେଷ୍ଠ ପ୍ରଧାନଶିକ୍ଷକ ପୁରସ୍କାର (ମାଧ୍ୟମିକ)**
ଦ୍ୱାଦଶ କୁମାର ପ୍ରଧାନ, ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଳ, ବରଗଡ଼

**ଶ୍ରେଷ୍ଠ ବ୍ଲକ୍ ପୁରସ୍କାର**
ନୂଆପଡ଼ା

**ଶ୍ରେଷ୍ଠ ବ୍ଲକ୍ ଶିକ୍ଷା ଅଧିକାରୀ ପୁରସ୍କାର**
ସ୍ମୃତିରେଖା ନାୟକ, ଯାଜପୁର

**ଶ୍ରେଷ୍ଠ ଜିଲ୍ଲା ଶିକ୍ଷା ଅଧିକାରୀ ପୁରସ୍କାର**
ସୁଶାନ୍ତ କୁମାର ଚପଦାର, କଳାହାଣ୍ଡି

**ଶ୍ରେଷ୍ଠ ଜିଲ୍ଲା ଶିକ୍ଷକ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପୁରସ୍କାର**
ଜିଲ୍ଲା ଶିକ୍ଷକ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଖୋର୍ଦ୍ଧା

**ଶ୍ରେଷ୍ଠ ଜିଲ୍ଲା ପୁରସ୍କାର**
ବାଲେଶ୍ୱର

**ଶ୍ରେଷ୍ଠ ମେଧାବୀ ଛାତ୍ର ପୁରସ୍କାର**
ଶ୍ରେୟାଶ୍ରୀ ଜେନା, ଯାଜପୁର

OIPR-27045/13/0059/2324

## ଅନ୍ୟ ସମସ୍ତ ଜିଲ୍ଲା ଓ ରାଜ୍ୟସ୍ତରୀୟ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ।






## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-218 ◆BHUBANESWAR ◆FRIDAY ◆2 FEBRUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୧୮ ◆ଭୁବନେଶ୍ୱର ◆ଶୁକ୍ରବାର ◆୨ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦




## ପାରାଦ୍ୱୀପ ବନ୍ଦର ସ୍ମରଣିକା ଉନ୍ମୋଚିତ

**ଭୁବନେଶ୍ୱର,୧।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ପାରାଦ୍ୱୀପ ବନ୍ଦର-୧୯୬୨-୨୦୨୪ ଶୀର୍ଷକ ଏକ ସ୍ମରଣିକା ଉନ୍ମୋଚନ କରିଛନ୍ତି। ଏହି ପୁସ୍ତକରେ ପାରାଦ୍ୱୀ ବନ୍ଦରର ଇତିହାସ, ପାରାଦ୍ୱୀପ ସହରର ବିକାଶରେ ଏହାର ଭୂମିକା, ଏହାର ସାମାଜିକ ଓ ଅର୍ଥନୈତିକ ପ୍ରଭାବ, ଜୀବନ, ସଂସ୍କୃତି ଆଦି ସ୍ଥାନ ପାଇଛି। ଏଥିରେ ୫୦ରୁ ଅଧିକ ସ୍ତମ୍ଭ, ପରିସଂଖ୍ୟାନ, ମ୍ୟାପ୍ ଏବଂ ୧୦୦ରୁ ଅଧିକ ବିରଳ ଚିତ୍ର ସ୍ଥାନିତ ହୋଇଛି। ପାରାଦ୍ୱୀପ ବନ୍ଦରର ଅବସରପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଆଜି ଉନ୍ମୋଚନ କାର୍ଯ୍ୟକ୍ରମରେ ପାରାଦ୍ୱୀପ ବନ୍ଦର ଅବସରପ୍ରାପ୍ତ କର୍ମଚାରୀ କ୍ଲବ୍‌ର ସଭାପତି ଉମେଶ ଚନ୍ଦ୍ର ପଟ୍ଟନାୟକ ଓ ସମ୍ପାଦକ ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।






# ବୌଦ୍ଧ ଗୁରୁଙ୍କଠାରୁ ଆଶିଷ ନେଲେ ପାଣ୍ଡିଆନ

**ଢେଙ୍କାନାଳ/ପାରଳାଖେମୁଣ୍ଡି, ୧।୨ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଆଜି ଗଜପତି ଓ ଢେଙ୍କାନାଳ ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଏହି ଅବସରରେ ଶ୍ରୀ ପାଣ୍ଡିଆନ ଗଜପତି ଜିଲ୍ଲାର ଜିରାଙ୍ଗସ୍ଥିତ ପଦ୍ମସମ୍ଭବ ବୁଦ୍ଧ ମନ୍ଦିରରେ ଆୟୋଜିତ ମହାଗୁରୁ ଅଭିଷେକ କାର୍ଯ୍ୟକ୍ରମରେ ସାମିଲ ହୋଇ ଭଗବାନ ବୁଦ୍ଧଙ୍କ ପୂଜାର୍ଚ୍ଚନା କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ବୌଦ୍ଧ ଗୁରୁ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହ ଶ୍ରୀ ପାଣ୍ଡିଆନ୍ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା ମଧ୍ୟ କରିଛନ୍ତି। ବୁଦ୍ଧ ମନ୍ଦିରରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହ ସମସ୍ତଙ୍କ ସହଯୋଗରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।



ଗତ ବର୍ଷ ମେ' ମାସରେ ୫-ଟି ଅଧ୍ୟକ୍ଷଙ୍କ ଗଜପତି ଗସ୍ତ ପରେ ଉକ୍ତ ବୁଦ୍ଧ ମନ୍ଦିରର ଉନ୍ନୟନ ପାଇଁ ରାଜ୍ୟ ସରକାର ୨.୬୮ କୋଟି ଟଙ୍କା ମଞ୍ଜୁର କରିଥିଲେ। ଶ୍ରୀ ପାଣ୍ଡିଆନ୍ ଏହି ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିବା ସହ ଗଜପତି ଜିଲ୍ଲାପାଳ ଏବଂ ବରିଷ୍ଠ ଅଧିକାରୀମାନଙ୍କ ସହ ଜିଲ୍ଲାରେ ଚାଲିଥିବା ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି। ଏହା ସହିତ ନିର୍ଦ୍ଧାରିତ ସମୟ ଭିତରେ କାମ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗଜପତି ଜିଲ୍ଲାରୁ ଆସି ଶ୍ରୀ ପାଣ୍ଡିଆନ୍ ଢେଙ୍କାନାଳ ଜିଲ୍ଲାରେ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ସେଠାରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେବା ପରେ ଜିଲ୍ଲାରେ ଚାଲିଥିବା ଜରୁରୀ ପ୍ରକଳ୍ପର ସ୍ଥିତି ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଜିଲ୍ଲାରେ ଏବେ ୩୪.୫୦ କୋଟି ଟଙ୍କା ବ୍ୟୟରେ ୫୬ଟି

**ଜିରାଙ୍ଗ ବୁଦ୍ଧ ମନ୍ଦିରରେ ମହାଗୁରୁ ଅଭିଷେକ**

**ବିକାଶମୂଳକ କାର୍ଯ୍ୟ ତୁରନ୍ତ ଶେଷ ଲାଗି ନିର୍ଦ୍ଦେଶ**

ସରକାରୀ ଏବଂ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ରୂପାନ୍ତରଣ କାମ ଚାଲିଛି। ଏହି କାମ ଚଳିତ ମାସ ଶେଷ ସୁଦ୍ଧା ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଶ୍ରୀ ପାଣ୍ଡିଆନ୍ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ଜିଲ୍ଲାର ଅନ୍ୟ ବିକାଶମୂଳକ ପ୍ରକଳ୍ପ ନେଇ ମଧ୍ୟ ଶ୍ରୀ ପାଣ୍ଡିଆନ୍ ସମୀକ୍ଷା କରିଛନ୍ତି। ସେଥିରୁ ଅଧିକାଂଶ ପ୍ରକଳ୍ପ ଗତ ବର୍ଷ ଜୁଲାଇ ମାସରେ ଗସ୍ତ ପରେ ଆରମ୍ଭ କରାଯାଇଛି ।

**ବରିଷ୍ଠ ନାଗରିକଙ୍କ ପାଇଁ ସମର୍ପିତ ସରକାର**

# ଗଠନ ହେବ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ସେଲ୍

**ଭୁବନେଶ୍ୱର, ୧।୨(ସମିସ):** ବରିଷ୍ଠ ନାଗରିକଙ୍କ ପାଇଁ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ସେଲ୍ ଗଠନ କରାଯିବ। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍ଥାର ଡୋମେନ୍ ଏକ୍ସପର୍ଟ(ବିଶେଷଜ୍ଞ) ସଦସ୍ୟ ରହିବାକୁ ଥିବା ବେଳେ ସେମାନେ ରାଜ୍ୟରେ କାର୍ଯ୍ୟକ୍ଷମ ଥିବା ବୃଦ୍ଧାଶ୍ରମଗୁଡ଼ିକର ନିରୀକ୍ଷଣ କରିବେ। ବରିଷ୍ଠ ନାଗରିକଙ୍କ ହିତରେ ଏହି ସ୍ୱତନ୍ତ୍ର ସେଲ୍ କାମ କରିବାକୁ ଥିବା ବେଳେ ଏହାର ଗଠନରେ ବିଭିନ୍ନ ଅନ୍ତର୍ଜାତୀୟ ଏବଂ ଜାତୀୟ ସଂସ୍ଥାମାନେ ସହଯୋଗ ଯୋଗାଇଦେବେ। ନିକଟରେ ରାଜ୍ୟ ସରକାରଙ୍କ ଏକାଧିକ ବିଭାଗକୁ ନେଇ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ବୈଠକରେ ବରିଷ୍ଠ ନାଗରିକଙ୍କ ହିତ ଏବଂ ସ୍ୱାର୍ଥ ପାଇଁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ପ୍ରମୁଖ ନିଷ୍ପତ୍ତି ମଧ୍ୟରେ ବୃଦ୍ଧାଶ୍ରମରେ ରହୁଥିବା ବରିଷ୍ଠ ନାଗରିକଙ୍କ ମାନସିକ ସ୍ୱସ୍ଥତାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ସେମାନଙ୍କୁ ଯୋଗାଭ୍ୟାସ କରାଯିବା ସହ ମାନସିକ ଶାନ୍ତି ପାଇଁ ବିଭିନ୍ନ ଆଧ୍ୟାତ୍ମିକ, ପ୍ରେରଣାଦାୟୀ(ମୋଟିଭେସନାଲ) କାର୍ଯ୍ୟକ୍ରମ/ସମାବେଶ ଆୟୋଜନ କରାଯିବ। ଏଥିପାଇଁ ପ୍ରଜାପିତା ବ୍ରହ୍ମାକୁମାରୀ, ରାମକ୍ରିଷ୍ଣ ମିଶନ ପରି ସଂସ୍ଥାମାନେ ଏହି କାର୍ଯ୍ୟକ୍ରମର ପରିଚାଳନା କରିବେ। ସେହିପରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ କଲ୍ୟାଣକାରୀ ଯୋଜନାର ଲାଭାର୍ଥୀ ବରିଷ୍ଠ ନାଗରିକଙ୍କ ସଂଖ୍ୟା ଏବଂ ଯୋଜନାର ନାମକୁ ଏକ ନିର୍ଦ୍ଦିଷ୍ଟ ୱେବସାଇଟ୍‌ରେ ପ୍ରକାଶ କରାଯିବ। ଯେଉଁ ବରିଷ୍ଠ ନାଗରିକମାନେ ଏହି ଯୋଜନାର ଲାଭ ଉଠାଇ ନାହାନ୍ତି, ସେମାନେ ଏହାର ଲାଭ ଉଠାଇପାରିବେ।

ଅନ୍ୟ ଏକ ପ୍ରମୁଖ ନିଷ୍ପତ୍ତି ଅନୁଯାୟୀ, ରାଜ୍ୟରେ ଥିବା ଡେ-କେୟାର୍ ସେଣ୍ଟର୍ ଓ ବରିଷ୍ଠ ନାଗରିକ ଚିକିତ୍ସା କେନ୍ଦ୍ରକୁ ସକ୍ରିୟ କରାଯିବ। ଏଠାରେ କେଉଁକେଉଁ କାର୍ଯ୍ୟକ୍ରମଗୁଡ଼ିକ ଗ୍ରହଣ କରାଯିବ ଏବଂ ସେବା ପ୍ରଦାନ କରାଯିବ, ସେନେଇ ସ୍ୱାସ୍ଥ୍ୟ ବିଭାଗ ଆବଶ୍ୟକ ପରାମର୍ଶ ପ୍ରଦାନ କରିବ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରସ୍ତରରେ ଏହି ବରିଷ୍ଠ ନାଗରିକ ଚିକିତ୍ସା କେନ୍ଦ୍ର କାର୍ଯ୍ୟକ୍ଷମ ହେବ। ବିଶେଷକରି ଗୁରୁତର ବୟୋଜ୍ୟୋଷ୍ଠ ନାଗରିକଙ୍କୁ ଏଠାରେ ଆବଶ୍ୟକ ଚିକିତ୍ସା ସୁବିଧା ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଅପରପକ୍ଷେ ସରକାରଙ୍କ ପକ୍ଷରୁ ରାଜ୍ୟ ଗୃହ ବିଭାଗ ଏବଂ



**ବୃଦ୍ଧାଶ୍ରମରେ ମାନସିକ ସ୍ୱସ୍ଥତାକୁ ଦିଆଯିବ ଗୁରୁତ୍ୱ**

**ରାଜ୍ୟବ୍ୟାପୀ ଡେ-କେୟାର ସେଣ୍ଟର ଏବଂ ବରିଷ୍ଠ ନାଗରିକ ଚିକିତ୍ସା କେନ୍ଦ୍ରକୁ କରାଯିବ ସକ୍ରିୟ**

**ସବୁ ଥାନାରେ ସ୍ୱତନ୍ତ୍ର ଡେସ୍କ ଖୋଲିବାକୁ ନିଆଯିବ ପଦକ୍ଷେପ**

ପୁଲିସ ମହାନିର୍ଦ୍ଦେଶକଙ୍କୁ ପ୍ରତ୍ୟେକ ଥାନାରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ଡେସ୍କ ଖୋଲିବାକୁ ଅନୁରୋଧ କରାଯିବ। ଫଳରେ ବରିଷ୍ଠ ନାଗରିକମାନେ ଆବଶ୍ୟକ ସମସ୍ତ ପୁଲିସ ସେବା ସହଜରେ ପାଇପାରିବେ ବୋଲି ଜଣାପଡ଼ିଛି। ସେହିପରି ରାଜ୍ୟ ସାମାଜିକ ସଶକ୍ତୀକରଣ ବିଭାଗ ପକ୍ଷରୁ ପଞ୍ଚାୟତସ୍ତରରେ ଏବଂ ସ୍ଥାନୀୟ ଅଞ୍ଚଳର ଜଣାଶୁଣା ବ୍ୟକ୍ତିବିଶେଷଙ୍କ ସହ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସୁବିଧା ଏବଂ ଅସୁବିଧା ସମ୍ପର୍କରେ ଆଲୋଚନା କରାଯିବ। ବରିଷ୍ଠ ନାଗରିକଙ୍କ ହିତରେ ଯେଉଁ ସର୍ବୋତ୍ତମ ପ୍ରସ୍ତାବ ହସ୍ତଗତ ହେବ, ତାହାକୁ ବିଭାଗ ପକ୍ଷରୁ ପରବର୍ତ୍ତୀ ସମୟରେ ଲାଗୁ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

**ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ପ୍ରସ୍ତୁତି ସମୀକ୍ଷା**

# 'ଅକ୍ଷର ଭୂମି' ପରିଦର୍ଶନ କଲେ '୫-ଟି' ଅଧ୍ୟକ୍ଷ

**ଭୁବନେଶ୍ୱର, ୧।୨ (ସମିସ):** ଦିନକ ପରେ ଆରମ୍ଭ ହେବ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ । ଏହା ପୂର୍ବରୁ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଜନତା ମଇଦାନ ଓ ଅକ୍ଷର ଭୂମି ପରିଦର୍ଶନ କରି ଏଥିପାଇଁ ଚାଲିଥିବା ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ରାଜ୍ୟର ସମସ୍ତ ବ୍ଲକ ଓ ଗ୍ରାମ ପଞ୍ଚାୟତକୁ ଯୋଡ଼ିବା ସହିତ ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଗୁଡ଼ିକର ଲାଇଭ ଷ୍ଟ୍ରିମିଙ୍ଗ, ଭାଷା ଓ ଏହାର ଭବିଷ୍ୟତ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ସମ୍ମିଳନୀରେ ଭାଷା ସମ୍ପର୍କରେ ଯେଉଁ ପ୍ରସ୍ତାବ ଗୃହୀତ ହେବ, ତାକୁ ଭିତ୍ତି କରି ଗୁରୁତ୍ୱପୂର୍ଣ୍ଣ ନୀତି ନିର୍ଦ୍ଧାରଣ କରି ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି।



ଉଲ୍ଲେଖଯୋଗ୍ୟ ଯେ ଐତିହ୍ୟ କ୍ୟାବିନେଟର ନିଷ୍ପତ୍ତି ଅନୁଯାୟୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସମ୍ମିଳନୀ ଆୟୋଜନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। "ଭାଷା ହିଁ ଭବିଷ୍ୟତ' ଏହି ସମ୍ମିଳନୀର ମୁଖ୍ୟ ଉପସ୍ଥାପିତ କରିବ। ଅକ୍ଷର ଭୂମିରେ ପ୍ରଥମ ଥର ପାଇଁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଳନ କରାଯିବ। ଐତିହ୍ୟ ନଗରୀ ଭୁବନେଶ୍ୱର କେନ୍ଦ୍ର ସ୍ଥଳରେ ଏହି ସମ୍ମିଳନୀ ଓଡ଼ିଆ ଭାଷାର ଜୟଗାନ କରିବ।

- **ସମ୍ମିଳନୀ ସହ ସବୁ ବ୍ଲକ ଓ ପଞ୍ଚାୟତକୁ ଯୋଡ଼ିବାକୁ ନିର୍ଦ୍ଦେଶ**
- **ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଗୁଡିକର ଲାଇଭ ଷ୍ଟ୍ରିମିଙ୍ଗ ହେବ**
- **ସମ୍ମିଳନୀର ପ୍ରସ୍ତାବ ଅନୁଯାୟୀ ହେବ ନୀତି ନିର୍ଦ୍ଧାରଣ**

ପ୍ରସଙ୍ଗ ରହିଛି। ସମ୍ମିଳନୀରେ ବିଭିନ୍ନ ବିଷୟ ଉପରେ ୧୬ଟି ବୌଦ୍ଧିକ ଆଲୋଚନା ଅଧିବେଶନ ଅନୁଷ୍ଠିତ ହେବ । ଏଥିରେ ବହୁ ମାନ୍ୟଗଣ୍ୟ ଭାଷାବିତ୍, ବୁଦ୍ଧିଜୀବୀଙ୍କ ସମେତ ସ୍କୁଲ, କଲେଜର ଛାତ୍ରଛାତ୍ରୀମାନେ ଯୋଗଦେବେ। ଏହି ସମ୍ମିଳନୀ ଓଡ଼ିଶାର ଅତୀତ ଓ ବର୍ତ୍ତମାନର ରୂପାନ୍ତରଣ ପ୍ରକ୍ରିୟା ଆମ ଭାଷାର ସୌନ୍ଦର୍ଯ୍ୟ ଓ ଖାଣ୍ଡେଲାଇଟ ପଥରରେ ଲିପିବଦ୍ଧ ହୋଇଥିବା କଳିଙ୍ଗ ସ୍ଥାପତ୍ୟର ଅନନ୍ୟ ନିଦର୍ଶନ ଏହା ମାଧ୍ୟମରେ ପ୍ରତିଫଳିତ ହେବ। ଭାଷାପ୍ରେମୀ ବିଶେଷ କରି ଯୁବ ପିଢିଙ୍କ ପାଇଁ ଏହା ପ୍ରମୁଖ ଆକର୍ଷଣ ସ୍ଥଳୀ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

**ନୟାଗଡ଼ରେ କଙ୍ଗାରୁକୋର୍ଟ**

# କନେଷ୍ଟେବଲଙ୍କ ସମେତ ୪ ଗିରଫ

**ନୟାଗଡ଼, ୧।୨(ସମିସ):** କଙ୍ଗାରୁ କୋର୍ଟ ଚଳାଇବା ଅଭିଯୋଗରେ ନୟାଗଡ଼ ସଦର ଥାନା ପୁଲିସ ଜଣେ କନେଷ୍ଟବଲଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ, ସଦର ଥାନା ଅନ୍ତର୍ଗତ ଚାହାଳୀ ଗ୍ରାମ ସଭାପତି ରମାକାନ୍ତ ମିଶ୍ର, ମାଗୁଣି ବେହେରା, ବଂଶୀଧର ମିଶ୍ର ଏବଂ ନୂଆଗାଁ ଥାନାରେ କାର୍ଯ୍ୟରତ ପୁଲିସ କନେଷ୍ଟବଲ ସନ୍ତୋଷ କୁମାର ବେହେରା। କନେଷ୍ଟବଲ ସନ୍ତୋଷ ଏହି କଙ୍ଗାରୁ କୋର୍ଟର ମୁଖିଆ ବୋଲି ଜଣାଯାଇଛି। ତାଙ୍କୁ ନିଲମ୍ବନ କରାଯାଇଛି।

**ପୁଲିସ କନେଷ୍ଟବଲ ନିଲମ୍ବିତ**

ସୂଚନାନୁଯାୟୀ, ଚାହାଳୀ ଗ୍ରାମର ସୁବାସ ଚନ୍ଦ୍ର ବେହେରା ଏବଂ ତାଙ୍କ ପିତାଙ୍କ ମଧ୍ୟରେ ପାରିବାରିକ ବିବାଦ ରହିଥିଲା। ଏ ସଂପର୍କରେ ତାଙ୍କ ବାପା ଏନେଇ ଗାଁ କମିଟିକୁ ଜଣାଇଥିଲେ। ଏହାକୁ କେନ୍ଦ୍ର କରି ସନ୍ତୋଷଙ୍କ ନେତୃତ୍ୱରେ ଗାଁ କମିଟି କଙ୍ଗାରୁକୋର୍ଟ କରି ସୁବାସଙ୍କୁ ୫ ହଜାର ଟଙ୍କା ଜରିମାନା କରିବା ସହ ନିଆଁ ପାଣି ବାସନ୍ଦ କରିଥିଲେ। ସୁବାସ ଏହାକୁ ସହ୍ୟ କରି ନପାରି ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାରଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ଏ ସଂପର୍କରେ ତାଙ୍କ ଅର୍ଚ୍ଚନା ବେହେରା ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁ ସୂଚନା ଦେଇଛନ୍ତି।

**ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ**

# ସୋଆରେ ହେବ 'ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିମର୍ଶ'

**ଭୁବନେଶ୍ୱର,୧।୨(ସମିସ):** ମାତୃଭାଷା ଓଡ଼ିଆର ପ୍ରଚାର, ପ୍ରସାର ଓ ବିକାଶ ପାଇଁ ରାଜ୍ୟ ସରକାର ଆସନ୍ତା ଫେବୃୟାରୀ ୩ ରୁ ୫ ତାରିଖ ପର୍ଯ୍ୟନ୍ତ 'ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଆୟୋଜନ କରୁଛନ୍ତି। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ୪ଓ ୫ ତାରିଖ ଦୁଇଦିନ ଧରି ୮ ଟି ପର୍ଯ୍ୟାୟରେ 'ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିମର୍ଶ' ସୋଆ ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ହେବ।

ଆସନ୍ତା ୪ ତାରିଖରେ ସୋଆ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ-୨ ସମ୍ମେଳନ କକ୍ଷରେ ଉଦ୍‌ଘାଟନୀ ଅଧିବେଶନ ଅନୁଷ୍ଠିତ ହେବ। କୁଳପତି ପ୍ରଦୀପ୍ତ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ରାସବିହାରୀ ବେହେରା ଉଦ୍‌ଘାଟନ କରିବେ। ସୋଆ 'ପ୍ରାଚୀନ'ର ମୁଖ୍ୟ ଗାୟତ୍ରୀବାଳା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବେ ଓ ମୁଖ୍ୟଅତିଥି ଭାବେ ଉମାକାନ୍ତ ମିଶ୍ର, ମୁଖ୍ୟବକ୍ତା ଭାବେ ଜଗନ୍ନାଥ ଦାଶ ଯୋଗଦେବେ। ସୋଆର ଛାତ୍ରମଙ୍ଗଳ ଡିନ୍ ଜ୍ୟୋତିରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିବେ।

ପ୍ରଥମ ଦିନର ପ୍ରଥମ ଅଧିବେଶନ ଦିନ ୧୧ଟାରୁ ଆରମ୍ଭ ହେବ। 'ଜଗନ୍ନାଥ ସଂସ୍କୃତି ବିମର୍ଶ' ଆଲୋଚନାଚକ୍ରରେ ସୁରେନ୍ଦ୍ର ନାଥ ଦାଶ ଅଧ୍ୟକ୍ଷତା କରିବେ। ଏହି ଅଧିବେଶନରେ ଅଜୟ କୁମାର ମିଶ୍ର 'ଶ୍ରୀକ୍ଷେତ୍ରର ଅଭିନୟ କଳା ବିମର୍ଶ' ଉପରେ ବକ୍ତବ୍ୟ ରଖିବେ ଏବଂ ଅସିତ ମହାନ୍ତି 'ଶ୍ରୀ ଜଗନ୍ନାଥ ତତ୍ୱ-ଦର୍ଶନ ଓ ବାସ୍ତବତା' ଉପରେ ଆଲୋଚନା କରିବେ। ଅନୁରୂପ ଭାବରେ ବାବାଜୀ ପଟ୍ଟନାୟକ 'ଓଡ଼ିଆ ସାହିତ୍ୟ ସର୍ଜନରେ ଶ୍ରୀଜଗନ୍ନାଥ ଚେତନା' ଉପରେ ବକ୍ତବ୍ୟ ରଖିବେ। ଦ୍ୱିତୀୟ ଅଧିବେଶନରେ ଅଧ୍ୟକ୍ଷତା କରିବେ ନିତ୍ୟାନନ୍ଦ ସାହୁ। ଏଥିରେ 'ପ୍ରାଚୀନ ଓଡ଼ିଆ ସାହିତ୍ୟ ବିମର୍ଶ' ଉପରେ ଆଲୋଚନା କରାଯିବ। ଏହି ଅଧିବେଶନରେ ଆଲୋଚକ ଭାବେ ରଞ୍ଜିତ କୁମାର ପରିଡ଼ା 'ସାରୋଳ ଦାସ ସାହିତ୍ୟ ବିମର୍ଶ' ଉପରେ ବକ୍ତବ୍ୟ ରଖିବେ। ପ୍ରଦୀପ୍ତ କୁମାର ପଣ୍ଡା 'ବଳରାମ ଦାସ ସାହିତ୍ୟ ବିମର୍ଶ', ଇନ୍ଦ୍ରମଣି ସାହୁ 'ଜଗନ୍ନାଥ ଦାସ ସାହିତ୍ୟ ବିମର୍ଶ' ଉପରେ ବକ୍ତବ୍ୟ ରଖିବେ।

ବାଳକୃଷ୍ଣ ଶତପଥୀଙ୍କ ଅଧ୍ୟକ୍ଷତାରେ ତୃତୀୟ ଅଧିବେଶନରେ 'ମଧ୍ୟକାଳୀନ ସାହିତ୍ୟ ବିମର୍ଶ' ସଂକ୍ରାନ୍ତ ଆଲୋଚନା ହେବ।




ଏଥିରେ ଆଲୋଚକ ଭାବେ କୃଷ୍ଣଚନ୍ଦ୍ର ପ୍ରଧାନ 'ମଧ୍ୟକାଳୀନ ସାହିତ୍ୟର ବିଷୟ ବୈଚିତ୍ର୍ୟ', କାହ୍ନୁଚରଣ ପାଢ଼ୀ 'ମଧ୍ୟକାଳୀନ ସାହିତ୍ୟରେ ବର୍ଣ୍ଣନା ବୈଚିତ୍ର୍ୟ' ଏବଂ ଜ୍ଞାନୀ ଦେବାଶିଷ ମିଶ୍ର 'ମଧ୍ୟକାଳୀନ ସାହିତ୍ୟର ପ୍ରାରୂପ ବୈଚିତ୍ର୍ୟ' ଉପରେ ବକ୍ତବ୍ୟ ରଖିବେ। ନଟବର ଶତପଥୀଙ୍କ ଅଧ୍ୟକ୍ଷତାରେ ଚତୁର୍ଥ ଅଧିବେଶନ 'ମଧ୍ୟକାଳୀନ ସାହିତ୍ୟ ବିମର୍ଶ: ପୁରାଣ ସାହିତ୍ୟ ପରମ୍ପରା' ଉପରେ ପର୍ଯ୍ୟବେଶିତ ହେବ। ଏଥିରେ ଆଲୋଚକ ଭାବେ କମ୍ବୁପାଣି ସାମନ୍ତ' ଓଡ଼ିଆ ପୁରାଣ ଓ ସାହିତ୍ୟ ବିମର୍ଶ', ଅଜୟ ପଟ୍ଟନାୟକ 'ସନ୍ଥ ସାହିତ୍ୟ ବିମର୍ଶ' ଏବଂ ବିଜୟଲକ୍ଷ୍ମୀ ଦାଶ 'ଭକ୍ତି-ପ୍ରୀତି ଚେତନା ବିମର୍ଶ' ଉପରେ ବକ୍ତବ୍ୟ ରଖିବେ। ଫେବୃଆରୀ ୫ ତାରିଖ ଦିନ ପଞ୍ଚମ ଅଧିବେଶନ ଅନୁଷ୍ଠିତ ହେବ ଏବଂ 'ଓଡ଼ିଆ ଜନଜାତି ସଂସ୍କୃତି ବିମର୍ଶ'ରେ ଅଧ୍ୟକ୍ଷତା କରିବେ ସବିତା ପ୍ରଧାନ। ଏଥିରେ ଆଲୋଚକ ଭାବେ ପ୍ରୀତିଧାରା ସାମଲ 'ଜନଜାତି ନାଚ ଓ ଗୀତ', ପରମେଶ୍ୱର ମୁଣ୍ଡ 'ଜନଜାତି କଥା ଓ ଗାଥା' ଏବଂ ରାଜେନ୍ଦ୍ର କୁମାର ପାଢ଼ୀ 'ଜନଜାତି ଭାଷା' ଉପରେ ଆଲୋଚନା କରିବେ। ଷଷ୍ଠ ଅଧିବେଶନ ଗୋପବନ୍ଧୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଏଥିରେ 'ଓଡ଼ିଆ ଭାଷା ବିମର୍ଶ'ରେ ଆଲୋଚକ ଭାବେ ସନ୍ତୋଷ କୁମାର ରଥ, ହରପ୍ରସାଦ ମିଶ୍ର ଏବଂ ଗୌରାଙ୍ଗ ଚରଣ ଦାଶ 'ଓଡ଼ିଆ ବର୍ଣ୍ଣ ଓ ଲିପି ବିମର୍ଶ', 'ବ୍ୟାକରଣ ବିମର୍ଶ' ଏବଂ 'ଓଡ଼ିଆ ଅଭିଧାନ ବିମର୍ଶ' ଉପରେ ବକ୍ତବ୍ୟ ରଖିବେ।

ପରବର୍ତ୍ତୀ ଅଧିବେଶନରେ ଶୈଳଜ ରବି ଅଧ୍ୟକ୍ଷତା କରିବେ। 'ଓଡ଼ିଆ ସଂସ୍କୃତି ବିମର୍ଶ'ରେ ଅନନ୍ତ କୁମାର ଗିରି, ସୁଧା ମିଶ୍ର, ପ୍ରଦୀପ୍ତ କୁମାର ପଟ୍ଟନାୟକ ଏବଂ ବିଜୟ ପ୍ରଧାନ 'ପରମ୍ପରା ଓ ଆଧୁନିକତା', 'ଓଡ଼ିଆ ପାରମ୍ପରିକ ସଙ୍ଗୀତ', 'ଓଡ଼ିଆ ପାରମ୍ପରିକ ଅଭିନୟ କଳା' ଏବଂ 'ଓଡ଼ିଆ ପାରମ୍ପରିକ ଚିତ୍ରକଳା' ଉପରେ ଆଲୋଚନା କରିବେ। କାର୍ଯ୍ୟକ୍ରମର ଶେଷ ଅଧିବେଶନରେ 'ଆଧୁନିକ ଓଡ଼ିଆ ସାହିତ୍ୟ ବିମର୍ଶ' ଉପରେ ଆଲୋଚନା କରାଯିବ। ସଂଗ୍ରାମ ଜେନାଙ୍କ ଅଧ୍ୟକ୍ଷତାରେ ଅପର୍ଣ୍ଣା ମହାନ୍ତି, ଦୀପ୍ତିରଞ୍ଜନ ପଟ୍ଟନାୟକ, ସୁବୋଧ ପଟ୍ଟନାୟକ ଯଥାକ୍ରମେ 'ଓଡ଼ିଆ ଶ୍ରାବ୍ୟକାବ୍ୟରେ ଆଧୁନିକତା', 'ଓଡ଼ିଆ କଥାକାବ୍ୟରେ ଆଧୁନିକତା' ଏବଂ 'ଓଡ଼ିଆ ଦୃଶ୍ୟକାବ୍ୟରେ ଆଧୁନିକତା' ଉପରେ ବକ୍ତବ୍ୟ ରଖିବେ।




RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-218 ♦BHUBANESWAR ♦FRIDAY ♦2 FEBRUARY 2024 ♦PAGE-20 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୨୧୮ ♦ଭୁବନେଶ୍ୱର ♦ଶୁକ୍ରବାର ♦୨ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦


# ୪୭.୬୬ ଲକ୍ଷ କୋଟିର ଅନ୍ତରୀଣ ବଜେଟ

## ବଜେଟ୍ ମୁଖ୍ୟାଂଶ

- ଆୟକର ସ୍ଲାବ୍ ଅପରିବର୍ତ୍ତିତ
- ନିର୍ମାଣ ହେବ ୩ଟି ନୂଆ ରେଳ କରିଡର
- ୩ କୋଟି ମହିଳା ହେବେ ଲକ୍ଷପତି ଦିଦି
- ବନ୍ଦେ ଭାରତ କୋଚ୍‌ରେ ପରିବର୍ତ୍ତିତ ହେବ ୪୦ ହଜାର ସାଧାରଣ ରେଳ ବଗି
- ୯ ରୁ ୧୪ ବର୍ଷର ବାଳିକାଙ୍କୁ ମାଗଣା ଗର୍ଭାଶୟ ଗ୍ରିବା କର୍କଟ ଟିକା
- ପ୍ରଧାନମନ୍ତ୍ରୀ ସୂର୍ଯ୍ୟୋଦୟ ସୋଲାର ସିଷ୍ଟମ ଲଗାଇଥିଲେ ୩୦୦ ୟୁନିଟ୍ ଯାଏ ମାଗଣା ବିଦ୍ୟୁତ
- ମଧ୍ୟମବର୍ଗଙ୍କୁ ଘର କିଣିବା/ତିଆରି ପାଇଁ ମିଳିବ ଆର୍ଥିକ ସହାୟତା
- ଷ୍ଟାର୍ଟଅପ୍ ପାଇଁ ଟିକସ ଛାଡ଼ ଅବଧି ଏକ ବର୍ଷ ବଢ଼ିଲା
- ଭିତ୍ତିଭୂମି ବ୍ୟୟ ୧୧ ପ୍ରତିଶତ ବଢ଼ିଲା

■ **ନୂଆଦିଲ୍ଲୀ, ୧।୨ (ସମିସ):** ଗୁରୁବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସଂସଦରେ ଉପସ୍ଥାପନ କରିଛନ୍ତି ଅନ୍ତରୀଣ ବଜେଟ୍ । ମୋଟ ୪୭.୬୬ ଲକ୍ଷ କୋଟି ଟଙ୍କାର ଏବେ ବଜେଟରେ ଭିତ୍ତିଭୂମି ବିକାଶ, ପ୍ରତିରକ୍ଷା କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିବାବେଳେ ଗରିବ, ନିମ୍ନମଧ୍ୟବିତ୍ତ, ମଧ୍ୟବିତ୍ତ, ଆୟକରଦାତାଙ୍କ ପାଇଁ ବିଶେଷ କୌଣସି ଘୋଷଣା ହୋଇନାହିଁ। ଆୟକର ସ୍ଲାବ୍‌ରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଅନ୍ୟପକ୍ଷରେ କୃଷି, ସ୍ୱାସ୍ଥ୍ୟ, ଗୃହନିର୍ମାଣ, ଗ୍ରାମ୍ୟ ଭିତ୍ତିଭୂମି ପରି କ୍ଷେତ୍ରର ବିକାଶ ବଜେଟ୍‌ରେ ପ୍ରତିଫଳିତ ହୋଇନାହିଁ । ପାରମ୍ପରିକ ଆଟାଚି ବ୍ୟବସ୍ଥାରୁ ବଜେଟକୁ ମୁକୁଳାଇ ବହିଖାତାରେ ପହଞ୍ଚାଇଥିବା ନିର୍ମଳା ଏଥର ବଜେଟ୍‌କୁ 'ଟାବଲେଟ୍'ରେ ପହଞ୍ଚାଇଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ 'ଜିୱାଇଏଏନ୍' (ଗ୍ୟାନ) ଉପରେ ନିର୍ମଳା ସର୍ବାଧିକ ଗୁରୁତ୍ୱାରୋପ କରିଛନ୍ତି।



'ଗ୍ୟାନ' ଅର୍ଥାତ୍ 'ଗ' (ଗରିବ), 'ୱାଇ' (ଯୁବ), 'ଏ' (ଅନ୍ନଦାତା' ଓ 'ଏନ୍' (ନାରୀ)ଙ୍କ ପାଇଁ ବଜେଟରେ ସାମାନ୍ୟ ଖୁସି କରିବା ପରି ବ୍ୟବସ୍ଥା ରହିଛି। ଗରିବଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବ୍ୟୟ ଅଟକଳକୁ ୬୬% ବୃଦ୍ଧି କରାଯାଇ ୭୯୦୦ କୋଟି ବରାଦ ହୋଇଛି । ଗରିବ କଲ୍ୟାଣ ଅନ୍ନ ଯେଜାନାରେ ୮୦ କୋଟି ପରିବାରକୁ ମାଗଣା ଶସ୍ୟ ପ୍ରଦାନ କରାଯିବ, ଯାହା ପାଇଁ ସରକାର ୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବେ । ସେହିପରି ୧ କୋଟି ଗରିବ ଲୋକଙ୍କ ଘରେ ସୌରାଲୋକରୁ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା କରାଯିବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି। ଅନୁରୂପ ଭାବରେ 'ୱାଇ' ଅର୍ଥାତ୍ ଯୁବବର୍ଗଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବଜେଟରେ ୧ ଲକ୍ଷ କୋଟି ଟଙ୍କାର ଏକ ଫଣ୍ଡ ଗଠନର ପ୍ରସ୍ତାବ ରଖିଛନ୍ତି ଅର୍ଥମନ୍ତ୍ରୀ। ଏଥିରେ ୫୦ ବର୍ଷ ପର୍ଯ୍ୟନ୍ତ ଯୁବବର୍ଗଙ୍କୁ ବିନା ସୁଧରେ ଋଣ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏହାମଧ୍ୟରେ ପୁରୁଣା ସ୍କିଲ ଇଣ୍ଡିଆ, ମୁଦ୍ରା ଯୋଜନା, ଷ୍ଟାର୍ଟଅପ୍ ଇଣ୍ଡିଆ ଓ ଷ୍ଟାର୍ଟଅପ୍ କ୍ରେଡ଼ିଟ୍ ଗ୍ୟାରେଣ୍ଟି ଅନ୍ତର୍ଭୁକ୍ତ ରହିବ। ଅନ୍ନଦାତା ଅର୍ଥାତ୍ କୃଷକଙ୍କୁ 'ଏ'ର ପ୍ରତୀକ ରୂପେ ନିଆଯାଇ ଆର୍ଥିକ ବ୍ୟବସ୍ଥା କରାଯାଇଛି ଏଥିରେ କିସାନ ସମ୍ମାନନିଧି ଯୋଜନା, ଫସଲ ବୀମା ଯୋଜନା,ନାନୋ ୟୁରିଆ ଆଦିକୁ ସାମିଲ କରାଯାଇଛି । 'ଏନ୍'କୁ ନାରୀ ବର୍ଗର ପ୍ରତୀକ ଭାବରେ ନିଆଯାଇଛି ଏବଂ ଦେଶରେ ୩ କୋଟି 'ଲଖପତି ଦିଦି' ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହାବ୍ୟତୀତ ଅଙ୍ଗନବାଡ଼ି ଓ ଆଶା କର୍ମୀଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ କରିବାକୁ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି ।

ଆନ୍ତରୀଣ ବଜେଟର ମୋଟ ରାଶିର ୧୬.୯% ଅର୍ଥାତ୍ ୧୧.୧୧ ଲକ୍ଷ କୋଟି ଟଙ୍କା ଭିତ୍ତିଭୂମି ବିକାଶ ନିମନ୍ତେ ବ୍ୟୟ କରାଯିବାକୁ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି । ସେହିପରି ପ୍ରତିରକ୍ଷା ବିଭାଗ ପାଇଁ ୬.୨ ଲକ୍ଷ କୋଟି ଟଙ୍କା ବରାଦ କରାଯାଇଛି। ଖାଉଟି ବ୍ୟାପାର ଓ ସାଧାରଣ ବଣ୍ଟନ ବିଭାଗ ନିମନ୍ତେ ୨.୧୩ ଲକ୍ଷ କୋଟି, ଗୃହ ବ୍ୟାପାର ନିମନ୍ତେ ୨.୦୩ ଲକ୍ଷ କୋଟି ଓ ଗ୍ରାମୀଣ ବିକାଶ ନିମନ୍ତେ ୧.୭୭ କୋଟି, କୃଷି ଓ କୃଷକ କଲ୍ୟାଣ ▶ପୃଷ୍ଠା-୧୬

## କିଡ୍‌ନୀ ରୋଗୀଙ୍କ ଦୁଃଖ ବୁଝିଲେ ମୁଖ୍ୟମନ୍ତ୍ରୀ

# ମାଗଣାରେ ଡାଏଲିସିସ୍ ସେବା



■ **ଭୁବନେଶ୍ୱର, ୧।୨ (ସମିସ):** ଡାଏଲିସିସ୍ ପାଇଁ କିଡ୍‌ନୀ ରୋଗୀ ଆଉ ଦୂର ଡାକ୍ତରଖାନାକୁ ଦୌଡ଼ିବେ ନାହିଁ। ସେମାନଙ୍କ ଘର ପାଖରେ ଏହି ସୁବିଧା ମିଳିବ। ଜିଲ୍ଲା ପରେ ଏଣିକି ଉପଜିଲ୍ଲା ଚିକିତ୍ସାଳୟରେ ଡାଏଲିସିସ୍ ସେବା ଆରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଆଭାସୀ ମାଧ୍ୟମରେ ୧୬ଟି ଉପ ଜିଲ୍ଲା ଡାକ୍ତରଖାନାରେ ଡାଏଲିସିସ୍ ସେବାର ଶୁଭାରମ୍ଭ କରିଛନ୍ତି। '୫-ଟି' ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ଜିଲ୍ଲା ଗସ୍ତ ସମୟରେ ସ୍ଥାନୀୟ ବାସିନ୍ଦା ନିକଟସ୍ଥ ଡାକ୍ତରଖାନାରେ ଡାଏଲିସିସ୍ ସୁବିଧା ଆରମ୍ଭ କରିବା ପାଇଁ ନିବେଦନ କରିଥିଲେ। ଏହି ପ୍ରସ୍ତାବ ଉପରେ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେବା ସହିତ ଆଜି ଡାଏଲିସିସ୍ ସୁବିଧା ଆରମ୍ଭ କରିଛନ୍ତି। ସାରା ରାଜ୍ୟରେ '୫-ଟି' ଉପକ୍ରମରେ ଉପ ଜିଲ୍ଲା ଡାକ୍ତରଖାନାରେ ୩୨ଟି ଡାଏଲିସିସ୍ କେନ୍ଦ୍ର ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।



**ନିଃଶୁଳ୍କ ଡାଏଲିସିସ୍ ସେବା ଦେବାରେ ଓଡ଼ିଶା ପ୍ରଥମ ରାଜ୍ୟ**

**'୫-ଟି' ଉପକ୍ରମରେ ଉପ ଜିଲ୍ଲା ସ୍ତରରେ ୩୨ କେନ୍ଦ୍ର ଖୋଲାଯିବ**

**ବିଏସ୍‌କେୱାଇରେ ବର୍ଷକୁ ୪ କୋଟି ଲୋକ ଉପକୃତ ହେବେ**

**ରାଜ୍ୟ ସରକାର ବର୍ଷକୁ ଖର୍ଚ୍ଚ କରିବେ ୫୦ କୋଟି ଟଙ୍କା**

**ସମସ୍ତଙ୍କୁ ସର୍ବୋତ୍ତମ ଚିକିତ୍ସା ସେବା: ମୁଖ୍ୟମନ୍ତ୍ରୀ**

> **❝ ସମସ୍ତ ଆଶା, ଅଙ୍ଗନବାଡ଼ି ଓ ମିଶନ୍ ଶକ୍ତି କର୍ମୀ ପାଇବେ ନବୀନ କାର୍ଡ: ୫-ଟି ଅଧ୍ୟକ୍ଷ**

ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ମୋ ପାଇଁ ସବୁ ଜୀବନ ମୂଲ୍ୟବାନ। କିଡ୍‌ନୀ ରୋଗର ଚିକିତ୍ସା ଅତ୍ୟନ୍ତ ବ୍ୟୟବହୁଳ ହୋଇଥିବା ବେଳେ ରୋଗୀମାନେ ବହୁ ସମସ୍ୟା ଭୋଗୁଥିଲେ। ଏସବୁ କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ଏଣିକି କିଡ୍‌ନୀ ରୋଗୀମାନେ ଘର ପାଖରେ ବିନା ମୂଲ୍ୟରେ ଡାଏଲିସିସ୍ ସେବା ପାଇବେ। ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ୨୦୧୮ରେ ଡାଏଲିସିସ୍ ସେବା ଆରମ୍ଭ କରିଥିଲେ। ଏହି ସେବା ଯୋଗାଇ ଦେବାରେ ସମଗ୍ର ଦେଶରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ। ପ୍ରଥମ ପର୍ଯ୍ୟାୟରେ ଏହି ସେବା ସମସ୍ତ ଜିଲ୍ଲା ସଦର ମହକୁମା ଡାକ୍ତରଖାନାରେ ଆରମ୍ଭ ହୋଇଥିଲା। ▶ପୃଷ୍ଠା-୧୬







# ଓଡ଼ିଆ ଭାଷାର ଉତ୍ସ

ଓଡ଼ିଆ ଭାଷାର ମୂଳ ଉତ୍ସ ହେଉଛି ଗୁମ୍ଫାଲେଖ। ୨୦ ହଜାର ବର୍ଷ ତଳେ କଳାହାଣ୍ଡିର ଗୁଡ଼ହାଣ୍ଡିରୁ ମିଳିଥିବା ଚିତ୍ର, ନୂଆପଡ଼ାର ଯୋଗୀମଠରୁ ୧୦ ହଜାର ବର୍ଷ ତଳର ମିଳିଥିବା ଚିତ୍ରଲିପି ଓ ଝାରସୁଗୁଡ଼ାର ବିକ୍ରମଖୋଲରୁ ମିଳିଥିବା ୩୫୦୦ ବର୍ଷ ତଳ ଗୁମ୍ଫାଲିପି ହେଉଛି ଓଡ଼ିଆ ଭାଷାର ମୂଳ ଆଧାର। ଯୋଗୀମଠର ଚିତ୍ରଲିପିରେ ନାରଙ୍ଗୀ ରଙ୍ଗରେ ଲିଖିତ "ଠ" ଲିପି ଆଜି ପର୍ଯ୍ୟନ୍ତ ଓଡ଼ିଆ ସମେତ ସମସ୍ତ ଭାରତୀୟ ଲିପିମାଳାରେ ଅବିକଳ ଭାବରେ ବ୍ୟବହୃତ।

## ଇତିହାସ

ଓଡ଼ିଆ ଏକ ଭାରତୀୟ ଭାଷା। ମୂଳ ଓଡ଼ିଆ ଭାଷା ପାଲି ଓ ଔଡ୍ରୀ ପ୍ରାକୃତରୁ ସିଧା ସୃଷ୍ଟି ହୋଇଥିବା ଭାଷା ବିଜ୍ଞାନୀମାନେ ପ୍ରମାଣ ଦିଅନ୍ତି, ଏହି ଭାଷା ଭାରତରେ ୨,୫୦୦ ବର୍ଷରୁ ଅଧିକ ବର୍ଷ ଆଗରୁ କୁହାଯାଉଥିଲା ଓ ବୌଦ୍ଧ ଧର୍ମର ତିପିଟକ ଓ ଜୈନ ଧର୍ମଗ୍ରନ୍ଥର ମୂଳ ଭାଷା ଥିଲା। ଓଡ଼ିଆ ବାକି ଭାରତୀୟ ଭାଷାମାନଙ୍କ ତୁଳନାରେ ଖୁବ କମ୍ ପାରସୀ ଓ ଆରବୀ ଭାଷା ଦ୍ୱାରା ପ୍ରଭାବିତ।

ଇଂଲଣ୍ଡର କୁଇନଟେସେନସିଆଲଙ୍କ ଭାଷା ବିଭାଗର ମତରେ, ଧଉଳିଠାରୁ ମିଳିଥିବା ଅଶୋକଙ୍କ ସମୟର ଶିଳାଲେଖ, ଜଉଗଡ଼ର ଶିଳାଲେଖ ଆଉ ଖାରବେଳଙ୍କ ବେଳରେ ତିଆରି ଖଣ୍ଡଗିରି ଓ ହାତୀଗୁମ୍ଫାର ଶିଳାଲେଖ ଓଡ଼ିଆ ଭାଷାର ମୂଳ ଇତିହାସ ଉପରେ ସୂଚନା ଦିଏ। ହାତୀଗୁମ୍ଫାର ଶିଳାଲେଖରୁ ଜଣାଯାଏ ଯେ ଆଧୁନିକ ଓଡ଼ିଆ ଭାଷାର ମୂଳ ପାଲି ଭାଷାରୁ। ହାତୀଗୁମ୍ଫାର ଶିଳାଲେଖରେ ଲେଖା ଭାଷା ହେଉଛି ପାଲି ଆଉ ଲିପି ହେଉଛି ବ୍ରାହ୍ମୀ, ତେବେ ଏହି ଶିଳାଲେଖ ହିଁ ପ୍ରମାଣ କରିଦିଏ ଯେ ଓଡ଼ିଆ ଭାଷା ଅନ୍ୟ ଭାଷାଠାରୁ ପୁରାତନ। ସଂସ୍କୃତ ଭାଷାର ପ୍ରଭାବରେ ପୁରୁଣା ପାଲି ଭାଷାରେ ଅନେକ ଜାଗାରେ ଶବ୍ଦ ସବୁ ବଦଳି ଯାଇଛି। ତେବେ ଓଡ଼ିଆରେ ବିଦେଶୀ ଭାଷାର ପ୍ରଭାବ ଖୁବ୍ କମ୍ ଦେଖାଯାଏ, ଯାହାକି ଅନ୍ୟ ଭାରତୀୟ ଭାଷାଠାରୁ ଖୁବ୍ ଗୌଣ। ପ୍ରଫେସର୍ ଓଲଡେନ୍‌ବର୍ଗଙ୍କ ମତରେ ପାଲି ଭାଷା ହିଁ ଓଡ଼ିଆ ଭାଷାର ମୂଳ।

ଓଡ଼ିଆ ଶବ୍ଦର ବ୍ୟବହାର ୭ମ ଶତାବ୍ଦୀର ତାଳପତ୍ରରେ ଦେଖିବାକୁ ମିଳେ। ବିଶେଷକରି ନେପାଳ ରାଜଦରବାରରୁ ସଂଗୃହୀତ ବୌଦ୍ଧ ଆଚାର୍ଯ୍ୟଙ୍କ ଦ୍ୱାରା ରଚିତ ଚର୍ଯ୍ୟାସାହିତ୍ୟ ହେଉଛି ପ୍ରାଚୀନ ଓଡ଼ିଆ ଶବ୍ଦାବଳୀର ଗନ୍ତାଘର। ସେହିପରି ଭଦ୍ରକରୁ ପ୍ରାପ୍ତ ମହାରାଜ ଗଣଙ୍କ ୯ମ ଶତାବ୍ଦୀରେ ଲିଖିତ ଶିଳାଲେଖରେ 'ଦେବ କହି ଭକତି କରୁଣ ବୋଲନ୍ତି ଭୋ କୁମାର ଶେଣ' ହେଉଛି ଓଡ଼ିଆ ଭାଷାରେ ରଚିତ ସ୍ୱୟଂସଂପୂର୍ଣ୍ଣ ଓଡ଼ିଆ ଶବ୍ଦ। ଓଡ଼ିଆ ଶବ୍ଦ 'କୁମ୍ଭାର'ର ବ୍ୟବହାର ତମ୍ବାପଟାରେ ଲେଖାଥିବାର ଦେଖିବାକୁ ମିଳେ। ସେମିତି ୯୯୧ ସନର ଲେଖ ଓ ୭୧୫ ସନର ଲେଖରେ ଓଡ଼ିଆ ଶବ୍ଦ ଭିତରୁ ଆଉ ପନ୍ଦର ପ୍ରଭୃତିର ବ୍ୟବହାର ଦେଖିବାକୁ ମିଳେ।



## ସରକାରଙ୍କ ଭାଷା ସମ୍ମିଳନୀ ଅଭିନନ୍ଦନୀୟ ପଦକ୍ଷେପ



ସ୍ୱାଧୀନତା ପରବର୍ତ୍ତୀ ୭୫ବର୍ଷ ପରେ ପ୍ରଥମଥର ପାଇଁ ଓଡ଼ିଶାରେ ସରକାରଙ୍କ ତରଫରୁ ଓଡ଼ିଆ ଭାଷା ପାଇଁ ଏକ ସକାରାତ୍ମକ ଦୃଷ୍ଟିକୋଣ ପ୍ରକାଶ ପାଇଛି। ଏହି ସମ୍ମିଳନୀ ଓଡ଼ିଆ ଭାଷା ଓ ସଂସ୍କୃତି ଭଲ ପାଉଥିବା ଲୋକମାନଙ୍କୁ ଭାଷା ପ୍ରତି ଆକର୍ଷିତ କରିବ। ଏହା ଏକ ଅଭିନନ୍ଦନୀୟ ପଦକ୍ଷେପ। ଏହାସହ ଓଡ଼ିଶା ପାଇଁ ନିରବଚ୍ଛିନ୍ନ ଭାବେ ଜଣେ ପ୍ରଶାସକ କାମ କରୁଛନ୍ତି। ଓଡ଼ିଆ ଭାଷାର ଗୁରୁତ୍ୱ ବୃଦ୍ଧି କରିବା ପାଇଁ ଓଡ଼ିଶାର ଶିକ୍ଷାନୁଷ୍ଠାନ ବୁଲି ପିଲାମାନଙ୍କ ଭିତରେ ଭାଷା ପ୍ରତି ମମତ୍ୱବୋଧ ସୃଷ୍ଟି କରୁଛନ୍ତି। ଏହା ଖୁବ୍ ଭଲ ପଦକ୍ଷେପ।

ପ୍ରଫେସର୍ ବୈଷ୍ଣବ ଚରଣ ସାମଲ, ପ୍ରାବନ୍ଧିକ

## ଭାଷା ପ୍ରତି ଏକ ସମ୍ମୋହନ ସୃଷ୍ଟି ହେବାକୁ ଯାଉଛି



ପୋଥି, ପଥର, ପ୍ରତ୍ନତତ୍ତ୍ୱ ସୁରକ୍ଷିତ ଥିବା ଆମ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ଦେଖିଲେ ବିସ୍ମିତ ହେବାକୁ ପଡ଼େ। ଅତୀତରେ ବିଜୟ ବୈଜୟନ୍ତୀ ଉଡ଼ାଇଥିବା ଓଡ଼ିଆ ଭାଷାର ଉଦ୍ଭବ ଓ ବିକାଶ ଭାରତର ବହୁ ପ୍ରାଦେଶିକ ଭାଷା ତୁଳନାରେ ସ୍ୱତନ୍ତ୍ର। ଷଷ୍ଠ ଶାସ୍ତ୍ରୀୟ ଭାଷାର ଗୌରବମଣ୍ଡିତ ଓଡ଼ିଆ ଭାଷାର ଅତୀତର ଅସ୍ତିତ୍ୱ, ଆଜିର ଆଭିମୁଖ୍ୟ ଓ ଭବିଷ୍ୟତର ସ୍ୱର୍ଣ୍ଣିମ ସକାଳ ପାଇଁ ହେଉଥିବା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସତରେ ସ୍ମରଣୀୟ ଓ ସ୍ୱାଗତଯୋଗ୍ୟ। ଆମ ଭାଷା, ସାହିତ୍ୟ ପାଇଁ ହେଉଥିବା ଏହି ମହାର୍ଘ୍ୟ ସମ୍ମିଳନୀ ଆମ ଉତ୍କଳର ପ୍ରତିଟି ବ୍ୟକ୍ତିର ଧମନୀରେ ଭାଷାକୁ ନେଇ ଭଲପାଇବା ଓ ମମତ୍ୱବୋଧ ପ୍ରବାହିତ ହେବ। ସଭିଏଁ ଏକ ମନ ଏକ ପ୍ରାଣରେ ଭାଷାକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା କରିବେ। ଗାଁଠାରୁ ଆରମ୍ଭ କରି ସଦର ମହକୁମା, ପୌର ପରିଷଦ ପର୍ଯ୍ୟନ୍ତ ଚାରି ଆଡେ ଭାଷା ପ୍ରତି ଏକ ସମ୍ମୋହନ ସୃଷ୍ଟି ହେବାକୁ ଯାଉଛି।

ଦେବାଶିଷ ମହାପାତ୍ର, ବିଶିଷ୍ଟ ଭାଷାବିତ୍

## ଓଡ଼ିଆ ଭାଷାର ଗୁରୁତ୍ୱ ବୃଦ୍ଧି କରିବ ଭାଷା ସମ୍ମିଳନୀ



ଓଡ଼ିଆ ଭାରତର ୬ଷ୍ଠ ଶାସ୍ତ୍ରୀୟ ଭାଷା ଓ ବିଶ୍ୱର ୩୭ତମ ଭାଷା। ବୈଦିକ ଯୁଗରେ ଏହା ଉଡ୍ର ବିଭାଷା ନାମରେ ଖ୍ୟାତ ଥିଲା। ପ୍ରାୟ ଖ୍ରୀ.ପୂ ପଞ୍ଚମ ଶତାବ୍ଦୀରେ ରଚିତ ଭରତ ମୁନିଙ୍କ 'ନାଟ୍ୟଶାସ୍ତ୍ର'ରେ ଭାରତୀୟ ଭାଷାର ଯେଉଁ ବର୍ଗୀକରଣ କରାଯାଇଛି, ସେହି ଅନୁସାରେ ଏହା ହେଉଛି ଏକ ଜାତି ଭାଷା ଏବଂ ପଠନୀୟ ଭାଷା, ଅର୍ଥାତ୍ ଶାସ୍ତ୍ରୀୟ ଭାଷା। କାରଣ ଶାସ୍ତ୍ରୀୟ ସଂସ୍କୃତ ଓ ପ୍ରାକୃତ ଗୁଡ଼ିକ ମଧ୍ୟ ଏ ଜାତିର ଭାଷା ଅଟେ। ଓଡ଼ିଆ ଭାଷା ଶାସ୍ତ୍ରୀୟ ସଂସ୍କୃତ ଦ୍ୱାରା ପ୍ରଭାବିତ ହୋଇଛି। କିନ୍ତୁ, ସେଥିରୁ ଜାତ ହୋଇନାହିଁ। ଐତିହ୍ୟ ଦୃଷ୍ଟିରୁ ବେଶ ଗୁରୁତ୍ୱବହନ କରୁଥିବା ଏଭଳି ଏକ ଭାଷାକୁ ନେଇ ଅନୁଷ୍ଠିତ କାର୍ଯ୍ୟକ୍ରମ ଓଡ଼ିଆ ଭାଷାର ବ୍ୟାପକତା ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ।

ଡ. କୀର୍ତ୍ତନ ନାରାୟଣ ପାଢ଼ୀ, ସଙ୍ଗୀତ ଓ ଭାଷାତତ୍ତ୍ୱବିତ୍

## ବାଲେଶ୍ୱରୀ ଓଡ଼ିଆରେ 'ଓଡ଼ିଆ'ର ଭିନ୍ନ ରୂପ ଓ ବ୍ୟବହାର

ବାଲେଶ୍ୱରୀ ଓଡ଼ିଆ, ଓଡ଼ିଆ ଭାଷାର ଏକ ଉପଭାଷା ବା ବୋଲି। ଏଥିରେ ମୂଳ ଓଡ଼ିଆଠାରେ କେତେକ ସ୍ଥଳେ ଲେଖାଗତ ଓ ଉଚ୍ଚାରଣରେ ପାର୍ଥକ୍ୟ ରହିଥାଏ। ଏହା ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାର କେତେକ ଅଞ୍ଚଳରେ କଥିତ ଭାଷା। ମୟୂରଭଞ୍ଜ ବୋଲିରେ ସେଠାକାର ଆଦିବାସୀମାନଙ୍କ ଭାଷାର ଉଚ୍ଚାରଣର ପ୍ରଭାବ ପଡ଼ିଥିଲା ବେଳେ ଉତ୍ତର ବାଲେଶ୍ୱରର ଉଚ୍ଚାରଣ ଭିନ୍ନ ପ୍ରକାରର।

### ଲେଖା ଉଦାହରଣ
### ଭିନ୍ନ ଭାବରେ ବ୍ୟବହାର ହେଉଥିବା କିଛି ଶବ୍ଦ

| ଷ୍ଟାଣ୍ଡାର୍ଡ ଓଡ଼ିଆ | ବାଲେଶ୍ୱରୀ ଓଡ଼ିଆ |
|---|---|
| କଣ/କଅଣ | କିସ |
| କାହିଁକି | କେନେ |
| ଓଡ଼ିଶା | ଉଡ଼ିସା |
| ପୋଟଳ | ପୁଟୁଳ |
| ଖାଇବାକୁ | ଖାଇତେ |
| ସୋଇବାକୁ | ସୁଇତେ |
| ଜିବି | ଜିମି |
| ଗୋଡ଼ | ଗୁଡ଼ |
| ପୋଲ | ପୁଲ |
| ଲୁଣ | ନୁଣ |
| ଲୁଗା | ନୁଗା |
| ଓଲଟା | ଉଲଟା |

## ଓଡ଼ିଆ ଭାଷା: ପୁରୀ ବୋଲି

# ଅ-ଆ ଇ-ଉ

### ଅ

ଅଗଭଙ୍ଗା- କାର୍ଯ୍ୟ ଆରମ୍ଭରୁ ହତାଶଜନକ କଥା କହିବା।
ଉଦାହରଣ: ସବୁବେଳେ ତୋର ଗୋଟେ ଅଗଭଙ୍ଗା କଥା।

ଅଛବଦରା-ଦୁଷ୍ଟ।
ଅଛମର- ଯେ ସହଜରେ ମରେ ନାହିଁ।
ଉଦାହରଣ: ମହା ଅଛମର ସିଏ। ଦୋତାଲାରୁ ପଡ଼ି ଝାଡ଼ିଝୁଡ଼ି ହୋଇ ଉଠି ବସିଲା।

ଅଠରନଳା-ଶ୍ରୀକ୍ଷେତ୍ରର ମୁଖ୍ୟ ପ୍ରବେଶ ପଥ। ଅଠରନଳା ସଙ୍ଗେ ସଙ୍ଗାତ ବସିବା- ଅଠର ସନ୍ତାନର ଜନନୀ ଅଠରନଳା ପୋଲ ନିକଟରେ କିଛି ମହାପ୍ରସାଦ ସମର୍ପଣ କରି ସଙ୍ଗାତ ବସୁଥିଲେ।

ଅଣ୍ଟାପାଣି-ଝାଡ଼ା ଯିବା ପରେ ଅଣ୍ଟା ପର୍ଯ୍ୟନ୍ତ ଧୁଆଧୋଇ ହୋଇ ଶୌଚ ହେବା। ଏହା କାପିଳ ସ୍ନାନ। "ନାଭିତଃ ପାଦ ପର୍ଯ୍ୟନ୍ତଂ କାପିଳଂ ସ୍ନାମୁଚ୍ୟତେ।"

ଅଦାମାରେ ଛେଚିବା-ନିର୍ଧୁମ୍ ପିଟିବା।
ଅବର୍ଜ୍ୟା/ଅବୁର୍ଜ୍ୟା-ଅପରିଷ୍କାର (ଆବର୍ଜନା)।

ଅମଳ- ନିଶା ଅଭ୍ୟାସ
ଉଦାହରଣ: କାହିଁ ଆନନ୍ଦେ କେତେ ଜାଗା ମେଳ/ ଦେହେ ଲଗାଇ ସୁଗନ୍ଧ ତଇଳ/ ଭାଙ୍ଗ ଅମଳେ ହୋଇଣ ବିହ୍ୱଳ/ଜଳେ ପଶନ୍ତି ହୋଇ ଦଳଦଳ" (ପୁରୀ ଚନ୍ଦନ- କବିରାଜ ପୂର୍ଣ୍ଣଚନ୍ଦ୍ର ରଥ)

ଅମୃତ ବେହିଆ-ପରମ ନିର୍ଲଜ୍ଜ। ଆ. ହୟା-ଲଜ୍ଜା, ବେହୟା-ଲଜ୍ଜାହୀନ
ଅରଖ ନୂଆ- ଏକବାରେ ନୂଆ।
ଉଦାହରଣ: ତା'ର ଅରଖ ନୂଆ ସାଇକଲଟା କିଏ ମାକ ବୁଲେଇ ଦେଲାରେ।

ଅଳିଆ-ଅଯୋଗ୍ୟ, ଅବାଞ୍ଛିତ।
ଅଷ୍ଟ ମହରଗିଆ- ଅତି ମହରଗରେ ବିକୁଥିବା ଲୋକ।

### ଆ

ଆଖଡ଼ା- ଆ+ କ୍ରୀଡ଼ା ଏକ ପ୍ରତିଷ୍ଠାନ ଯାହା ଅଧୀନରେ କେତେଗୁଡ଼ିଏ ଜାଗା ଘର ଥାଏ। ସାଧୁସନ୍ଥଙ୍କ ଆଡ଼ଡ଼ା ବା ରହିବା ସ୍ଥାନ। ଏତଦ୍‌ଭିନ୍ନ ଅନ୍ୟ କେତୋଟି ଅର୍ଥ ମଲ୍ଲଶାଳା, ସଭା, ଦରବାର, ରଙ୍ଗଭୂମି, ରଙ୍ଗଶାଳା, ନୃତ୍ୟଶାଳା ଆଦି।

ଆଖଡ଼ା ଗୁରୁ-ଆଖଡ଼ାର ମଲ୍ଲଗୁରୁ।
ଆଖଡ଼ା ପିଲା- ନୃତ୍ୟଗୀତ କରୁଥିବା ବାଳକ ବା ଗୋଟିପୁଅ। ଜାଗା ଆଖଡ଼ାରେ ବାଳିକାଙ୍କ ପ୍ରବେଶ ନାହିଁ।

ଆଧାର-ଆହାର।
ଉଦାହରଣ: ବାଇ, ଆଧାର ଉପରେ ବାଧା?

ଆନ୍ତାଡୁ କାନ୍ତାଡୁ- ଅଜ୍ଞାତ କୁଳଶୀଳ (ଅର୍ଥରେ ସୀମିତ ପ୍ରୟୋଗ)। ଜାତି, ଗୋତ୍ର, ପରିଚୟ କିଛି ଠିକ୍ ଠିକଣା ଜଣାନଥିବା ବ୍ୟକ୍ତି।
ଉଦାହରଣ: ତାକୁ କହିଲି ମଣ୍ଡପରୁ ପାଁଜଣଙ୍କୁ ଆଣିବାକୁ। ସେ ଖେବେ ଆନ୍ତାଡୁ କାନ୍ତାଡୁ ଗୋଟେଇକରି ଆଣିଛି।

ଆମ୍ଭୁଲୁ ବାୟା- ପାଗଳ। ଅର୍ଦ୍ଧ ପାଗଳ ବ୍ୟକ୍ତି (ଦକ୍ଷିଣ ଓଡ଼ିଶା)
ଆରବା- ଆୟୋଜନ, ଆଡ଼ମ୍ବର।
ଉଦାହରଣ: ଲକ୍ଷ୍ମୀଧର ବାବୁଙ୍କ ବହୁତ କାମ; ନାନା ଆରବା ମେଲାଇ ବସିଛନ୍ତି।

ଆଳତି କରିବା- ମୁହେଁ ମୁହେଁ ଗାଳିଦେବା।
ଆଳିଆ- ମୂର୍ଖ, ମଫସଲି ଲୋକ। ଦକ୍ଷିଣ ଓଡ଼ିଶାରେ ମଧ୍ୟ ସମାନ ଅର୍ଥରେ ବ୍ୟବହୃତ।
ଆଲୁଆ- ନାରୀ ପ୍ରତି ଅତିଶୟ ଦୁର୍ବଳତା ବା ସେହିଭଳି କିଛି ଦୋଷ (ଆଲୁ ଦୋଷ) ଥିବା ବ୍ୟକ୍ତି।

### ଇ

ଇଞ୍ଜିନି-ସ୍ୱାସ୍ଥ୍ୟବତୀ ମହିଳା।
ଉଦାହରଣ: ଯା' ଯା' ଏ ହେଭି ଇଞ୍ଜିନି କି କାଣା ଡାଇଭର।
ଇନ୍ଦ୍ରହାତୀ- ପୃଥୁଳ ବ୍ୟକ୍ତି। ସଂପ୍ରତି ଅପ୍ରଚଳିତ।
ଇଲେଇତି-ମଧୁର ଭର୍ତ୍ସନା କରିବା, ଅପ୍ରସ୍ତୁତ ଅବସ୍ଥାରେ ପଡ଼ିବା।
ଉଦାହରଣ: "ତା' ପୁଅ ଭିଆକୁ ନ ଯିବାରୁ ସେ ମୋତେ କମି ଇଲେଇତି କଲା ସମସ୍ତଙ୍କ ଆଗରେ।" ସିଠି ଭାରି ଇଲେଇତିଆ ହେବାକୁ ପଡ଼ିଲା।

### ଉ

ଉଆଁସ ଦାଣ୍ଡ- ବାଲିସାହି ଦାଣ୍ଡ। ପ୍ରତି ଅମାବାସ୍ୟାରେ ଅମାବାସ୍ୟା ନାରାୟଣ ଏହି ବାଟ ଦେଇ ସାଗର ବିଜେ କରନ୍ତି।
ଚନ୍ଦ୍ରବିନ୍ଦୁଟି କାଢ଼ି ନିଆଗଲେ ଏହାହେବ ଉଆସ ଦାଣ୍ଡ- ବାଲିସାହିସ୍ଥିତ, ବର୍ତ୍ତମାନ ଲୁପ୍ତ ପୁରୁଣା ନଅରଙ୍କୁ ରାସ୍ତା।

ଉଗ୍ରବେଳା-କାମୋତ୍ତେଜିତ, ନିଶାରେ ଉନ୍ମତ୍ତ, କ୍ଷୁଧାର୍ତ୍ତ ଅବସ୍ଥା।
ଉଦାହରଣ: କିଛି କହନା, ତା'ର ଏଇଲେ ମା'କ ଉଗ୍ରବେଳା।

ଉଘେଇବା-ଜଣଙ୍କର ପୂର୍ବକୃତ ଦୋଷ ଦୁର୍ବଳତା ଦର୍ଶାଇ ବିଦ୍ରୂପ ବା ଭର୍ତ୍ସନା କରିବା। ସା.ମ.ରେ ଗାନ୍ଧାରୀ ଦୁର୍ଯ୍ୟୋଧନଙ୍କୁ କହିଛନ୍ତି-ଆପଣା ଶରୀରେ ବାବୁ ପଡ଼ିଛି ଅଂସେଇ/ପରର କନଙ୍କ ତୁ ଉଗାଉ ନାସିକାରେ ହସ୍ତ ଦେଇ।"

ଉଝୈ-ତୁଚ୍ଛା। ସଂପ୍ରତି ଅପ୍ରଚଳିତ।
କେ ବୋଲେ ଯା ଯା ଯା/ଦେବି ଧରି ପୂଜା/ବଳେ ମୋହ ଯାତ୍ରୀ ନେଲେ/ହଲପୀ କଳିହା/ଉଝୈ ମାହାଳିଆ/କ'ଣ ହବ ପାଟି କଲେ। (ସ.ଜା)

ଉଞ୍ଝୁନୁଣି-ଲୁଣିଆ।
ଉଆ ଉଡ୍ଡେଇ ହୋଇ ଆସିବା- ନାରୀ ପୁରୁଷ ରାଜିରୁଜା ହୋଇ ଆସି ପହଞ୍ଚିବା।

ଉଡ଼ିକରି ଆସିବା-ସଫଳ ହେବା।
ଉଦାହରଣ: ସେ ଏଥର ପରୀକ୍ଷାରେ ଉଡ଼ିକରି ଆସିଛି।

ଉତ୍ତରାର୍ଦ୍ଧ-ଛେନା, କ୍ଷୀରା, ରସାବଳୀ ଆଦି। ଏକ ପଣ୍ଡିତିଆ ଶବ୍ଦ। ମହାପ୍ରସାଦ ସେବନରେ ଭୋଜନର ପ୍ରଥମାର୍ଦ୍ଧ ଯଦି ମହାପ୍ରସାଦ ହୁଏ ତେବେ ଅପରାର୍ଦ୍ଧ ପାୟସ, କ୍ଷୀରା, ରସାବଳୀ ଆଦି ମିଷ୍ଟଦ୍ରବ୍ୟ।

# ଓଡ଼ିଆ ଭାଷା ଅନୁଚିନ୍ତା



ଡକ୍ଟର ଚିନ୍ମୟୀ ମହାପାତ୍ର

"ପାହିଲାଣି ଘୋର ତାମସୀ ଯାମିନୀ,
ଫୁଟିବ ଉତ୍କଳଭାଷା- କମଳିନୀ"

କବିବର ରାଧାନାଥ ରାୟଙ୍କର ଏହି ସମ୍ଭାବନା ପ୍ରତ୍ୟେକ ଓଡ଼ିଆଙ୍କର ପ୍ରାଣର ବାଣୀ। କୌଣସି ଜାତି ପାଇଁ ଭୂଖଣ୍ଡଟିଏ ସ୍ଥାବର ସମ୍ପତ୍ତି ହେଲେ ଭାଷା ଅସ୍ଥାବର ଅଥଚ ମୂଲ୍ୟବାନ ସମ୍ପତ୍ତି। ବ୍ୟକ୍ତିର ଅଙ୍ଗ ଆବରଣ(ବସ୍ତ୍ର) ଓ ଆଭୂଷଣ(ଅଳଙ୍କାର) ତା'ର ସାମାଜିକ ସ୍ଥିତି ଓ ମର୍ଯ୍ୟାଦାକୁ ସୂଚିତ କଲା ପରି ଗୋଟିଏ ଜାତିର ଭାଷା ଓ ସାହିତ୍ୟ ତା'ର ସାଂସ୍କୃତିକ ମହତ୍ତ୍ୱର ପରିଚୟ ବହନ କରିଥାଏ। ଏହି ଦୃଷ୍ଟିରୁ ବିବେଚନା କରି ଓଡ଼ିଆ ଭାଷାର ପ୍ରାଚୀନତା ଓ ଭାଷାତାତ୍ତ୍ୱିକ ବିଶେଷତ୍ୱ ଉପରେ ଅନେକ ଗବେଷକ ଓ ଚିନ୍ତାଶୀଳ ବ୍ୟକ୍ତି ଗ୍ରନ୍ଥ ଓ ନିବନ୍ଧମାନ ଉପସ୍ଥାପନ କରି ଏହାର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି।

ଅନେକ ଶତାବ୍ଦୀର ପରମାୟୁ ଘେନି ତିଷ୍ଠି ରହିଥିବା ଓଡ଼ିଆ ଭାଷା ସମୟ ବିଶେଷରେ ଝଡ଼ର ସମ୍ମୁଖୀନ ହୋଇ ନିଜର ସ୍ଥିତିକୁ ଦୃଢ଼ତର କରିଛି। ନିଜ ଜୀବନୀ ଶକ୍ତି ଓ ପ୍ରସାରଣଶୀଳତାର ପରିଚୟ ଦେଇଛି। ଶାସ୍ତ୍ରୀୟ ଭାଷା ରୂପେ ମାନ୍ୟତା ପ୍ରାପ୍ତ ହୋଇ ଗୌରବଦୀପ୍ତ ହୋଇଛି। ତେବେ ଘରଟିଏ ତୋଳିଦେଲେ ତ କାମ ସରିଯାଏ ନାହିଁ, ତା'ର ଯତ୍ନ ନେବାକୁ ପଡ଼େ, ମରାମତି ମଧ୍ୟ କରାଯାଏ। ସେହିପରି ଭାଷାକୁ ସୁରକ୍ଷିତ ରଖିବା ଓ ତା'ର ବିକାଶ ଘଟାଇବା ପାଇଁ ମଧ୍ୟ ପ୍ରୟାସ ଆବଶ୍ୟକ ହୁଏ।

ଭାଷା କଥିତ ଓ ଲିଖିତ ଦୁଇଟି ରୂପରେ ଗତି କରେ। ଭାଷା କ୍ଷେତ୍ରର ଅନ୍ତର୍ଗତ ମଣିଷମାନେ ପରସ୍ପର ମଧ୍ୟରେ ଭାବ-ବିନିମୟ ପାଇଁ ଭାଷାର ନିରନ୍ତର ବ୍ୟବହାର କରିଥାନ୍ତି। ଓଡ଼ିଆ ଭାଷା ଓଡ଼ିଶା ପ୍ରଦେଶ ସମେତ ଅନ୍ୟ କେତେକ ଅଞ୍ଚଳରେ କଥିତ ହୋଇଥାଏ। ଅଞ୍ଚଳ ଭେଦରେ ଏହାର ରୂପରେ କିଛି କିଛି ପରିବର୍ତ୍ତନ ମଧ୍ୟ ପରିଲକ୍ଷିତ ହୋଇଥାଏ। ଏହା ତ ସ୍ୱାଭାବିକ। ସଂସ୍କୃତି ଓ ଭାଷା କ୍ଷେତ୍ରରେ "ନଈକେ ବାଙ୍କ, ଦେଶକେ ଫାଙ୍କ" ରହିବ। ତାହାକୁ ଆଞ୍ଚଳିକ ସ୍ୱାତନ୍ତ୍ର୍ୟ କୁହାଯିବ। ଏହା ଦୋଷାବହ ନୁହେଁ। କିନ୍ତୁ ଆଜିକାଲି କେହି କେହି(ବିଶେଷତଃ ଯୁବପିଢ଼ି) ଟାଣିଓଟାରି ଭାଷାକୁ ବିକୃତ ଓ ବିଭ୍ରଷ୍ଟ କରୁଛନ୍ତି। ଭାଷାରେ ଅନ୍ୟ ଭାଷାର ସଂସ୍ରବଜନିତ ପ୍ରଭାବ ପଡ଼ିଲେ, ଶବ୍ଦ ଭଣ୍ଡାରର ଶ୍ରୀବୃଦ୍ଧି ହୁଏ। ତାହା ଦୂଷଣ ନୁହେଁ; ଭୂଷଣ। କିନ୍ତୁ ଜାଣିଶୁଣି ଅସ୍ୱାଭାବିକ ଭାବେ ଅନ୍ୟ ଭାଷାର ଶବ୍ଦ ଓ ବାକ୍‌ଶୈଳୀ ନିଜ ଭାଷାରେ ଖୁନ୍ଦିଖାନ୍ଦି ପୂରାଇବା ଏକ ହାସ୍ୟାସ୍ପଦ ଓ ନିନ୍ଦନୀୟ ବ୍ୟାପାର। ଏହା ଓଡ଼ିଆ ଭାଷାର ନିଜତ୍ୱ(ଓଡ଼ିଆତ୍ୱ)କୁ ନଷ୍ଟ କରି ତା'ର ସ୍ୱରୂପକୁ ବିକୃତ କରୁଛି ଓ ବକ୍ତାମାନଙ୍କର ରୁଚି ବିକୃତିର ପରିଚୟ ମଧ୍ୟ ଦେଉଛି। କୌଣସି ମଣିଷର ସ୍ୱାଭାବିକ ଗଠନକୁ ଠାଏଠାଏ କାଟି ଯୋଡ଼ିବା ଦ୍‌ବାରା ତା'ର ରୂପସୌଷ୍ଠବ ନଷ୍ଟ ହିଁ ହୋଇଥାଏ। ଏହା ବି ସେହିପରି କଥା। ଏହା ଓଡ଼ିଆ ଭାଷା ପାଇଁ ଏକ ସଙ୍କଟ।

ଓଡ଼ିଆ ଭାଷା ପାଇଁ ଆଉ ଏକ ବୌଦ୍ଧିକ ସଙ୍କଟ ହେଉଛି ଏହାର ମୌଳିକ ସ୍ୱରୂପକୁ ବଦଳାଇବାର ପ୍ରୟାସ। କେତେକ ବିଜ୍ଞ ବ୍ୟକ୍ତି ଭାଷା-ସଂସ୍କାର ନାମରେ ଓଡ଼ିଆ ଭାଷାର ଅଙ୍ଗହାନି କରାଇବାର ଚେଷ୍ଟା କରୁଛନ୍ତି। ସେମାନଙ୍କର ଉଦ୍ଦେଶ୍ୟ ଯେ ମନ୍ଦ ତାହା ନୁହେଁ। ଏହାକୁ କେବଳ ଝୁଙ୍କ ବୋଲି କୁହାଯାଇପାରେ। ବର୍ଣ୍ଣମାଳାର ସଂକ୍ଷିପ୍ତୀକରଣ, ଉଚ୍ଚାରଣ ଭିତ୍ତିକ ଲିପି ଓ ଶବ୍ଦ ଲିଖନ ଇତ୍ୟାଦି ପାଇଁ ଯୁକ୍ତି ବାଢ଼ିବା ପୂର୍ଣତଃ ସଙ୍ଗତ ନୁହେଁ। ଏକ ଶାସ୍ତ୍ରୀୟ ଭାଷାର ଶାସ୍ତ୍ରୀୟ ବିଧି ଓ ପରମ୍ପରା ସ୍ୱତନ୍ତ୍ର ମର୍ଯ୍ୟାଦା ରଖେ। ତାହାକୁ କ୍ଷୁଣ୍ଣ କରିବାକୁ ଚେଷ୍ଟା କରିବା ଦେବମୂର୍ତ୍ତିର ଅଙ୍ଗଭଙ୍ଗ କରିବା ପରି ଗୁରୁତର ଅପରାଧ।

ଓଡ଼ିଆ ଭାଷାରେ ଏକାଧିକ ଇ, ଉ, ଜ, ସ ର ପ୍ରୟୋଗ ଅବାନ୍ତର ନୁହେଁ। ପ୍ରତ୍ୟେକ ଧ୍ୱନିର ଉଚ୍ଚାରଣର ସ୍ଥାନ ଓ ମାତ୍ରା ସ୍ୱତନ୍ତ୍ର। ଭାଷାର ନିଜସ୍ୱ ସୌନ୍ଦର୍ଯ୍ୟ ଓ ଗରିମା ରକ୍ଷା କରିବା ପାଇଁ ସେସବୁକୁ ପରିହାର କରିବା ନୁହେଁ, ସେସବୁର ଉଚ୍ଚାରଣବିଧି ଶିକ୍ଷା କରିବା ଆବଶ୍ୟକ। ଏସବୁ ପାର୍ଥକ୍ୟ ପ୍ରାୟ ସମୋଚ୍ଚାରିତ ଭିନ୍ନାର୍ଥକ ଶବ୍ଦର ହେତୁ ହୋଇଥାଏ। ସେହିପରି ଯୁକ୍ତାକ୍ଷର ସଂରଚନାର ମଧ୍ୟ ନିର୍ଦ୍ଧାରିତ ବିଧି ରହିଛି। ବିଭିନ୍ନ ବର୍ଗର ବ୍ୟଞ୍ଜନ ଧ୍ୱନିଗୁଡ଼ିକ ସମବର୍ଗୀୟ ନାସିକ୍ୟ-ବର୍ଣ୍ଣ ସହିତ ଯୁକ୍ତ ହେବା ବିଧିସଙ୍ଗତ। ଅନୁସ୍ୱାର ସବୁ ନାସିକ୍ୟ ଧ୍ୱନିର ବିକଳ୍ପ ନୁହେଁ। ତେଣୁ ଏକ ଶାସ୍ତ୍ରୀୟ ଭାଷା ରୂପେ ଓଡ଼ିଆ ଭାଷାର ମର୍ଯ୍ୟାଦାକୁ ବଜାୟ ରଖିବାକୁ ହେଲେ ଭାଷା କ୍ଷେତ୍ରରେ ଅପସଂସ୍କୃତିର ଅନୁପ୍ରବେଶକୁ ବର୍ଜନ କରିବାକୁ ପଡ଼ିବ। ଭାଷାର ସ୍ୱାଭାବିକ ସୌଷ୍ଠବ ବଜାୟ ରଖିବା ପାଇଁ ଆବଶ୍ୟକ ଧ୍ୱନିରୂପ, ଶବ୍ଦ ସଂରଚନା, ପଦରଚନା, ବାକ୍ୟଗଠନ, ବିରାମଚିହ୍ନ ପ୍ରୟୋଗ ପ୍ରତି ସଚେତନ ଓ ଯତ୍ନଶୀଳ ରହିବା ଏକାନ୍ତ ଆବଶ୍ୟକ। ସେଥିସହ ନୂତନ ଜ୍ଞାନ-ବିଜ୍ଞାନ ନୂଆଧାରାର ଚିନ୍ତା- ଚେତନାକୁ ଅଭିବ୍ୟକ୍ତ କରିବା ପାଇଁ ନୂଆ ନୂଆ ଶବ୍ଦ ସଂରଚନା ଓ ସେସବୁର ଯଥାଯଥ ପ୍ରୟୋଗ କରିବାକୁ ହେବ। ସେ ସମ୍ପର୍କିତ ଜ୍ଞାନକୁ ସାର୍ବଜନୀନ କରିବା ପାଇଁ ନୂତନ ଅଭିଧାନ ପ୍ରଣୟନ କରିବା ମଧ୍ୟ ଆବଶ୍ୟକ। ଓଡ଼ିଆ ଭାଷାର ନିର୍ଭୁଲ ବ୍ୟବହାର ସମ୍ପର୍କୀୟ ସଚେତନତା ସୃଷ୍ଟି କରିବା ପାଇଁ ବ୍ୟାକରଣ ଜ୍ଞାନର ପ୍ରସାର ନିମନ୍ତେ ସରଳ ଓ ସୁବୋଧ ବ୍ୟାକରଣ ପୁସ୍ତକର ମଧ୍ୟ ଆବଶ୍ୟକତା ରହିଛି।

ମାତୃଭାଷା ମାତୃଭୂମି ପରି ନମସ୍ୟା। ତାର ମର୍ଯ୍ୟାଦା ରକ୍ଷା କରିବା ଆମର ଜାତୀୟ କର୍ତ୍ତବ୍ୟ। କବିଙ୍କ ଭାଷାରେ-

"ମାତୃଭୂମି ମାତୃଭାଷା ଉଭୟ ଜନନୀ।
ସେବ ତାଙ୍କୁ ଭକ୍ତିଭରେ ଦିବସ ରଜନୀ।"

ଅବସରପ୍ରାପ୍ତ ଅଧ୍ୟକ୍ଷା,
ଶୈଳବାଳା ମହିଳା ମହାବିଦ୍ୟାଳୟ
'ସ୍ୱସ୍ତିକ', ତଳତେଲେଙ୍ଗା ବଜାର,
କଟକ-୭୫୩୦୦୯, ମୋ-୯୯୩୭୬୭୨୦୫୨

## ଭାରତୀୟ ପୂଜାରୀଙ୍କୁ ମିଳୁନି ଭିସା

# ବ୍ରିଟେନର ୫୦ ମନ୍ଦିର ବନ୍ଦ

**ଲଣ୍ଡନ, ୧।୨ (ଏଜେନ୍ସି):** ଭାରତୀୟ ବଂଶୋଦ୍ଭବ ପ୍ରଧାନମନ୍ତ୍ରୀ ଋଷ ସୁନକଙ୍କ ପ୍ରତି ବ୍ରିଟେନ ହିନ୍ଦୁଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି । ସୁନକ ସରକାର ପୂଜାରୀଙ୍କୁ ଭିସା ଜାରି କରୁନାହାନ୍ତି । ଏଥିଯୋଗୁଁ ବ୍ରିଟେନର ପ୍ରାୟ ୫୦ ମନ୍ଦିର ବନ୍ଦ ହୋଇଗଲାଣି । ଅନେକ ମନ୍ଦିରରେ ବିଭିନ୍ନ କାର୍ଯ୍ୟକ୍ରମକୁ ମଧ୍ୟ ବନ୍ଦ କରିଦିଆଯାଇଛି । ସୂଚନା ଅନୁଯାୟୀ ବ୍ରିଟେନରେ ପ୍ରାୟ ୨୦ ଲକ୍ଷ ଭାରତୀୟ ହିନ୍ଦୁ ରହୁଛନ୍ତି । ଏମାନଙ୍କ ପାଇଁ ପୂଜାରୀ ଗୁରୁତ୍ୱପୂର୍ଣ୍ଣ ହୋଇଥାନ୍ତି । ପୂଜାରୀ ମନ୍ଦିରର ସେବା କାର୍ଯ୍ୟ କରିବା ସହିତ ଗୃହ ପ୍ରବେଶ ଏବଂ ବିବାହ କାର୍ଯ୍ୟକ୍ରମ କରିଥାନ୍ତି । ବର୍ମିଂହାମ୍ ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରର ସହାୟକ ପୂଜାରୀ ସୁନୀଲ ଶର୍ମା କହିଛନ୍ତି ଯେ ସୁନକ ସରକାର ଭିସା ଜାରି କରିବାର ପ୍ରକ୍ରିୟାକୁ ଦ୍ରୁତ କରିବେ ବୋଲି ଆଶା ଥିଲା । ହିନ୍ଦୁ ହୋଇଥିବାରୁ ସୁନକ ଆମ ସମସ୍ୟାକୁ ବୁଝିପାରିବେ ବୋଲି ଭାବିଥିଲୁ । କିନ୍ତୁ ସରକାର ଏ ପର୍ଯ୍ୟନ୍ତ ଏପରି କରିବାରେ ବିଫଳ ହୋଇଛନ୍ତି । ମିଳିତ ମନ୍ଦିର ଗୋଷ୍ଠୀ ପକ୍ଷରୁ କୁହାଯାଇଛି ଯେ ବିଦେଶ ମନ୍ତ୍ରୀ ଜେମ୍ସ କ୍ଲେଭରଲୀଙ୍କ ସମ୍ମୁଖରେ ଏହି ପ୍ରସଙ୍ଗ ଉଠା ଯାଇଥିଲା । ଲେବର ପାର୍ଟିର ବରିଷ୍ଠ ସାଂସଦ ଗ୍ୟାରେଥ ଥମାସ ମଧ୍ୟ ଗୃହମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । ୫୦ ପୂଜାରୀଙ୍କୁ ଟିୟର-୫ ଭିସା ଦେବାକୁ ଦାବି କରିଥିଲେ ।



## ଜ୍ଞାନବାପି ମସ୍‌ଜିଦ୍ ତଳମହଲାରେ ପୂଜାପାଠ ଆରମ୍ଭ



**ବାରାଣସୀ, ୧।୨(ଏଜେନ୍ସି):** ଦୀର୍ଘ ୩୧ ବର୍ଷ ପରେ ବାରାଣସୀସ୍ଥିତ ବିବାଦୀୟ ଜ୍ଞାନବାପି ମସଜିଦ ପରିସରରେ ହିନ୍ଦୁ ଶ୍ରଦ୍ଧାଳୁଙ୍କ ଦ୍ୱାରା ପୂଜାର୍ଚ୍ଚନା ଆରମ୍ଭ ହୋଇଛି । ମସଜିଦ୍‌ର ତଳ ମହଲାସ୍ଥିତ 'ବ୍ୟାସଜୀ କା ତେହଖାନା'ରେ ପୂଜାର୍ଚ୍ଚନା କରିବାକୁ ଏଠାକାର ଏକ ଅଦାଲତ ଗତକାଲି ଅନୁମତି ଦେବା ପରେ ହିନ୍ଦୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆନନ୍ଦ ଲହରୀ ଖେଳିଯାଇଥିଲା । ସେହି ଅନୁସାରେ ଗୁରୁବାର ପ୍ରତ୍ୟୁଷରେ ପୂଜାର୍ଚ୍ଚନା କରାଯାଇଛି । ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ପୂଜା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯିବା ସହିତ କାଶୀପୀଠ ଟ୍ରଷ୍ଟ ଦ୍ୱାରା ପୂଜା ପାଇଁ ମୁଖ୍ୟ ପୂଜାରୀ ଚୟନ କରାଯାଇଥିଲା । ପ୍ରତ୍ୟୁଷରେ ପୂଜା ଆରମ୍ଭ ହେବା ପୂର୍ବରୁ ଜିଲ୍ଲାପାଳ ଏସ ରାମଲିଙ୍ଗମ, ପୁଲିସ କମିସନର ଅଶୋକ ମୁଥା ଜୈନ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ଆବଶ୍ୟକ ବ୍ୟବସ୍ଥା କରିଥିଲେ । ଭୋର ପ୍ରାୟ ୩ଟା ସମୟରେ ଶୃଙ୍ଗାର ଗୌରୀ ମନ୍ଦିର ପ୍ରାଙ୍ଗଣରେ ଆଳତି ସହ ପୂଜାର୍ଚ୍ଚନା କରାଯାଇଥିଲା । ଏହି ପୂଜାର୍ଚ୍ଚନାର ପ୍ରଥମ ଭିଡିଓ ଏବେ ସାମ୍ନାକୁ ଆସିଛି । ଉଲ୍ଲେଖଯୋଗ୍ୟ ୧୯୯୩ରେ ଜ୍ଞାନବାପୀ ପ୍ରାଙ୍ଗଣରେ ବ୍ୟାରିକେଡ ଲଗାଯିବା ସହିତ ମନ୍ଦିର ପ୍ରବେଶ ଉପରେ ରୋକ ଲଗାଇ ଦିଆଯାଇଥିଲା । ଏହା ପରଠାରୁ ଏଠାରେ ପୂଜାର୍ଚ୍ଚନା ବନ୍ଦ ହୋଇଯାଇଥିଲା ।

● ଦୁଷ୍କର୍ମ ମାମଲା

## ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚିନ୍ମୟାନନ୍ଦ ନିର୍ଦ୍ଦୋଷ

**ଶାହଜହାଁପୁର, ୧।୨ (ଏଜେନ୍ସି):** ଉତ୍ତରପ୍ରଦେଶ ଶାହଜହାଁପୁର ଶିଷ୍ୟା ଦୁଷ୍କର୍ମ ମାମଲାରେ ପୂର୍ବତନ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ସ୍ୱାମୀ ଚିନ୍ମୟାନନ୍ଦ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ୧୨ ବର୍ଷ ତଳର ଏହି ମାମଲାରେ ଏମ୍‌ପିଏମଏଲଏ କୋର୍ଟ ଗୁରୁବାର ଏହି ରାୟ ଦେଇଛନ୍ତି । ଷଡ଼ଯନ୍ତ୍ର କରି ଚିନ୍ମୟାନନ୍ଦଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଲଗା ଯାଇଥିଲା ବୋଲି ତାଙ୍କ ଓକିଲ କହିଛନ୍ତି । ଶୁଣାଣି ସମୟରେ ଲଗା ଯାଇଥିବା ସମସ୍ତ ଅଭିଯୋଗ ମିଥ୍ୟା ସାବ୍ୟସ୍ତ ହୋଇଥିଲା । ସୂଚନା ଅନୁଯାୟୀ ମୁମୁକ୍ଷୁ ଆଶ୍ରମର ପ୍ରତିଷ୍ଠାତା ଚିନ୍ମୟାନନ୍ଦଙ୍କ ବିରୋଧରେ ତାଙ୍କ ଶିଷ୍ୟା ୨୦୧୧ରେ ଏହି ଅଭିଯୋଗ ରୁଜୁ କରିଥିଲେ । ନିଜ କର୍ମଚାରୀଙ୍କ ସହାୟତାରେ ଚିନ୍ମୟାନନ୍ଦ ଅନେକ ଥର ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ କରିଥିଲେ । ପ୍ରଦେଶରେ ବିଜେପି ସରକାର ଗଠନ ହେବା ପରେ ୨୦୧୮ ରୁ ମାମଲା ପ୍ରତ୍ୟାହାର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହା ଜାଣିବା ପରେ ପୀଡ଼ିତା ଅସନ୍ତୋଷ ପ୍ରକାଶ କରିଥିଲେ । ତେଣୁ ମାମଲା ପ୍ରତ୍ୟାହାର ଆବେଦନକୁ କୋର୍ଟ ଖାରଜ କରିଦେଇଥିଲେ । ଏହା ପରେ ମାମଲା ଏମ୍‌ପିଏମଏଲଏ କୋର୍ଟକୁ ଯାଇଥିଲା ।

## ମଣିପୁରର ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ଇମ୍ଫାଲ, ୧।୨ (ଏଜେନ୍ସି):** ମଣିପୁର ଚନ୍ଦେଲ ଜିଲ୍ଲା ସୋକୋମ ଗ୍ରାମରୁ ପୁଲିସ ବୁଧବାର ୧୯ ବର୍ଷୀୟ ଯୁବକ ନଙ୍ଗାଗାମ ନେଭିଙ୍କ ମୃତଦେହ ଉଦ୍ଧାର କରିଛି । ସେ ଗତ ବର୍ଷ ମଇ ମାସରୁ ନିଖୋଜ ଥିଲେ । ମଙ୍ଗଳବାର ତାଙ୍କର ହତ୍ୟା ଭିଡିଓ ଭାଇରାଲ ହୋଇଥିଲା । ପରେ ପରିବାର ଲୋକ ପୁଲିସକୁ ଏହାର ସୂଚନା ଦେଇଥିଲେ । ସ୍ଥାନୀୟ ସୁଗନୁ ଥାନାରୁ ସୂଚନା ମିଳିବା ପରେ କେନ୍ଦ୍ରୀୟ ବାହିନୀ, ଫରେନସିକ ଟିମ୍, ସ୍ଥାନୀୟ ଲୋକ ଏବଂ ପରିବାର ସଦସ୍ୟଙ୍କୁ ନେଇ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା । ଶେଷରେ ସୋକୋମ ଗ୍ରାମରୁ ତାଙ୍କ ମୃତଦେହ ମିଳିଥିଲା । ଏହି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜବାହାରଲାଲ ନେହରୁ ଇନଷ୍ଟିଚ୍ୟୁଟକୁ ପଠାଇ ଦିଆଯାଇଛି ।

# ହୋତ୍‌ୱାର ଜେଲ୍ ହେମନ୍ତଙ୍କ ନୂଆ ଠିକଣା

● ଆଜି ରିମାଣ୍ଡ ଉପରେ ହେବ ଶୁଣାଣି
● ସରକାର ଗଠନ ପାଇଁ ଚମ୍ପାଇଙ୍କ ପ୍ରସ୍ତୁତି

**ରାଞ୍ଚି,୧।୨(ଏଜେନ୍ସି)**

ଜମି ଦୁର୍ନୀତି ଓ ଅର୍ଥ ହେରଫେର ମାମଲାରେ ଗତକାଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ଗିରଫ ହୋଇଥିବା ଜେଏମଏମ ନେତା ତଥା ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଜେଲ୍ ଯାଇଛନ୍ତି । ଗୁରୁବାର ସକାଳେ ହେମନ୍ତଙ୍କୁ ସ୍ଥାନୀୟ ସ୍ୱତନ୍ତ୍ର ପିଏମଏଲଏ କୋର୍ଟରେ ହାଜର କରାଯିବା ପରେ ଦିନକ ପାଇଁ ସଂପୃକ୍ତ କୋର୍ଟ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି । ଅନ୍ୟପକ୍ଷରେ ହେମନ୍ତଙ୍କୁ ଅଧିକ ପଚରାଉଚରା ପାଇଁ ୧୦ ଦିନିଆ ରିମାଣ୍ଡରେ ନେବାକୁ ଇଡି ଆବେଦନ କରିଥିଲା ବେଳେ କୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି । ଆସନ୍ତାକାଲି ଏହା ଉପରେ ଶୁଣାଣି କରାଯିବ । ଫଳରେ ହେମନ୍ତ ହୋତ୍‌ୱାର ଜେଲ୍‌ରେ ଗୁରୁବାର ରାତିକଟାଇବେ । ଅନ୍ୟପକ୍ଷରେ ଇଡି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ହେମନ୍ତ ଗତକାଲି ରାଞ୍ଚିସ୍ଥିତ ଏସସି/ଏସଟି ଥାନାରେ ଏତଲା ଦାଏର କରିଥିଲା ବେଳେ ଏହାକୁ ସୁପ୍ରିମକୋର୍ଟରେ ମଧ୍ୟ ଚ୍ୟାଲେଞ୍ଜ କରିଛନ୍ତି । ତେବେ ବର୍ତ୍ତମାନ ସୁଦ୍ଧା ତାଙ୍କୁ କେଉଁ ସ୍ତରରୁ ସୁରକ୍ଷା ମିଳିପାରି ନାହିଁ । ଉଲ୍ଲେଖଯୋଗ୍ୟ ଯେ, ଗତକାଲି ଇଡି ପକ୍ଷରୁ ହେମନ୍ତଙ୍କୁ ଦୀର୍ଘ ୭ ଘଣ୍ଟା ପଚରାଉଚୁରା କରାଯାଇଥିଲା ବେଳେ





ଗିରଫ ହେବା ପୂର୍ବରୁ ସେ ରାଜଭବନ ଯାଇ ତାଙ୍କର ଇସ୍ତଫାପତ୍ର ଦେଇଥିଲେ । ଏହାପରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ) ବରିଷ୍ଠ ନେତା ଚମ୍ପାଇ ସୋରେନଙ୍କୁ ବିରୋଧୀ ଦଳ ନେତା ଭାବେ ଚୟନ କରାଯାଇଥିଲା । ପରେ ପରେ ୪୩ ବିଧାୟକଙ୍କ ସମର୍ଥନ ପତ୍ର ଧରି ଚମ୍ପାଇ ରାଜ୍ୟପାଳଙ୍କ ନିକଟରେ ପହଞ୍ଚି ସରକାର ଗଠନ ପାଇଁ ଦାବି ଜଣାଇଥିଲେ । ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ ସରକାର ଗଠନ ପାଇଁ ଅପେକ୍ଷା କରିବାକୁ କହିଥିଲେ । ଏହାପରେ ଚମ୍ପାଇ ଗୁରୁବାର ପୁଣିଥରେ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ନେଇ ଆଲୋଚନା କରିଥିଲା ବେଳେ ଖୁବଶୀଘ୍ର ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରିବାକୁ ରାଜ୍ୟପାଳ ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି ।

## ଝାଡ଼ଖଣ୍ଡରେ ରାଜନୈତିକ ସଙ୍କଟ !

**ହାଇଦରାବାଦ୍ ଯାଇପାରିଲେନି ୩୯ ମହାମେଣ୍ଟ ବିଧାୟକ**

ଜେଏମଏମ ନେତା ହେମନ୍ତ ସୋରେନଙ୍କ ଇସ୍ତଫା ପରେ ଚମ୍ପାଇ ସୋରେନ ବିଧାୟକ ଦଳ ନିର୍ବାଚିତ ହୋଇଛନ୍ତି । କିନ୍ତୁ ବର୍ତ୍ତମାନ ସୁଦ୍ଧା ସରକାର ଗଠନ ସମ୍ଭବ ହୋଇପାରି ନାହିଁ । ସରକାର ଗଠନ ଲାଗି ଚମ୍ପାଇ ଦୁଇ ଦୁଇ ଥର ରାଜ୍ୟପାଳଙ୍କୁ ଭେଟି ସାରିଥିଲେ ହେଁ ରାଜ୍ୟପାଳ ଏ ପର୍ଯ୍ୟନ୍ତ କାହାରିକୁ ଆମନ୍ତ୍ରଣ କରିନାହାନ୍ତି । ଅନ୍ୟପକ୍ଷରେ ଝାଡଖଣ୍ଡ ବିଧାନସଭା ସ୍ଥିତିକୁ ନେଇ ବିଜେପି ଗୋଟି ଚାଳନା କରିବାକୁ ଉଦ୍ୟମ କରୁଥିବା କୁହାଯାଉଛି । ଝାଡ଼ଖଣ୍ଡ ବିଧାନସଭାର ସଦସ୍ୟ ସଂଖ୍ୟା ୮୧ ରହିଥିଲା ବେଳେ ବହୁମତ ପାଇଁ ୪୧ ବିଧାୟକଙ୍କ ସମର୍ଥନର ଆବଶ୍ୟକତା ରହିଛି । ଚମ୍ପାଇ ବୁଧବାର ୪୩ ବିଧାୟକଙ୍କ ସହ ରାଜଭବନ ଯାଇ ରାଜ୍ୟପାଳଙ୍କୁ ଭେଟିଛନ୍ତି । ତାଙ୍କ ପାଖରେ ୪୭ ବିଧାୟକଙ୍କ



ସମର୍ଥନ ଥିବା ସେ ଦାବି କରିଛନ୍ତି । ଜେଏମଏମର ୨୯ ବିଧାୟକଙ୍କ ସମେତ କଂଗ୍ରେସର ୧୭, ଆରଜେଡିର ୧ ଓ ସିପିଆଇ(ଏମଏଲ)ର ଜଣେ ବିଧାୟକ ରହିଛନ୍ତି । ତଥାପି ରାଜ୍ୟପାଳ ସରକାର ଗଢିବାକୁ ମହାମେଣ୍ଟକୁ ଆମନ୍ତ୍ରିତ କରି ନଥିବାରୁ ରାଜନୈତିକ ସଙ୍କଟ ଦେଖା ଯିବାର ଆଶଙ୍କା ଦେଖାଯାଇଛି । ଅନ୍ୟପଟେ ଏନଡିଏ ପାଖରେ ୩୨ ବିଧାୟକଙ୍କ ସମର୍ଥନ ରହିଥିଲା ବେଳେ ସରକାର ଗଢିବା ପାଇଁ ଆଉ ୯ ବିଧାୟକଙ୍କ ସମର୍ଥନର ଆବଶ୍ୟକତା ରହିଛି । ବିଜେପି କୌଣସି ଚାଲ ଚଳାଇବା ଆଶଙ୍କାରେ ମହାମେଣ୍ଟର ବିଧାୟକମାନେ ରାଞ୍ଚିରୁ ହାଇଦ୍ରାବାଦ ଅଭିମୁଖେ ଯାତ୍ରା କରିବାକୁ ଗୁରୁବାର ଉଦ୍ୟମ କରିଥିଲେ । କିନ୍ତୁ ପାଗ ଖରାପ ଯୋଗୁଁ ସେମାନଙ୍କ ବିମାନ ଉଡାଣ କରିପାରି ନାହିଁ ।

## ଭାରତ-ୟୁଏଇ ଦ୍ୱିପାକ୍ଷିକ ନିବେଶ ଚୁକ୍ତିକୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ,୧।୨(ଏଜେନ୍ସି)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଭାରତ ସରକାର ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ସରକାରଙ୍କ ମଧ୍ୟରେ ସ୍ୱାକ୍ଷର ହୋଇଥିବା ଦ୍ୱିପାକ୍ଷିକ ନିବେଶ ଚୁକ୍ତିକୁ ଅନୁମୋଦନ ମିଳିଛି । ଏହି ଚୁକ୍ତିରେ ନିବେଶକ ବିଶେଷକରି ବଡ଼ ନିବେଶକଙ୍କ ଭରସା ବୃଦ୍ଧି ପାଇବାର ଆଶା ରହିଛି । ଯାହା ଫଳରେ ବିଦେଶୀ ନିବେଶ ଏବଂ ବିଦେଶୀ ପ୍ରତ୍ୟକ୍ଷ ନିବେଶ (ଓଡିଆଇ) ଲାଗି ସୁଯୋଗ ବଢ଼ିବ ଓ ନିଯୁକ୍ତି ସୃଷ୍ଟି ଦିଗରେ ସକାରାତ୍ମକ ପ୍ରଭାବ ପଡ଼ିବ ।ଏହି ମଞ୍ଜୁରି ଯୋଗୁ ଭାରତରେ ନିବେଶ ବଢ଼ିବାର ଆଶା ରହିଛି । ଘରୋଇ ଉତ୍ପାଦନକୁ ପ୍ରୋତ୍ସାହିତ କରିବା, ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ, ରପ୍ତାନି ବୃଦ୍ଧି ଆଦି ଦ୍ୱାରା ଆତ୍ମନିର୍ଭର ଭାରତର ଲକ୍ଷ୍ୟ ହାସଲ ଦିଗରେ ଏହା ସହାୟକ ହେବ ।

## ଶରଦ ପାୱାରଙ୍କ ନାତି ରୋହିତଙ୍କୁ ଇଡି ଜେରା

**ମୁମ୍ବାଇ, ୧।୨ (ଏଜେନ୍ସି):** ସମବାୟ ବ୍ୟାଙ୍କ ଦୁର୍ନୀତି ସମ୍ବନ୍ଧିତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଏନ୍‌ସିପି ବିଧାୟକ ଶରଦ ପାୱାରଙ୍କ ନାତି ରୋହିତ ପାୱାରଙ୍କୁ ଜେରା କରିଛି । ଗତ ୧୦ ଦିନରେ ଦ୍ୱିତୀୟ ଥର ପାଇଁ ସେ ଇଡି ନିକଟରେ ହାଜର ହୋଇଛନ୍ତି । ରୋହିତ ଦ୍ୱିପହର ୧୧ଟା୦୫ ସମୟରେ ଦକ୍ଷିଣ ମୁମ୍ବାଇର ବେଲାର୍ଡ ଇଷ୍ଟେଟ ସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ । ଏହି ସମୟରେ ଶରଦ ପାୱାରଙ୍କ ପତ୍ନୀ ପ୍ରତିଭା ପାୱାରଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ଇଡି କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ । ରୋହିତଙ୍କ ସମର୍ଥନରେ ଅନେକ କର୍ମୀ ମଧ୍ୟ ଭିଡ଼ ଜମାଇ ଥିଲେ । ସେମାନେ ଇଡି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାକୁ ଦେଖି ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## 'ଦକ୍ଷିଣ ଭାରତକୁ ଅଲଗା ଦେଶ ବନାଅ'



**ନୂଆଦିଲ୍ଲୀ, ୧।୨ (ଏଜେନ୍ସି):** କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ଭାଇ ଡିକେ ସୁରେଶ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ଏହାକୁ ନେଇ ହଙ୍ଗାମା ଆରମ୍ଭ ହୋଇଯାଇଛି । ସେ କେନ୍ଦ୍ରର ଅନ୍ତରୀଣ ବଜେଟ ଉପରେ ପ୍ରତିକ୍ରିୟା ଦେଇ ଦକ୍ଷିଣ ଭାରତକୁ ଅଲଗା ଦେଶ ବନାଇବାକୁ ଦାବି କରିଛନ୍ତି । ସେ କହିଛନ୍ତି ଯେ ଦକ୍ଷିଣ ଭାରତ ସହ ଅନ୍ୟାୟ ହେଉଛି । ଯେଉଁ ଟଙ୍କା ଦକ୍ଷିଣ ପର୍ଯ୍ୟନ୍ତ ପହଞ୍ଚିବା କଥା ତାହାକୁ ଉତ୍ତର ଭାରତରେ ବଣ୍ଟା ଯାଉଛି । ଯଦି ଏହି ଅନ୍ୟାୟକୁ ଦୂର କରାଯିବ ନାହିଁ ତେବେ ଦକ୍ଷିଣ ରାଜ୍ୟଗୁଡିକୁ ଅଲଗା ଦେଶ ବନାଇବା ପାଇଁ ଜୋରସୋରରେ ଦାବି ଉପସ୍ଥାପନ କରାଯିବ । ଦକ୍ଷିଣ ରାଜ୍ୟଗୁଡିକରୁ ନିଆଯାଉଥିବା ଟିକସକୁ ଉତ୍ତର ଭାରତକୁ ଦିଆଯାଉଛି । ଏହି ସହିତ ଦକ୍ଷିଣ ଭାରତ ଉପରେ ହିନ୍ଦୀକୁ ଲଦି ଦିଆଯାଉଛି । ଯଦି କେନ୍ଦ୍ର ଏହି ରାଜ୍ୟଗୁଡିକୁ ନିଜ ଭାଗର ଅର୍ଥ ଦିଅନ୍ତା ତେବେ ତାହା ଯଥେଷ୍ଟ ହୁଅନ୍ତା । କେନ୍ଦ୍ର କର୍ଣ୍ଣାଟକରୁ ୪ ଲକ୍ଷ କୋଟି ଟଙ୍କାରୁ ଅଧିକ ଟିକସ ସଂଗ୍ରହ କରୁଛି । କିନ୍ତୁ ଏହା ବଦଳରେ ରାଜ୍ୟକୁ କେତେ ମିଳୁଛି? ଏହା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ । ୧୬ତମ ଅର୍ଥ କମିଶନ ଆରମ୍ଭ ହେବାକୁ ଯାଉଛି । ଯଦି ଏଥିରେ କୌଣସି ସମସ୍ୟା ନ ସୁଧୁରେ ତେବେ ଦକ୍ଷିଣ ରାଜ୍ୟଗୁଡିକର ସ୍ୱରକୁ ଶାଣିତ କରିବାକୁ ପଡ଼ିବ । ସୁରେଶଙ୍କ ମନ୍ତବ୍ୟକୁ ବିଜେପି ତୀବ୍ର ସମାଲୋଚନା କରିଛି । କଂଗ୍ରେସ 'ଭାଙ୍ଗି ଶାସନ କରିବା ନୀତି'କୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ କରିଛି । ତେବେ ଶିବକୁମାର ନିଜ ଭାଇ ସମର୍ଥନରେ ବାହାରିଛନ୍ତି । ସୁରେଶ କେବଳ ଜନତାଙ୍କ ରାୟ ବ୍ୟକ୍ତ କରିଥିବା ସେ କହିଛନ୍ତି । ଅନ୍ୟାୟ ବିଷୟରେ ଉଲ୍ଲେଖ କରିଛନ୍ତି । କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭାରତ ଗୋଟିଏ ରାଷ୍ଟ୍ର । ସମସ୍ତେ ଏହି ମାତୃଭୂମିର ସନ୍ତାନ । କେଉଁଠି ବି ଅନ୍ୟାୟ ନ ହେବା ଉଚିତ । ହିନ୍ଦି ବେଲ୍ଟ ଭଳି ସୀମାବର୍ତ୍ତୀ ଗ୍ରାମଗୁଡିକୁ ସମାନ ସୁବିଧା ମିଳୁ ।

**କେନ୍ଦ୍ର ଉପରେ ବର୍ଷିଲେ ମମତା**

# ନିର୍ବାଚନ ଜିତିବା ପାଇଁ ବିଜେପି ସମସ୍ତଙ୍କୁ ଜେଲ୍‌ରେ ଭର୍ତ୍ତି କରୁଛି

**କୋଲକାତା, ୧।୨ (ଏଜେନ୍ସି)**



- ବିରୋଧୀ ନେତାଙ୍କୁ ଭୟଭୀତ କରାଯାଉଛି
- ପଶ୍ଚିମବଙ୍ଗରେ ଏନ୍‌ଆରସି କାର୍ଯ୍ୟକାରୀ ହେବନି
- ଆଗାମୀ ନିର୍ବାଚନରେ ହାରିବ ବିଜେପି
- ଅନ୍ୟ ଆଞ୍ଚଳିକ ଦଳ ସହ କେନ୍ଦ୍ରରେ ସରକାର ଗଢ଼ିବୁ
- ସାଧାରଣ ନାଗରିକଙ୍କୁ ମମତାଙ୍କ ଚେତାବନୀ
- ବିଏସ୍‌ଏଫ୍ ଦ୍ୱାରା ରୁଜୁ ପରିଚୟ ପତ୍ର ନିଅନି
- କେନ୍ଦ୍ର ବିରୋଧରେ ଆଜିଠୁ ଦିଦିଙ୍କ ୪୮ ଘଣ୍ଟିଆ ଧାରଣା

ମନି ଲଣ୍ଡରିଂ ମାମଲାରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଗିରଫ ହେବାର ଦିନକ ପରେ ଟିଏମ୍‌ସି ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି । ଆସନ୍ତା ସାଧାରଣ ନିର୍ବାଚନରେ ଜିତିବା ପାଇଁ ବିଜେପି ବିରୋଧୀ ଦଳ ନେତାଙ୍କୁ ଜେଲ୍‌ରେ ଭର୍ତ୍ତି କରୁଛି ବୋଲି ଦିଦି ଅଭିଯୋଗ କରିଛନ୍ତି । ବିରୋଧୀ ନେତାଙ୍କୁ ଭୟଭୀତ କରାଯାଉଛି । ସେମାନେ ସମସ୍ତଙ୍କୁ ଜେଲ୍‌ରେ ଭର୍ତ୍ତି କରିପାରିବେ । ତାଙ୍କୁ ବି ଜେଲ୍‌କୁ ପଠାଇ ପାରନ୍ତି । କିନ୍ତୁ ସେ ନିଶ୍ଚିତ ଭାବେ ବାହାରକୁ ଆସିବେ । ନଦିଆ ଜିଲ୍ଲାର ଶାନ୍ତିପୁରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଦିଦି ଏହି ମନ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି ଯେ ଜାତୀୟ ନାଗରିକତା ପଞ୍ଜିକା (ଏନଆର୍‌ସି) କାର୍ଯ୍ୟକାରୀ କରିବାକୁ ନେଇ ବିଜେପି ବାରମ୍ବାର ଧମକ ଦେଉଛି । ନିର୍ବାଚନ ପୂର୍ବରୁ ଏହାକୁ ଲାଗୁ କରିବାକୁ ଯୋଜନା କରାଯାଉଛି । କିନ୍ତୁ ରାଜ୍ୟରେ ଏପରି ହେବାକୁ ଦିଆଯିବ ନାହିଁ । ସେମାନେ ନାଗରିକତା ସଂଶୋଧନ ଆଇନ (ସିଏଏ)କୁ ନେଇ ମିଛ କହୁଛନ୍ତି । ଏ ସବୁ କିଛି ନୁହେଁ, କିନ୍ତୁ ଏହା ସେମାନଙ୍କର ରାଜନୈତିକ ଷଡ଼ଯନ୍ତ୍ର । ସେମାନେ ଲୋକଙ୍କୁ ଭାଗ ଭାଗ କରିବାକୁ ଚାହୁଁଛନ୍ତି ।

ଦିଦି ସାଧାରଣ ନିର୍ବାଚନରେ ଆସନ ବୁଝାମଣାକୁ ନେଇ କଂଗ୍ରେସ ଉପରେ ମଧ୍ୟ ବର୍ଷିଛନ୍ତି । ଟିଏମ୍‌ସି ନିର୍ବାଚନରେ ଏହି ଦଳ ସହ ମେଣ୍ଟ କରିବାକୁ ଇଚ୍ଛୁକ ଥିଲା । ମାତ୍ର କଂଗ୍ରେସ ଏହି ପ୍ରସ୍ତାବକୁ ଖାରଜ କରିଦେଇଥିଲା । ଏହି ଦଳ ସିପିଆଇ (ଏମ) ସହ ଏକାଠି ହୋଇ ବିଜେପିକୁ ଫାଇଦା ଦେବା ପାଇଁ ଚାହୁଁଛି । ଟିଏମ୍‌ସି ଦେଶର ଏକମାତ୍ର ଦଳ, ଯିଏ ସିଧାସଳଖ ବିଜେପି ସହ ମୁକାବିଲା କରିପାରିବ । ସାଧାରଣ ନିର୍ବାଚନରେ ଦଳ ବିଜେପିକୁ ହରାଇବ । ପରେ ଅନ୍ୟ ଆଞ୍ଚଳିକ ଦଳମାନଙ୍କ ସହ ମିଶି କେନ୍ଦ୍ର ସରକାର ଗଠନ କରିବାକୁ ରଣନୀତି ପ୍ରସ୍ତୁତ କରିବ । ମମତା ମହୁଆ ମୋଇତ୍ରଙ୍କ ବହିଷ୍କାର ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରିଛନ୍ତି । ସାଧାରଣ ଲୋକଙ୍କ କଥା ଉଠାଇବାରୁ ତାଙ୍କୁ ବହିଷ୍କାର କରିଦିଆଗଲା । ଦଳ ତାଙ୍କୁ ପୁଣିଥରେ ପ୍ରାର୍ଥୀ କରିବ ବୋଲି ମମତା ସଙ୍କେତ ଦେଇଛନ୍ତି । ସେ ଲୋକଙ୍କ ଭୋଟ୍ ଜିଣିବେ ବୋଲି ଦିଦି କହିଛନ୍ତି । ସେ ସାଧାରଣ ନାଗରିକଙ୍କୁ ମଧ୍ୟ ଚେତାବନୀ ଦେଇଛନ୍ତି । ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ) ଦ୍ୱାରା ରୁଜୁ କୌଣସି ପରିଚୟ ପତ୍ର ନ ନେବାକୁ ଲୋକଙ୍କୁ କହିଛନ୍ତି । ବିଏସ୍‌ଏଫ୍ ସୀମାରେ ସଜାଗ ରହି ବେଆଇନ କାର୍ଯ୍ୟକଳାପ ନିୟନ୍ତ୍ରଣ କରିବା ଉଚିତ । ବେଉସଣ ପାଇଁ ଅନ୍ତର୍ଜାତୀୟ ସୀମା ପାର କରୁଥିବା ଲୋକଙ୍କୁ ଅନୁମତି ପତ୍ର ଦେବାକୁ ଦିଦି ଡିଏମ, ବିଡିଓ ଏବଂ ଏସ୍‌ଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ବିଏସଏଫ୍ ଉପରେ ନଜର ରଖିବାକୁ କହିଛନ୍ତି । ଏହା ସହିତ ଦିଦି କେନ୍ଦ୍ରର ବୈମାତୃକ ମନୋଭାବ ଉପରେ ପ୍ରଶ୍ନ ଉଠାଇଛନ୍ତି । ଏକାଧିକ ଜନକଲ୍ୟାଣ ଯୋଜନାକୁ କେନ୍ଦ୍ର ପାଣ୍ଠି ଦେଉ ନାହିଁ ବୋଲି ଅଭିଯୋଗ କରିଛନ୍ତି । ଏଥିପାଇଁ ସେ ଶୁକ୍ରବାରଠାରୁ କୋଲକାତାରେ ୪୮ ଘଣ୍ଟିଆ ଧାରଣା ଦେବେ ବୋଲି କହିଛନ୍ତି ।

## ଗାଜାରେ ଗଲାଣି ୨୭୦୦୦ ଜୀବନ

- ମୃତକଙ୍କ ମଧ୍ୟରେ ୧୦ ହଜାର ଶିଶୁ
- ୨୪ ଘଣ୍ଟାରେ ୧୫୦ ପାଲେଷ୍ଟିନୀୟ ମୃତ
- ୧୫ ଆତଙ୍କବାଦୀଙ୍କୁ ନିପାତ କଲା ଆଇଡିଏଫ
- ବନ୍ଦୀଙ୍କ ପାଇଁ ହୋଇପାରେ ୩୫ ଦିନର ଅସ୍ତ୍ରବିରତି

**ତେଲ ଆଭିଭ, ୧।୨ (ଏଜେନ୍ସି):** ଇସ୍ରାଏଲ ଏବଂ ହମାସ ମଧ୍ୟରେ ଘମାଘୋଟ ଲଢ଼େଇ ଜାରି ରହିଛି । ଯୁଦ୍ଧ ଯୋଗୁଁ ଗାଜା ଷ୍ଟ୍ରିପ ଧ୍ୱଂସସ୍ତୁପରେ ପରିଣତ ହୋଇଗଲାଣି । ସବୁଆଡ଼େ ଯୁଦ୍ଧର ଭୟାବହତା ଦେଖିବାକୁ ମିଳୁଛି । ଲୋକେ ଭୋକ ଉପାସରେ ଜୀବନମୃତ୍ୟୁ ସହ ସଂଘର୍ଷ କରୁଛନ୍ତି । ଏହା ସତ୍ତ୍ୱେ ଇସ୍ରାଏଲ ସେନା (ଆଇଡିଏଫ) କ୍ରମାଗତ ଭାବେ ଗୁଳିଗୋଳା ମାଡ଼ କରିଚାଲିଛି । ଏହି ଆକ୍ରମଣରେ ଗତ ୨୪ ଘଣ୍ଟା ମଧ୍ୟରେ ୧୫୦ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଛି । ଏମାନଙ୍କ ମଧ୍ୟରେ ୧୫ ଜଣ ଆତଙ୍କବାଦୀ ସାମିଲ ଅଛନ୍ତି । ୩୧୩ ଜଣ ମଧ୍ୟ ଆହତ ହୋଇଛନ୍ତି । ଉତ୍ତର ଗାଜାରେ ଥିବା ଏକ ସ୍କୁଲ୍‌କୁ ମଧ୍ୟ ଧ୍ୱଂସ କରିଦିଆଯାଇଛି । ଏଠାରେ ଆତଙ୍କବାଦୀ ରହୁଥିଲେ ବୋଲି ଆଇଡିଏଫ୍ ଦାବି କରିଛି । ଏହା ସହିତ ଗାଜାରେ ମୃତ୍ୟୁସଂଖ୍ୟା ୨୭ ହଜାର ପାର କରିଛି । ଏମାନଙ୍କ ମଧ୍ୟରେ କେବଳ ୧୦ ହଜାର ଶିଶୁ ସାମିଲ ଅଛନ୍ତି । ହମାସ ଆକ୍ରମଣରେ ଇସ୍ରାଏଲ ମଧ୍ୟ ୧୨୦୦ ଲୋକଙ୍କ ଜୀବନ ଯାଇଛନ୍ତି । ଅନ୍ୟପକ୍ଷରେ ବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ଇସ୍ରାଏଲ ଯୁଦ୍ଧବିରତି ପାଇଁ ଆଲୋଚନା କରୁଛି । ୩୫ ବନ୍ଦୀଙ୍କ ବଦଳରେ ୩୫ ଦିନ ଅସ୍ତ୍ରବିରତି କରିବାକୁ ଆଲୋଚନା ଚାଲିଛି । ଯୁଦ୍ଧ କ୍ୟାବିନେଟ ପରେ ଇସ୍ରାଏଲ ଗୁଇନ୍ଦା ଏଜେନ୍ସି ମୋସାଦର ମୁଖ୍ୟ ଡେଭିଡ ବାର୍ଣ୍ଣିଆ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ମହିଳା, ରୋଗୀ, ଆହତ ଏବଂ ବୟସ୍କଙ୍କ ସହିତ ୩୫ ଜଣଙ୍କୁ ମୁକ୍ତ କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ହମାସ ଯେଉଁମାନଙ୍କୁ ସୈନିକ କହୁଛି ସେମାନଙ୍କୁ ମୁକୁଳାଯିବ । ଏଥିପାଇଁ ଆଉ ୭ ଦିନ ଯୁଦ୍ଧ ବନ୍ଦ କରିବାକୁ ଯୋଜନା କରାଯାଇଛି । ସେହିପରି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ବନ୍ଦୀଙ୍କ ସମ୍ପର୍କୀୟଙ୍କୁ କହିଛନ୍ତି ଯେ ଦେଶର ସୁରକ୍ଷାକୁ ବିପଦରେ ପକାଉଥିବା କୌଣସି ଚୁକ୍ତିକୁ ସ୍ୱୀକାର କରାଯିବ ନାହିଁ । ମାତ୍ର ବନ୍ଦୀଙ୍କୁ ମୁକ୍ତ କରିବା ଲାଗି ପ୍ରୟାସ କରାଯିବ ।



ଆକ୍ସନ ମୋଡ୍‌ରେ ଜିଲ୍ଲା ପ୍ରଶାସନ

# ମାଟିରେ ମିଶିଲା ଦୁଇ ବେଆଇନ ଇଟାଭାଟି



ବାଲେଶ୍ୱର, ୧।୨(ସମିସ): ବାଲେଶ୍ୱର ଜିଲ୍ଲା ପ୍ରଶାସନର ବାରମ୍ବାର ବାରଣ ସତ୍ତ୍ୱେ ବେଆଇନ ନାଲି ଇଟାଭାଟି ଚାଲିଥିବା ଯୋଗୁ ପ୍ରଶାସନ ଆକ୍ସନ ମୋଡ୍‌କୁ ଆସିଛି। ଗୁରୁବାର ଦିନ ବାଲେଶ୍ୱର ସଦର ତହସିଲ ଅନ୍ତର୍ଗତ ଫୁଲାଡି ନିକଟରେ ଥିବା ଦୁଇଟି ବେଆଇନ ନାଲି ଇଟାଭାଟି ଉପରେ ପ୍ରଶାସନ ପକ୍ଷରୁ ବୁଲଡୋଜର ଚଲାଇ ଲକ୍ଷାଧିକ ଟଙ୍କାର ନାଲି ଇଟା ଭାଙ୍ଗି ଦିଆଯାଇଛି। ବାଲେଶ୍ୱର ଜିଲ୍ଲା ପ୍ରଶାସନର ବାରମ୍ବାର ତାଗିଦ ପରେ ମଧ୍ୟ ବାଲେଶ୍ୱର ସଦର ଓ ରେମୁଣା ତହସିଲ ଅଧୀନରେ ୩୦ରୁ ଉର୍ଦ୍ଧ ବେଆଇନ ନାଲି ଇଟା ଭାଟି ଚାଲିଛି। ତେବେ ସଦର ତହସିଲ ଅଧୀନରେ ଚାଲିଥିବା ନାଲି ଇଟାଭାଟି ଗୁଡିକରେ ଇଟା ପ୍ରସ୍ତୁତି ବନ୍ଦ କରିବା ପାଇଁ ମାଲିକ ମାନଙ୍କୁ ତହସିଲଦାର ନୋଟିସ ଜାରି କରିଥିଲେ। କେତେକ ନାଲି ଇଟାଭାଟି ମାଲିକ ତହସିଲଦାରଙ୍କ ନୋଟିସ ପରେ ଭାଟିରେ ଇଟା ପ୍ରସ୍ତୁତ କରିବା ବନ୍ଦ କରି ଦେଇଥିଲେ। ମାତ୍ର ନଗ୍ରମ ପଞ୍ଚାୟତର ଫୁଲାଡି ଛକ ଠାରୁ ଚଷାଖଣ୍ଡ ଆଡକୁ ଯାଇଥିବା ରାସ୍ତା ପାର୍ଶ୍ୱରେ ଥିବା ଲକ୍ଷ୍ମୀ ଓ ରିଙ୍କି ଇଟା ଭାଟିରେ ନାଲି ପୋଡ ଇଟା ପ୍ରସ୍ତୁତ ହେଉଥିଲା। କୌଣସି ସୂତ୍ରରୁ ଖବର ପାଇ ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜ ସିର୍କେ, ତହସିଲଦାର ଆଶିଷ ମହାପାତ୍ର, ନଗ୍ରମ ରାଜସ୍ୱ ନିରୀକ୍ଷକ ମିଥୁନ କୁମାର ସେଠୀଙ୍କ ସମେତ ତହସିଲ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ୧୫ କର୍ମଚାରୀ ପୁଲିସ ସହାୟତାରେ ରିଙ୍କି ଓ ଲକ୍ଷ୍ମୀ ଇଟାଭାଟି ଉପରେ ଚଢ଼ଉ କରିଥିଲେ। ଚଢ଼ଉ ପୂର୍ବରୁ ବିଦ୍ୟୁତ ବିଭାଗକୁ ଏହି ଦୁଇଟି ଇଟାଭାଟିକୁ ବିଦ୍ୟୁତ ସଂଯୋଗ ବିଛିନ୍ନ କରିବା ପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେବେ ଚଢ଼ଉ ବେଳେ ସମ୍ପୃକ୍ତ ବେଆଇନ ଇଟାଭାଟିରେ ଇଟା ପ୍ରସ୍ତୁତ ହେଉଥିବା ଦେଖି, ବୁଲଡୋଜର ଦ୍ୱାରା ଇଟା ଗୁଡିକୁ ଭାଙ୍ଗି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଇଟା ଭାଟି ଦୁଇଟିର ଚିମିନି କୁ ମଧ୍ୟ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଉପାଡି ଦିଆଯାଇ ଥିଲା। ବୁଲଡୋଜର ଦ୍ୱାରା ଲକ୍ଷାଧିକ ଟଙ୍କାର ଇଟା ଭାଙ୍ଗି ଦିଆଯିବା ସହିତ ପାଣି ପକାଇ ଜଳୁ ଥିବା ଇଟାଭାଟିକୁ ଲିଭାଇ ଦିଆଯାଇଥିଲା। ପରେ ପୁଣି ଯଦି ଏହିଭଳି ବେଆଇନ ଇଟାଭାଟିରେ ଇଟା ପ୍ରସ୍ତୁତ କରାଯାଏ, ତାହେଲେ ପୁଣି ବୁଲଡୋଜର ଲଗାଇ ଭାଙ୍ଗି ଦିଆଯିବ ବୋଲି ଇଟାଭାଟି ମାଲିକଙ୍କୁ ଉପଜିଲ୍ଲାପାଳ ସିର୍କେ ଚେତାବନୀ ଦେଇଥିଲେ। ଉପଜିଲ୍ଲାପାଳ ସିର୍କେ ବେଆଇନ ଇଟାଭାଟି ବାବଦରେ କହିଛନ୍ତି, ମାଟି ତିଆରି ଇଟା ପ୍ରସ୍ତୁତ କରିବା ପାଇଁ ପ୍ରଦୂଷଣ ବିଭାଗର ସିଟିଇ ଓ ସିଟିଓ ଅନୁମତି ଆବଶ୍ୟକ।ମାତ୍ର ଭଙ୍ଗା ଯାଇଥିବା ଇଟାଭାଟି ଦୁଇଟି ପ୍ରଦୂଷଣ ବିଭାଗର କୌଣସି ଅନୁମତି ନ ନେଇ ବେଫିକର ଏହି ବେଆଇନ ଇଟାଭାଟି ଚଳାଇ ଥିବା ଯୋଗୁ ଆଜି ଭାଙ୍ଗି ଦିଆଯାଇଛି। ଯଦି ଅନୁମତି ନନେଇ ପୁଣି ଇଟାଭାଟି ଚଳାନ୍ତି, ତାହେଲେ ପୁଣି ଭାଙ୍ଗି ଦିଆଯିବ ବୋଲି ଉପଜିଲ୍ଲାପାଳ ସିର୍କେ କହିଛନ୍ତି। ଅପରପକ୍ଷରେ ରେମୁଣା ତହସିଲ ଅଧୀନରେ ଏହିଭଳି ୨୨ରୁ ଉର୍ଦ୍ଧ ବେଆଇନ ଇଟାଭାଟି ଚାଲିଛି। ମାତ୍ର ରେମୁଣା ତହସିଲଦାରଙ୍କ ଅହେତୁକ ଅନୁକମ୍ପାରେ ଏହି ଇଟାଭାଟି ଗୁଡିକ ବିରୁଦ୍ଧରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତୁରନ୍ତ ରେମୁଣା ତହସିଲ ଅଞ୍ଚଳରେ ଥିବା ବେଆଇନ ଇଟାଭାଟି ଗୁଡିକ ବିରୁଦ୍ଧରେ ଏହିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣ ଦାବି ହେଉଛି।

# ସୋର ଡାକ୍ତରଖାନାରେ ଡାଇଲିସିସ୍ ସେଣ୍ଟର ଲୋକାର୍ପିତ



ସୋର, ୧।୨(ସମିସ): ସୋର ମେଡିକାଲରେ ମାଗଣା ଡାଇଲିସିସ ସେଣ୍ଟରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଆଭାସି ମାଧ୍ୟମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣା ଡାଇଲିସିସ କେନ୍ଦ୍ରକୁ ଲୋକାର୍ପିତ କରିଛନ୍ତି। ଏହି ୧୬ ଟି କେନ୍ଦ୍ରମଧ୍ୟରୁ ସୋର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ମାଗଣା ଡାଇଲସିସ କେନ୍ଦ୍ର ଲୋକାର୍ପିତ ହୋଇଛି। ସୋର ବ୍ଲକ ସମେତ ୫ଟି ବ୍ଲକର ଲୋକେ ଏହି କେନ୍ଦ୍ରରୁ ମାଗଣାରେ ସୁବିଧା ଉପଭୋଗ କରିପାରିବେ ବୋଲି ସୋର ବିଧାୟକ ପର୍ଶୁରାମ ଧଡ଼ା ସୂଚନା ଦେଇଛନ୍ତି। କିଡ୍‌ନୀ ରୋଗୀମାନେ ଡାଇଲସିସ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଯାଇ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ସୋରରେ ଏହି ସୁବିଧା କାର୍ଯ୍ୟକାରୀ କରାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସୋର ବାସୀଙ୍କ ତରଫରୁ ଧନ୍ୟବାଦ ଜଣାଯାଇଛି। ଏହି ସମୟରେ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଧ, ସୋର ବିଧାୟକ ପର୍ଶୁରାମ ଧଡ଼ା, ସୋର ତହସିଲଦାର ଅଶ୍ୱିନୀ ନାଏକ, ସୋର ବିଡ଼ିଓ ସତ୍ୟନାଥ ନାଏକ, ବ୍ଲକ ଅଧକ୍ଷା ଅନୁସୂୟା ମଳିକ, ସୋର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡ଼. ସତ୍ୟନାରାୟଣ ନାୟକ, ଜିଲା ମୁଖ୍ୟ ସ୍ୱାସ୍ଥ୍ୟଧିକାରୀ ଦୁଲାଳସେନ ଜଗଦେବଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ନ୍ୟାୟ ପାଇଲେ ନାରାୟଣ



ସୋର, ୧।୨(ସମିସ): ଶେଷରେ ପାଞ୍ଚଟଙ୍କିଆ ଆହାର ଉପରେ ନିର୍ଭରଶୀଳ ଥିବା ନାରାୟଣ ପାକଳଙ୍କୁ ତାଙ୍କ ଦୋକାନରେ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେଧ ଦେଖା କରିବା ସହିତ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଆଭାସି ମାଧ୍ୟମରେ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣା ଡାଇଲିସିସ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀଙ୍କ ଲୋକାର୍ପଣ କାର୍ଯ୍ୟକ୍ରମରେ ଜିଲାପାଳ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସରିବା ପରେ ଉପସ୍ଥିତ ସାମ୍ବାଦିକ ମାନେ ଜିଲ୍ଲାପାଳଙ୍କୁ ନାରାୟଣ ପାକଳଙ୍କ ପରିବାର ଓ ତାଙ୍କ ଦିବ୍ୟାଙ୍ଗ ଝିଅଙ୍କ ସମସ୍ୟା ନେଇ ହୋଇଥିବା ଖବର ପ୍ରସାରଣ ବାବଦରେ ଅବଗତ କରାଇଥିଲେ। ପରେ ଜିଲ୍ଲାପାଳ ତୁରନ୍ତ ନାରାୟଣଙ୍କ ଘଣ୍ଟା ମରାମତି ଦୋକାନ ପାଖରେ ପହଁଚି ତାଙ୍କ ସମସ୍ୟା ବାବଦରେ ଅବଗତ ହୋଇ ଉପସ୍ଥିତ ଅଧିକାରୀ ମାନଙ୍କୁ ତୁରନ୍ତ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେବା ସହିତ ସୋର ତହସିଲଦାରଙ୍କ ମାଧ୍ୟମରେ ୨୦୦୦ ଟଙ୍କା ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ଆଗାମୀ ସାତଦିନ ମଧ୍ୟରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୦ ହଜାର ଟଙ୍କା ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନାବାଳିକା ଦିବ୍ୟାଙ୍ଗ ଝିଅକୁ ଏକ ଟ୍ରାଇ ସାଇକେଲ ଏବଂ ସେମାନଙ୍କୁ ଅନ୍ତୋଦୟ ଯୋଜନାରେ ସାମିଲ କରିବାକୁ ବିଡ଼ିଓ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଏପରି କାମକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି।

# ସିଆଇଟିୟୁ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର, ୧।୨(ସମିସ): ସିଆଇଟିୟୁ ନେତୃତ୍ୱରେ ବେତନ ବୃଦ୍ଧି ଦାବିନେଇ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ପକ୍ଷରୁ ଚଳିତ ମାସ ଆଠ ତାରିଖରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଏହି ପରିପ୍ରେକ୍ଷୀରେ ଗୁରୁବାର ଦିନ ନୂଆବଜାର ସ୍ଥିତ ସିଆଇଟିୟୁ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେଇଯାଇଛି। ଏଥିରେ ସଂଘ ଜିଲ୍ଲା ସଭାପତି ମୃତ୍ୟୁଞ୍ଜୟ ରାଉତ, ରାଜ୍ୟ ସମ୍ପାଦିକା ଇଶାଣୀ ଷଡଙ୍ଗୀ, ଜିଲ୍ଲା ସମ୍ପାଦିକା ପୂର୍ଣ୍ଣିମା ବେହେରା ଓ ସିଆଇଟିୟୁର ଆବାହକ ବିଜୟପାତ୍ର, ମଞ୍ଜୁଲତା ଦାସ ଓ କନକ ଦାସ ପ୍ରମୁଖ ଯୋଗଦେଇ ଏହି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଜିଲ୍ଲାର ସମସ୍ତ ପାଚିକା ଓ ସହାୟିକା ମାନଙ୍କୁ ଆହ୍ୱାନ କରିଛନ୍ତି। ପୁଣି କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି ବିରୁଦ୍ଧରେ୧୬ ଫେବୃଆରୀ ଦେଶବ୍ୟାପୀ ହରତାଳରେ ମଧ୍ୟ ପାଚିକା ଓ ସହାୟିକା ମାନେ ସାମିଲ ହେବେ ବୋଲି ସଂଘ ରାଜ୍ୟ ସମ୍ପାଦିକା ଇଶାଣୀ ଷଡଙ୍ଗୀ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି।

# ଯୁବକଙ୍କ ବେକରେ ଗଭୀର କ୍ଷତ, କାରଣ ଅସ୍ପଷ୍ଟ



ବାଲେଶ୍ୱର, ୧।୨(ସମିସ): ଆଜି ବାଲେଶ୍ୱର ସଦର ଥାନା ଅର୍ନ୍ତଗତ କେଶୁରପୁର ଗ୍ରାମରେ ଏକ ଅଘଟଣ ଦେଖିବାକୁ ମିଳିଛି। ଜଣେ ଯୁବକଙ୍କ ବେକଟି କଟା ହୋଇ ନିକଟସ୍ଥ ଏକ ପଡ଼ିଆରେ ପଡ଼ିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରିଛନ୍ତି। ଗୁରୁତର ଆହତ ଯୁବକ ଜଣଙ୍କ ହେଉଛନ୍ତି ଦୁର୍ଗାଚରଣ ଦାସ(୩୫)। ସୂଚନା ଅନୁସାରେ, ସଦର ବ୍ଲକ ଅର୍ନ୍ତଗତ ସିନ୍ଧିଆ ଗ୍ରାମପଞ୍ଚାୟତ ଅର୍ନ୍ତଗତ କେଶୁରପୁର ଗ୍ରାମର ଦୁର୍ଗାଚରଣଙ୍କ ବେକକୁ କିଏ କାଟିଦେଇ ଫେରାର ହୋଇଯାଇଛି। ଏପରିକି ଗୁରୁତର ଅବସ୍ଥାରେ ସେ ରାସ୍ତାକଡ ନିକଟସ୍ଥ ଏକ ପଡ଼ିଆ ଠାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତେବେ ତାଙ୍କ ବେକରେ ଗଭୀର କ୍ଷତ ହୋଇଥିବା ରକ୍ତସ୍ରାବ ଜୋର ହେଉଥିଲା। ତୁରନ୍ତ ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି। ତେବେ ତାଙ୍କ ବେକକୁ କିଏ କାଟିଛି କିମ୍ବା ଗୁଡି ସୂତା ଲାଗିଛି ତାହା ସ୍ପଷ୍ଟ ହୋଇପାରି ନାହିଁ।

# 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

ବାଲିଆପାଳ, ୧।୨(ସମସ) : ବାଲିଆପାଳ ବ୍ଲକ ଅନ୍ତର୍ଗତ ଜଗାଇସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବବିକାଶ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଆୟୋଜିତ ବିଶ୍ୱ ଓଡିଆ ଭାଷା ସମ୍ମିଳନୀର ଆୟୋଜନ ପରିପ୍ରେକ୍ଷୀରେ ଶ୍ରୀ ଜଗନ୍ନାଥ ଚେତନା ଓ ଓଡିଆ ଭାଷା ସାହିତ୍ୟ ସମ୍ବନ୍ଧୀୟ ଆଲୋଚନା ଆମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ଆୟୋଜିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ମହାବିଦ୍ୟାଳୟର ଅଧକ୍ଷା ଡ. ହରପ୍ରିୟା ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ସୁସାହିତିକ କବି ବ୍ରଜେନ୍ଦ୍ର ନାଥ ଗରି ଯୋଗଦେଇ ଓଡିଆ ଭାଷାର ଉତ୍ପତ୍ତି ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବରେ, ମାଣିଦା ମେମୋରିଆଲ ମହାବିଦ୍ୟାଳୟର ଅଧ୍ୟାପକ ଡ. ଦିଲ୍ଲୀପ ଭୋଇ ଯୋଗଦେଇ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ସାରଗର୍ଭକ ଅଭିଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ରବୀନ୍ଦ୍ର ନାଥ ବିଶ୍ୱାଳ, ପ୍ରାଧ୍ୟାପକ ବିଶ୍ୱମ୍ବର ଜେନା ପ୍ରମୁଖ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା କାର୍ଯ୍ୟ ପ୍ରାରମ୍ଭରେ ଓଡ଼ିଆ ଅଧ୍ୟାପକ ଦୟାନିଧି ସାହୁ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ ସହିତ ବିବରଣୀ ପଠନ କରିଥିଲେ।ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ରାଧାକାନ୍ତ ମହାନ୍ତି, ବିଦ୍ୟାଧର କୁହ୍ଲାରୀ, ବିଜୟ କୁମାର ଜେନା, ରମେଶ ଚନ୍ଦ୍ର ବାରିକ, ମନୋରଞ୍ଜନ ମହାନ୍ତି, ବିକାଶ ପ୍ରଧାନ, ଶାନ୍ତିଲତା ଦାସ, ଅଙ୍କିତା ପାଣିଗ୍ରାହୀ, ସରୋଜ ତ୍ରୀପାଠୀ ତଥା ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଅଣ ଶିକ୍ଷକ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ପ୍ରଭାତ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

● ଔପଦା ଆଞ୍ଚଳିକ ମହୋତ୍ସବର ତୃତୀୟ ସନ୍ଧ୍ୟା

# 'ମହୋତ୍ସବ ଭାଇଚାରା ଓ ବିକାଶର ବାର୍ତ୍ତାବହ ହେଉ'



ଔପଦା, ୧।୨(ସମିସ): ଷଷ୍ଠ ଔପଦା ଆଞ୍ଚଳିକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଶୈଳେନ୍ଦ୍ର ଓ ଶକ୍ତି ମିଶ୍ରଙ୍କ ସଙ୍ଗୀତରେ ଦର୍ଶକ ଝୁମିଛନ୍ତି। ଔପଦା ଆଞ୍ଚଳିକ ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ତୃତୀୟ ସନ୍ଧ୍ୟାର ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ଯୋଗଦେଇ ଭାଇଚାରା ମହୋତ୍ସବ ଅନ୍ୟ ନାମ। ଏଭଳି ଏକ ଅଞ୍ଚଳରେ ଆୟୋଜକ ମାନେ ଏତେ ଶୃଙ୍ଖଳାର ସହ ଆୟୋଜନ କରିଛି ବାଲେଶ୍ୱର ମାଟି ପାଇଁ ଏହା ଏକ ଉଦାହରଣ ବୋଲି ତାଙ୍କ ବକ୍ତବ୍ୟ ରେ କହିଥିଲେ। ମୁଖ୍ୟବକ୍ତା ଭାବେ ବିଜେଡିର ବରିଷ୍ଠ ଉପ ସଭାପତି ସନ୍ତୋଷ ଖଟୁଆ ଯୋଗ ଦେଇ ଔପଦା ଆଞ୍ଚଳିକ ମହୋତ୍ସବ ଔପଦା ଅଞ୍ଚଳରେ ବିକାଶର ବାର୍ତ୍ତାବହ ପାଲଟିଛି। ଏହି ମହୋତ୍ସବର ପରିକଳ୍ପନା କରିଥିବା କମିଟିର ସଦସ୍ୟମାନେ ହେଉଛନ୍ତି ପ୍ରକୃତ ଶ୍ରେୟର ପାତ୍ର। ସମ୍ମାନିତ ଅତିଥି ଭାବେ ଦୈନିକ ଖବରକାଗଜ 'ସକାଳ'ର ଉତ୍ତର ଓଡ଼ିଶା ସଂସ୍କରଣର ବ୍ୟୁରୋ ମୁଖ୍ୟ ଅସୀମ ମହାପାତ୍ର, ପ୍ରଫେସର ଡା. ସୁନିଲ କୁମାର ରାଉତ, ଉପ ସଭାପତି ହରିହର ଜେନା, ଉପଦେଷ୍ଟା ଭଗବାନ ଚରଣ ନାୟକ, ସାଧାରଣ ସମ୍ପାଦକ ନରହରି ନାୟକ ପ୍ରମୁଖ ଯୋଗ ଦେଇ ମହୋତ୍ସବର ଲକ୍ଷ୍ୟ ଉଦ୍ଦେଶ୍ୟରେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଂଗଠନିକ ସମ୍ପାଦକ ଡ. ସଂଗ୍ରାମ ରାଉତ, ପ୍ରୋଗ୍ରାମ କୋର୍ଡିନେଟର ଆଇନଜୀବୀ ଜୟଶ୍ରୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଇନଜୀବୀ ଶରତ କୁମାର ବେହେରା ମଞ୍ଚ ଆହ୍ୱାନ କରିଥିଲେ। ଶେଷରେ ହରେକୃଷ୍ଣ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମହୋତ୍ସବରେ ଓଲିଉଡ଼ ତାରକା ଶୈଳେନ୍ଦ୍ର ସାମନ୍ତରାୟ, ଆଲବମ କୁଇନ ପ୍ରିୟମ୍ବଦା ସ୍ୱାଇଁ, ବିଶିଷ୍ଟ କଣ୍ଠଶିଳ୍ପୀ ଶକ୍ତି ମିଶ୍ର, ଦେବାଶିଷ ମହାନ୍ତି, ସ୍ୱର୍ଣ୍ଣଲକ୍ଷ୍ମୀ ଯୋଗ ଦେଇ ଦର୍ଶକ ଙ୍କ ମନ ଜିଣିଥିଲେ। ଏହି ଅବସରରେ ମେଗା ଅଡିସନର ସଫଳତା ଅର୍ଜନ କରିଥିବା ଦୁଷ୍ମନ୍ତ ବେହେରା, କରିସ୍ମା ମହାନ୍ତି, ବିଶ୍ୱ ରଞ୍ଜନ ମିଶ୍ର, ମନୀଷା ଦଳେଇ, ତନବୀ ଦଳେଇ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲୋକାରଣ୍ୟ ମହୋତ୍ସବର ସଫଳତାକୁ ସୂଚନା ଦେଇଛି।

# ସ୍ମୃତିସଭା ଓ ପ୍ରତିମୂର୍ତ୍ତି ଉନ୍ମୋଚିତ



ଚୌକି/ଶ୍ରଦ୍ଧାପୁର, ୧।୨(ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ଗୁନାଇବସାଣ ଗ୍ରାମରେ ବିଶିଷ୍ଟ ଧର୍ମପରାୟଣ ଦିବଙ୍ଗତ ପ୍ରାଣକୃଷ୍ଣ ପାତ୍ରଙ୍କ ଆଜି ଏକା ଦଶାହ ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହେବା ସହ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ ଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ ଏହି ସଭାରେ ଭୋଗରାଇ ବିଧାୟକ ଅନନ୍ତ ଦାସ, ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା, ବ୍ଲକ ବିଜେଡି ସଭାପତି ରମାକାନ୍ତ କରଣ, ବିଜେଡି ଉପସଭାପତି ଭୁବନାନନ୍ଦ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗଣପତି ଗିରି, ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ଅବସରପ୍ରାପ୍ତ ଶିକ୍ଷକ ତଥା ବାଲେଶ୍ୱର ଜିଲ୍ଲା କଂଗ୍ରେସ ଉପସଭାପତି ଗୋପବନ୍ଧୁ ମହାପାତ୍ର, ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସ, ବ୍ଲକ ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଜିଲ୍ଲାପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ସରପଞ୍ଚ ମମତା ସାହୁ, ବରିଷ୍ଠ ଶିକ୍ଷାବିତ ପଙ୍କଜାକ୍ଷ ପଣ୍ଡା, କବି କାଳିପଦ ପଣ୍ଡା ପ୍ରମୁଖ ଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ।ଶେଷରେ ସ୍ୱର୍ଗତ ପାତ୍ରଙ୍କ ସୁପୁତ୍ର ଆଶିଷ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅବସରରେ ସ୍ୱର୍ଗତ ପାତ୍ର ଙ୍କ ପ୍ରତିମୂର୍ତ୍ତି କୁ ବିଧାୟକ ଶ୍ରୀ ଦାସ ଉନ୍ମୋଚନ କରିଥିଲେ। ସେହିପରି ପୂର୍ବାହ୍ନ ରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅୟୋଜିତ ହୋଇଥିଲା।

# 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ



ବାହାନଗା, ୧।୨(ସମିସ) : ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ନୂଆପୁର ପଞ୍ଚାୟତ ପକ୍ଷରୁ ରାଜ୍ୟ ସରକାରଙ୍କ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆପୁର ପଞ୍ଚାୟତର ସରପଞ୍ଚ ଅଟଳ ବିହାରୀ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାହାନଗା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନିଜ ବକ୍ତବ୍ୟ ମାଧ୍ୟମରେ ବିଡ଼ିଓ ଶ୍ରୀ ସେଠୀ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ମାଗଣା ଚିକିତ୍ସା ସେବା, ମିଶନ ଶକ୍ତି ଯୋଜନାଦ୍ୱାରା ମହିଳା ସଶକ୍ତ ହେବା, ୫-ଟି ଏବଂ ମୋ ସ୍କୁଲ ମାଧ୍ୟମରେ ସ୍କୁଲ ରୂପାନ୍ତରଣ, ମଠ ମନ୍ଦିରର ଉନ୍ନତି କରଣ ଆଦି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନିଳାମ୍ବର ମହାଲିକ, ଯନ୍ତ୍ରୀ ଗୟାଧର ସିଂ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବାହାନଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଯୋଗଦେଇ ସମସ୍ତେ ଏକ ହୋଇ ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟକୁ ଆଗକୁ ନେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ନିର୍ବାହୀ ଅଧିକାରୀ କୁମୁଦିନୀ ମହାକୁଡ଼, ଜିଆରଏସ୍ ସୌଭାଗ୍ୟ ମଞ୍ଜରୀ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଆମ ପଞ୍ଚାୟତର ବିକାଶ ପୁସ୍ତିକା ଉନ୍ମୋଚନ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା। ଅତିଥିମାନେ ସ୍ୱୟଂ ସହାୟିକା ଗୋଷ୍ଠୀ କରିଥିବା ବିଭିନ୍ନ ଷ୍ଟଲ ବୁଲି ଦେଖିବା ସହ ମିଶନ ଶକ୍ତି ଜରିଆରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ।

# ଜାମକୁଣ୍ଡା ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିଆପାଳ, ୧।୨(ସମିସ) : ବାଲିଆପାଳ ବ୍ଲକସ୍ଥିତ ଜାମକୁଣ୍ଡା ସରକାରୀଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହେମନ୍ତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରୁକ୍ମିଣୀ ନୀଳମଣି ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ହରେନ୍ଦ୍ର ଗାଆଁଣ, ମୁଖ୍ୟ ଅତିଥି ଜାମଶୂଳୀ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବରେ ଆଲୁମନି ସଭାପତି ପଞ୍ଚାନନ ନାୟକ, ସ୍କୁଲ ପରିଚାଳନା କମିଟିର ସଭାପତି ସୁନୀଲ ପରିଡ଼ା, ଜାମକୁଣ୍ଡା ସରପଞ୍ଚଙ୍କ ସ୍ୱାମୀ ବିଜନ କୁମାର ଜେନା, ସିଆରସିସି ଅତୁଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଓଡ଼ିଶାର ଐତିହ୍ୟ, ସଂସ୍କୃତି, ପରମ୍ପରା, ଜ୍ଞାନ ବିଜ୍ଞାନ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ କମଳାକାନ୍ତ ସେଠୀ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସହକାରୀ ଶିକ୍ଷକ ସଞ୍ଜୟ କୁମାର ଭୂୟାଁ ଅତିଥି ପରିଚୟ ବିବରଣୀ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଭାରତୀ ଜେନା, ରୂପଶ୍ରୀ ବେହେରା, ମିନତୀ ରାଉତ, ସୁପ୍ରଭା ଗିରି, ବିଦ୍ୟୁବାଳା ପାତ୍ର, ସୁକାନ୍ତି ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ପ୍ରାଣୀଚିକିତ୍ସକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି



ବାଲେଶ୍ୱର, ୧।୨(ସମିସ): ବିଭିନ୍ନ ଦାବି ନେଇ ଓଡ଼ିଶା ପ୍ରାଣୀଚିକିତ୍ସା ସେବା ସଂଘ ଡାକରାରେ ବାଲେଶ୍ୱର ଜିଲ୍ଲାର ସମସ୍ତ ପ୍ରାଣୀଚିକିତ୍ସକମାନେ ଗତ ମାସ୧୮ ତାରିଖ ଠାରୁ ସମୂହ ଛୁଟିରେ ରହି କାର୍ଯ୍ୟାଳୟ ସମ୍ମୁଖରେ ବସିଛନ୍ତି। ଏହାରି ମଧ୍ୟରେ ୧୪ଦିନ ବିତିଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବିଶେଷ କରି ବାଲେଶ୍ୱରରେ ୩୬ଜଣ ଭେଟେରିନାରୀ ଡାକ୍ତର ଏହି ଛୁଟିରେ ରହିଛନ୍ତି। ଫଳରେ ଜିଲ୍ଲାରେ ପ୍ରାଣୀ ଚିକିତ୍ସା ସମ୍ପୂର୍ଣ୍ଣ ଭାବେ ଠପ ହୋଇଯାଇଛି। ସେମାନଙ୍କ ପକ୍ଷରୁ କରାଯାଇଥିବା ଦାବି ଅନୁସାରେ, ପ୍ରାଣୀ ଚିକିତ୍ସା ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣ ଯଥା ୨୪ଘଣ୍ଟା ସେବା ବ୍ୟବସ୍ଥା, ବିଶେଷଜ୍ଞ ସେବା ବ୍ୟବସ୍ଥା, ଜଟିଳ ରୋଗାକ୍ରାନ୍ତ ପ୍ରାଣୀମାନଙ୍କ ସ୍ଥାନାନ୍ତର ସୁବିଧା, ନିଶୁଳ୍କ ସେବା ସହ ଓଡ଼ିଶାର ପ୍ରାଣିଚିକିତ୍ସକମାନଙ୍କୁ କେନ୍ଦ୍ର ସରକାରଙ୍କ ଅଧିନରେ କାର୍ଯ୍ୟରତ ପ୍ରାଣୀଚିକିତ୍ସକ ମାନଙ୍କ ସହ ସମାନ ପଦୋନ୍ନତି, କେନ୍ଦ୍ର ସରକାରଙ୍କ ଅଧିନରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନଙ୍କ ହାରରେ ଏନପିଏ ପ୍ରଦାନ, ରାଜ୍ୟରେ ପ୍ରାଣିଗଣନା ଓ ଜନସାଧାରଣଙ୍କ ଆବଶ୍ୟକତା ଆଧାରରେ ଡାକ୍ତର ପଦବୀ ସୃଷ୍ଟି ସାଙ୍ଗକୁ ନିଯୁକ୍ତି ଓ କ୍ୟାଡର ପୁନର୍ଗଠନ ଆଦି ଦାବି କରାଯାଇଛି। ଏହି ଧାରଣାରେ ସଂଘର ବାଲେଶ୍ୱର ସଭାପତି ଡ. ଅଜିତ କୁମାର ସାମଲ, ସମ୍ପାଦକ ଡ ଜଗଦିଶ କିଙ୍କର ଚାନ୍ଦ, ଜିଲ୍ଲା ସଂଯୋଜକ ଡ. ଲଲାଟେନ୍ଦୁ କେଶରୀ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

# 'ମାତୃଭାଷାର ଉନ୍ନତିରେ ଏଫ୍‌ଏମ୍‌ୟୁର ପଦକ୍ଷେପ ସର୍ବଦା ସ୍ୱତନ୍ତ୍ର'

ବାଲେଶ୍ୱର, ୧।୨(ସମିସ):




ଓଡ଼ିଆ ଭାଷା ସାହିତ୍ୟକୁ ଯୁବବର୍ଗ ନିକଟରେ ଗ୍ରହଣୀୟ ତଥା ଭାଷାକୁ ସମ୍ମାନସ୍ପଦ କରିବାର ପ୍ରୟାସରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ପ୍ରଯୋଜିତ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ ଓ ଆନ୍ତର୍ଜାତିକ ଆଲୋଚନାଚକ୍ର' କାର୍ଯ୍ୟକ୍ରମ ଗୁରୁବାର ଦିନ ଉଦ୍‌ଯାପିତ ହୋଇଯାଇଛି। ମାତୃଭାଷା ଓ ଏହାର ଉନ୍ନତତର ଭବିଷ୍ୟତକୁ ନେଇ କାର୍ଯ୍ୟକ୍ରମମାନ ଆୟୋଜନରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପଦକ୍ଷେପ ସର୍ବଦା ସ୍ୱତନ୍ତ୍ର। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସୁଦୃଢ ନେତୃତ୍ୱରେ ଆୟୋଜିତ ତଥା ଅଧ୍ୟକ୍ଷତାରେ ଏହି ତିନିଦିନିଆ ସମ୍ମିଳନୀ ଓ ଆନ୍ତର୍ଜାତିକ ଆଲୋଚନା ଚକ୍ରର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳସଚିବ କୁକୁମୀନା ଦାସ, ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, କାର୍ଯ୍ୟକ୍ରମର ସଂଯୋଜକ ଡକ୍ଟର ଦେବାଶିଷ ପାତ୍ର ଓ ସହ ସଂଯୋଜକ ଡ. ଅସୀମ ଅମିତାଭ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଫକୀରମୋହନ ସାହିତ୍ୟ ପରିଷଦ, ରେମୁଣା ସାହିତ୍ୟ ସଂସଦ, ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାରର ସଦସ୍ୟଗଣ ଅଂଶଗ୍ରହଣ କରି ସ୍ୱରଚିତ ଗଳ୍ପ, କବିତା, ସଂକଳନ ଆଦି ପରିବେଷଣ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିମନ୍ତ୍ରିତ ସମସ୍ତ କବି, ସାହିତ୍ୟିକ, ଗାଳ୍ପିକ ଓ ଲେଖକଙ୍କୁ ସମ୍ମାନୀତ କରିବା ସହ ଅଭିନନ୍ଦନ ଜଣାଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ପ୍ରାୟୋଜିତ ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହୋଇଯାଇଥିବା ଓଡ଼ିଆ କବିତା ଲିଖନ, କ୍ଷୁଦ୍ରଗଳ୍ପ ରଚନା, ପ୍ରବନ୍ଧ ଲିଖନ, ହସ୍ତାକ୍ଷର, ଭାଷଣ, କବିତାପାଠ, ଭଜନଗାନ, କୁଇଜ ଓ ନାଟକ ଆଦି ଅନ୍ତଃମହାବିଦ୍ୟାଳୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାନପତ୍ର ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମର ଶେଷଦିନରେ ଡ. ଜୟନ୍ତୀ ରଥ, ଡ. ଅରବିନ୍ଦ ଗିରି, ଡ. ଲଲାଟେନ୍ଦୁ ଦାସ ମହାପାତ୍ର, ଡ. ସୁରେଶ ଛୋଟରାୟ, ଡ଼କ୍ଟର କବିତା ବାରିକ ଓ ନିମନ୍ତ୍ରିତ ଛଅଜଣ ଗାଳ୍ପିକ ଗଳ୍ପପଠନ କରିଥିଲେ। ସନ୍ଧ୍ୟାକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମରେ 'ସ୍ରଷ୍ଟା' ଅନୁଷ୍ଠାନ ଦ୍ୱାରା ପ୍ରଯୋଜିତ ଓ ହେମେନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ରଚିତ ଐତିହ୍ୟ ନାଟକ 'ମୁଁ ହାଟ ବାହୁଡ଼ା' ପରିବେଷଣ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମଟି ପ୍ରଫେସର ଡ଼କ୍ଟର ଦେବାଶିଷ ପାତ୍ରଙ୍କ ତତ୍ତ୍ୱାବଧାନରେ ସହାୟକ ଅଧ୍ୟାପକ ଶଶାଙ୍କ ଶେଖର ଗଡ଼ନାୟକ, ସହାୟକ ଅଧ୍ୟାପିକା ଜିନା ପ୍ରିୟଙ୍କା ଜେଠୀ ଓ ଡ଼କ୍ଟର ଦେବସ୍ମିତା ବାରିକ କାର୍ଯ୍ୟକ୍ରମର ସଞ୍ଚାଳନ କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ। ସମ୍ମିଳନୀର ପ୍ରମୁଖ ଆକର୍ଷଣ ଭାବେ ଶ୍ରୀଜଗନ୍ନାଥଙ୍କ ବତିଶ ବେଶ ଓ ଦଶାବତାର ରୂପ ପ୍ରଦର୍ଶନ ସ୍ଥାନରେ ହରିନାମ ଓ ଭଜନକୀର୍ତ୍ତନର ଆସର ମନଛୁଆଁ ହୋଇଥିଲା।

# ରାଜ୍ୟସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




ବାଲେଶ୍ୱର, ୧।୨(ସମିସ): ପ୍ରିନ୍ସ କଲେଜ୍ ପରିସରରେ ରାଜ୍ୟସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ପଦାର୍ଥବିଜ୍ଞାନ ଭିତ୍ତିକ ଏହି ତିନିଦିନିଆ ଶିବିରକୁ ମୁଖ୍ୟଅତିଥି ଭାବେ ସଦର ବିଧାୟକ ସ୍ୱରୂପ ଦାସ ଯୋଗଦେଇଥିଲେ। ପୌରାଧ୍ୟକ୍ଷା ସବିତା ସାହୁ, ସମାଜସେବୀ ଭାଗବତ ସାହୁ, ମଧୁସ୍ମିତା ସିଂ, ବୈଜ୍ଞାନିକ ଶ୍ରୀନିବାସ ସିଂ, ପ୍ରିନ୍ସ ଶିକ୍ଷା ସମୂହର ଚେୟାରପର୍ସନ ଜ୍ୟୋତିପୁଷ୍ପା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବରେ ଲାତୁର, ମହାରାଷ୍ଟ୍ରରୁ ମୁଖ୍ୟ ପ୍ରଶିକ୍ଷକ ଡକ୍ଟର ଅଜୟ ମହାଜନ ଏବଂ ଓଡ଼ିଶା ମୁଖ୍ୟ ପ୍ରଶିକ୍ଷକ ଭାବରେ ବଲାଙ୍ଗୀରରୁ ଅନୀଲ କୁମାର ନନ୍ଦ ଯୋଗଦେଇ ଏହି ପ୍ରଶିକ୍ଷଣ ଶିବିରର ମୂଳ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣ ନେବା ପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତ ଯଥା ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କଟକ, ପୁରୀ, ଅନୁଗୁଳ, ଜଗତସିଂହପୁର, ବ୍ରହ୍ମପୁର, କେନ୍ଦୁଝର, ବଲାଙ୍ଗୀର ଆଦି ବାରଟି ଜିଲ୍ଲାରୁ ୫୦ରୁ ଅଧିକ ବିଜ୍ଞାନ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ। ଏହି ଶିବିରରେ ଶିକ୍ଷକମାନଙ୍କୁ ପ୍ରଶିକ୍ଷକମାନେ ଅଭିନବ ଶିକ୍ଷାଦାନର ନିୟମ ଏବଂ ଉପଯୋଗ ବିଷୟରେ ତାଲିମ ପ୍ରଦାନ କରିବେ। ଶିବିରରେ ସ୍ୱତନ୍ତ୍ର ତାଲିମ ସହିତ ପଦାର୍ଥ ବିଜ୍ଞାନର ଅନେକ ହାଣ୍ଡ ଅନ୍ କାର୍ଯ୍ୟକଳାପ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମକୁ ସହଯୋଗ ଏବଂ ତ୍ୱରାନ୍ୱିତ କରିବାରେ ଭାରତ ସରକାରଙ୍କ ବିଜ୍ଞାନ ଏବଂ ବୈଷୟିକ ବିଭାଗ ଆନୁକୂଲ୍ୟରେ ଜାତୀୟ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ତଥା ଯୋଗାଯୋଗ ପ୍ରତିଷ୍ଠାନ (ଏନ୍‌ସିଏସ୍‌ଟିସି) ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହି କାର୍ଯ୍ୟକ୍ରମକୁ ସାମନ୍ତ ଚନ୍ଦ୍ରଶେଖର ବିଜ୍ଞାନ କ୍ଲବ୍ (ଏସ୍‌ସିବିସି), ସନ୍ତରୋଗଡ଼ିଆ ଏବଂ ପ୍ରିନ୍ସ କଲେଜ ଯୁଗ୍ମଭାବରେ ଆୟୋଜନ କରିଥିଲେ। ଏହି ଶିବିରରେ ଏସ୍‌ସିବିସି କର୍ମକର୍ତ୍ତା ମିଳନ କୁମାର ରାଉଳ, ସ୍ନେହଲତା ନାୟକ, ପାର୍ବତୀ କବି, ପ୍ରିନ୍ସ କଲେଜ୍ ଅଧ୍ୟକ୍ଷା ବବିତା ବେହେରା, ପଦାର୍ଥ ବିଜ୍ଞାନ ଅଧ୍ୟାପକ ସତ୍ୟମ୍ ଶିବମ୍ ଦାସ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଆସନ୍ତା ୩ ତାରିଖରେ ଏହି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହେବ।

# କୁହୁଡ଼ିର ଚାଦର ତଳେ ସହରଠୁ ଗାଁ



ବାଲେଶ୍ୱର, ୧।୨(ସମିସ): ଗୁରୁବାର ବାଲେଶ୍ୱର ସହରରେ ଘନ କୁହୁଡି ଦେଖିବାକୁ ମିଳିଥିଲା। ଏହି ଘନ କୁହୁଡିରେ ସହର ଠାରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ ଆଚ୍ଛାଦିତ ହୋଇ ରହିଥିଲା। କୁହୁଡିର ମାତ୍ରା ଏତେ ଅଧିକ ଥିଲା ଯେ ରାସ୍ତା ମଧ ଦେଖାଯାଉ ନ ଥିଲା। ବିଶେଷ କରି ଗାଁମାନଙ୍କରେ ଏହି କୁହୁଡିର ପ୍ରଭାବ ଅଧିକ ଦେଖିବାକୁ ମିଳିଥିଲା। ସକାଳ ୯ଟା ପର୍ଯ୍ୟନ୍ତ ଏହି କୁହୁଡି ଛାଡି ନଥିବା ବେଳେ ରାସ୍ତା ସଠିକ ଭାବେ ଦେଖାଯାଉନଥିଲା। ବିଶେଷକରି ଏହି କୁହୁଡିରେ ଜାତୀୟ ରାଜପଥ ଗୁଡିକରେ ଯିବା ଆସିବା କରିବା କଷ୍ଟକର ହୋଇପଡ଼ିଥିଲା।

# ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା

ବାଲେଶ୍ୱର, ୧।୨(ସମିସ): ଇନଟାକ୍ ତରଫରୁ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ 'ମୋ କୀର୍ତ୍ତିରାଜି ଖୋଜ' ଶୀର୍ଷକରେ ଏକ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବାଲେଶ୍ୱର ସହରର ୧୦ଟି ପ୍ରମୁଖ ବିଦ୍ୟାଳୟର ୭ରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ୬୧ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରାରମ୍ଭରେ ଇନଟାକ୍ ର ଆବାହକ ଉଦୟ ରଞ୍ଜନ ଦାସ ପ୍ରତିଯୋଗିତାର ନିୟମାବଳୀ ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ଗବେଷକ ଏବଂ ଦିଲ୍ଲୀସ୍ଥିତ ଏନଆଇଡିର ଅଧ୍ୟାପକ ଡ. କନିକା ଗୁପ୍ତା ପ୍ରତିଯୋଗୀଙ୍କୁ ଉଦବୋଧନ ଦେଇଥିଲେ। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ଡ. ଆଶିଷ ସାହୁ ଓଡ଼ିଶାର ଭାସ୍କର୍ଯ୍ୟ ଓ କଳାର ମହାନତା ବିଷୟରେ ବୁଝାଇଥିଲେ। ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ଇନଟାକ୍ ର ଅତିରିକ୍ତ ସହ ଆବାହକ ନିକୁଞ୍ଜ ବିହାରୀ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଏବଂ ସଭ୍ୟ ହରେନ ରଣା, ଗୌରୀ ଶଙ୍କର ନାୟକ, ସତ୍ୟ ନାରାୟଣ ନନ୍ଦ, ଯୋଶଦା ନନ୍ଦନ ଆଶ୍, ସଲିମ ସୁବାଶା ଓ ବିକାଶ ରଞ୍ଜନ ଦାସଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



# ରେଳବାଇ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାଲେଶ୍ୱର, ୧।୨(ସମିସ): ରେଲୱେ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ସ୍ୱାସ୍ଥ୍ୟକେନ୍ଦ୍ର ସହାୟକ ମଧୁସୂଦନ ନାୟକଙ୍କୁ କର୍ମଚାରୀମାନଙ୍କ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଡାକ୍ତର ଗଜେନ୍ଦ୍ର ନାଥ ପଣ୍ଡା ଓ ଅବସରପ୍ରାପ୍ତ ଫାର୍ମାସିଷ୍ଟ ଗୌର ସାଧନ ମିଶ୍ର ସ୍ୱାସ୍ଥ୍ୟ କେନ୍ଦ୍ର ସହାୟକ ଶ୍ରୀ ନାୟକଙ୍କ ନିଷ୍ଠାପରତା, କାର୍ଯ୍ୟଦକ୍ଷତା ସମ୍ପର୍କରେ ଉଲ୍ଲେଖ କରି ତାଙ୍କର ଅବସରକାଳୀନ ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି କାମନା କରିଥିଲେ। ଏହି ସଭାରେ ସରୋଜିନୀ ଜେନା, ପ୍ରମିଳା ମଲୁଆଳ, ରତ୍ନା ବୋଷ ଓ ନରେନ୍ଦ୍ର ଗୋଛାୟତ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ପରିଦର୍ଶକ ଓମ ଶଙ୍କର, ଶୁଭଲକ୍ଷ୍ମୀ ବେହେରା, ଶିବୁ ହେମ୍ବ୍ରମ ଓ ନୃସିଂହ ସାହୁ ମିଳିତ ଭାବେ ଶ୍ରୀ ନାୟକଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ବର୍ତ୍ତମାନ କାର୍ଯ୍ୟରତ ଫାର୍ମାସିଷ୍ଟ ଅଭିମନ୍ୟୁ ବେହେରା ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ।

## ଖେଳାଳି ନିଲାମୀ ପ୍ରକ୍ରିୟା ଓ ଟ୍ରଫି ଉନ୍ମୋଚନ

# ୧୧ରୁ ପୁରୁଣା ବାଲେଶ୍ୱର ପ୍ରିମିୟର ଲିଗ୍ ସିଜନ୍-୧୦



ବାଲେଶ୍ୱର, ୧।୨(ସମିସ): ପୁରୁଣା ବାଲେଶ୍ୱର ଯୁବକ ସଂଘ ପକ୍ଷରୁ ଆସନ୍ତା ଫେବୃଆରୀ ୧୧ ତାରିଖରୁ ପୁରୁଣା ବାଲେଶ୍ୱର ପ୍ରିମିୟର ଲିଗ ସିଜନ୍-୧୦ର ଶୁଭାରମ୍ଭ ହେବ। ଏ ନେଇ ଗୁରୁବାର ସନ୍ଧ୍ୟାରେ ପବିତ୍ର ରିସ୍ତା ମଣ୍ଡପଠାରେ ଖେଳାଳି ନିଲାମୀ ପ୍ରକ୍ରିୟା ଏବଂ ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୭ ଟି ଟିମ୍ ର ମାଲିକ ଏବଂ ଆଇକନ ଖେଳାଳି ଯୋଗ ଦେଇଥିଲେ। ସତ୍ୟ-୧୧, ଏନ୍ ସି ସି ଟାଇଗର୍, ବାଣେଶ୍ୱର ଓ୍ୱାରିଅରସ୍, ଭାଇରସ ୧୧, ବଜରଙ୍ଗୀ-୧୧, ଏମ୍ ସି ସି ୱାରିଅରସ୍, ଏସ୍ ଏନ୍ ପାନ୍ଥର୍ ଆଦି ୭ଟି ଟିମ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ। ୧୫୦ ଜଣ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବା ପାଇଁ ଆବେଦନ କରିଥିବାବେଳେ ୧୨୫ ଜଣ ଖେଳାଳିଙ୍କୁ ହିଁ ଚୟନ କରାଯିବ ବୋଲି ଆୟୋଜକମାନେ ସୂଚନା ଦେଇଥିଲେ। ପ୍ରତ୍ୟେକ ମ୍ୟାଚ୍ ଆଇପିଏଲ ଢାଞ୍ଚାରେ ୧୫ ଓଭର ବିଶିଷ୍ଟ ଖେଳାଯିବ। ଏଥିପାଇଁ ଦୁଇଟି ପଡ଼ିଆ ପ୍ରସ୍ତୁତ କରାଯାଇଛି।

# ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ




ବାଲେଶ୍ୱର, ୧।୨(ସମିସ):

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ହେରିଟେଜ୍ ହଲରେ ଓଡ଼ିଶା ସରକାରଙ୍କ 'ନୂଆ-ଓ' ପ୍ରାୟୋଜିତ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦଯାପନୀ ସମାରୋହ ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ କୁମାର ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅଧିସ୍ନାତକ ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର୍ ରଞ୍ଜନ କୁମାର ସାହୁ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିବାବେଳେ ବାଣିଜ୍ୟ ବିଭାଗ ମୁଖ୍ୟ ଡ. ଅଭିଜିତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ଘୋଷ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଲୋକାର୍ପଣ ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ-ସରକାରଙ୍କ 'ନୂଆ-ଓ' ପ୍ରାୟୋଜିତ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିବା ବେଳେ କାର୍ଯ୍ୟକ୍ରମର ନୋଡାଲ ଅଫିସର୍ ତଥା ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ସନ୍ତୋଷ କୁମାର ନାୟକ ବିବରଣୀ ପାଠ କରିବା ସହ ନୂଆ ଓଡ଼ିଶାରେ ଦୃଷ୍ଟାନ୍ତମୂଳକ ରୂପାନ୍ତରଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସେ ଆହୁରି ସୂଚନା ଦେଇଥିଲେ ଯେ, ୧୩୫୦ରୁ ଅଧିକ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ୬୦୦ରୁ ଅଧିକ ଅଂଶୀଦାର ରାଜ୍ୟସ୍ତରୀୟ ଆଲୋଚନା ଚକ୍ରରେ, ୫୦୦ ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ପ୍ୟାନେଲ ଆଲୋଚନାରେ ପଞ୍ଜୀକରଣ କରିଥିଲେ। ସଦର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ସରକାରୀ ମହିଳା ମହାବିଦ୍ୟାଳୟ, ବାରିପଦାର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ସୁବାସ ଚନ୍ଦ୍ର ପାତ୍ର, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ତଥା ଫକୀର ମୋହନ ସାହିତ୍ୟ ପରିଷଦର ଭୂତପୂର୍ବ ସଭାପତି ପ୍ରଫେସର ଡ. ଶିରୀଶ ଚନ୍ଦ୍ର ଜେନା ଓ ଖ୍ୟାତନାମା ସାହିତ୍ୟିକ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ଶ୍ରୀ ଦାସ ମୁଖ୍ୟମନ୍ତ୍ରୀ ଓ ଓଡ଼ିଶା ସରକାରଙ୍କ ଏପରି ଉନ୍ନତି ମୂଳକ ପ୍ରୟାସର ଭୂୟସୀ ପ୍ରଶଂସା କରିବା ସହ ଓଡ଼ିଆ ଅସ୍ମିତାର କଥା କହି ଶ୍ରୀଜଗନ୍ନାଥ ସଂସ୍କୃତିକୁ ଆମର ପରିଚୟ ବୋଲି କହିଥିଲେ। ସେହିପରି ଡ. ପାତ୍ର ଆୟୋଜିତ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମମାନଙ୍କର ସଫଳତା ତଥା ଏଥିର ଅଂଶଗ୍ରହଣ ପରିସଂଖ୍ୟାନ କୁ ନେଇ ଭୂୟସୀ ପ୍ରଶଂସା କରି ମଣିଷର ଆଭ୍ୟନ୍ତରୀଣ ଇଂଜିନିୟରିଂରେ ଏହା ସହାୟକ ହେବ ବୋଲି ଆସ୍ଥା ପ୍ରକଟ କରିଥିଲେ। ଡ. ଜେନା ଓଡ଼ିଆକୁ ଜ୍ଞାନ ବିଜ୍ଞାନର ଭାଷା ଭାବରେ ପ୍ରତିଷ୍ଠିତ କରିବାକୁ ହେବ ବୋଲି ମତ ପ୍ରକାଶ କରିବା ସହ ଓଡ଼ିଆ ଭାଷାର ଐତିହ୍ୟ ଓ ସମୃଦ୍ଧ ପରମ୍ପରା କଥା କହିଥିଲେ। ସେହିପରି ନୂଆ - ଓ ଜିଲ୍ଲା ନୋଡାଲ ଅଧିକାରୀ ଡ. ସୁବ୍ରତ କୁମାର ରଣା ସରକାରଙ୍କ ଏହି ପ୍ରୟସର୍ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅତିଥିଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ସ୍ୱରୂପ ବିଜେତାମାନଙ୍କୁ ମାନପତ୍ର, ବିଜୟ ସ୍ମାରକୀ ଓ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଜେତାଙ୍କୁ ଯଥାକ୍ରମେ ଟ୩୦୦୦ଙ୍କା, ଟ୨୦୦୦ଙ୍କା ଓ ଟ୧୦୦୦ଙ୍କା ନଗଦ ଅର୍ଥରାଶି ପ୍ରଭୃତି ପ୍ରଦାନ କରାଯାଇଥିଲା। ଏତତ୍ ଭିନ୍ନ ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ସ୍ୱରୂପ ପ୍ରଶଂସାପତ୍ର ସହ ସ୍ମାରକୀ ଓ ସୁଦୂର ଟରୋଣ୍ଟୋ, କାନାଡ଼ାରୁ ପ୍ରକାଶିତ ଶ୍ରୀଜଗନ୍ନାଥଙ୍କ ଉପରେ ଲିଖିତ ଏକ ଗବେଷଣାତ୍ମକ ପୁସ୍ତକ ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା। ରସାୟନ ବିଭାଗର ସହକାରୀ ପ୍ରଫେସର ଡ. ବଳଦେବ ଆଶ, ନୃତତ୍ତ୍ୱ ବିଭାଗର ପ୍ର. ପ୍ରଶାନ୍ତ କୁମାର ସାହୁ ଓ ଡ. ଅଭିଜିତ ଦାସ ଏଥିରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲାବେଳେ ପରିଶେଷରେ ଆନୁଷ୍ଠାନିକ ଭାବେ ପ୍ରଫେସର୍ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ।

# 'ଆପଣ ଏକା ନୁହଁନ୍ତି' ଟ୍ରଷ୍ଟର ସହାୟତା



ବାଲେଶ୍ୱର, ୧।୨ (ସମିସ): ବାଲେଶ୍ୱର ସହର ବଧି ଅଞ୍ଚଳର ରାମ ମାରାଣ୍ଡି(୨୫)ଙ୍କ ପରିବାର କହିଲେ ବୃଦ୍ଧ ମା ଆଉ ବଡ଼ ଭଉଣୀ। ପରିବାରଟି ଅତ୍ୟନ୍ତ ଗରିବ ଓ ଅସହାୟ ହୋଇଥିବାବେଳେ ଖଟିଲେ ପେଟକୁ ଦିମୁଠା ଦାନ ମିଳେ। ରାମ ମାରାଣ୍ଡି ନିଜ ବନ୍ଧୁଙ୍କ ସହ ନିଜ ବଡ଼ ଭଉଣୀଙ୍କ ଘରକୁ ଆସିବା ବାଟରେ ଜାମୁଝାଡ଼ି ବାରୁଣୀ ନିକଟରେ ତାଙ୍କର ସଡ଼କ ଦୁର୍ଘଟଣା ହେଲା। ଉକ୍ତ ସ୍ଥାନରେ ତାଙ୍କ ବନ୍ଧୁଙ୍କ ମୃତ୍ୟୁ ହୋଇଥିବାବେଳେ ରାମ ଗୁରୁତର ଆହତ ହୋଇ କଟକ ବଡ଼ ମେଡ଼ିକାଲକୁ ନିଆଯାଇଥିଲା। ସେ ଚିକିତ୍ସା ହେବା ପରେ ତାଙ୍କର ଗୋଡ଼ର ହାଡ଼ ଭାଙ୍ଗି ଯାଇଥିବା ବେଳେ ଯୋଡ଼ିବା ପାଇଁ ଷ୍ଟିଲ ରଡ୍ ଅପରେସନ କରି ଲଗାଯାଇଥିଲା। ଡାକ୍ତର ମଧ ଦେଢ଼ ମାସ ପରେ ରଡ୍ କାଢ଼ି ଅପରେସନ କରିବା ପାଇଁ ପରାମର୍ଶ ଦେଇଥିଲେ। ପରିବାର ଅଭାବ ଅନଟନରୁ ଦୀର୍ଘ ଦିନ ହେବ ରାମଙ୍କ ଚିକିତ୍ସା ହୋଇ ପାରୁନଥିଲା। ଅପରେସନ ଆଉ ଚିକିତ୍ସା ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଥିଲା। ତେବେ ଦୁର୍ଘଟଣା ପରଠୁ ରାମ ସିମୁଳିଆ ବ୍ଲକ ମଇତାପୁରରେ ରହୁଥିବା ଭଉଣୀଙ୍କ ପାଖରେ ରହି ଚିକିତ୍ସିତ ହେଉଛନ୍ତି। ତେବେ ଉକ୍ତ ଅଞ୍ଚଳର 'ଆପଣ ଏକା ନୁହନ୍ତି' ଟ୍ରଷ୍ଟର ସଦସ୍ୟ ଅକ୍ଷୟ ଜେନା ଏପରି ଏକ ହୃଦୟ ବିଦାରକ ଖବର ପାଇବା ପରେ ତୁରନ୍ତ ସଂଗଠନ ସଭାପତି ଅଜୟ କୁମାର ମହାନ୍ତି ଏବଂ ସମ୍ପାଦକ ସୁଶାନ୍ତ କୁମାର ବେହେରାଙ୍କୁ ଜଣାଇଥିଲେ। ସଂଗଠନ ସଭାପତି ଓ ସମ୍ପାଦକଙ୍କ ତତ୍ତ୍ୱାବଧାନରେ ଆପଣ ଏକା ନୁହନ୍ତି ଟ୍ରଷ୍ଟର ସଦସ୍ୟ ଅକ୍ଷୟ ଜେନା, ରାମକୃଷ୍ଣ ବେହେରା, ପ୍ରଶାନ୍ତ, ମାୟାନିଧି, ସିବାନନ୍ଦ ପାଢ଼ୀ, ଆଦିତ୍ୟ କୁମାର ପାଢ଼ୀ, ବିନୟ କୁମାର ପରିଡ଼ାଙ୍କ ସହଯୋଗ କ୍ରମେ ଟ୍ରଷ୍ଟର ଟିମ୍ ଯାଇ ରାମଚନ୍ଦ୍ରଙ୍କୁ ଷ୍ଟ୍ରେଚରରେ ଆଣି ଗାଡ଼ି ମାଧ୍ୟମରେ ଭଦ୍ରକର ଏକ ମଲ୍ଟି ସ୍ପେଷାଲିଷ୍ଟ ହସ୍ପିଟାଲକୁ ପଠାଇବାର ବ୍ୟବସ୍ଥା କରିବା ସହ ନଗଦ କିଛି ଆର୍ଥିକ ସହାୟତାର ହାତ ବଢ଼େଇଥିଲେ।



ଅର୍ଥମନ୍ତ୍ରୀଙ୍କ ବଜେଟ୍ ଟିମ୍

## ଆୟକର ସ୍ଲାବ୍ ଅପରିବର୍ତ୍ତିତ

# କରଦାତା, ଚାକିରିଆ ନିରାଶ

ନୂଆଦିଲ୍ଲୀ,୧।୨(ଏଜେନ୍ସି): ଅନ୍ତରୀଣ ବଜେଟରେ ସାଧାରଣ ଲୋକଙ୍କୁ ସରକାର ଆୟକରରେ କୌଣସି ପ୍ରକାର ରିଆତି ଦେଇନାହାଁନ୍ତି। ନିର୍ବାଚନୀ ବର୍ଷରେ ସମସ୍ତଙ୍କ ଆଶା ଥିଲା ଅର୍ଥ ମନ୍ତ୍ରୀ ଏହି ବଜେଟରେ ସେମାନଙ୍କୁ ବଡ଼ ଧରଣର ଆଶ୍ୱସ୍ତି ପ୍ରଦାନ କରିବେ। ହେଲେ ବଜେଟରେ ସେମିତି କିଛି ହୋଇନାହିଁ। ଯଦି ଆପଣ ପୁରୁଣା ଟିକସ ବ୍ୟବସ୍ଥା ଚୟନ କରନ୍ତି, ତେବେ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆପଣଙ୍କର ଆୟ ଟିକସମୁକ୍ତ ରହିବ। ତେବେ, ଆୟକର ଅଧିନିୟମର ଧାରା ୮୭ଏ ଅନୁଯାୟୀ, ଆପଣ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ସଞ୍ଚୟ କରିପାରିବେ। ନୂତନ ଟିକସ ବ୍ୟବସ୍ଥା ବାଛିବାବେଳେ ଆପଣଙ୍କୁ ପୂର୍ବ ପରି ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ଦେବାକୁ ପଡିବନାହିଁ। ଏଥିରେ ମଧ ଆୟକର ଅଧିନିୟମର ଧାରା ୮୭ ଏ ଅନୁଯାୟୀ ବେତନ ପ୍ରାପ୍ତ ବ୍ୟକ୍ତିମାନେ ୭.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ଛାଡ ସୁବିଧା ପାଇପାରିବେ। ଅନ୍ୟମାନେ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ରିଆତି ପାଇପାରିବେ।

ତେବେ ବଜେଟରେ ପୁରୁଣା ବିଚାରାଧୀନ ଟିକସ ମାମଲାରେ ଏଥର ଅର୍ଥମନ୍ତ୍ରୀ କିଛିଟା ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଏହା ଅଧୀନରେ ୧୯୬୨ରୁ ଆର୍ଥିକବର୍ଷ ୨୦୦୯-୧୦ ପର୍ଯ୍ୟନ୍ତ ବିଚାରାଧୀନ ପ୍ରତ୍ୟକ୍ଷ ଟିକସ ମାମଲାରେ ଟିକସ ଛାଡ କରାଯିବ। ଯଦିଓ, ଆପଣଙ୍କ ଉପରେ ଦିଆଯିବାକୁ ଥିବା ଟିକସ ପରିମାଣ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଥାଏ ତାହେଲେ ଆପଣ ରିଆତି ପାଇବେ।




**୩ ଲକ୍ଷ ପର୍ଯ୍ୟନ୍ତ ଆୟ ଟିକସମୁକ୍ତ**

**୮୭ଏ ଅଧୀନରେ ୭.୫ ଲକ୍ଷ ପର୍ଯ୍ୟନ୍ତ ଆୟରେ ଟିକସ ଛାଡ଼**

### ନୂଆ ଆୟକର ସ୍ଲାବ୍

| ଆୟ (ଟଙ୍କାରେ ବାର୍ଷିକ ଭିତ୍ତିରେ) | ଟିକସ (ପ୍ରତିଶତରେ) |
|---|---|
| ୦-୩ ଲକ୍ଷ | ଶୂନ୍ୟ |
| ୩-୬ଲକ୍ଷ | ୫% |
| ୬-୯ ଲକ୍ଷ | ୧୦% |
| ୯-୧୨ଲକ୍ଷ | ୧୫% |
| ୧୨-୧୫ଲକ୍ଷ | ୨୦% |
| ୧୫ଲକ୍ଷ ଏବଂ ତା'ରୁ ଅଧିକ | ୩୦% |

### କାହାକୁ କେତେ

| ମନ୍ତ୍ରଣାଳୟ | କୋଟିରେ (ଟଙ୍କା)ରେ |
|---|---|
| ପେନ୍‌ସନ୍ | ୨,୩୯,୬୧୨ |
| ପ୍ରତିରକ୍ଷା | ୪,୫୪,୭୭୩ |
| ସବ୍‌ସିଡି | ୩,୮୧,୧୭୫ |
| କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ | ୧,୪୬,୮୧୯ |
| ବାଣିଜ୍ୟ ଓ ଶିଳ୍ପ | ୪୫୯୫୧ |
| ଉତ୍ତର ପୂର୍ବାଞ୍ଚଳ ବିକାଶ | ୫,୯୦୦ |
| ଶିକ୍ଷା | ୧,୨୪,୬୩୮ |
| ଶକ୍ତି | ୭୬,୩୦୨ |
| ବହିଃବ୍ୟାପାର | ୨୨,୧୫୫ |
| ଅର୍ଥ | ୮୭,୬୪୨ |
| ସ୍ୱାସ୍ଥ୍ୟ | ୯୦୧୭୧ |
| ସ୍ୱରାଷ୍ଟ୍ର ବ୍ୟାପାର | ୧,୩୯,୩୨୮ |
| ସୁଧ | ୧୧,୯୦,୪୪୦ |
| ଆଇଟି ଓ ଟେଲିକମ୍ | ୧,୧୫,୭୫୨ |
| ଯୋଜନା ଓ ପରିସଂଖ୍ୟାନ | ୬,୨୯୧ |
| ଗ୍ରାମ୍ୟ ବିକାଶ | ୨,୬୫,୮୦୮ |
| ବିଜ୍ଞାନ ବିଭାଗ | ୩୨,୧୬୯ |
| ସାମାଜିକ କଲ୍ୟାଣ | ୫୬୫୦୧ |
| ଟିକସ ପ୍ରଶାସନ | ୨,୦୩,୨୯୭ |
| ରାଜ୍ୟକୁ ହସ୍ତାନ୍ତର | ୨,୮୬,୭୮୭ |
| ପରିବହନ | ୫,୪୪,୦୩୯ |
| କେନ୍ଦ୍ର ଶାସିତ ଅଞ୍ଚଳ | ୬୩,୫୪୧ |
| ସହରାଞ୍ଚଳ ବିକାଶ | ୭୭,୫୨୪ |
| ଅନ୍ୟାନ୍ୟ | ୧୨୩,୧୩୬ |
| ମୋଟ | ୪୭,୬୫,୭୬୮ |

# ଫିକା ପଡ଼ିଲା ଶସ୍ତା ମହଙ୍ଗା ଆଶା

## ତେଲ, ରନ୍ଧନ ଗ୍ୟାସ୍ କଷ୍ଟ କମିଲାନି

**ନିର୍ବାଚନୀ ବଜେଟ**

ନୂଆଦିଲ୍ଲୀ, ୧।୨ (ଏଜେନ୍ସି): ନିର୍ବାଚନ ବର୍ଷ ହୋଇଥିବାରୁ ଅର୍ଥମନ୍ତ୍ରୀ ଆଣିଥିଲେ ଅନ୍ତରୀଣ ବଜେଟ। ଥିଲା। ଏକ କାମଚଲା ବଜେଟ ହୋଇଥିଲେ ବି ଜନସାଧାରଣ ବିଶେଷ କରି ସାଧାରଣ ଖାଉଟି ଏଥିରୁ ଅନେକ କିଛି ଆଶା ରଖିଥିଲେ। କୌଣସି ବଜେଟ ପରେ ଲୋକେ ସବୁଠୁ ଅଧିକ ଯାହା ଜାଣିବାକୁ ଚାହିଁଥାନ୍ତି ତାହା ହେଉଛି କ'ଣ ଶସ୍ତା ଓ କ'ଣ ମହଙ୍ଗା ହେଲା। ସବୁଠୁ ବଡ଼ କଥା ହେଉଛି ସୀତାରମଣଙ୍କ ଏହି ବଜେଟରେ କିଛି ବି ଜିନିଷ ଶସ୍ତା ହୋଇ ନାହିଁ କି ମହଙ୍ଗା ମଧ ହୋଇନାହିଁ। କାରଣ ସରକାର ବଜେଟ୍ରେ କେବଳ ସୀମା ଓ ଉତ୍ପାଦ ଶୁଳ୍କ ହ୍ରାସ ଘଟାଇଛନ୍ତି, ଯାହାର ପ୍ରଭାବ ଅଳ୍ପ କିଛି ହାତଗଣତି ଜିନିଷ ଉପରେ ପଡୁଛି। ଏଥର ବଜେଟରେ ସାଧାରଣ ଖାଉଟି ମହଙ୍ଗା ବଜଶର ଦରରୁ ଉପଶମ ଚାହୁଁଥିବାବେଳେ ଏ କ୍ଷେତ୍ରରେ କୌଣସି ବି ପଦକ୍ଷେପ ନିଆଯାଇନାହିଁ।

# ପୁଞ୍ଜିବଜାର ଅସୁଖୀ

ମୁମ୍ବାଇ, ୧।୨ (ଏଜେନ୍ସି): ସଂସଦରେ ଆଗତ ହୋଇଥିବା ଅନ୍ତରୀଣ ବଜେଟର ପ୍ରଭାବ ଘରୋଇ ଷ୍ଟକ୍ ବଜାର ଉପରେ ପଡିଛି। ଅର୍ଥମନ୍ତ୍ରୀଙ୍କ ଦ୍ୱାରା ହୋଇଥିବା ଘୋଷଣାମାନ ବଜାର ଯେପରି ଚାହୁଁଥିଲା ସେପରି ସମର୍ଥନ ପାଇନାହିଁ। ଏହାଫଳରେ ତଳମୁହାଁ ହୋଇଛି ସେନସେକ୍ସ। ମୋଟାମୋଟି ଭାବେ ପୁଞ୍ଜି ବଜାରକୁ ପସନ୍ଦ ଆସିନାହିଁ କେନ୍ଦ୍ରର ଏହି ବଜେଟ। ଏଥିଯୋଗୁ ଗୁରୁବାର ସେନସେକ୍ସ ୧୦୬.୮୧ ପଏଣ୍ଟ ଅର୍ଥାତ୍ ୦.୧୫ ପ୍ରତିଶତ ହ୍ରାସ ଘଟିଛି। ଏଥିଯୋଗୁ ନିବେଶକମାନେ ବିପୁଳ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ବିଏସଇ ସୂଚୀବଦ୍ଧ କମ୍ପାନୀଗୁଡିକର ବଜାର ପୁଞ୍ଜିରେ ପାଖାପାଖି ୩୫ ହଜାର କୋଟି ଟଙ୍କା ହ୍ରାସ ହୋଇଛି।

**ସେନ୍‌ସେକ୍ସ ଖସିଲା, ନିବେଶକ ହରାଇଲେ ୩୫ ହଜାର କୋଟି**



### ବଜେଟ ଝଲକ୍

(କୋଟି ଟଙ୍କାରେ)

| | ୨୦୨୨-୨୩ (ବାସ୍ତବ) | ୨୦୨୩-୨୪ ବଜେଟ ଆକଳନ | ୨୦୨୩-୨୪ ସଂଶୋଧିତ ଆକଳନ | ୨୦୨୪-୨୫ ବଜେଟ ଆକଳନ |
|---|---|---|---|---|
| ରାଜସ୍ୱ ଆୟ | ୨୩,୮୩,୨୦୬ | ୧୮,୦୯,୯୫୧ | ୨୬,୯୯,୭୧୩ | ୩୦.୦୧୨୭୫ |
| ପୁଞ୍ଜି ରାଜସ୍ୱ | ୧୮.୦୯,୯୫୧ | ୧୮,୭୦୮୧୬ | ୧୭,୯୦,୭୭୩ | ୧୭,୬୪,୪୯୪ |
| ମୋଟ ରାଜସ୍ୱ | ୩୪,୫୩,୧୩୨ | ୩୫,୦୨,୧୩୬ | ୩୫,୪୦,୨୩୯ | ୩୬,୫୪,୬୫୭ |
| ପୁଞ୍ଜି ରାଜସ୍ୱ | ୭,୪୦,୦୨୫ | ୧୦,୦୦,୯୬୧ | ୯୫୦,୨୪୬ | ୧୧,୧୧,୧୧୧ |

**୧ ଟଙ୍କାର ବଜେଟ୍**







# ପ୍ରତିରକ୍ଷା କ୍ଷେତ୍ର ପାଇଁ ସବୁଠୁ ଅଧିକ ୬.୨ ଲକ୍ଷ କୋଟି

୨୦୨୪-୨୫ ବଜେଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରତିରକ୍ଷା ବିଭାଗକୁ ସବୁଠୁ ଅଧିକ ଗୁରୁତ୍ୱ ଦେଇଛନ୍ତି। କାରଣ ଅନ୍ୟ ଯେକୌଣସି କ୍ଷେତ୍ର ତୁଳନାରେ ପ୍ରତିରକ୍ଷା ବିଭାଗ ପାଇଁ ସବୁଠୁ ଅଧିକ ଅର୍ଥ ବ୍ୟବସ୍ଥା କରାଯାଇଛି। ୨୦୨୩-୨୪ ପ୍ରତିରକ୍ଷା ବଜେଟ୍ ତୁଳନାରେ ଚଳିତ ବଜେଟ୍ରେ ୧୮.୩୫ ପ୍ରତିଶତ ବୃଦ୍ଧିରେ ମୋଟ ୬.୨ ଲକ୍ଷ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି। ଏଥିରେ ପ୍ରତିରକ୍ଷା ବିଭାଗର ବୈଷୟିକ ବିକାଶ ପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ଏଥିପାଇଁ ଏକ ନୂତନ ଯୋଜନା ପ୍ରଣୟନ କରିବାକୁ ବ୍ୟବସ୍ଥା କରାଯାଇଛି। ମୋଟ ଅର୍ଥ ବ୍ୟବସ୍ଥା ମଧ୍ୟରୁ କେବଳ ସ୍ଥଳସେନା ପାଇଁ ୧.୭୨ ଲକ୍ଷ କୋଟିର ପୁଞ୍ଜି ବ୍ୟବସ୍ଥା କରାଯାଇଛି। ସେହିପରି ପ୍ରତିରକ୍ଷା ପେନସନ ପାଇଁ ୧.୪ ଲକ୍ଷ କୋଟି ଏବଂ ପ୍ରତିରକ୍ଷା ସେବା ପାଇଁ ୨.୮ ଲକ୍ଷ କୋଟି ଟଙ୍କା ବ୍ୟୟ ବ୍ୟବସ୍ଥା ରହିଛି। ଗତ ଆର୍ଥିକ ବର୍ଷରେ ପ୍ରତିରକ୍ଷା ବିଭାଗ ପାଇଁ ପ୍ରାୟ ୬ ଲକ୍ଷ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଥିଲା ବେଳେ ଏହା ମୋଟ୍ ବଜେଟର ପାଖାପାଖି ୧୩ ପ୍ରତିଶତ ରହିଥିଲା। କିନ୍ତୁ ଚଳିତ ବଜେଟ୍ରେ ପ୍ରତିରକ୍ଷା ବିଭାଗର ଅଂଶ ମୋଟ ବଜେଟର ୮ ପ୍ରତିଶତ ରହିଛି। ତେବେ ବଜେଟ୍ ଅତ୍ୟନ୍ତ ଉତ୍ସାହଜନକ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ସାଂପ୍ରତିକ ସ୍ଥିତିରେ ପ୍ରତିରକ୍ଷା ବିଭାଗର ବୈଷୟିକ ଦିଗରେ ଉନ୍ନତି ଅଣାଯିବା ସହିତ ଅସ୍ତ୍ରଶସ୍ତ୍ର ଏବଂ ଆନୁଷଙ୍ଗିକ ସରଞ୍ଜାମର ଅତ୍ୟାଧୁନିକୀକରଣ କରାଯିବାର ଯଥେଷ୍ଟ ଆବଶ୍ୟକତା ରହିଛି। କେନ୍ଦ୍ର ସରକାର ମେକ୍ ଇନ ଇଣ୍ଡିଆ ଯୋଜନା ମାଧ୍ୟମରେ ଏବଂ ସ୍ୱଦେଶୀ ଜ୍ଞାନ କୌଶଳ ଉପଯୋଗରେ ଏହାକୁ ସଫଳ କରିବାକୁ ପ୍ରାଥମିକତା ଦେଇଛନ୍ତି। ସେହି ଅନୁସାରେ ଚଳିତ ବର୍ଷ ବଜେଟ୍ରେ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ସର୍ବାଧିକ ଅର୍ଥ ଆବଣ୍ଟନ କରାଯାଇଥିବା କୁହାଯାଇଛି।



# ଗୋଳାବାରୁଦ, ଯୁଦ୍ଧ ବିମାନ କିଣା ପାଇଁ ଅଳ୍ପ ବଢ଼ିଲା ଅନୁଦାନ

ବିଭିନ୍ନ ଦେଶ ମଧ୍ୟରେ ଯୁଦ୍ଧର ଘନଘଟା ଲାଗି ରହିଥିବା ବେଳେ କୌଣସି ମୂହୁର୍ତ୍ତରେ ବି ଦେଶ ଦେଶ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବାର ଆଶଙ୍କା ରହିଛି। ଏପରିସ୍ଥଳେ କିନ୍ତୁ ଭାରତ ଯୁଦ୍ଧାସ୍ତ୍ର କ୍ରୟକୁ ପ୍ରାଧାନ୍ୟ ଦେଇ ନାହିଁ। ଚଳିତ ବଜେଟରେ ଭାରତ ସରକାର କ୍ୟାପିଟାଲ ଏକ୍ସପେଣ୍ଡିଚର୍ ବର୍ଗରେ ଅର୍ଥାତ୍ ହତିଆର ଓ ଜରୁରୀ ସାମଗ୍ରୀ କିଣିବା ପାଇଁ ୧.୬୨ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଏହା ମାତ୍ର ୧୦,୨୩୧ କୋଟି ଅଧିକ। ୨୦୨୩-୨୪ରେ କେନ୍ଦ୍ର ସରକାର କ୍ୟାପିଟାଲ ଏକ୍ସପେଣ୍ଡିଚର୍ ବାବଦରେ ୧.୫୨ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରିଥିଲେ। ଭାରତୀୟ ସେନାର କ୍ଷମତା ଦୃଷ୍ଟିରୁ ଏହି ବର୍ଗରେ ପାଣ୍ଠି ଆବଣ୍ଟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ଏହି ଅର୍ଥରେ ଅସ୍ତ୍ରଶସ୍ତ୍ର ସମେତ ଯୁଦ୍ଧ ବିମାନ, ଗୋଳାବାରୁଦ ଆଦି କ୍ରୟ କରାଯାଏ। ଚଳିତ ବର୍ଷ ବଜେଟରେ ଭାରତୀୟ ସେନାରେ ବାୟୁ ସେନାକୁ ସର୍ବାଧିକ ୫୭ ହଜାର କୋଟି ଟଙ୍କା ମିଳିଛି। ସେହିପରି ଭାରତୀୟ ନୌସେନା ଏବଂ ସ୍ଥଳ ସେନାକୁ ଯଥାକ୍ରମେ ୫୨ ହଜାର କୋଟି ଏବଂ ୩୭ ହଜାର କୋଟି ଟଙ୍କା ମିଳିଛି।





# କୋଟିଏ ପରିବାରଙ୍କ ପାଇଁ ମାସିକ ମାଗଣା ୩୦୦ ୟୁନିଟ୍ ବିଜୁଳି

ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟୋଦୟ ଯୋଜନା ଅଧୀନରେ ଏବଂ ଛାତ ଉପର ସୌରଶକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ମାଗଣା ବିଜୁଳି ଯୋଗାଇ ଦେବା ଲକ୍ଷ୍ୟରେ ୨୦୨୪-୨୫ ବଜେଟ୍ରେ ବ୍ୟବସ୍ଥା କରାଯାଇଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ଏହି ଯୋଜନା ମାଧ୍ୟମରେ ପ୍ରାୟ ଏକ କୋଟି ପରିବାରଙ୍କୁ ମାଗଣାରେ ମାସିକ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଉପଲବ୍ଧ ହେବ। ଏହି ଯୋଜନା ମାଧ୍ୟମରେ ଜଣେ ଉପଭୋକ୍ତା ତାଙ୍କର ବଳକା ବିଜୁଳିକୁ ମଧ ବିଦ୍ୟୁତ୍ ବିତରଣକାରୀ ସଂସ୍ଥାଙ୍କୁ ବିକ୍ରୟ କରି ଲାଭବାନ ହୋଇପାରିବେ। ଏହାଦ୍ୱାରା ପ୍ରାୟ ୧୮ ହଜାର କୋଟି ଟଙ୍କା ସଞ୍ଚୟ କରାଯାଇପାରିବ। ଏଥିପାଇଁ ପାଖାପାଖି ୨୦ ହଜାର କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ରାମ ମନ୍ଦିର ପ୍ରତିଷ୍ଠା ପରେ ଏହି ଯୋଜନା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ। ଏହି ଯୋଜନାରେ ଲୋକଙ୍କ ଘର ଛାତ ଉପରେ ସୌର ପ୍ୟାନେଲ ଲଗାଇବା ଲକ୍ଷ୍ୟ ରଖାଯାଇଛି। ଯାହା ଲୋକଙ୍କୁ ବିଦ୍ୟୁତ୍ ବିଲ୍ ସଞ୍ଚୟ କରିବାରେ ସାହାଯ୍ୟ କରିପାରିବ। ପ୍ରାଥମିକ ପର୍ଯ୍ୟାୟରେ ଏହି ଯୋଜନାରେ ୧ କୋଟି ଘରେ ସବୁଜ ବିଦ୍ୟୁତ ବ୍ୟବସ୍ଥା କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହାକୁ ନେଇ ଖୁବ ଶୀଘ୍ର କେନ୍ଦ୍ର ସରକାରଙ୍କ ଦ୍ୱାରା ଜାତୀୟ ସ୍ତରରେ ଅଭିଯାନ ଆରମ୍ଭ କରାଯିବ ବୋଲି କୁହାଯାଇଛି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟୋଦୟ ଯୋଜନା ଗ୍ରାହକଙ୍କ ବିଦ୍ୟୁତ୍ ବିଲ୍ ହ୍ରାସ କରିବ ଏବଂ ଅର୍ଥ ସଞ୍ଚୟ କରିବାରେ ସହାୟତା କରିବ। ସରକାରୀ ଚାକିରିଆଙ୍କ ପାଇଁ ମଧ ପ୍ରଧାନମନ୍ତ୍ରୀ ସୂର୍ଯ୍ୟୋଦୟ ଯୋଜନାର ଲାଭ ଉପଲବ୍ଧ ହେବ।

प्रधान मंत्री आवास योजना
Pradhan Mantri Awas Yojana

# ପିଏମ୍ ଆବାସ୍ ଯୋଜନା ପାଇଁ ୮୦,୬୭୧ କୋଟି

୨୦୨୪-୨୫ ବଜେଟ୍ରେ ଗୃହ ନିର୍ମାଣ କ୍ଷେତ୍ର ପାଇଁ ମୋଟ ୮୦,୬୭୧ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ପିଏମ ଆବାସ ଯୋଜନାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୩ କୋଟି ଗୃହ ନିର୍ମାଣ କରାଯାଇସାରିଥିବା ବେଳେ ଆଗାମୀ ୫ ବର୍ଷ ମଧ୍ୟରେ ଆଉ ୨ କୋଟି ବାସଗୃହ ନିର୍ମାଣ କରାଯିବ ବୋଲି ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ଅନ୍ୟପକ୍ଷରେ ଆଗକୁ ନିର୍ବାଚନ ଥିବାରୁ ମଧ୍ୟବିତ୍ତ ବର୍ଗଙ୍କୁ ଖୁସି କରିବାକୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଏକ ଗୃହ ନିର୍ମାଣ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ନିର୍ମଳା ଘୋଷଣା କରିଛନ୍ତି ।ସେ କହିଛନ୍ତି ଯେ, କହିଛନ୍ତି ଯେ ମଧ୍ୟବିତ୍ତ ଲୋକଙ୍କୁ ଘର କିଣିବା ଏବଂ ଘର ନିର୍ମାଣ କରିବା ପାଇଁ ସରକାର ଆର୍ଥିକ ସହାୟତା ଯୋଗାଇ ଦେବେ। ମଧ୍ୟବିତ୍ତ ଶ୍ରେଣୀର ଯେଉଁ ଲୋକମାନେ ବସ୍ତି, ଚାଳ କିମ୍ବା ଭଡ଼ା ଘରେ ରହୁଛନ୍ତି ସେମାନଙ୍କ ପାଇଁ ଘର କିଣିବା କିମ୍ବା ନିର୍ମାଣ କରିବାରେ ସରକାର ସହାୟତା କରିବେ। ଏଥିପାଇଁ ରିଆତି ସୁଧ ହାରରେ ବ୍ୟାଙ୍କ ଋଣ ଉପଲବ୍ଧ କରାଯିବ ଏବଂ କଲୋନୀ କିମ୍ବା ଭଡ଼ା ଘରେ ରହୁଥିବା ଲୋକମାନେ ଏହି ଯୋଜନାରେ ଉପକୃତ ହେବେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ସେହିପରି ଅନଧିକୃତ କଲୋନୀରେ ରହୁଥିବା ଲୋକମାନେ ମଧ ନିଜର ଘର କିଣିବା କିମ୍ବା ନିର୍ମାଣ ପାଇଁ ସହାୟତା ପାଇବେ ବୋଲି ସେ କହିଛନ୍ତି।

**ମଧ୍ୟବିତ୍ତଙ୍କ ପାଇଁ ଗୃହ ଯୋଜନା; ରିଆତି ସୁଧରେ ମିଳିବ ଋଣ**

# ପୂର୍ବତଟ ରେଳପଥକୁ ୧୦, ୫୩୬ କୋଟି



କେନ୍ଦ୍ର ସରକାର ଆଜି ଉପସ୍ଥାପନ କରିଥିବା ଅନ୍ତରୀଣ ବଜେଟରେ ପୂର୍ବତଟ ରେଳପଥକୁ ୧୦,୫୩୬କୋଟି ଟଙ୍କା ଦେଇଛନ୍ତି। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଏହା ପ୍ରାୟ ୫୦୦ କୋଟି ଅଧିକ। ବଜେଟ ଉପସ୍ଥାପନ ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ଗତ ତିନିବର୍ଷ ହେଲା ଓଡ଼ିଶାକୁ ପ୍ରାୟ ୧୦ ହଜାର କୋଟି ଟଙ୍କାର ପାଣ୍ଠି ମିଳୁଛି। ୧୦ବର୍ଷ ପୂର୍ବରୁ ରେଳବାଇ କ୍ଷେତ୍ରରେ ଓଡ଼ିଶାକୁ ଯେଉଁ ଅବହେଳା କରାଯାଉଥିଲା, ତାହା ଆଜି ନାହିଁ। ନୂଆ ପ୍ରକାର ଟ୍ରେନ୍ ଚଳାଚଳ କରାଇବା, ନୂଆ ଜ୍ଞାନକୌଶଳର ଉପଯୋଗ ଉପରେ କୌଣସି ସରକାର ଗୁରୁତ୍ୱ ଦେଉ ନଥିଲେ। କିନ୍ତୁ ମୋଦି ସରକାର ଏସବୁ କ୍ଷେତ୍ରକୁ ଯଥେଷ୍ଟ ପ୍ରାଧାନ୍ୟ ଦେଇଛନ୍ତି।

**ଭିତ୍ତିଭୂମି ନିର୍ମାଣ ପାଇଁ ବିନିଯୋଗ ହେବ ୫୨ ହଜାର କୋଟି**

ଗତବର୍ଷ ଡିସେମ୍ବର ସୁଦ୍ଧା ୫୫୦୦ କିମି ନୂତନ ରେଳ ଧାରଣା ନିର୍ମାଣ ହୋଇଛି। ଓଡ଼ିଶାରେ ବର୍ଷକୁ ମାତ୍ର ୫୦କିମି ନୂଆ ରେଳ ଲାଇନ୍ ନିର୍ମାଣ ହେଉଥିଲା ବେଳେ ସମ୍ପ୍ରତି ୪୭୩ କିମି ନୂତନ ରେଳ ଲାଇନ୍ ନିର୍ମାଣ କରାଯାଉଛି। ଓଡ଼ିଶାରେ ରେଳ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ୫୨ ହଜାର କୋଟି ଟଙ୍କା ବିନିଯୋଗ କରାଯିବ। ଦୀର୍ଘ ଦିନ ହେଲା ପଡ଼ି ରହିଥିବା ରେଳ ପ୍ରକଳ୍ପ ଏବେ ଶେଷ ହେବାକୁ ବସିଛି। ଓଡ଼ିଶା ସମେତ ପୂର୍ବ ଭାରତୀୟ ରାଜ୍ୟକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶାରେ ଶତପ୍ରତିଶତ ବିଦ୍ୟୁତକରଣ ହୋଇଛି। ୧୦ ବର୍ଷ ଭିତରେ ୪୦୯ଟି ରେଳ ପୋଲ ନିର୍ମାଣ କରାଯାଇଛି।

ଶ୍ରୀ ବୈଷ୍ଣବ କହିଥିଲେ, ଆଗରୁ ଯେଉଁ ରାଜ୍ୟର ରେଳମନ୍ତ୍ରୀ ଥିଲେ ସେହି ରାଜ୍ୟକୁ ଅଧିକ ଅନୁଦାନ ମିଳୁଥିଲା। ପାରତ ଅନ୍ତର କରାଯାଉଥିଲା। ହେଲେ ଆଜି ସେ ସମୟ ଆଉ ନାହିଁ। ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଛି। ଏବେ ପ୍ରତି ସପ୍ତାହରେ ଗୋଟିଏ ବନ୍ଦେ ଭାରତ ଟ୍ରେନ୍ କାରଖାନାରୁ ବାହାରୁଛି। ଆଗକୁ କଟକ-ପୁରୀ-ଭୁବନେଶ୍ୱରରେ ବନ୍ଦେ ମେଟ୍ରୋ ଟ୍ରେନ୍ ଚାଲିବ। ତା' ପରେ ଝାରସୁଗୁଡ଼ା-ସମ୍ବଲପୁର-ରାଉରକେଲା, ତାଳଚେର-ଅନୁଗୁଳ, ବାଲେଶ୍ୱର-ଭଦ୍ରକ-ଭୁବନେଶ୍ୱର ମଧ୍ୟରେ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ କରାଯାଇପାରେ। ଅନେକ ସ୍ଥାନରେ ବାଇପାସ୍, ରେଳ ଓଭର ବ୍ରିଜ୍, ଟ୍ରେନ୍ ଲାଇନ୍ ସମ୍ପ୍ରସାରଣ କରାଯିବ। ରେଳ ଭିତ୍ତିଭୂମି ସୁଦୃଢ଼ କରିବା ଲାଗି ଦେଶରେ ତିନିଟି ନୂଆ ରେଳ କରିଡର୍ ନିର୍ମାଣ କରାଯିବ। ରେଳ ସାଗର, ଏନର୍ଜୀ କରିଡର୍ ଓ ଅମୃତ ଚତୁର୍ଭୁଜ ନାମରେ ଉକ୍ତ କରିଡର୍ ନାମିତ ହେବ। ଏଥିରେ ପାଖାପାଖି ୪୦ ହଜାର ନୂଆ ରେଳବାଇ ଟ୍ରାକ୍ ଯୋଡ଼ାଯିବ। ବିଶ୍ୱର ସବୁଠାରୁ ବଡ଼ ଷ୍ଟେସନ୍ ରୂପାନ୍ତରଣ କାମ ଚାଲିଛି ବୋଲି ଶ୍ରୀ ବୈଷ୍ଣବ ସୂଚନା ଦେଇଥିଲେ।

## ରେଳବାଇ ପାଇଁ ୨.୫୫ ଲକ୍ଷ କୋଟି

# ପ୍ରତିଷ୍ଠା ହେବ ୩ ନୂଆ କରିଡର

୨୦୨୪-୨୫ ଆର୍ଥିକ ବର୍ଷ ବଜେଟ୍‌ରେ ରେଳବାଇ ବିଭାଗ ପାଇଁ ୨.୫୫ ଲକ୍ଷ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଏହି ଆର୍ଥିକ ବର୍ଷରେ ସାଧାରଣ ଯାତ୍ରୀଙ୍କୁ ରେଳ ଯାତ୍ରା କ୍ଷେତ୍ରରେ ଅଧିକରୁ ଅଧିକ ସୁଯୋଗ ଦେବା ସହିତ ପୂର୍ବ ତୁଳନାରେ ରେଳ ଯାତ୍ରାକୁ ସୁଖପ୍ରଦ ଏବଂ ଆରାମଦାୟକ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାକୁ ଦୃଷ୍ଟିରେ ରଖି ୪୦ ହଜାର ସାଧାରଣ ବଗିକୁ ବନ୍ଦେ ଭାରତ ବଗିର ମାନକୁ ରୂପାନ୍ତରିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ବିକଶିତ ଭାରତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ପରିବହନ କ୍ଷେତ୍ରକୁ ଆହୁରି ସୁଦୃଢ଼ ଏବଂ ଲାଭଦାୟକ କରାଯିବ ବୋଲି କେନ୍ଦ୍ର ସରକାର କହିଛନ୍ତି। ଏହି ଅନ୍ତରୀଣ ବଜେଟ୍ ମୋଦୀ ସରକାରଙ୍କ ଦ୍ୱିତୀୟ ପାଳିର ଶେଷ ବଜେଟ ହୋଇଥିବାରୁ ଭିତ୍ତିଭୂମି ବିକାଶ ସହିତ ଆର୍ଥିକ ପ୍ରୋତ୍ସାହନକୁ ଗୁରୁତ୍ୱ ଦିଆଯାଇଛି। ସେହି ଲକ୍ଷ୍ୟରେ ଆଗାମୀ ଦିନରେ ତିନି ନୂଆ କରିଡର କାର୍ଯ୍ୟକାରୀ କରିବାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୪-୨୫ ବଜେଟ୍‌ରେ ଗୁରୁତ୍ୱାରୋପ କରିଛନ୍ତି। ବଜେଟ୍ ଉପସ୍ଥାପନ କରି ସେ କହିଛନ୍ତି ଯେ , ଆଗାମୀ ବର୍ଷଗୁଡ଼ିକରେ ୩ଟି ନୂଆ ରେଳ ଅର୍ଥନୈତିକ କରିଡର ନିର୍ମାଣ କରାଯିବ। ରେଳବାଇ- ଶକ୍ତି, ଖଣିଜ ଏବଂ ସିମେଣ୍ଟ , ବନ୍ଦର ସଂଯୋଜିତ କରିଡର ଏବଂ ହାଇ ଟ୍ରାଫିକ୍ ଡେନସିଟି ନାମରେ ଏହି ତିନୋଟି କରିଡର କାର୍ଯ୍ୟ କରିବ। ପିଏମ୍ ଗତିଶକ୍ତି ଯୋଜନା ଅଧୀନରେ ଏହିସବୁ କରିଡରକୁ କାର୍ଯ୍ୟକାରୀ କରାଯିବା ସହିତ ପରିବହନ କ୍ଷେତ୍ରରେ ଖର୍ଚ୍ଚ କରାଯାଇ କାର୍ଯ୍ୟ ଦକ୍ଷତାରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସୀତାରମଣ କହିଛନ୍ତି। ପରିବହନ କ୍ଷେତ୍ରର କାର୍ଯ୍ୟ ଦକ୍ଷତା ବୃଦ୍ଧି ସହ ବ୍ୟୟ ହ୍ରାସ କରାଯାଇପାରିଲେ ରେଳବାଇ କ୍ଷେତ୍ରରେ ସାମୂହିକ ଭାବେ ଯାତ୍ରୀ ପରିବହନ ଦିଗରେ ମଧ୍ୟ ଅନେକ ସୁବିଧା ହାସଲ କରାଯାଇପରିବ। ଏହା ଦ୍ୱାରା ଯାତ୍ରୀବାହୀ ରେଳ ଚଳାଚଳରେ ଉନ୍ନତି ଆସିବ ଏବଂ ରେଳଯାତ୍ରାକୁ ଅଧିକ ନିରାପଦ କରାଯାଇପାରିବ।



**ବନ୍ଦେ ଭାରତ ବଗି ମାନକୁ ରୂପାନ୍ତରିତ ହେବ ୪୦ ହଜାର ସାଧାରଣ ବଗି**

୪୦ ହଜାର ସାଧାରଣ ବଗିକୁ ବନ୍ଦେ ଭାରତ ବଗି ମାନରେ ପରିଣତ କରାଯିବା ପରେ ରେଳ ଯାତ୍ରାକୁ ଆହୁରି ସୁଗମ ଏବଂ ଆରାମଦାୟକ କରାଯାଇପାରିବ ବୋଲି ସୀତାରମଣ କହିଛନ୍ତି। ଗତ ବର୍ଷ ବଜେଟରେ କେନ୍ଦ୍ର ସରକାର ରେଳବାଇକୁ ସର୍ବାଧିକ ଗୁରୁତ୍ୱ ଦେଇ ବଜେଟ୍ରେ ଆନୁଷଙ୍ଗିକ ବ୍ୟବସ୍ଥା କରିଥିଲେ। ୨୦୨୩ ବଜେଟ୍ରେ ବିଭିନ୍ନ କ୍ଷେତ୍ର ପାଇଁ ମୋଟ ୪୫ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିଲା ବେଳେ ଏଥିରେ ରେଳବାଇର ଅଂଶ ୨.୪ ଲକ୍ଷ କୋଟି ଟଙ୍କା ରହିଥିଲା। କିନ୍ତୁ ଚଳିତ ବଜେଟ୍ରେ ଏଥିରେ ପୁଣି ବୃଦ୍ଧି ଅଣାଯାଇଛି।

## ପର୍ଯ୍ୟଟନ ବିକାଶ ପାଇଁ ମିଶନରେ କେନ୍ଦ୍ର ସରକାର

# ରାଜ୍ୟକୁ ମିଳିବ ୭୫ ହଜାର କୋଟିର ସୁଧବିହୀନ ଋଣ

ପର୍ଯ୍ୟଟନ କ୍ଷେତ୍ରରେ ରାଜ୍ୟମାନଙ୍କୁ ସହଯୋଗ କରିବା ପାଇଁ କେନ୍ଦ୍ର ସରକାର ପ୍ରାୟ ୭୫୦୦୦ ହଜାର କୋଟି ଟଙ୍କା ସୁଧ ବିହୀନ ଋଣ ଆକାରରେ ଯୋଗାଇ ଦେବେ। ଏହି ଅର୍ଥ ବିଭିନ୍ନ ରାଜ୍ୟର ଆଇକନିକ୍ ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ଋଣ ଆକାରରେ ପ୍ରଦାନ କରାଯିବ। ସେହିପରି ସମ୍ପୃକ୍ତ ପର୍ଯ୍ୟଟନସ୍ଥଳୀର ପ୍ରଚାର ପ୍ରସାର ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଏହି ଅର୍ଥ ମଧ୍ୟ ବ୍ୟବହାର କରାଯିବ।

**ପର୍ଯ୍ୟଟନସ୍ଥଳ ପାଇଁ ରେଟିଂ ଫ୍ରେମ୍‌ୱାର୍କ**

ଦେଶବ୍ୟାପୀ ଆଇକନିକ୍ ପର୍ଯ୍ୟଟନ ସ୍ଥଳର ବିକାଶ ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଥିବା ବେଳେ ଏଥିପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ରେଟିଂ ଫ୍ରେମୱାର୍କ ବିକଶିତ କରିବାକୁ ଯାଉଛନ୍ତି। ଏହି ଫ୍ରେମୱାର୍କରେ ପର୍ଯ୍ୟଟନସ୍ଥଳ ଗୁଡ଼ିକରେ ଉପଲବ୍ଧ ସୁବିଧା ଏବଂ ଗୁଣବତ୍ତାକୁ ନେଇ ରେଟିଂ ପ୍ରଦାନ କରାଯିବ।

**ଦେଶର ବିଭିନ୍ନ ଦ୍ୱୀପର କରାଯିବ ଭିତ୍ତିଭୂମି ବିକାଶ**

ପର୍ଯ୍ୟଟନର ବିକାଶ ପାଇଁ ଅନ୍ତରୀଣ ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ବଜେଟରେ ଲାକ୍ଷାଦ୍ୱୀପ ସମେତ ଦେଶର ବିଭିନ୍ନ ଦ୍ୱୀପକୁ ଉତ୍ତମ ଯୋଗାଯୋଗ ବ୍ୟବସ୍ଥା, ସେଠାରେ ବନ୍ଦର ନିର୍ମାଣ, ଅନ୍ୟାନ୍ୟ ଭିତ୍ତିଭୂମିରେ ବିକାଶ ସହ ବିଶେଷ ସୁବିଧା ନେଇ ଘୋଷଣା କରିଛନ୍ତି। ଯାହାଦ୍ୱାରା ଏଠାକୁ ପର୍ଯ୍ୟଟକ ସଂଖ୍ୟାରେ ଆଶାତୀତ ବୃଦ୍ଧି ହେବା ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ନେଇ ଆଶା କରାଯାଉଛି।

# କୃଷି ପାଇଁ ସବୁଠୁ କମ୍ ୧.୨୭ ଲକ୍ଷ କୋଟି



ଚଳିତ ବଜେଟରେ ପତିରକ୍ଷା ପାଇଁ ସବୁଠାରୁ ଅଧିକ ଅର୍ଥ ଘୋଷଣା କରାଯାଇଥିଲା ବେଳେ କୃଷି ବିଭାଗକୁ ସବୁଠାରୁ କମ୍ ଅର୍ଥ ମିଳିଛି। କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟକୁ ୧.୨୭ ଲକ୍ଷ କୋଟି ଟଙ୍କା ମିଳିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତାଙ୍କ ବଜେଟ୍ ଅଭିଭାଷଣରେ କହିଛନ୍ତି, ପ୍ରଧାନମନ୍ତ୍ରୀ କିସାନ ସମ୍ପଦ ଯୋଜନା ୩୮ ଲକ୍ଷ ଚାଷୀଙ୍କୁ ଭାଲ ପହଞ୍ଚାଇବାରେ ସକ୍ଷମ ହୋଇଛି। ଏହାସହ ୧୦ଲକ୍ଷ ରୋଜଗାର ସୃଷ୍ଟି କରିଛି। ସରକାର ଅମଳ ପରବର୍ତ୍ତୀ କାର୍ଯ୍ୟକ୍ରମ ଯଥା ଫସଲର ସଂରକ୍ଷଣ, ପ୍ରକ୍ରିୟାକରଣରେ ନିବେଶକୁ ଗୁରୁତ୍ୱ ଦେବେ। ଏଥିରେ ବେସରକାରୀ ତଥା ସରକାରୀ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରାଯିବ। ଫସଲ ଉପରେ ନାନୋଡାଇମୋନିୟମ୍ ଫସଫେଟ୍ (ଡିଏପି) ସାରର ବ୍ୟବହାର ସମସ୍ତ ଏଗ୍ରୋ-କ୍ଲାଇମାକ୍ଟିକ୍ ଜୋନ୍ ପାଇଁ ବିସ୍ତାର କରାଯିବ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି। ସେହିପରି ଦେଶରେ ତୈଳ ବୀଜର ଆତ୍ମନିର୍ଭରତା ଉପରେ ଏକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯିବ। ଯେଉଁଥିରେ ଉଚ୍ଚ ଅମଳକ୍ଷମ କିସମର ଗବେଷଣା, କ୍ରୟ, ମୂଲ୍ୟ ଯୋଗ ଏବଂ ଫସଲ ବୀମା ଅନ୍ତର୍ଭୁକ୍ତ ରହିବ। ଏହା ବ୍ୟତୀତ ଦୁଗ୍ଧ ଚାଷୀଙ୍କୁ ସହାୟତା କରିବା, ଗୋରୁମାନଙ୍କ ମଧ୍ୟରେ ଫାଟୁଆ ରୋଗ ମୁକାବିଲା ପାଇଁ ଅର୍ଥମନ୍ତ୍ରୀ ଏକ ବ୍ୟାପକ କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି। ଏକ ପୃଥକ ମତ୍ସ୍ୟ ବିଭାଗ ପ୍ରତିଷ୍ଠାକୁ ପ୍ରଶଂସା କରି ମନ୍ତ୍ରୀ ସଂସଦକୁ ଜଣାଇଛନ୍ତି ଯେ, ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଦ୍ୱାରା ଦେଶର ସାମୁଦ୍ରିକ ଖାଦ୍ୟ ରପ୍ତାନି ୨୦୧୩-୧୪ରୁ ଦ୍ୱିଗୁଣିତ ହୋଇଛି।

ଏହି ଯୋଜନା ମାଧ୍ୟମରେ ଆଗକୁ ୫୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ଏହାସହିତ ରପ୍ତାନିକୁ ୧ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯିବ। ଅନ୍ୟପକ୍ଷରେ ୪ କୋଟି କୃଷକଙ୍କୁ ପିଏମ୍ ଫସଲ ବିମା ଯୋଜନାର ଲାଭ ମିଳିବା ନେଇ ଦର୍ଶାଯାଇଛି। ମନରେଗା ପାଇଁ କେବଳ ୮୬କୋଟି ଟଙ୍କାର ବଜେଟ। ପିଏମ୍ କିସାନ ଯୋଗଜନା ମାଧ୍ୟମରେ ୧୧.୮ କୋଟିର ଅର୍ଥିକ ସହାୟତା ଯୋଗାଇ ଦିଆଯିବ। ୧୩୬୧ ମଣ୍ଡିକୁ ଇ-ନାମ୍‌ରେ ଯୋଡାଯିବ। ଦେଶରେ ୫ ସମନ୍ୱିତ ଏକ୍ୱାପାର୍କ ପ୍ରତିଷ୍ଠା କରାଯିବ।

# ଲାକ୍ଷାଦ୍ୱୀପ ପର୍ଯ୍ୟଟନ ବିକାଶ ପାଇଁ ବଡ଼ ଘୋଷଣା



୨୦୨୪-୨୫ ଆର୍ଥିକ ବର୍ଷ ବଜେଟ୍‌ରେ ପର୍ଯ୍ୟଟନ ବିକାଶ କ୍ଷେତ୍ରକୁ ଗୁରୁତ୍ୱ ଦିଆଯିବା ସହିତ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୪୮ ପ୍ରତିଶତ ଅଧିକ ଅର୍ଥ ବ୍ୟବସ୍ଥା କରାଯାଇଛି। ଏହି ବର୍ଷ ପାଇଁ ମୋଟ ୨୪୫୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିଲା ବେଳେ ଏଥିରେ ଲାକ୍ଷାଦ୍ୱୀପ ପର୍ଯ୍ୟଟନ ବିକାଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏହିକ୍ରମରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଦେଶରେ ଘରୋଇ ପର୍ଯ୍ୟଟନ କ୍ଷେତ୍ରରେ ଉତ୍ସାହ ବଢିବା ପରେ ଲାକ୍ଷାଦ୍ୱୀପ ସହ ଅନ୍ୟ ଦ୍ୱୀପମାନଙ୍କରେ ପର୍ଯ୍ୟଟନ, ଭିତ୍ତିଭୂମି ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଇଛି। ବିଶେଷକରି ଲାକ୍ଷାଦ୍ୱୀପରେ ବିଭିନ୍ନ କ୍ଷେତ୍ରରେ ବିକାଶ କରାଯାଇ ଆନୁଷଙ୍ଗିକ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା କରିବାକୁ ଅଗ୍ରାଧିକାର ଦିଆଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ଜାନୁଆରୀ ୪ ତାରିଖରେ ଲାକ୍ଷାଦ୍ୱୀପ ଗସ୍ତ କରିଥିଲେ। ସୋସିଆଲ ମିଡିଆରେ ସେହି ସମୟରେ ବିବାଦ ହୋଇଥିଲା। ଯେତେବେଳେ ମାଳଦ୍ୱୀପର ଜଣେ ମନ୍ତ୍ରୀ ଏବଂ କିଛି ଅନ୍ୟ ନେତା ଲାକ୍ଷାଦ୍ୱୀପର ଏକ ପ୍ରାଚୀନ ସମୁଦ୍ର ତଟର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଭିଡିଓରେ ପୋଷ୍ଟ କରିବା ପରେ ତାଙ୍କ ବିରୋଧରେ ଅପମାନଜନକ ଟିପ୍ପଣୀ କରିଥିଲେ।ଏହା ପରେ ଅନେକ ଭାରତୀୟ ନାଗରିକ ଏବଂ ଟୁର ଅପରେଟର ମାଳଦ୍ୱୀପ ଗସ୍ତ ବାତିଲ୍ କରିଥିଲେ। ତେବେ ପୂର୍ବରୁ ମାଳଦ୍ୱୀପକୁ ଯାଉଥିବା ପର୍ଯ୍ୟଟକମାନଙ୍କୁ ଲାକ୍ଷାଦ୍ୱୀପ ପ୍ରତି ଆକୃଷ୍ଟ କରିବାକୁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି।

## ମୁଇଜ୍ଜୁ ସରକାରଙ୍କୁ ଝଟ୍‌କା !

# ବଜେଟ୍‌ରେ କମିଲା ମାଳଦ୍ୱୀପ ସହାୟତା ରାଶି

ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁଙ୍କ ଭାରତ ବିରୋଧୀ ଆଭିମୁଖ୍ୟକୁ ନେଇ ଏବେ ଭାରତ ସରକାର କ୍ଷୁବ୍ଧ ରହିଛନ୍ତି। ଯାହାକୁ ନେଇ ବିଗତ କିଛି ଦିନ ମଧ୍ୟରେ ଉଭୟ ରାଷ୍ଟ୍ର ମଧ୍ୟରେ ସମ୍ପର୍କ ତିକ୍ତ ହେବାରେ ଲାଗିଛି। ଏହାମଧ୍ୟରେ ମାଳଦ୍ୱୀପ ପ୍ରତି ଭାରତ ସରକାର ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଗୁରୁବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଅନ୍ତରୀଣ ବଜେଟ୍ ଉପସ୍ଥାପନ କରିଥିଲା ବେଳେ ଏଥିରେ ମାଳଦ୍ୱୀପ ବିରୋଧରେ ନିଆଯାଇଥିବା ପଦକ୍ଷେପ ମଧ୍ୟ ପ୍ରତିଫଳିତ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ମାଳଦ୍ୱୀପକୁ ଭାରତ ଦେଉଥିବା ବିକାଶମୂଳକ ପ୍ରୋତ୍ସାହନ ରାଶିରେ ୨୨ ପ୍ରତିଶତ ହ୍ରାସ କରାଯାଇଛି। ମାଳଦ୍ୱୀପ ସମତେ ଭାରତର କିଛି ପଡୋଶୀ ରାଷ୍ଟ୍ରଙ୍କୁ ଭାରତ ନିୟମିତ ଭାବେ ବିକାଶ ପାଇଁ ପ୍ରୋତ୍ସାହନ ରାଶି ଯୋଗାଇ ଦେଇଥାଆନ୍ତି। ଏହିକ୍ରମରେ ୨୦୨୨-୨୩ ଆର୍ଥିକ ବର୍ଷରେ ମାଳଦ୍ୱୀପକୁ ୧୮୩.୧୬ କୋଟି ଟଙ୍କା ଯୋଗାଇ ଦିଆଯାଇଥିଲା ବେଳେ ୨୦୨୩-୨୪ ବର୍ଷରେ ୩୦୦ ପ୍ରତିଶତ ଅଭିବୃଦ୍ଧିରେ ୭୭୦.୯୦ କୋଟି ଟଙ୍କା ଦିଆଯାଇଥିଲା। କିନ୍ତୁ ଚଳିତ ବଜେଟ୍‌ରେ ଏହାକୁ ୬୦୦ କୋଟି ମଧ୍ୟରେ ସୀମିତ ରଖାଯାଇଛି। କେବଳ ମାଳଦ୍ୱୀପ ନୁହେଁ, ଭାରତ ଯୋଗାଇ ଦେଉଥିବା ନେପାଳ, ଭୁଟାନ, ଆଫଗାନିସ୍ତାନ , ବାଂଲାଦେଶ ଏବଂ ମ୍ୟାଁମାର ଭଳି ଅନ୍ୟ କିଛି ବିଦେଶୀ ରାଷ୍ଟ୍ରଙ୍କ ଅନୁଦାନରେ ମଧ୍ୟ ୧୦ ପ୍ରତିଶତ ହ୍ରାସ କରିଛି। ୨୦୨୩-୨୪ ବର୍ଷରେ ବିଭିନ୍ନ ବିଦେଶୀ ରାଷ୍ଟ୍ରଙ୍କ ଭାରତ ସରକାରଙ୍କ ପକ୍ଷରୁ ୫୪୨୬.୭୮ କୋଟି ଟଙ୍କା ଯୋଗାଇ ଦିଆଯାଇଥିଲା ବେଳେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏହି ପରିମାଣ ୪୮୮୩.୫୬ କୋଟି ଟଙ୍କାକୁ ହ୍ରାସ କରାଯାଇଛି।

# ଆର୍‌ସିଏସ୍ ଉଡ଼ାନ୍ ଯୋଜନା ପାଇଁ କମିଲା ଅନୁଦାନ

ଆଜି ସଂସଦରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଉପସ୍ଥାପନ କରିଥିବା ଅନ୍ତରୀଣ ବଜେଟରେ ବେସାମରିକ ବିମାନ ଚଳାଚଳକୁ ପ୍ରାଧାନ୍ୟ ଦିଆଯାଇଛି। ଗତ ୧୦ ବର୍ଷ ଭିତରେ ଦେଶରେ ବିମାନବନ୍ଦର ସଂଖ୍ୟା ଦୁଇ ଗୁଣା ବୃଦ୍ଧି ପାଇ ୧୪୯ରେ



ପହଞ୍ଚିଛି। ସେହିପରି ୫୧୭ଟି ନୂଆ ରୁଟ୍‌ରେ ବିମାନ ସେବା ଆରମ୍ଭ କରି ବାର୍ଷିକ ୧.୩ କୋଟି ଯାତ୍ରୀଙ୍କ ପରିବହନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଅନ୍ତରୀଣ ବଜେଟରେ ବେସାମରିକ ବିମାନ ଚଳଚାଳ ମନ୍ତ୍ରାଳୟକୁ ୩୧୧୩.୩୬ କୋଟି ଟଙ୍କା ମିଳିଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ଆଗକୁ ଦେଶ ଭିତରେ ବିମାନ ଉପକରଣ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନିଆଯିବ। ତେବେ ଆରସିଏସ୍/ଉଡ଼ାନ୍ ଯୋଜନାରେ ପୂର୍ବାପେକ୍ଷା ବଜେଟ୍ ଅନୁଦାନ ହ୍ରାସ ପାଇଛି। ଗତ ବର୍ଷ ଏହି କ୍ଷେତ୍ର ପାଇଁ ୮୫୦ କୋଟି ମିଳିଥିଲା ବେଳେ ଆସନ୍ତା ଆର୍ଥିକ ବର୍ଷରେ ୫୦୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିରେ ୨୨ଟି ବିମାନବନ୍ଦରର ପୁନରୁଦ୍ଧାର ସହିତ ୧୨୪ଟି ନୂଆ ରୁଟ୍‌ରେ ବିମାନ ଚଳାଚଳ ଆରମ୍ଭ ହେବ। ସାଧାରଣ ଲୋକଙ୍କୁ ବିମାନ ସେବା ଦେବାରେ ଆରସିଏସ୍/ଉଡ଼ାନ୍ ଯୋଜନା ବହୁତ ଉପାଦେୟ ହେଉଥିଲା ବେଳେ ଏଥିପାଇଁ ପାଣ୍ଠି ହ୍ରାସ ପାଇବା ଠିକ୍ ନୁହେଁ ବୋଲି ଅର୍ଥନୀତି ସମୀକ୍ଷକମାନେ କହିଛନ୍ତି।

# ନିର୍ମଳାଙ୍କୁ ମିଠା ଖୁଆଇ ରାଷ୍ଟ୍ରପତି ଜଣାଇଲେ ଶୁଭେଚ୍ଛା



କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲଗାତାର ୬ଥର ପାଇଁ ସଂସଦରେ କେନ୍ଦ୍ରୀୟ ବଜେଟ ଉପସ୍ଥାପିତ କରିଛନ୍ତି। ଆଜି ବଜେଟ୍ ଉପସ୍ଥାପନ କରିବା ଆଗରୁ ନିର୍ମଳା ନିଜ ମନ୍ତ୍ରାଳୟର ଦୁଇ ରାଜ୍ୟମନ୍ତ୍ରୀଙ୍କ ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ସାକ୍ଷାତ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ଅର୍ଥମନ୍ତ୍ରୀଙ୍କୁ ମିଠା ଖୁଆଇ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ନିର୍ମଳା ହାତରେ ଏକ ଲାଲ୍ ରଙ୍ଗର ବ୍ୟାଗ ସହ ସଂସଦ ଭବନ ପହଞ୍ଚିଥିଲେ। ଏହି ବ୍ୟାଗରେ ଏକ ଟ୍ୟାବ୍ ଥିବା ବେଳେ ଏଥିରୁ ହିଁ ନିର୍ମଳା ବଜେଟ ପଢ଼ିଥିଲେ।

## ■ ବଜେଟରେ ମହିଳା କଲ୍ୟାଣ

- ସାଧାରଣ ନିର୍ବାଚନ ପୂର୍ବରୁ ଅନ୍ତରୀଣ ବଜେଟରେ କେନ୍ଦ୍ର ସରକାର ମହିଳାଙ୍କ ପାଇଁ କେତେକ ବଡ଼ ଘୋଷଣା କରିଛନ୍ତି। ପ୍ରମୁଖ ଘୋଷଣା ମଧ୍ୟରେ ଦେଶର ୩ କୋଟି ମହିଳାଙ୍କୁ ଲକ୍ଷପତି କରିବାକୁ ଲକ୍ଷ୍ୟ ରଖିଛନ୍ତି। ସୂଚନାଯୋଗ୍ୟ ଯେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୧ କୋଟି ମହିଳା ଲକ୍ଷପତି ହୋଇ ସାରିଛନ୍ତି।
- ଆୟୁଷ୍ମାନ ଭାରତ ଯୋଜନାରେ ସମସ୍ତ ଅଙ୍ଗନବାଡି ଓ ଆଶା କର୍ମୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଘୋଷଣା କରିଛନ୍ତି।
- ୟୁ-ବିନ ପ୍ଲାଟଫର୍ମ ଜରିଆରେ ମହିଳା ଟୀକାକରଣକୁ ଗୁରୁତ୍ୱ ଦିଆଯିବ। ବିଶେଷକରି ସର୍ଭାଇକାଲ କ୍ୟାନ୍ସର ରୋକିବା ପାଇଁ ୯ରୁ ୧୪ ବର୍ଷୀୟ ବାଳିକାଙ୍କର ମାଗଣାରେ ଟୀକାକରଣ କରାଯିବ।
- ମାତୃତ୍ୱ ଏବଂ ଶିଶୁ ବିକାଶ ପାଇଁ ଏକ ସମଗ୍ର ଯୋଜନା ପ୍ରସ୍ତୁତ କରାଯିବ।

## ■ ନିରାଶ କଲେ ସରକାର

- ଅନ୍ତରୀଣ ବଜେଟରେ ମହିଳା ସମ୍ମାନ ସେଭିଙ୍ଗ ସାର୍ଟିଫିକେଟର ବୈଧତା ବୃଦ୍ଧି ନେଇ ଆଶା କରାଯାଉଥିଲେ, କେନ୍ଦ୍ର ସରକାର ଏଥିରେ କୌଣସି ବୃଦ୍ଧି କରିନାହାନ୍ତି। ପୂର୍ବପରି ଏହା ୨୦୨୫ ମସିହା ଯାଏଁ ବୈଧ ରହିବ ବୋଲି ଜଣାପଡ଼ିଛି।
- ମହିଳା କୃଷକଙ୍କ ପାଇଁ 'ପ୍ରଧାନମନ୍ତ୍ରୀ କିସାନ ସମ୍ମାନନିଧି'ରେ ମିଳୁଥିବା ଅର୍ଥରାଶିରେ କୌଣସି ବୃଦ୍ଧି କରାଯାଇ ନାହିଁ।
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ କଞ୍ଚାମାଲ ଯୋଗାଇ ଦେବା ନେଇ ବଜେଟରେ ସେପରି କିଛି ଆଖିଦୃଶିଆ ଘୋଷଣା କରାଯାଇ ନାହିଁ। ସେହିପରି ମନରେଗାରେ ମହିଳା ଶ୍ରମିକଙ୍କ ଭାଗିଦାରୀ ଏବଂ ମଜୁରୀ ବୃଦ୍ଧି କ୍ଷେତ୍ରରେ ମଧ୍ୟ କେନ୍ଦ୍ର ସରକାର ନିରାଶ କରିଛନ୍ତି।



ବିଜ୍ଞାନର ମୌଳିକ ଧାରଣାଗୁଡ଼ିକ ଆବଶ୍ୟକ ଅନୁଯାୟୀ ସରଳ,
କିନ୍ତୁ ଏହାକୁ ସମସ୍ତେ ବୁଝିପାରୁଥିବା ଭଳି ଭାଷାରେ ଉପସ୍ଥାପନ କରିବାକୁ ପଡ଼ିବ।
-ଆଲବର୍ଟ ଆଇନଷ୍ଟାଇନ୍।

ସକାଳ
THE SAKALA

## ଲୋକସଭାରେ କାମଚଳା ବଜେଟ୍ ଆଗତ

# ଅର୍ଥନୀତିର ଅମୃତକାଳ ଆଡ଼କୁ ପାଦେ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଗୁରୁବାର ସଂସଦରେ ଉପସ୍ଥାପିତ ୨୦୨୪-୨୫ ବର୍ଷର ଅନ୍ତରୀଣ ବଜେଟରେ ନିର୍ବାଚନ ବର୍ଷରେ ଅନେକ କିଛି ଲୋକଦେଖାଣିଆ ଓ ମନଲୋଭା ଘୋଷଣା ଆଶା କରାଯାଉଥିଲେ ମଧ୍ୟ ତାହା ହୋଇନାହିଁ। ସୁତରାଂ ଏଭଳି ଆଶା ବାନ୍ଧିଥିବା ଲୋକେ, ବିଶେଷକରି ଟିକସଦାତା ଓ ମଧ୍ୟବିତ୍ତ ବର୍ଗର ଲୋକେ ହତାଶ ହେବା ସ୍ୱାଭାବିକ। ତେବେ ଏହି କାମଚଳା ବଜେଟ୍‌ର ରୂପରେଖ ଦେଖିଲେ ଏହାର ଅନ୍ତରୀଣ ବ୍ୟବସ୍ଥାଗୁଡ଼ିକୁ ଅନ୍ତଃସାରଶୂନ୍ୟ କୁହାଯାଇ ନ ପାରେ। ସତକଥା ହେଲା ନିର୍ବାଚନ ବର୍ଷରେ ସରକାର ଲୋକଙ୍କୁ ଖୁସି କରିବାକୁ ବଜେଟ୍ ତିଆରି କରନ୍ତି। କିନ୍ତୁ ବଜେଟ୍ ଯେତେବେଳେ ଅନ୍ତରୀଣ ବା ତିନିମାସ ପାଇଁ କାମଚଳା ଭିତ୍ତିରେ ପ୍ରସ୍ତୁତ ହୁଏ, ସେତେବେଳେ ବଜେଟ୍‌ର କିଛି ମୌଳିକ ବିଧି ଓ ଔପଚାରିକତା ରକ୍ଷା କରାଯାଏ। ମୋଦୀ ସରକାର ଏଥର ଠିକ୍ ସେୟା କରିଛନ୍ତି ଏବଂ ତିନିମାସ ପାଇଁ କାମ ଚଳାଇବାକୁ ଯେତିକି ନିହାତି ଜରୁରୀ, ତାହା କରି ନୂଆ ସରକାରଙ୍କ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ପ୍ରସ୍ତୁତିର ବୃହତ୍ତର ପରିବେଶକୁ ଉନ୍ମୁକ୍ତ ରଖିଛନ୍ତି। ଆସନ୍ତା ଏପ୍ରିଲ-ମେ'ରେ ସାଧାରଣ ନିର୍ବାଚନ ପରେ ଗଠିତ ନୂଆ ସରକାର ପୂର୍ଣ୍ଣାଙ୍ଗ ବଜେଟ୍ ତିଆରି କରିବ। ସୁତରାଂ ଏ କ୍ଷେତ୍ରରେ କେନ୍ଦ୍ର ସରକାର ଓ ବିଶେଷକରି ଅର୍ଥମନ୍ତ୍ରୀ ପରମ୍ପରା ରକ୍ଷାର ସୌଜନ୍ୟ ପ୍ରକାଶ କରିଛନ୍ତି।

କେବଳ ଲୋକଙ୍କୁ ମାସିକ ୩୦୦ ୟୁନିଟ୍ ଯାଏଁ ମାଗଣା ବିଦ୍ୟୁତ୍ ଯୋଗାଣର ପ୍ରତିଶ୍ରୁତି ସହିତ ଏହି କାମଚଳା ବଜେଟ୍‌ରେ ଆଉ କିଛି ଲୋକଙ୍କ ପାଇଁ ନାହିଁ। ସବୁ ଅର୍ଥନୈତିକ ଓ ସାମାଜିକ ଯୋଜନାକୁ ଅବ୍ୟାହତ ରଖାଯାଇଛି ଏବଂ ଅର୍ଥନୈତିକ ଅଭିବୃଦ୍ଧି ପ୍ରକ୍ରିୟାକୁ ଅଧିକ ଦ୍ରୁତତର କରିବାକୁ ପ୍ରୟାସ ହୋଇଛି। କୁହାଯାଏ ବଜେଟ୍ ଶସ୍ତା ଓ ଲୋକଦେଖାଣିଆ ହେଲେ ଅର୍ଥନୀତି ଉପରେ ତାହାର ଗୁରୁତର କୁପ୍ରଭାବ ପଡ଼େ। ତେଣୁ ୨୦୧୪ରୁ ଏହି ସରକାର ଦେଶର ଅର୍ଥନୀତିକୁ ବାଗେଇ ଏକ ନୂଆ ଶିଖରରେ ପହଞ୍ଚାଇବା ଯେଉଁ ପ୍ରୟାସ ଆରମ୍ଭ କରିଥିଲେ ସେ ଧାରାକୁ ଅବ୍ୟାହତ ରଖାଯାଇଛି। କୁହାଯାଇପାରେ ଯେ ଭଲ ରାଜନୀତି ଉତ୍ତମ ଅର୍ଥନୀତି ସୃଷ୍ଟି କରେ। ତେଣୁ ବଜେଟରେ ରାଜନୈତିକ ଲାଭକୁ ଗୌଣ କରି ଅର୍ଥନୈତିକ ଅଭିବୃଦ୍ଧିକୁ ଗୁରୁତ୍ୱ ଦେବା କଠୋର ଏବଂ ପୀଡ଼ାଦାୟକ ହେଲେ ମଧ୍ୟ ନିଶ୍ଚିତ ସ୍ୱାଗତଯୋଗ୍ୟ।

ଏହି ଅନ୍ତରୀଣ ବଜେଟରେ ଅମୃତକାଳର ନକ୍ସା ପ୍ରତିଫଳିତ ହୋଇଛି। ଭାରତକୁ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ସହିତ ୨୦୩୦ ମଧ୍ୟରେ ବିଶ୍ୱର ତୃତୀୟ ସର୍ବବୃହତ୍ ଅର୍ଥଶକ୍ତି ଭାବେ ଗଢ଼ି ତୋଳିବାର ଲକ୍ଷ୍ୟ ଓ ପ୍ରୟାସ ଏଥିରେ ରହିଛି। ଅଭିବୃଦ୍ଧି ଧାରାକୁ ବଜାୟ ରଖିବା, ଅଧିକରୁ ଅଧିକ ପୁଞ୍ଜି ସୃଷ୍ଟି, ରାଜକୋଷର ସୁଦୃଢ଼ୀକରଣ, ଭିତ୍ତିଭୂମି ନିର୍ମାଣ, ଅର୍ଥନୈତିକ ଓ ସାମାଜିକ ବିକାଶ, ନିଯୁକ୍ତି ସୃଷ୍ଟି, ଗରିବ, ଚାଷୀ, ଯୁବବର୍ଗ ଓ ମହିଳାଙ୍କ ସଶକ୍ତୀକରଣ ଆଦି ପ୍ରୟାସର ନିରନ୍ତରଣ ଏଥିରେ ରକ୍ଷା କରାଯାଇଛି। ଟିକସହାର, ଆୟକର ସ୍ଲାବ ଆଦି ଅପରିବର୍ତ୍ତିତ ରହିଛି। ଚାକିରିଆ ଶ୍ରେଣୀ ଓ ମଧ୍ୟମବର୍ଗ, ବିଶେଷକରି ମୁଦ୍ରାସ୍ଫୀତି ଓ ଦରଦାମ ମାଡ଼ରେ ଘାଇଲା ଲୋକଙ୍କ ପାଇଁ ବଜେଟ୍ କଠୋର ହୋଇଛି। ସରକାର ବୋଧହୁଏ ଏହି ବାର୍ତ୍ତା ଦେବାକୁ ଚାହିଁଛନ୍ତି ଯେ ରାଷ୍ଟ୍ରନିର୍ମାଣ ପ୍ରକ୍ରିୟାରେ କିଛି ଲୋକଙ୍କ କଲ୍ୟାଣ ପାଇଁ ଅନ୍ୟ କେତେକଙ୍କୁ ତ୍ୟାଗ କରିବାକୁ ପଡ଼ିବ ଓ କଷ୍ଟ ସହିବାକୁ ହେବ।

ମନେ ହେଉଛି ସରକାର ତାଙ୍କର ପ୍ରବର୍ତ୍ତମାନ ଯୋଜନା ଓ କାର୍ଯ୍ୟକ୍ରମର ସଫଳତାରେ ସନ୍ତୁଷ୍ଟ ଏବଂ ସେହି ଧାରାକୁ ବଜାୟ ରଖିବାକୁ ଆଗ୍ରହୀ। ଅର୍ଥମନ୍ତ୍ରୀଙ୍କ ସମଗ୍ର ବଜେଟ ଭାଷଣରେ ବିଗତ ୧୦ ବର୍ଷର ସଫଳତା ଓ ଉପଲବ୍ଧିର ତୁଳନାତ୍ମକ ମଧୁର କାହାଣୀ ଭରପୂର। ନୂଆ ଶବ୍ଦ ସଂଯୋଜନ ଓ ପରିଭାଷା ବଜେଟକୁ ଗୋଟିଏ ନୂଆ ରଙ୍ଗ ଦେଇଛି ସତ; କିନ୍ତୁ ବାସ୍ତବରେ ଲୋକେ କ'ଣ ଚାହାନ୍ତି ତାହା ବଜେଟ୍‌ରେ ବାସ୍ତବବାଦୀ ପ୍ରତିଫଳନ ଘଟିନାହିଁ। ଏହି ବଜେଟ ଭାଷଣକୁ ନିରେଖି ଦେଖିଲେ ଏଥିରେ ସରକାରଙ୍କ ଆତ୍ମପ୍ରଚାର, ଆତ୍ମସନ୍ତୋଷ ଓ ଆତ୍ମ ବିଭୋରତା ସ୍ପଷ୍ଟ ଦେଖାଯାଉଛି। ସରକାର ତାଙ୍କ କାମରେ ସଫଳତା ଦେଖୁଛନ୍ତି ଏବଂ ଲୋକଙ୍କୁ ଏ ଯାଏଁ ଯାହା ଦେଇ ଆସିଛନ୍ତି ସେଥିରେ ନିଜେ ସନ୍ତୁଷ୍ଟ ଥିବା ଭଳି ମନେ ହେଉଛି। ଏହା ସରକାରଙ୍କ ପାଇଁ ଏକ 'ଫିଲ୍‌ଗୁଡ୍ ଫ୍ୟାକ୍ଟର' ବା ଉତ୍ତମ ଅନୁଭବର ଭାବନା ସୃଷ୍ଟି କରିଥାଇପାରେ। ତେବେ ରାଜନୈତିକ ବାସ୍ତବତା ଓ ଭୋଟରଙ୍କ ମନସ୍ତତ୍ତ୍ୱ ସହଜେ କଳନୀୟ ନୁହେଁ। ୨୦୨୪ ସାଧାରଣ ନିର୍ବାଚନରୁ ତାହାର ପ୍ରମାଣ ମିଳିବ।

ଏହି ବଜେଟରେ ପୁଞ୍ଜିଗତ ବ୍ୟୟ ବ୍ୟବସ୍ଥା ବଢ଼ିଛି। ରାଜ୍ୟମାନଙ୍କୁ ୭୫ ହଜାର କୋଟି ଟଙ୍କାର ସୁଧମୁକ୍ତ ବିକାଶ ଋଣ ଯୋଗାଣର ପ୍ରତିଶ୍ରୁତି ରହିଛି। ବିତ୍ତୀୟ ନିଅଣ୍ଟ ଅଧିକ ହେଲେ ମଧ୍ୟ ତାହାକୁ ବିପଦରେଖା ତଳେ ୫.୮ରେ ସୀମିତ ରଖିବାକୁ ସରକାର ସମର୍ଥ ହୋଇଛନ୍ତି। ଜିଏସ୍‌ଟି ରାଜସ୍ୱ ନିରନ୍ତର ବୃଦ୍ଧି ପାଉଛି। ସରକାରୀ ଆୟ ଯଥେଷ୍ଟ ବଢ଼ିଛି। ବହୁମୁଖୀ ଦାରିଦ୍ର୍ୟରୁ ୧୦ ବର୍ଷରେ ୨୫ କୋଟି ଲୋକ ମୁକ୍ତ ହୋଇଛନ୍ତି। ଶାସନ, ବିକାଶ, ପ୍ରଦର୍ଶନକୁ ନେଇ ଜିଡିପିର ଏକ ନୂଆ ପରିଭାଷା ତିଆରି ହୋଇଛି। ସାମ୍ପ୍ରଦାୟିକ କାଳିମାକୁ ପୋଛିବାକୁ ନୂଆ ସ୍ଲୋଗାନ ଆସିଛି 'ସିକୁଲାରିଜିମ୍ ଇନ୍ ଆକ୍ସନ' ବା 'କାର୍ଯ୍ୟର ଧର୍ମନିରପେକ୍ଷବାଦ'। ଏ ସରକାର ବଜେଟ୍‌ରେ ସଂକେତ ଦେଇଛି ଯେ ନୂଆ ଭାରତ ନିର୍ମାଣ ଚାଲିବ ଏବଂ ପୁନର୍ବାର ସେହି ଦଳ କ୍ଷମତାକୁ ଆସି ସେ କାର୍ଯ୍ୟକୁ ଆଗେଇ ନେବ। ସିଦ୍ଧାନ୍ତ ଭଲ, ସିଦ୍ଧିଲାଭ ଆପେକ୍ଷିକ ଓ ଅନିଶ୍ଚିତ। ଏଥିପାଇଁ ତ କୃଚ୍ଛ୍ର ସାଧନା ଜରୁରୀ। ତଥାପି କାହିଁକି ମନେହୁଏ ଅର୍ଥନୀତିର ଅମୃତକାଳର ଏହି ଯାତ୍ରାରେ କେନ୍ଦ୍ର ସରକାରଙ୍କ ଆତ୍ମବିଶ୍ୱାସରେ ଆତ୍ମବିଭୋରତାର ଉପସ୍ଥିତି ଅଧିକ ଦେଖାଯାଉଛି ଏବଂ ବାସ୍ତବତା କିଛି ଭିନ୍ନ କଥା କହୁଛି। ଦେଖାଯାଉ ୨୦୨୪ ସାଧାରଣ ନିର୍ବାଚନରେ କି ରାୟ ମିଳୁଛି।

# ଓଡ଼ିଆ ବିଜ୍ଞାନ ଶବ୍ଦକୋଷ

ଡ. ମୃଦୁଳା ମିଶ୍ର
ଭୁବନେଶ୍ୱର, E-mail : mridulamishra31@gmail.com

ଶବ୍ଦକୋଷ ହେଉଛି ଗୋଟିଏ ଭାଷାର ଶବ୍ଦଭଣ୍ଡାରର ଗନ୍ତାଘର। ଶବ୍ଦକୋଷ ପ୍ରଣେତାମାନେ ସର୍ବଦା ଗୋଟିଏ ଶବ୍ଦର ବ୍ୟବହାରିକ ପରିବର୍ତ୍ତନକୁ ଲକ୍ଷ୍ୟ ରଖି ପ୍ରଚଳିତ ଭାଷାବିଧାନରେ ତାହାର ପ୍ରାସଙ୍ଗିକ ଅର୍ଥକୁ ସଂଗ୍ରହ କରିଥା'ନ୍ତି। ପ୍ରତ୍ୟେକ ଶବ୍ଦର ଉଦାହରଣ ପ୍ରାସଙ୍ଗିକ ଭାବେ ତା'ର ଅର୍ଥ ସମନ୍ୱୟ ସହିତ ତାହାକୁ ଅନୁସନ୍ଧାନ କରିବା ପାଇଁ ସନ୍ଧାନପ୍ରଣାଳୀ ଯୋଗ କରି ଶବ୍ଦକୋଷ ଗଠିତ ହୁଏ। ଏହା ହେଉଛି ଶବ୍ଦକୋଷ ପ୍ରଣୟନର ପ୍ରାଥମିକ ପର୍ଯ୍ୟାୟ। ବର୍ତ୍ତମାନର ଜ୍ଞାନ ଓ ବିକାଶର ଯୁଗରେ ସାଧାରଣ ଶବ୍ଦକୋଷ ସହିତ ବିଭିନ୍ନ ବିଶେଷ ବିଦ୍ୟାକ୍ଷେତ୍ରର ଶବ୍ଦକୋଷ ପ୍ରଣୟନ ହେବାର ପ୍ରୟୋଜନ ଅଛି। ଏହି ପରିପ୍ରେକ୍ଷୀରେ ବିଜ୍ଞାନ ଶବ୍ଦକୋଷର ଗୁରୁତ୍ୱ ସର୍ବାଧିକ। ବିଜ୍ଞାନ ଶବ୍ଦକୋଷ ପ୍ରଣୟନର ରୂପରେଖ ଓ ପଦ୍ଧତି ସ୍ୱତନ୍ତ୍ର। ସାଧାରଣ ଅଭିଧାନରେ ସ୍ଥାନିତ ହେଉନଥିବା ବିଶେଷ ଶବ୍ଦସମୂହ ବିଜ୍ଞାନ ଶବ୍ଦକୋଷର ମୂଳାଧାର। ଇଂରାଜୀ ଓ କେତେକ ଭାରତୀୟ ଭାଷାରେ ଏ ପ୍ରକାର ଉଦ୍ୟମ ହୋଇଛି। ମାତ୍ର ଓଡ଼ିଆରେ ଏ ଦିଗରେ ଅଧିକାଂଶ ଉଦ୍ୟମ କେବଳ ପରିଭାଷା ସଙ୍କଳନ(ଗ୍ଲୋସୋରୀ) ଭିତରେ ସୀମିତ।

ସପ୍ତଦଶ ଶତାବ୍ଦୀରୁ ଓଡ଼ିଆ ଭାଷାରେ ଅଭିଧାନ ରଚନାର ଗୌରବମୟ ପରମ୍ପରା ରହିଛି। ଗୋପାଳଚନ୍ଦ୍ର ପ୍ରହରାଜଙ୍କ ସଙ୍କଳିତ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ଭାରତୀୟ ଭାଷାରେ ଏକ ଅନନ୍ୟ ଶବ୍ଦକୋଷ କେବଳ ନୁହେଁ, ଚାରୋଟି ଭାଷାର ତୁଳନାତ୍ମକ ବିଚାର ଥିବା ଶବ୍ଦର ବିଶ୍ଳେଷଣାତ୍ମକ ତର୍ଜମା ଥିବା ଏକ ବୈଶିଷ୍ଟ୍ୟପୂର୍ଣ୍ଣ ଭାଷାକୋଷ। ପ୍ରାୟ ଏକଲକ୍ଷ ଅଶୀହଜାର ଶବ୍ଦର ବିସ୍ତୃତ ତର୍ଜମା ସହିତ ସାତଖଣ୍ଡରେ ସଙ୍କଳିତ ଏହି ବିଶାଳ ଓ ବିସ୍ମୟକର ଭାଷାକୋଷ ବ୍ୟତୀତ ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ 'ଶବ୍ଦ ତତ୍ତ୍ୱବୋଧ ଅଭିଧାନ', କୃଷ୍ଣଚନ୍ଦ୍ର କରଙ୍କ 'ତରୁଣ ଶବ୍ଦକୋଷ', ପ୍ରମୋଦଚନ୍ଦ୍ର ଦେବଙ୍କର 'ପ୍ରମୋଦ ଅଭିଧାନ', ରମଳା କରଙ୍କର 'ସରଳ ଉତ୍କଳ ଅଭିଧାନ' ପ୍ରଭୃତି ଓଡ଼ିଆ ଭାଷାର ଶବ୍ଦ ସମ୍ପଦକୁ ସାଇତି ରଖିଛନ୍ତି। ମାତ୍ର ଏ ଯାଏଁ କେବଳ ବିଜ୍ଞାନର ଶବ୍ଦକୁ ନେଇ କୌଣସି ଶବ୍ଦକୋଷ ପ୍ରସ୍ତୁତ ହୋଇ ନାହିଁ।

ଓଡ଼ିଆରେ 'ଏନ୍‌ସାଇକ୍ଲୋପିଡିଆ' ଅର୍ଥରେ 'ଜ୍ଞାନକୋଷ' ଶବ୍ଦଟି ସାଧାରଣରେ ବ୍ୟବହାର କରାଯାଉଛି। ଯଦିଓ ମୂଳ ଗ୍ରୀକ ଶବ୍ଦଟିର ଆକ୍ଷରିକ ଅନୁବାଦରେ ଏହା ହେବ 'ଜ୍ଞାନମଣ୍ଡଳ'। ଜ୍ଞାନକୋଷ ପ୍ରଧାନତଃ ଦୁଇ ପ୍ରକାରର - ସାଧାରଣ ଓ ପ୍ରକୀର୍ଣ୍ଣ ବା ଏକ ବିଷୟକ ଜ୍ଞାନକୋଷ। ସାଧାରଣ ଜ୍ଞାନକୋଷରେ ସବୁ ବିଷୟର ସାରସଂଗ୍ରହ ଥାଏ। ପ୍ରକୀର୍ଣ୍ଣ ଜ୍ଞାନକୋଷରେ ଗୋଟିଏ ବିଷୟ ବା ପରସ୍ପର ସମ୍ପୃକ୍ତ ଏକାଧିକ ବିଷୟର ସାରସଂଗ୍ରହ ସଙ୍କଳିତ ହୋଇଥାଏ। ଏହି ଧାରାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୧୯୬୩ରୁ ୧୯୬୫ ମଧ୍ୟରେ ଚାରିଖଣ୍ଡରେ ପ୍ରକାଶିତ 'ସଂକ୍ଷିପ୍ତ ଓଡ଼ିଆ ଜ୍ଞାନକୋଷ'ରେ ବିଜ୍ଞାନର କିଛି ବିଷୟ ଉପରେ ଲେଖାଯାଇଥିବା ପ୍ରବନ୍ଧମାନ ସଙ୍କଳିତ ହୋଇଛି। ପୁଣି ଏକକ ପ୍ରଚେଷ୍ଟାରେ ବିନୋଦ କାନୁନଗୋଙ୍କ ରଚିତ ବୟାଳିଶ ଖଣ୍ଡରେ ପ୍ରକାଶିତ 'ଓଡ଼ିଆ ଜ୍ଞାନମଣ୍ଡଳ'ରେ ଅଙ୍ଗାରକାମ୍ଳ, ଅଣୁବୀକ୍ଷଣ, ଇସିଜି, କାଇନେଟିକ ଏନର୍ଜି ପ୍ରଭୃତି କିଛି ବିଷୟରେ ଲେଖା ଅଛି। ତେବେ ଏଥିରେ ଅନେକ ଇଂରାଜୀ ଶବ୍ଦକୁ (ଯାହାର ଓଡ଼ିଆ ଶବ୍ଦ ପ୍ରଚଳିତ) ଓଡ଼ିଆ ଅକ୍ଷରରେ ଲେଖାଯାଇଛି। ଶବ୍ଦଚୟନ କିଭଳି କରାଯାଇଛି ତାହାର ଉଲ୍ଲେଖ ନାହିଁ। ପରବର୍ତ୍ତୀ ସମୟରେ ଗୋକୁଳାନନ୍ଦ ମହାପାତ୍ର କେବଳ ବିଜ୍ଞାନ ବିଷୟକୁ ନେଇ ଓଡ଼ିଆରେ 'ବୈଜ୍ଞାନିକ ଜ୍ଞାନକୋଷ' ରଚନା କରିଛନ୍ତି। ଏହା ଦୁଇ ଖଣ୍ଡରେ ୨୦୦୫ ମସିହାରେ ପ୍ରକାଶିତ। ୧୩୪୦ ପୃଷ୍ଠା ସମ୍ବଳିତ ଏହି ଭାଷାକୋଷରେ ବିଜ୍ଞାନର ବିଭିନ୍ନ ବିଷୟସବୁ ଚିତ୍ର ଓ ଫଟୋ ସହିତ ଅକ୍ଷରାନୁକ୍ରମରେ ସଜ୍ଜିତ ଅଛି। ସେହିପରି 'ବୈଜ୍ଞାନିକ ଶବ୍ଦକୋଷ' ତାଙ୍କ ରଚିତ ବିଜ୍ଞାନ ଅଭିଧାନ। ପ୍ରମୋଦ କୁମାର ମହାପାତ୍ରଙ୍କ 'ବିଜ୍ଞାନ କୋଷ' ଚାରିଖଣ୍ଡରେ ପ୍ରକାଶିତ।




ଜ୍ଞାନକୋଷର ସାର୍ଥକତା ଦୁଇଟି ବିଷୟ ଉପରେ ନିର୍ଭର କରିଥାଏ। ପ୍ରଥମତଃ ତଥ୍ୟଗତ ନିର୍ଭୁଲତା ଓ ପୂର୍ଣ୍ଣତା, ଦ୍ୱିତୀୟତଃ ବ୍ୟାବହାରିକ ସୁବିଧା। ଓଡ଼ିଆରେ ବିଜ୍ଞାନ ଶବ୍ଦକୋଷ ପ୍ରସ୍ତୁତ କଲାବେଳେ କେତେକ ଅନିବାର୍ଯ୍ୟ ବିଷୟକୁ ଦୃଷ୍ଟିରେ ରଖିବା ଉଚିତ। ଓଡ଼ିଆରେ ବିଜ୍ଞାନ ବିଷୟକ ପୁସ୍ତକପାଠକଙ୍କୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇ ପାରେ। ପ୍ରଥମତଃ, ଯେଉଁମାନେ ଆଦୌ ଇଂରାଜୀ ଜାଣନ୍ତି ନାହିଁ ବା ସ୍ୱଳ୍ପ ଜାଣନ୍ତି। ଦ୍ୱିତୀୟତଃ, ଯେଉଁମାନେ ଇଂରାଜୀ ଜାଣନ୍ତି ବା ଇଂରାଜୀ ଭାଷାରେ ଅଳ୍ପାଧିକ ବିଜ୍ଞାନ ପଢ଼ିଛନ୍ତି। ପ୍ରଥମ ଶେଣୀର ପାଠକମାନଙ୍କ ପାଇଁ ସୁଶୃଙ୍ଖଳ ଆଧୁନିକ ବୈଜ୍ଞାନିକ ତତ୍ତ୍ୱ ଓ ତଥ୍ୟ ଜାଣିବା ଲାଗି ଯେଉଁ ଶବ୍ଦ ସଂଗଠନର ଆବଶ୍ୟକତା ଅଛି, ତାହା ବିଜ୍ଞାନ ପାରିଭାଷିକ ଅଭିଧାନ ଯୋଗାଇ ପାରିବ। ବିଜ୍ଞାନ ଓ ପ୍ରଯୁକ୍ତି ସମ୍ପର୍କିତ ବିଷୟକୁ ସହଜରେ ବୁଝିବା ପାଇଁ ଏହା ସହାୟକ ହେବ। ଦ୍ୱିତୀୟ ଶ୍ରେଣୀର ପାଠକମାନେ ତୁଳନାତ୍ମକ ଭାବେ ଓଡ଼ିଆ ପାରିଭାଷିକ ଶବ୍ଦଟିର ଉତ୍ସ ଓ ଉତ୍ପତ୍ତି ବିଷୟରେ ବୁଝି ତା'କୁ କାର୍ଯ୍ୟରେ ଲଗାଇ ପାରିବେ।

ଓଡ଼ିଆ ଭାଷାରେ ବିଜ୍ଞାନ ଚର୍ଚ୍ଚା ବର୍ତ୍ତମାନ ମଧ୍ୟ ସମ୍ପୂର୍ଣ୍ଣ ବିକଶିତ ହୋଇନାହିଁ। କିନ୍ତୁ ତାହା କ୍ରମବିକାଶର ପଥରେ ସତତଃ ଉଦ୍ୟମଶୀଳ। କିଛିବର୍ଷ ପୂର୍ବେ ଓଡ଼ିଆ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ପକ୍ଷରୁ ବିଜ୍ଞାନର ବିଭିନ୍ନ ବିଷୟରେ ପାରିଭାଷିକ ଶବ୍ଦାବଳୀ ପ୍ରସ୍ତୁତ କରାଯାଇଥିଲା। ଅନ୍ୟ ସଂସ୍ଥାର ଉଦ୍ୟମରେ ମଧ୍ୟ ଏହିପରି ସଙ୍କଳନ ହୋଇଛି, କିନ୍ତୁ ସାମଗ୍ରିକ ଭାବେ ସଙ୍କଳିତ ପରିଭାଷାର ସାମ୍ୟ ରହି ନାହିଁ। ଗୋଟିଏ ଇଂରାଜୀ ଶବ୍ଦର ବିଭିନ୍ନ ପାରିଭାଷିକ ପ୍ରତିଶବ୍ଦ ଗଠିତ ହୋଇଛି। ଏ କାର୍ଯ୍ୟକୁ ଅଧିକତର ସଫଳ ଓ ସାର୍ଥକ ଭାବରେ କରିବାର ପ୍ରୟୋଜନ ଅଛି।

ବୈଜ୍ଞାନିକ ପାରିଭାଷିକ ଶବ୍ଦକୋଷ ପ୍ରଣୟନ ପାଇଁ ପ୍ରାଥମିକ ଉପାଦାନ ହେଉଛି ଓଡ଼ିଆରେ ଥିବା ବୈଜ୍ଞାନିକ ଶବ୍ଦପୁଞ୍ଜ। ଇଂରାଜୀ ଶବ୍ଦଟିର ଉପଯୁକ୍ତ ଓ ପ୍ରାମାଣିକ ବିକଳ୍ପଟି ଓଡ଼ିଆରେ ପାଇବା ପର୍ଯ୍ୟନ୍ତ ଇଂରାଜୀ ଶବ୍ଦଟିକୁ ଓଡ଼ିଆ ବନାନରେ ପ୍ରଚଳନ କରାଯିବା ଭଲ। ଗୋଟିଏ ଇଂରାଜୀ ଶବ୍ଦ ଓଡ଼ିଆରେ ବିଭିନ୍ନ ପାରିଭାଷିକ ଶବ୍ଦ ଦ୍ୱାରା ମଧ୍ୟ ପ୍ରକାଶ କରାଯାଇ ପାରେ। ମାତ୍ର ବୈଜ୍ଞାନିକ ଶବ୍ଦ କ୍ଷେତ୍ରରେ ଏହା କରିବା ଉଚିତ ନୁହେଁ। କାରଣ ବିଜ୍ଞାନର ବିଭିନ୍ନ ଧାରଣାକୁ ବୁଝାଇବା ପାଇଁ ସେଗୁଡ଼ିକର ଗୋଟିଏ ନାମ ବା ସଂଜ୍ଞା ଦିଆ ଯାଇଥାଏ। ଯେମିତି ଇଂରାଜୀରେ ମାସ, ଆକ୍ସିଲିରେସନ୍, ଫୋର୍ସ ଶବ୍ଦ ପାଇଁ ଓଡ଼ିଆରେ ଯଥାକ୍ରମେ ବସ୍ତୁତ୍ୱ, ତ୍ୱରଣ, ବଳ ଇତ୍ୟାଦି ଶବ୍ଦ ବ୍ୟବହୃତ ହେଉଛି। ଏହି ଶବ୍ଦଗୁଡ଼ିକ ମଧ୍ୟରେ ବୈଜ୍ଞାନିକ ଭାଷାର ଗୁଣସମୂହ-ଯଥାଯଥ୍ୟ, ଅର୍ଥବହତା ଓ ଅନନ୍ୟତା ପ୍ରଭୃତି ରହିବା ପ୍ରୟୋଜନ। ଗୋଟିଏ ଶବ୍ଦ ଯେମିତି ଅବ୍ୟର୍ଥଭାବରେ ବିଶେଷ ଏକ ଧାରଣାକୁ ହିଁ ବୁଝାଏ, ଅନ୍ୟ କିଛି ନୁହେଁ। ପୁଣି ସେହି ଧାରଣାକୁ ବୁଝାଇବା ପାଇଁ ସବୁବେଳେ ସେହି ଶବ୍ଦଟି ହିଁ ବ୍ୟବହାର କରିବା ଉଚିତ, ଅନ୍ୟ କିଛି ନୁହେଁ। ଉଦାହରଣସ୍ୱରୂପ ଦୁଇଟି ଇଂରାଜୀ ଶବ୍ଦକୁ ବିଚାର କରାଯାଉ- ସ୍ପିଡ୍ ଓ ଭେଲୋସିଟି। ଓଡ଼ିଆରେ ଏଥିପାଇଁ ପାରିଭାଷିକ ଶବ୍ଦ ଦୁଇଟି ଯଥାକ୍ରମେ ବେଗ ଓ ପରିବେଗ। ଆମର ପ୍ରତିବେଶୀ ଭାଷା ବଙ୍ଗଳାରେ ଏଥିପାଇଁ ପରିଭାଷା ଦୁଇଟି ହେଲା ଦ୍ରୁତି ଓ ବେଗ। ବୈଜ୍ଞାନିକ ଶବ୍ଦର ସାର୍ଥକ ପ୍ରୟୋଗ କରାଗଲେ ହିଁ ବିଜ୍ଞାନ ରଚନା ବୋଧଗମ୍ୟ ହୁଏ। ଭାଷାକୁ ସଂକ୍ଷିପ୍ତ ଓ ଅର୍ଥକୁ ସୁନିର୍ଦ୍ଦିଷ୍ଟ କରିବା ପରିଭାଷାର ଉଦ୍ଦେଶ୍ୟ। ତେଣୁ ସାଧାରଣ ପାଠକଙ୍କ ପାଇଁ ଯେଉଁ ବୈଜ୍ଞାନିକ ରଚନା ଉଦ୍ଦିଷ୍ଟ, ସେଥିରେ ଅଳ୍ପ ପରିଚିତ ପାରିଭାଷିକ ଶବ୍ଦର ପ୍ରୟୋଗ କରିବା ଉଚିତ। ପ୍ରଥମଥର ପ୍ରୟୋଗ ବେଳେ ତା'ର ବ୍ୟାଖ୍ୟା ଓ ସ୍ଥଳବିଶେଷରେ ତା'ର ଇଂରାଜୀ ପ୍ରତିଶବ୍ଦ ମଧ୍ୟ ଦେବା ଉଚିତ।

ଏବେ ନୂତନ ଜାତୀୟ ଶିକ୍ଷାନୀତି ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା ଉପରେ ଗୁରୁତ୍ୱ ଦେଉଛି। ଏହା ରୂପାୟନ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି ଓ ବିଭିନ୍ନ ଭାରତୀୟ ଭାଷାରେ ବିଜ୍ଞାନ ଓ ବୈଷୟିକ ଶିକ୍ଷା ପାଇଁ ମଧ୍ୟ ପୁସ୍ତକ ପ୍ରସ୍ତୁତ କରାଯାଉଛି। ଏଥିପାଇଁ ଓଡ଼ିଆ ବିଜ୍ଞାନ ଶବ୍ଦକୋଷର ପ୍ରୟୋଜନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାନବ ସଭ୍ୟତାର ଇତିହାସ ହେଉଛି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଇତିହାସ। ଜାଗତିକ ଜ୍ଞାନଧାରା କେବେ ହେଲେ ସ୍ଥିର ହୋଇ ରହେ ନାହିଁ। ଆଜି ଯେଉଁ ତଥ୍ୟ ନୂଆ, କାଲି ତାହା ପୁରୁଣା ହୋଇ ଯାଉଛି। ସେଥିପାଇଁ ତ କୁହାଯାଏ- ପୂର୍ଣ୍ଣ ସତ୍ୟ ସନ୍ଧାନରେ ଚିରନ୍ତନ ଅନ୍ୱେଷଣ ହେଲା ବିଜ୍ଞାନ। ତେଣୁ ବିଜ୍ଞାନ ଶବ୍ଦକୋଷ ବା ବିଜ୍ଞାନ କୋଷର କାର୍ଯ୍ୟ କେବେ ବି ସମାପ୍ତ ହୋଇଛି ବୋଲି ଭାବିବା ଉଚିତ ନୁହେଁ। ସବୁବେଳେ ଏହାର ନବୀକରଣର ଆବଶ୍ୟକତା ରହିଥାଏ।

ବର୍ତ୍ତମାନର ଡିଜିଟାଲ ଯୁଗରେ ମୁଦ୍ରିତ ବିଜ୍ଞାନ କୋଷ ପରିବର୍ତ୍ତେ କମ୍ପ୍ୟୁଟର ବା ସ୍ମାର୍ଟ ଫୋନରେ ଏହାର ବ୍ୟବହାର ବୃଦ୍ଧି ପାଉଛି। କାରଣ ଏଥିରେ ସହଜରେ ନୂଆ ତଥ୍ୟକୁ ସଂଯୋଜନ କରାଯାଇ ପାରୁଛି ଓ କୌଣସି ଶବ୍ଦକୁ ସହଜରେ ଖୋଜା ଯାଇ ପାରୁଛି। ତେଣୁ ମାଧ୍ୟମିକ, ଉଚ୍ଚମାଧ୍ୟମିକ ଓ ସ୍ନାତକ ଶେଣୀର ବିଭିନ୍ନ ବିଜ୍ଞାନ ପାଠ୍ୟପୁସ୍ତକରୁ ସଂଗୃହୀତ ଶବ୍ଦାବଳୀ ସହିତ ବିଜ୍ଞାନର ବିଭିନ୍ନ ବିଷୟରେ ପ୍ରକାଶିତ ହୋଇଥିବା ପରିଭାଷାଗୁଡ଼ିକର ଶବ୍ଦାବଳୀ ସବୁକୁ ତୁଳନା କରି ଯଦି ଗୋଟାଏ ବିଜ୍ଞାନ ଶବ୍ଦକୋଷର ପ୍ରଣୟନ ହୁଏ ଓ ଏଥିରେ ଶବ୍ଦ ଖୋଜିବା ପାଇଁ ଇଂରାଜୀ ବର୍ଣ୍ଣାନୁକ୍ରମିକ ସୂଚୀ ମଧ୍ୟ ଦିଆଯାଏ, ତେବେ ଏହା ପରିଭାଷା ସହିତ ବିଜ୍ଞାନ ଅଭିଧାନର କାର୍ଯ୍ୟ ମଧ୍ୟ ପୂରଣ କରିବ। ଏହା ଯଦି ଡିଜିଟାଲ ମାଧ୍ୟମରେ କରାଯାଏ ତେବେ ଏହାର ଉପଯୋଗିତା ଆହୁରି ବ୍ୟାପକ ହେବ।

# ଆମ ଜଙ୍ଗଲ ଆମ ଅଧିକାର



ଅରବିନ୍ଦ ରାଉତ
ଭଦ୍ରକ, ମୋ: ୯୪୩୭୧୦୭୪୦୭

ବନବାସୀମାନେ ହେଉଛନ୍ତି ଜଙ୍ଗଲର ପ୍ରକୃତ ମାଲିକ। ସେମାନଙ୍କୁ ବୈଦିକ ଯୁଗରୁ ବନର ମୂଳନିବାସୀ ବୋଲି କୁହାଯାଉଛି। ଜଙ୍ଗଲ ହେଉଛି ସେମାନଙ୍କର ଜୀବନ, ଜୀବିକା, ସମାଜ ଓ ସଂସ୍କୃତି। ୧୮୬୪ ମସିହାରେ ପ୍ରଥମେ ଜଙ୍ଗଲ ବିଭାଗର ସୃଷ୍ଟି ହେଲା ଓ ରାଜସ୍ୱ ଆଦାୟ କରିବା ଉଦ୍ଦେଶ୍ୟରେ ୧୮୬୫ରେ ଜଙ୍ଗଲକୁ ନେଇ ଆଇନ ତିଆରି ହେଲା। ତା'ପରଠାରୁ ବନବାସୀମାନଙ୍କୁ ଜଙ୍ଗଲ ଉପରେ ଜବରଦଖଲକାରୀ ବୋଲି କହିବା ଆରମ୍ଭ ହେଲା। ବନବାସୀମାନଙ୍କର ବହୁ ଆନ୍ଦୋଳନ ପରେ ଭାରତ ସରକାର ଶେଷରେ ସ୍ୱୀକାର କରିବାକୁ ବାଧ୍ୟ ହେଲେ ଯେ ବନବାସୀମାନେ ଐତିହାସିକ ଅନ୍ୟାୟର ଶିକାର ହୋଇ ଆସୁଛନ୍ତି ଏବଂ ସେମାନଙ୍କର ଜୀବନ ଜୀବିକାର ଅଧିକାରରୁ ବଞ୍ଚିତ ହୋଇ ରହିଛନ୍ତି। ତେଣୁ ସରକାର 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ ୨୦୦୬' ନାମରେ ଏକ ଐତିହାସିକ ଆଇନ ପ୍ରଣୟନ କଲେ। ନିୟମାବଳୀ ସହିତ ୨୦୦୮ ଜାନୁଆରୀ ମାସରୁ ଏହା କାର୍ଯ୍ୟକାରୀ ହେଲା।

ଜଙ୍ଗଲରେ ବାସ କରୁଥିବା ବନବାସୀମାନଙ୍କର ଅଧିକାରକୁ ନଥିଭୁକ୍ତ କରିବା ପାଇଁ ଜଙ୍ଗଲ ଅଧିକାର ଆଇନ ୨୦୦୬ ତୃଣମୂଳ ସ୍ତରରେ ଏକ ଜାତୀୟ ଆନ୍ଦୋଳନର ଗୋଟିଏ ପ୍ରତିକ୍ରିୟା ଭାବରେ ଉଭା ହେଲା, ଯାହାକି ଔପନିବେଶିକ ଶାସନ ତଥା ସ୍ୱାଧୀନତା ପରବର୍ତ୍ତୀ ଉପେକ୍ଷିତ ଅଧିକାରକୁ ସ୍ୱୀକୃତି ଦେବା ପାଇଁ ଏକ ସୁଯୋଗ ତିଆରି ହେଲା। ଏହି ଆଇନର ମୂଳ ଉଦ୍ଦେଶ୍ୟ ହେଉଛି ଜଙ୍ଗଲ ଜମିରେ ବନବାସୀମାନଙ୍କର ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାରକୁ ଆକଳନ କରିବା ଓ ଜଙ୍ଗଲ ଜମି ଉପରେ ଅନୁସୂଚିତ ଜନଜାତି ତଥା ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କର ଥିବା ପାରମ୍ପରିକ ଅଧିକାରକୁ ନ୍ୟାୟଗତ ସ୍ୱୀକୃତି ଦେଇ ସରକାରୀ ନଥିରେ ଲିପିବଦ୍ଧ କରିବା। ଏହି ଜଙ୍ଗଲ ଅଧିକାର ଅଧିନିୟମ ମଧ୍ୟ ବନବାସୀମାନଙ୍କ ଉପରେ ଐତିହାସିକ ଅନ୍ୟାୟକୁ ଦୂର କରିବା ସହିତ ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟକୁ ସଶକ୍ତ କରିବା ଏବଂ ସ୍ଥାୟୀ ଜଙ୍ଗଲ ପରିଚାଳନାରେ ସେମାନଙ୍କ ଭୂମିକାକୁ ସ୍ୱୀକୃତି ଦେଇ ସଂରକ୍ଷଣ ପ୍ରୟାସକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ।

କମ୍ୟୁନିଟି ଫରେଷ୍ଟ ରାଇଟ୍-ଲର୍ଣ୍ଣିଂ ଆଣ୍ଡ ଆଡ୍‌ଭୋକେସି ନାମକ ସଂସ୍ଥାର ଗବେଷଣା ତଥ୍ୟ ଅନୁସାରେ ସମଗ୍ର ଭାରତରେ ପାଖାପାଖି ୪୦୦ ଲକ୍ଷ ହେକ୍ଟର ଜଙ୍ଗଲ ଜମି ଉପରେ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ସ୍ୱୀକୃତି ପାଇବାର ସମ୍ଭାବନା ଏହି ଆଇନ ବଳରେ ସୃଷ୍ଟି ହୋଇଛି। ସେହିପରି ଅନ୍ୟୁନ ୧, ୭୦, ୦୦୦ ଟି ଗାଁରେ ୨୦ କୋଟି ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର ଅଧିକାରକୁ ସ୍ୱୀକୃତି ମିଳିବାର ଆଶା ଉଜ୍ଜ୍ୱଳ ହୋଇଛି। ଏ ପର୍ଯ୍ୟନ୍ତ ଭାରତରେ ମାତ୍ର ୫୩ ଲକ୍ଷ ହେକ୍ଟର ଜଙ୍ଗଲ ଜମି ଉପରେ ଗୋଷ୍ଠୀ ଜଙ୍ଗଲ ଅଧିକାରକୁ ସ୍ୱୀକୃତି ମିଳିଛି, ଯାହାକି ମୋଟ ସମ୍ଭାବନାର ମାତ୍ର ୧୩ ଶତାଂଶ। ସେହିପରି ଓଡ଼ିଶାରେ ୧.୫ ଲକ୍ଷ ହେକ୍ଟର ବା ୮.୮ ପ୍ରତିଶତ ଜଙ୍ଗଲ ଜମି ଉପରେ ଗୋଷ୍ଠୀ ଜଙ୍ଗଲ ଅଧିକାରକୁ ସ୍ୱୀକୃତି ମିଳିଛି। କିନ୍ତୁ ଏହି ନୂଆ ଆଇନ ବଳରେ ଦେଶରେ ୭୫ଟି ଆଦିମ ଜନଜାତିଙ୍କୁ ଓ ଓଡ଼ିଶାରେ ୧୩ ପ୍ରକାର ଆଦିମ ଜନଜାତିଙ୍କୁ ନିବାସ ଅଧିକାର(ହାବିଟାଟ୍ ରାଇଟ୍) ମିଳିବାର ସମ୍ଭାବନା ରହିଛି। ଓଡ଼ିଶାରେ ମଧ୍ୟ ପାଖାପାଖି ୧୭ ଲକ୍ଷ ହେକ୍ଟର ଜଙ୍ଗଲ ଜମି ଉପରେ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ସ୍ୱୀକୃତି ମିଳିବ ବୋଲି ଜଣାପଡ଼ିଛି।



ଅନ୍ୟ ସମସ୍ତ ପ୍ରଦେଶ ତୁଳନାରେ ଓଡ଼ିଶାରେ ସବୁଠାରୁ ଅଧିକ ୧୩ ପ୍ରକାରର ଆଦିମ ଜନଜାତି ଥିବା ବେଳେ ରାଜ୍ୟ ସରକାର ଓ ସ୍ୱେଚ୍ଛାସେବୀ ସଙ୍ଗଠନର ମିଳିତ ସହଯୋଗରେ ୧୩ ଟି ମାଇକ୍ରୋ ପ୍ରୋଜେକ୍ଟ ଅଧୀନରେ ୯ ଗୋଟି ଆଦିମ ଜନଜାତିଙ୍କ ନିବାସ ଅଧିକାର ଦାବି ଉପସ୍ଥାପନ ହୋଇଥିଲେ ମଧ୍ୟ ଜିଲ୍ଲାସ୍ତରୀୟ କମିଟିମାନଙ୍କର ଇଚ୍ଛାଶକ୍ତିର ଅଭାବ ଯୋଗୁଁ ତାହା ଆଶାନୁରୂପ କାର୍ଯ୍ୟକାରୀ ହୋଇପାରୁନାହିଁ। ଆଇନ ଉଭୟ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ ପାଇଁ ଲାଗୁ ହୋଇଥିଲେ ବି ବିଭିନ୍ନ ସ୍ତରରେ ଅବହେଳା ଯୋଗୁଁ କାର୍ଯ୍ୟକାରୀ ହୋଇପାରୁନାହିଁ। ଉଦାହରଣସ୍ୱରୂପ ୨୦୦୫ ଡିସେମ୍ବର ୧୩ ତାରିଖର ତିନି ପିଢ଼ି ପୂର୍ବରୁ ପାରମ୍ପରିକ ବନବାସୀମାନେ ସେହି ଗାଁର ବାସିନ୍ଦା କି ନୁହନ୍ତି, ତାହାର ପ୍ରମାଣ ଯୋଗାଇଦେବା ଦାୟିତ୍ୱ ହେଉଛି ଉପଖଣ୍ଡସ୍ତରୀୟ ଜଙ୍ଗଲ ଅଧିକାର କମିଟିର। କିନ୍ତୁ କମିଟି ତା'ର ଦାୟିତ୍ୱ ଠିକ ଭାବେ ନ ତୁଲାଇ ଅଧିକାଂଶ ଦାବିକୁ ଆଜି ପର୍ଯ୍ୟନ୍ତ ବିଚାରାଧୀନ ରଖିଥିବା ଅଭିଯୋଗ ହେଉଛି। ଆବେଦନକାରୀଙ୍କ ଅଭିଯୋଗ ଅନୁଯାୟୀ, ଓଡ଼ିଶାରେ ୬ ପ୍ରତିଶତ ଦାବି ଏବେ ବି ବିଚାରାଧୀନ ଅବସ୍ଥାରେ ରହିଛି ଓ ୨୩ ପ୍ରତିଶତ ଦାବି ନାକଚ କରାଯାଇଛି, ଯାହା ଭିତରେ ଅଧିକାଂଶ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଦାବି ହିଁ ରହିଛି।

ଆଇନରେ ଜଙ୍ଗଲ ଗ୍ରାମ ଓ ଅଣ-ସର୍ବେକ୍ଷଣ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରିବାର ପ୍ରାବଧାନ ଥିଲେ ବି ତାହାର କାର୍ଯ୍ୟାନ୍ୱୟନ ସନ୍ତୋଷଜନକ ନୁହେଁ। ସରକାରଙ୍କ ତଥ୍ୟ ଅନୁସାରେ ଓଡ଼ିଶାରେ ୨୫ ଟି ଜିଲ୍ଲାରେ ସର୍ବମୋଟ ୫୮୯ ଟି ଅଣ-ସର୍ବେକ୍ଷଣ ଗ୍ରାମ ରହିଛି। ତାହା ମଧ୍ୟରୁ ଏବେ ବି କୌଣସି ଗୋଟିଏ ଗ୍ରାମ ବିଧିବଦ୍ଧ ଭାବେ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରାଯାଇ ନାହିଁ କି ସରକାରୀ ନଥିଭୁକ୍ତ କରି ଭୂନକ୍ସାରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ରାଜସ୍ୱ ବିଭାଗ ମାତ୍ର କେତେଗୁଡ଼ିଏ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରିବାକୁ ସୁପାରିସ କରିଛି। ଆଇନ କାର୍ଯ୍ୟକାରୀ ହେବାର ପ୍ରଥମ ପର୍ଯ୍ୟାୟରେ ଏହି ଆଇନକୁ ବହୁତ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ ଏବେ ଜଙ୍ଗଲ ଅଧିକାର ସ୍ୱୀକୃତି ପ୍ରକ୍ରିୟା ସାରା ଦେଶରେ ତଥା ଓଡ଼ିଶାରେ କଚ୍ଛପ ଗତିରେ ଆଗକୁ ଯାଉଥିବା ବିଶେଷଜ୍ଞମାନେ ମତ ଦେଉଛନ୍ତି। ଜଙ୍ଗଲ ଅଧିକାର ଆଇନ ଅନୁସାରେ ଗ୍ରାମସଭା ଦ୍ୱାରା ଦାବି ଆହ୍ୱାନ ହେବାର ତିନି ମାସ ଭିତରେ ଗ୍ରାମସଭା ଉପଖଣ୍ଡ ସ୍ତରୀୟ ଜଙ୍ଗଲ ଅଧିକାର କମିଟିରେ ଦାବି ଦାଖଲ କରିବ। କିନ୍ତୁ ଠିକଣା ଢଙ୍ଗରେ ତାହା ହୋଇପାରୁନାହିଁ।

ଆଇନ ଲାଗୁ ହେବାର ଇତିମଧ୍ୟରେ ସତର ବର୍ଷ ପୂରଣ ହୋଇଯାଇଥିଲେ ବି ବନବାସୀମାନେ ସେମାନଙ୍କ ପାରମ୍ପରିକ ଜଙ୍ଗଲ ଅଧିକାରର ସ୍ୱୀକୃତି ପାଇ ନାହାନ୍ତି। ଏବେ ବି ଆଇନକୁ କାର୍ଯ୍ୟକାରୀ କରୁଥିବା ଜିଲ୍ଲା ଓ ଉପଖଣ୍ଡ ସ୍ତରରେ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଆଇନକୁ ଠିକ ଢଙ୍ଗରେ ବୁଝି ନଥିବା ପରି ମନେ ହେଉଛି। ଜଙ୍ଗଲ ବିଭାଗ ଆଜି ବି କହୁଛି, ଏଇଟା ମୋ ଜଙ୍ଗଲ। ସମଗ୍ର ବିଶ୍ୱରେ ଜଙ୍ଗଲରେ ବାସ କରୁଥିବା ଗୋଷ୍ଠୀଗୁଡ଼ିକ ଜଙ୍ଗଲ ସହିତ ଦୀର୍ଘ ଦିନ ଧରି ସାମାଜିକ-ସାଂସ୍କୃତିକ ସମ୍ପର୍କ ରଖିଛନ୍ତି। କିନ୍ତୁ ଭାରତରେ ଔପନିବେଶିକ ଜଙ୍ଗଲ ଅଧିନିୟମ ଯୋଗୁଁ ଭାରତର ପାରମ୍ପରିକ ବନବାସୀମାନେ ସେମାନଙ୍କ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ହୋଇଛନ୍ତି। ଏହାଦ୍ୱାରା ଜଙ୍ଗଲ ସହିତ ସାଂସ୍କୃତିକ ପରିଚୟ ଏବଂ ସଂଯୋଗ ବାଧାପ୍ରାପ୍ତ ହୋଇଛି।

ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଜଙ୍ଗଲ ସହିତ ଦୈନନ୍ଦିନ ବ୍ୟବହାର ଯୋଗୁଁ ଲୋକମାନେ ଜଙ୍ଗଲ ସହିତ ଏକ ସଂଯୋଗ ବିକାଶ କରନ୍ତି। ସେମାନେ ଏହାଦ୍ୱାରା ସ୍ୱତନ୍ତ୍ର ଭାବେ ଜୈବିକ ଜ୍ଞାନ ଆହରଣ କରନ୍ତି ଏବଂ ଏହି ଜ୍ଞାନକୁ ସୁଲଭ, ଦକ୍ଷ ଏବଂ ଶକ୍ତିଶାଳୀ ଜଙ୍ଗଲ ପରିଚାଳନା ପ୍ରକ୍ରିୟା ପ୍ରସ୍ତୁତ କରିବାରେ ବ୍ୟବହାର କରନ୍ତି। ସମଗ୍ର ଦେଶରେ ଏହାର ଅନେକ ଉଦାହରଣ ରହିଛି। ଜଙ୍ଗଲ ଅଧିକାର ଆଇନ ମାଧ୍ୟମରେ ଗ୍ରାମସଭାକୁ ଗୋଷ୍ଠୀଗତ ଅଧିକାରର ହସ୍ତାନ୍ତର ସେମାନଙ୍କ ସୃଜନଶୀଳତା ବୃଦ୍ଧି କରିବ ଏବଂ ସ୍ୱଳ୍ପ ମୂଲ୍ୟରେ ଜଙ୍ଗଲକୁ ପ୍ରଭାବଶାଳୀ ଭାବରେ ପରିଚାଳନା, ସୁରକ୍ଷା ଏବଂ ପୁନରୁଦ୍ଧାର ପାଇଁ ଜଙ୍ଗଲବାସୀଙ୍କ ସ୍ଥାନୀୟ ଜ୍ଞାନ ବିସ୍ତାର କରିବ। ଆଇନକୁ କାର୍ଯ୍ୟକାରୀ କରୁଥିବା କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କ ଭିତରେ ଏହି ବୁଝାମଣାର ବୋଧହୁଏ ଅଭାବ ରହିଥିବାରୁ ଆଇନଟି ଠିକଣା ଢଙ୍ଗରେ କାର୍ଯ୍ୟକାରୀ ହୋଇପାରୁନାହିଁ।

ସୁଖର କଥା ଓଡ଼ିଶା ସରକାର ଏବେ ଏହି ଆଇନକୁ ସୂଚାରୁ ରୂପେ କାର୍ଯ୍ୟକାରୀ କରିବା ପାଇଁ 'ମୋ ଜଙ୍ଗଲ ଜମି ଯୋଜନା' ପ୍ରଣୟନ କରି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନେଇଛନ୍ତି। ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆଇନର ପ୍ରାବଧାନଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ କାର୍ଯ୍ୟ ଧାରା ପ୍ରସ୍ତୁତ କରିଛନ୍ତି ଏବଂ ତାହାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟସ୍ତରରୁ ଗ୍ରାମସ୍ତର ପର୍ଯ୍ୟନ୍ତ ମାନବ ସମ୍ବଳ ଯୋଗାଇ ଦେଇଛନ୍ତି। ତାହା ସହିତ ଏହି ଯୋଜନା ପାଇଁ ସ୍ୱତନ୍ତ୍ର ପାଣ୍ଠି ମଧ୍ୟ ଆବଣ୍ଟନ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ଆଇନର ସଫଳ ରୂପାୟନ ହେବା ନିଶ୍ଚିତ ବୋଲି ଜଣାପଡୁଛି। ଯୋଜନା ଅଧୀନରେ ଯେତେସବୁ କମିଟି ରହିଛି, ସେଗୁଡ଼ିକ ସଠିକ ଭାବରେ କ୍ରିୟାଶୀଳ ରହିଲେ ଯାଇ ସରକାରଙ୍କ ଦୂରଦର୍ଶୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ସମ୍ଭବ ହେବ ଏବଂ ବନବାସୀମାନଙ୍କୁ ଉଚିତ ନ୍ୟାୟ ମିଳିପାରିବ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ୫୨ ବର୍ଷ ପର୍ଯ୍ୟନ୍ତ ସନ୍ଧ୍ୟାରେ ଉପସ୍ଥାପନ ହେଉଥିଲା ବଜେଟ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୁରୁବାର ସକାଳ ୧୧ଟାରେ ବଜେଟ ଉପସ୍ଥାପନ କରଛନ୍ତି । କିନ୍ତୁ ଆଜିଠୁ ୨୩ ବର୍ଷ ତଳେ ଏପରି ହେଉ ନ ଥିଲା । ୧୯୯୯ ପର୍ଯ୍ୟନ୍ତ ଅର୍ଥାତ୍ ସ୍ୱାଧୀନତାର ୫୨ ବର୍ଷ ଯାଏଁ ସନ୍ଧ୍ୟା ୫ଟାରେ ବଜେଟ ଉପସ୍ଥାପନ କରାଯାଉଥିଲା । ପରେ ୧୯୯୩-୨୦୦୦ ବଜେଟ ଆଗତ କଲାବେଳେ ଏହି ପରମ୍ପରା ବଦଳି ଯାଇଥିଲା । ଏହା ପରଠାରୁ ସକାଳୁ ବଜେଟ ଉପସ୍ଥାପନ କରିବା ଆରମ୍ଭ ହୋଇଥିଲା । ଭାରତରେ ବଜେଟ ଉପସ୍ଥାପନ ପାଇଁ ସନ୍ଧ୍ୟା ୫ଟାରେ ବ୍ରିଟିଶ ଘଣ୍ଟାରେ ସମୟ ଧାର୍ଯ୍ୟ କରାଯାଇଥିଲା । ପ୍ରକୃତପକ୍ଷେ ଭାରତରେ ସନ୍ଧ୍ୟା ୫ଟା ବାଜିବା ବେଳକୁ ବ୍ରିଟେନର ଦିନ ୧୧ଟା ହୋଇଥାଏ । ସ୍ୱାଧୀନତା ପୂର୍ବରୁ ଏହି ସମୟରେ ଭାରତ ପାଇଁ ବଜେଟ ଆବଣ୍ଟନ କରାଯାଉଥିଲା । ତେଣୁ ବ୍ରିଟେନରେ ବଜେଟ ଉପସ୍ଥାପନା କରିବା ସମୟରେ ଭାରତରେ ମଧ୍ୟ ଏହାର ଆବଣ୍ଟନ ଜରୁରୀ ଥିଲା ।



ସନ୍ଧ୍ୟାରେ ବଜେଟ ଉପସ୍ଥାପନ ହେଲେ କମ୍ପାନୀଙ୍କୁ ଲାଭ ମିଳୁଥିଲା । କାରଣ ଭାରତ ସେୟାର ବଜାର ବନ୍ଦ ହେଲାବେଳକୁ ଲଣ୍ଡନ ଷ୍ଟକ୍ ଏକ୍ସଚେଞ୍ଜ ଖୋଲୁଥିଲା । ଏହି ପରମ୍ପରାକୁ ସ୍ୱାଧୀନତା ପରେ ମଧ୍ୟ ବଜାୟ ରଖାଯାଇଥିଲା । ସ୍ୱାଧୀନତା ପରର ସରକାର ଏଥିରେ କୌଣସି ପରିବର୍ତ୍ତନ କରି ନ ଥିଲେ । ମାତ୍ର ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟ (ଏନଡିଏ ସରକାର) ରେ ୧୯୯୯-୨୦୦୦ରେ ଏହି ପରମ୍ପରାକୁ ଭାଙ୍ଗି ଦିଆଯାଇଥିଲା । ସେତେବେଳର ଅର୍ଥମନ୍ତ୍ରୀ ଯଶୋବନ୍ତ ସିହ୍ନା ୧୯୯୯ ଫେବୃଆରୀ ୨୭ରେ ବଜେଟ ଉପସ୍ଥାପନ କରିଥିଲେ । ସେହିଦିନଠାରୁ ସକାଳ ୧୧ଟାରେ ବଜେଟ ଉପସ୍ଥାପନ କରାଗଲା । ସେତେବେଳେ ଯଶୋବନ୍ତ ସିହ୍ନା ଏହା ପଛରେ ଥିବା ଅନ୍ୟ ଏକ କାରଣ ଦର୍ଶାଇ ଥିଲେ । ସେ କହିଥିଲେ ଯେ ବଜେଟ ଆଗତ ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସାକ୍ଷାତାକାର ହୋଇଥାଏ ।



# ଦେଶର କିଛି ସ୍ମରଣୀୟ ବଜେଟ

## ଜନତାଙ୍କ ବଜେଟ, ୧୯୬୮-୬୯

୧୯୬୮ ମସିହା ଫେବୃଆରୀ ୨୯ ତାରିଖରେ ମୋରାର୍ଜୀ ଦେଶାଇ ବଜେଟ ଉପସ୍ଥାପନ କରିଥିଲେ । ଏହି ବଜେଟକୁ 'ଜନତାଙ୍କ ବଜେଟ' କୁହାଯାଏ । ମୋରାର୍ଜୀ ଦେଶାଇଙ୍କ ଏହି ବଜେଟ ସମୟରେ ଦେଶରେ ମରୁଡ଼ି ସ୍ଥିତି ସହ ଖାଦ୍ୟାଭାବ ଓ ମୁଦ୍ରାସ୍ଫୀତି ଭଳି ସମସ୍ୟା ଦେଇ ଦେଶ ଗତି କରୁଥିଲା । ଏହି ବଜେଟରେ ମୋରାର୍ଜୀ ଦେଶାଇ ଜୀବନ ସାଥୀ ଭତ୍ତା ଯୋଜନାକୁ ସମାପ୍ତ କରଥିଲେ । ଦେଶାଇ ୧୦ ଟି କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିଥିବା ବେଳେ ଓ ଜଣେ ଅର୍ଥମନ୍ତ୍ରୀଙ୍କ ଦ୍ୱାରା ସର୍ବାଧିକ ଥର ବଜେଟ ଉପସ୍ଥାପନ କରିବାର ରେକର୍ଡ କରିଥିଲେ ।

## କଳା ବଜେଟ, ୧୯୭୩-୭୪

୧୯୭୩ ମସିହାରେ ଭାରତ ଗମ୍ଭୀର ଭାବେ ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲା । ଏହି ସମୟରେ ରାଜକୋଷ ୫୫୦ କୋଟି ଟଙ୍କା କ୍ଷତିରେ ରହିଥିଲା । ଏହି ସମୟରେ ତତ୍କାଳୀନ ଅର୍ଥମନ୍ତ୍ରୀ ଯଶୱନ୍ତ ରାଓ ବି ଚୌହ୍ୱାନ ୧୯୭୩ ଫେବୃଆରୀ ୨୮ ରେ 'କଳା ବଜେଟ' ଉପସ୍ଥାପନ କରିଥିଲେ ।

## ଜରୁରୀ ପରିସ୍ଥିତି ପରର ଅନ୍ତରୀଣ ବଜେଟ

୨୮ ମାର୍ଚ୍ଚ ୧୯୭୭ରେ ଅର୍ଥମନ୍ତ୍ରୀ ହିରଭାଇ ମୁଳଜିଭଆଇ ପଟେଲ୍ ଦେଶର ସବୁଠୁ ଛୋଟ ବଜେଟ ଉପସ୍ଥାପନ କରିଥିଲେ । ତାଙ୍କ ବଜେଟ ଭାଷଣ ମାତ୍ର ୮୦୦ ଶବ୍ଦରେ ସୀମିତ ରହିଥିଲା ।

## ଯୁଗାନ୍ତକାରୀ ବଜେଟ, ୧୯୯୧-୯୨

ପିଭି ନରସିହ୍ମା ରାଓ ସରକାରଙ୍କ ପକ୍ଷରୁ ୨୪ ଜୁଲାଇ ୧୯୯୧ରେ ମନମୋହନ ସିଂ ଭାରତରେ ଉଦାରୀକରଣର ରାସ୍ତା ପ୍ରଶସ୍ତ କରି ଯୁଗାନ୍ତକାରୀ ବଜେଟ ଉପସ୍ଥାପନ କରିଥିଲେ । ଯେତେବେଳ ଭରତ ଅର୍ଥନୈତିକ ସଂକଟ ମଧ୍ୟରେ ଗତି କରୁଥିଲା, ସେହି ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ନରସିହ୍ମା ରାଓ ଆମ୍ଦାନୀ-ରପ୍ତାନୀ ନୀତିରେ ପରିବର୍ତ୍ତନ କରିବା ସହ ସୀମ ଶୁଳ୍କକୁ ୨୨୦ ପ୍ରତିଶତରୁ ହ୍ରାସ କରି ୧୫୦ ପ୍ରତିଶତକୁ କମାଥିଲେ । ଏହି ବଜେଟ ଯୋଗୁଁ ଭାରତ ଶିଳ୍ପ କ୍ଷେତ୍ରରେ ବିଶ୍ୱସ୍ତରରେ ପରିଚୟ ପାଇଥିଲା ।

## ସ୍ୱପ୍ନ ବଜେଟ, ୧୯୯୭-୯୮

ଫେବ୍ରୁଆରୀ ୧୯୯୭ରେ ଅର୍ଥମନ୍ତ୍ରୀ ପି ଚିଦାମ୍ବରମଙ୍କ ଦ୍ୱାରା ପ୍ରସ୍ତୁତ ବଜେଟକୁ 'ଡ୍ରୀମ୍ ବଜେଟ' କୁହାଯାଇଥିଲା । ଏହି ବଜେଟରେ ସୀମା ଶୁଳ୍କକୁ ୪୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରାଯାଇ ଉତ୍ପାଦ ଶୁଳ୍କ ସଂରଚନାକୁ ସରଳ କରାଯାଇଥିଲା । କଳାଧନ ଅସୁଲ ପାଇଁ ଆୟ ଯୋଜନାରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ କର ସୁଧାର କ୍ଷେତ୍ରରେ ଅନେକ ପରିବର୍ତ୍ତନ କରାଯାଇଥିଲା ।

## ମିଲେନିୟମ ବଜେଟ

ଅର୍ଥମନ୍ତ୍ରୀ ଯଶବନ୍ତ ସିହ୍ନାଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ବଜେଟ୍‌ର ସଫ୍ଟୱେୟାର ବିକାଶ କ୍ଷେତ୍ରରେ ଗୁରୁତ୍ୱ ଦିଆଯାଇଥିଲା । ଏହି ବଜେଟ ଉପସ୍ଥାପନ ପରେ ଦେଶରେ ଦ୍ରୁତ ଭାବେ ସଫ୍ଟୱେୟାର ଶିଳ୍ପ ବୃଦ୍ଧି ପାଇଥିଲା ।



# ନେହେରୁଙ୍କଠାରୁ ରାଜୀବଙ୍କ ପର୍ଯ୍ୟନ୍ତ ଦେଶର କିଛି ପ୍ରଧାନମନ୍ତ୍ରୀ ଆଣିଥିଲେ ବଜେଟ

ଦେଶରେ ଅନେକ ଥର ଏପରି ହୋଇଥିଲା ଯେତେବେଳେ ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ କରିପାରି ନ ଥିଲେ ଏବଂ ଅନେକ ଥର ପ୍ରଧାନମନ୍ତ୍ରୀ ବଜେଟ ଉପସ୍ଥାପନ କରିଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀ ନେହେରୁଙ୍କ ପରେ ତାଙ୍କ ଝିଅ ଇନ୍ଦିରା ଗାନ୍ଧୀ ମଧ୍ୟ ପ୍ରଧାନମନ୍ତ୍ରୀ ଥିବାବେଳେ ଦେଶର ବଜେଟ ଉପସ୍ଥାପନ କରିଥିଲେ । ୧୯୭୦ରେ ମୋରାର୍ଜୀ ଦେଶାଇ ଅର୍ଥ ମନ୍ତ୍ରଣାଳୟରୁ ଇସ୍ତଫା ଦେବା ପରେ ଇନ୍ଦିରା ଗାନ୍ଧୀ ବଜେଟ ଉପସ୍ଥାପନ କରିଥିଲେ । ସେ ଦେଶର ପ୍ରଥମ ମହିଳା ଅର୍ଥମନ୍ତ୍ରୀ ମଧ୍ୟ ଥିଲେ । ଇନ୍ଦିରା ଗାନ୍ଧୀଙ୍କ ପରେ ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ପଦବୀରେ ଥିବାବେଳେ ବଜେଟ ମଧ୍ୟ ଉପସ୍ଥାପନ କରିଥିଲେ । ୧୯୮୭-୮୮ ମସିହାରେ ଭି.ପି. ସିଂ ଅର୍ଥମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ଏହାପରେ ରାଜୀବ ଗାନ୍ଧୀଙ୍କୁ ଏହି ଦାୟିତ୍ୱ ଗ୍ରହଣ କରିବାକୁ ପଡିଥିଲା ।

# ୧୯୫୦ରେ ହୋଇଥିଲା ବଜେଟ ଲିକ୍

# ଅର୍ଥମନ୍ତ୍ରୀ ଦେଇଥିଲେ ଇସ୍ତଫା



ବର୍ଷ ଥିଲା ୧୯୫୦ । ଜନ୍ ମାଥାଇ ସେତେବେଳେ ଭାରତର ଅର୍ଥମନ୍ତ୍ରୀ ଥିଲେ । ଦେଶର ବଜେଟ ଉପସ୍ଥାପନ କରାଯାଉଥିଲା । ସମସ୍ତ ପ୍ରସ୍ତୁତି ପ୍ରାୟ ସମ୍ପୂର୍ଣ୍ଣ ହୋଇସାରିଥିଲା । ଏହାପରେ ବଜେଟ ଲିକ୍ ହେବାର ଖବର ଆସିଲା । ଏହି ଘଟଣାରେ ଜନ୍ ମାଥାଇ ଅର୍ଥମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ।

ଉକ୍ତ ଘଟଣା ବଜେଟ ମୁଦ୍ରଣ କରିବାର ପରମ୍ପରାକୁ ବଦଳାଇ ଦେଇଥିଲା । ସେ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ଭବନରେ ବଜେଟ ମୁଦ୍ରଣ କରାଯାଉଥିଲା । ଏହି ଘଟଣା ପରେ ମୁଦ୍ରଣକୁ ନୂଆଦିଲ୍ଲୀର ମିଣ୍ଟୋ ରୋଡକୁ ସ୍ଥାନାନ୍ତର କରିବାକୁ ପଡିଲା । ୧୯୮୦ରେ ମୁଦ୍ରଣ ସ୍ଥାନ ପୁଣି ଥରେ ପରିବର୍ତ୍ତନ କରାଗଲା । ନର୍ଥ ବ୍ଲକର ତଳ ମହଲାରେ ବଜେଟ ଛାପା ଆରମ୍ଭ ହେଲା । ବର୍ତ୍ତମାନ ହାଲୱା ସମାରୋହ ପରେ ବଜେଟ ମୁଦ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ବଜେଟ ସଂସଦରେ ଆଗତ କରାଯିବା ପର୍ଯ୍ୟନ୍ତ ମୁଦ୍ରଣ ସହ ଜଡିତ ସମସ୍ତ ଅଧିକାରୀ ଏବଂ ସପୋର୍ଟ ଷ୍ଟାଫ୍ ମନ୍ତ୍ରଣାଳୟରେ ବନ୍ଦ ହୋଇ ରହିଥାନ୍ତି । ଅଧିକାରୀମାନଙ୍କୁ ସେମାନଙ୍କ ଫୋନ୍ ବ୍ୟବହାର କରିବାକୁ ଅନୁମତି ଦିଆଯାଇ ନ ଥାଏ । ବଜେଟ ଉପସ୍ଥାପିତ ନହେବା ପର୍ଯ୍ୟନ୍ତ ସେମାନେ ନିଜ ପରିବାରକୁ ମଧ୍ୟ ଭେଟି ପାରିବେ ନାହିଁ ।

# ବଜେଟ ଅଭିଭାଷଣ



# ସର୍ବାଧିକଠୁ ସ୍ୱଳ୍ପ ଅବଧି

ନିର୍ବାଚନ ବର୍ଷ ହୋଇଥିବାରୁ ଚଳିତ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଦଳରେ ଅନ୍ତରୀଣ ବଜେଟ ଉପସ୍ଥାପନ କରାଯାଇଛି । ମାତ୍ର ବଜେଟ ଅଭିଭାଷଣ ସବୁବେଳେ ଚର୍ଚ୍ଚାରେ ରହିଆସିଛି । କେଉଁ ଅର୍ଥମନ୍ତ୍ରୀ ଦୀର୍ଘ ସମୟ ତ ଆଉ କିଏ ସ୍ୱଳ୍ପ ଅବଧିରେ ନିଜ ଅଭିଭାଷଣକୁ ଶେଷ କରିଦେଇଛନ୍ତି । ମାତ୍ର ଗୋଟିଏ ରେକର୍ଡ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ନାମରେ ରହିଛି । ସବୁଠାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବଜେଟ ଆଗତ କରିବାର ରେକର୍ଡ ନିର୍ମଳାଙ୍କ ନାମରେ ରହିଛି । ସେ ୨୦୨୦-୨୧ରେ ଭାରତ ଇତିହାସର ସବୁଠାରୁ ଲମ୍ବା ୨ ଘଣ୍ଟା ୪୨ ମିନିଟ ପର୍ଯ୍ୟନ୍ତ ବଜେଟ ବିଷୟରେ ସୂଚନା ଦେଇଥିଲେ । ଏପରି କରି ସେ ନିଜ ରେକର୍ଡକୁ ନିଜେ ଭାଙ୍ଗିଥିଲେ । ମାତ୍ର ଏହା ତାଙ୍କର ସମ୍ପୂର୍ଣ୍ଣ ଅଭିଭାଷଣ ନ ଥିଲା । ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ଯୋଗୁଁ ସେ ସମୟ କମାଇ ଦେଇଥିଲେ । ଆହୁରି ତାଙ୍କ ପାଖରେ ୨ ପୃଷ୍ଠା ବାକି ଥିଲା । ଏହା ପୂର୍ବରୁ ସେ ୨୦୨୦ରେ ୨ ଘଣ୍ଟା ୧୭ ମିନିଟ ପର୍ଯ୍ୟନ୍ତ ବଜେଟ ଆଗତ କରିଥିଲେ । ସେ ୨୦୨୧-୨୨ରେ ୧୦୦ ମିନିଟ ଏବଂ ୨୦୨୨-୨୩ରେ ମାତ୍ର ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ବଜେଟ ଉପରେ ମନ୍ତବ୍ୟ ରଖିଥିଲେ । ସେହିପରି ସେ ଗତ ବର୍ଷ ମାତ୍ର ୮୭ ମିନିଟରେ ବଜେଟ ରଖିଥିଲେ । ଏହା ତାଙ୍କର ସବୁଠାରୁ ସ୍ୱଳ୍ପ ଅବଧିରେ ବଜେଟ ଥିଲା । ମାତ୍ର ସେ ଚଳିତ ବର୍ଷ ଏହି ରେକର୍ଡକୁ ମଧ୍ୟ ଭାଙ୍ଗି ଦେଇଛନ୍ତି । ସେ ଗୁରୁବାର ୫୮ ମିନିଟରେ ବଜେଟ ଅଭିଭାଷଣ ଶେଷ କରିଛନ୍ତି । ନିର୍ମଳାଙ୍କ ପୂର୍ବରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବଜେଟ ଆଗତ କରିବାର ରେକର୍ଡ ବିଜେପି ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ଯଶୋବନ୍ତ ସିହ୍ନାଙ୍କ ନାମରେ ଥିଲା । ସେ ୨୦୦୩ରେ ୨ ଘଣ୍ଟା ୧୫ ମିନିଟ ବଜେଟ ଆଗତ କରିଥିଲେ । ଏହା ବ୍ୟତୀତ ଦିବଂଗତ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ୨୦୧୪ରେ ୨ ଘଣ୍ଟା ୧୦ ମିନିଟ ପର୍ଯ୍ୟନ୍ତ ବଜେଟ ଅଭିଭାଷଣ ରଖିଥିଲେ ।





ପୂର୍ବତନ ଅର୍ଥମନ୍ତ୍ରୀ ହିରୁଭାଇ ଏମ୍ ପଟେଲ ସ୍ୱାଧୀନ ଭାରତ ଇତିହାସର ସବୁଠାରୁ ଛୋଟ ବଜେଟ ଅଭିଭାଷଣ ଦେଇଥିଲେ । ସେ ୧୯୭୭ରେ ୮୦୦ ଶବ୍ଦରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିଥିଲେ । ଏ ପର୍ଯ୍ୟନ୍ତ ସର୍ବାଧିକ ବଜେଟ ଆଗତ କରିଥିବାର ରେକର୍ଡ ପୂର୍ବତନ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ନାମରେ ରହିଛି । ସେ ସର୍ବାଧିକ ୧୦ ଥର ସାଧାରଣ ବଜେଟ ଉପସ୍ଥାପନ କରିଥିଲେ । ତାଙ୍କ ପୂର୍ବତନ ଅର୍ଥମନ୍ତ୍ରୀ ପି ଚିଦମ୍ବରମ ଅଛନ୍ତି । ସେ ୯ଥର ବଜେଟ ଆଗତ କରିଥିଲେ । ସେହିପରି ପ୍ରଣବ ମୁଖାର୍ଜୀ ୯ ଥର, ଯଶୋବନ୍ତ ସିହ୍ନା ୭ ଥର, ମନମୋହନ ସିଂହ ୬ ଥର ଏବଂ ଟିଟି କୃଷ୍ଣମାଚାରୀ ୬ ଥର ବଜେଟ ଉପସ୍ଥାପନ କରିଥିଲେ ।

ଭାରତର ସ୍ୱାଧୀନତା ପରଠାରୁ ଏ ପର୍ଯ୍ୟନ୍ତ ମୋଟ ୯୨ ଥର ସାଧାରଣ ବଜେଟ ଉପସ୍ଥାପନ କରାଗଲାଣି । ଏଥିରେ ପୂର୍ଣ୍ଣାଙ୍ଗ ଏବଂ ଅନ୍ତରୀଣ ଉଭୟ ସାମିଲ ରହିଛି । ଏବେ ସୁଦ୍ଧା ୭୩ ଥର ସାଧାରଣ, ୧୫ ଥର ଅନ୍ତରୀଣ ଏବଂ ୪ ଥର ସ୍ୱତନ୍ତ୍ର ବଜେଟ ଉପସ୍ଥାପନ କରାଗଲାଣି । ୧୯୫୧ରୁ ୨୦୧୯ ମଇ ପର୍ଯ୍ୟନ୍ତ ୧୧ ଜଣ ଅର୍ଥମନ୍ତ୍ରୀ ବଜେଟ ଆଗତ କଲେଣି ।

- ନିର୍ମଳାଙ୍କ ନାମରେ ଦୀର୍ଘ ସମୟ ଅଭିଭାଷଣ ଦେବାରେ ରେକର୍ଡ
- ମାତ୍ର ୮୦୦ ଶବ୍ଦରେ ବଜେଟ ଆଗତ କରିଥିଲେ ହିରୁଭାଇ ଏମ ପଟେଲ
- ୧୦ ଥର ବଜେଟ ଉପସ୍ଥାପନ କରିଥିଲେ ମୋରାରଜୀ ଦେଶାଇ
- ଏ ପର୍ଯ୍ୟନ୍ତ ୯୨ ଥର ଉପସ୍ଥାପନ ହେଲାଣି ବଜେଟ
- ଏବେ ସୁଦ୍ଧା ୧୧ ଅର୍ଥମନ୍ତ୍ରୀ ଆଗତ କଲେଣି ବଜେଟ

# ଅର୍ଥମନ୍ତ୍ରୀ ଥାଇ ବଜେଟ ଆଗତ କରିପାରି ନ ଥିଲେ



ଭାରତ ଇତିହାସରେ ଅନେକ ଅର୍ଥମନ୍ତ୍ରୀ ରହିଛନ୍ତି ଯେଉଁମାନେ ବଜେଟ ଉପସ୍ଥାପନ କରିପାରିନାହାନ୍ତି । ରାଜୀବ ଗାନ୍ଧୀଙ୍କ ପରେ ନାରାୟଣ ଦତ୍ତ ତିୱାରୀ ଦେଶର ଅର୍ଥମନ୍ତ୍ରୀ ହୋଇଥିଲେ । ଦେଶର ଅର୍ଥମନ୍ତ୍ରୀଙ୍କ ମଧ୍ୟରେ ନାରାୟଣ ଦତ୍ତ ତିୱାରୀ ଅଛନ୍ତି ଯେ କି ଅର୍ଥମନ୍ତ୍ରୀ ଥିବାବେଳେ ଦେଶର ବଜେଟ ଆଗତ କରପାରି ନ ଥିଲେ । ହେମବତୀ ନନ୍ଦନ ବାହୁଗୁଣା ଇନ୍ଦିରା ଗାନ୍ଧୀଙ୍କ ସରକାରରେ ପ୍ରାୟ ୭ ମାସ ଅର୍ଥମନ୍ତ୍ରୀ ଥିଲେ । କିନ୍ତୁ ଏହି ସମୟ ମଧ୍ୟରେ ଦେଶର ବଜେଟ ଉପସ୍ଥାପିତ ହୋଇ ନ ଥିଲା ଏବଂ ଅର୍ଥମନ୍ତ୍ରୀ ହୋଇଥିଲେ ମଧ୍ୟ ସେ ଦେଶର ବଜେଟ ଉପସ୍ଥାପନ କରିପାରି ନ ଥିଲେ । ଦେଶର ଦ୍ୱିତୀୟ ଅର୍ଥମନ୍ତ୍ରୀ କ୍ଷିତୀଜ ଚନ୍ଦ୍ର ନିୟୋଗି ମଧ୍ୟ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ବଜେଟ ଉପସ୍ଥାପନ କରିପାରି ନ ଥିଲେ ।

# ନିର୍ମଳାଙ୍କ ବଜେଟ ସେନା

## ଟିଭି ସୋମନାଥନ୍



ଅର୍ଥ ମନ୍ତ୍ରଣାଳୟରେ ଟିଭି ସୋମନାଥନ୍ ସବୁଠୁ ବରିଷ୍ଠ ସଚିବ । ସୋମନାଥଙ୍କ ନିକଟରେ ଅର୍ଥ ସଚିବ ଦାୟିତ୍ୱ ରହିଛି । ତାମିଲନାଡୁ କ୍ୟାଡରର ୧୯୮୭ ବ୍ୟାଚର ଆଇଏଏସ ଅଧିକାରୀ ସୋମନାଥ ୨୦୧୫ ଏପ୍ରିଲରୁ ୨୦୧୭ ଅଗଷ୍ଟ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ ।

## ଅଜୟ ସେଠ୍



କର୍ଣ୍ଣାଟକ କ୍ୟାଡରର ୧୯୮୭ ବ୍ୟାଚ୍‌ର ଆଇଏଏସ ଅଧିକାରୀ ଅଜୟ ସେଠ୍ ଅର୍ଥ ମନ୍ତ୍ରଣାଳୟରେ ଆର୍ଥିକ ବିଭାଗର ସଚିବ ରହିଛନ୍ତି । ଗତ ବର୍ଷ ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ଜି-୨୦ ବୈଠକ ସମୟରେ ସେ ଚର୍ଚ୍ଚାକୁ ଆସିଥିଲା ।

## ତୁହିନକାନ୍ତ ପାଣ୍ଡେ



ଦୀପମ୍‌ରେ ସଚିବ ତୁହିନକାନ୍ତ ପାଣ୍ଡେ ଏୟାର ଇଣ୍ଡିଆର ଘରୋଇକରଣ ଓ ଏଲଆଇସି ଆଇପିଓରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ପାଣ୍ଡେ ଓଡିଶା କ୍ୟାଡରର ୧୯୮୭ ବ୍ୟାଚର ଅଧିକାରୀ ।

## ସଞ୍ଜୟ ମାଲହୋତ୍ରା



ରାଜସ୍ଥାନ କ୍ୟାଡରର ୧୯୯୦ ବ୍ୟାଚ୍‌ର ଅଧିକାରୀ ସଞ୍ଜୟ ମାଲହୋତ୍ରା ବର୍ତ୍ତମାନ ରାଜସ୍ୱ ସଚିବ ରହିଛନ୍ତି । ଏହା ପୂର୍ବରୁ ସେ ବିତ୍ତୀୟ ବିଭାଗର ପ୍ରମୁଖ ଥିଲେ । ବଜେଟ ପ୍ରକ୍ରିୟାରେ ଟ୍ୟାକ୍ସ ରାଜସ୍ୱ ବୃଦ୍ଧିର ଦାୟିତ୍ୱ ତାଙ୍କ ହାତରେ ରହିଛି ।

## ବିବେକ ଯୋଶୀ



ବିବେକ ଯୋଶୀ ବଜେଟ ଉପରେ ଅର୍ଥମନ୍ତ୍ରୀ ନିର୍ମଳାଙ୍କ ପରାମର୍ଶଦାତା ଗ୍ରୁପରେ ସବୁଠୁ ନୂତନ ସଦସ୍ୟ । ହରିୟାଣା କ୍ୟାଡରର ୧୯୮୯ ବ୍ୟାଚର ଅଧିକାରୀ ବିବେକ ଯୋଶୀ ପ୍ରଥମେ ଭାରତର ରେଜିଷ୍ଟ୍ରାର ଜେନେରାଲ ଓ ଜନଗଣନା କମିଶନର ଥିଲେ ।

## ଭି ଅନନ୍ତ ନାଗେଶ୍ୱରନ



ଭି ଅନନ୍ତ ନାଗେଶ୍ୱରନ ଭାରତ ସରକାରଙ୍କ ମୁଖ୍ୟ ଆର୍ଥିକ ପରାମର୍ଶଦାତା । ସେ ଜଣେ ଲେଖକ ଓ ଶିକ୍ଷକ ଭାବେ ପରିଚିତ । ସେ ଅର୍ଥବ୍ୟବସ୍ଥା ପ୍ରସଙ୍ଗରେ ସୀତାରମଣଙ୍କ ସବୁଠୁ ନିକଟତର ପରାମର୍ଶଦାତା ।

# ଆନନ୍ଦପୁରରୁ ଉଦ୍ଧାର ହେଲେ ଝାଡ଼ଖଣ୍ଡ ନାବାଳିକା

## ତାମିଲନାଡୁରୁ ହୋଇଥିଲେ ନିଖୋଜ; ଯୁବକ ଗିରଫ

**କେନ୍ଦୁଝର/ଆନନ୍ଦପୁର,୧।୨(ସମିସ)**



ଝାଡ଼ଖଣ୍ଡ ରାଜ୍ୟର ଜଣେ ନାବାଳିକା ତାମିଲନାଡୁ ବୁଲିବାକୁ ଯାଇ ସେଠାରେ ନିଖୋଜ ହୋଇଯାଇଥିବା ବେଳେ ରହସ୍ୟ ଜନକ ଭାବେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁରରୁ ଉଦ୍ଧାର କରାଯାଇଛି। ଘଟଣାରେ ସଂପୃକ୍ତ ଜଣେ ଯୁବକକୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ନାବାଳିକାକୁ ଉଦ୍ଧାର ପରେ ଝାଡ଼ଖଣ୍ଡ ପୁଲିସ ଏବଂ ସିଡବ୍ଲୁସିର ଲୋକ ଆସିଲେ ନାବାଳିକାକୁ ହସ୍ତାନ୍ତର କରାଯିବ ବୋଲି କେନ୍ଦୁଝର ସିଡବ୍ଲୁସି ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ଝାଡ଼ଖଣ୍ଡ ରାଜ୍ୟ ପାଲମ ଜିଲ୍ଲା ସର୍ଜା ଗାଁର ଶ୍ରୀହରି ଭୂୟାଁଙ୍କ ୧୪ ବର୍ଷୀୟା ନାବାଳିକା ନିଜ ବାପା ପାଖକୁ ତାମିଲନାଡୁ ଯାଇଥିଲା। ତାମିଲନାଡୁରେ ବାପା ରହୁଥିବା ସ୍ଥାନର ଜଣେ ପଡୋଶୀ ମହିଳାଙ୍କ ସହ ୯ ଡିସେମ୍ବରରେ ବୁଲିବାକୁ ଯାଇ ହଜିଯାଇଥିଲେ। ଝିଅ ହଜିଯାଇଥିବା କଥା ପଡ଼ୋଶୀ ମହିଳା ଆସି ତାଙ୍କ ବାପଙ୍କୁ ଜଣାଇଥିଲେ। ବାପା ଅନେକ ଖୋଜା ଖୋଜି ପରେ ମଧ୍ୟ ଝିଅକୁ ପାଇନଥିଲେ। ତେବେ ଡିସେମ୍ବର ୧୨ତାରିଖରେ ତାମିଲନାଡୁରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳ ଟୁକୁଣାର ପିଣ୍ଟୁ ଦାସ ନାମକ ଜଣେ ଯୁବକଙ୍କ ପାଖରେ ଏହି ନାବାଳିକା ଝିଅ ରହିଥିବା ଝିଅର ମା'ଙ୍କୁ ଫୋନରେ ଜଣାଇଥିଲେ ପିଣ୍ଟୁ। ପିଣ୍ଟୁ ଉକ୍ତ ଝିଅକୁ ପାଖରେ ରଖିଥିବାରୁ ହସ୍ତାନ୍ତର କରିବାର ଖର୍ଚ୍ଚ ବାବଦକୁ ୧୦ହଜାର ଟଙ୍କା ମାଗିଥିଲେ। ଯାହାକୁ ସଙ୍ଗେ ସଙ୍ଗେ ଝିଅର ମା' ପିଣ୍ଟୁ ଦେଇଥିବା ନମ୍ବରରେ ତୁରନ୍ତ ପଠେଇ ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ପିଣ୍ଟୁ ଝିଅକୁ ପରିବାରକୁ ହସ୍ତାନ୍ତର ନକରିବାରୁ ଝିଅର ମା' ଅନିତା ଦେବୀ ଝାଡ଼ଖଣ୍ଡ ପୁଲିସ ନିକଟରେ ଅଭିଯୋଗ କରିବା ସହିତ ଶିଶୁ ସୁରକ୍ଷା ସମିତିର ମଧ୍ୟ ଦ୍ୱାରସ୍ଥ ହୋଇଥିଲେ। ତଦନ୍ତ ପରେ ଏ ନେଇ ଓଡ଼ିଶା ଶିଶୁ ସୁରକ୍ଷା ଆୟୋଗ ନିକଟରେ ଖବର ପହଞ୍ଚିଥିଲା। ଯେଉଁଥିରେ ଆୟୋଗର ଅଧ୍ୟକ୍ଷାଙ୍କ ହସ୍ତକ୍ଷେପ ପରେ କେନ୍ଦୁଝର ଜିଲ୍ଲା ଶିଶୁ ସୁରକ୍ଷା ସମିତି ଆନନ୍ଦପୁର ପୁଲିସ ସାହାଯ୍ୟରେ ଟୁକୁଣା ସ୍ଥିତ ପିଣ୍ଟୁର ଘରୁ ଉକ୍ତ ନାବାଳିକା ଉଦ୍ଧାର କରିଛି। ନାବାଳିକାର ଘର ଲୋକ ଓ ଝାଡ଼ଖଣ୍ଡର ଶିଶୁ ସୁରକ୍ଷା ଆୟୋଗର ଅଧିକାରୀ ଆସିଲା ପରେ ଉକ୍ତ ନାବାଳିକାକୁ ହସ୍ତାନ୍ତର କରାଯିବ ବୋଲି କେନ୍ଦୁଝର ଶିଶୁ ସୁରକ୍ଷା ସମିତିର ଅଧ୍ୟକ୍ଷ ବିଭୁତି ଭୂଷଣ ଦାସ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପିଣ୍ଟୁକୁ ଅଟକ ରଖି ପୁଲିସ ତଦନ୍ତ ଚଳାଇଥିବା ସୂଚନା ମିଳିଛି।

## ସେଣ୍ଟ ଜାଭିୟର୍ସ ସ୍କୁଲରେ ବିଜ୍ଞାନ ମେଳା

**ପାଟଣା, ୧।୨ (ସମିସ):** ପାଟଣା ମୁଖ୍ୟାଳୟରେ ଥିବା ସେଣ୍ଟ ଜାଭିୟର୍ସ ବିଦ୍ୟାଳୟ ପରିସରରେ ଜ୍ଞାନବିଜ୍ଞାନ ମେଳା ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରିନ୍ସିପାଲ ଗଣେଶ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ଦାଶ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସମ୍ପାଦକ ଅବିନାଶ ଦାଶ, ପରିଚାଳନା କମିଟି ସଦସ୍ୟ ଲିଙ୍ଗରାଜ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ବିଜ୍ଞାନ ମେଳାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ ମୋଟ ୧୨୦ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ନୃସିଂହ ଚରଣ ଦାଶ, ଭୁବନ ମୁଦି, ଧରଣୀଧର ମହାନ୍ତ, ବସନ୍ତ ମହାନ୍ତ, ଜ୍ୟୋତିରଞ୍ଜନ ଗିରି, ଶିକ୍ଷୟିତ୍ରୀ ବୈଜୟନ୍ତି ସିଂ, ରାଜଶ୍ରୀ ସାହୁ, ବବିତା ବାରିକ, ଦୀପ୍ତି ପତି, ଶ୍ରଦ୍ଧାଞ୍ଜଳି ଦାଶ, ସଞ୍ଜୁଲତା ମହାନ୍ତ, ଜ୍ୟୋତ୍ସ୍ନା ମଞ୍ଜରୀ ତ୍ରିପାଠୀ, ହୁସନାରା ପରବିନ, ଲିପିକା ମଞ୍ଜରୀ ମହାନ୍ତ, ସସ୍ମିତା ମହାନ୍ତ, ରିମା ରଣା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ମିଶନ ଶକ୍ତି ମହିଳାଙ୍କୁ ଦୁର୍ବ୍ୟବହାର କରି ଜଣେ ଗିରଫ



**ଘସିପୁରା,୧।୨(ସମିସ):** ରାମଚନ୍ଦ୍ରପୁର ଥାନା ଶାଳଦେଇ ପଞ୍ଚାୟତରେ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା କରୁଥିବା ସମୟରେ ସ୍ଥାନୀୟ ଓଡ଼ପଡା ଗ୍ରାମର ଜିତେନ୍ଦ୍ର ଖୁଣ୍ଟିଆ (୪୨) ଓରଫ ଟୁଟୁ ଏବଂ ତା'ଙ୍କ ପୁଅ ଶାଶ୍ୱତ ଖୁଣ୍ଟିଆ(୨୦) ମିଶନଶକ୍ତି ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଢେଲା ପଥରମାରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏଥି ନେଇ ମହିଳାମାନଙ୍କ ପକ୍ଷରୁ ରାମଚନ୍ଦ୍ରପୁର ଥାନାରେ ଉଭୟ ବାପପୁଅଙ୍କ ନାଁରେ ଅଭିଯୋଗ ହୋଇଥିଲା। ପୁଲିସ ୩୩/୨୪ରେ ଏକ ମାମଲା ରୁଜୁ କରିବା ପରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ହେଲେ ଅଭିଯୁକ୍ତ ବାପ ପୁଅ ପୁଲିସକୁ ଚକମା ଦେଇ ଚାଲିଥିଲେ। ଆଜି ବିଶେଷ ସୂତ୍ରରୁ ଖବର ମିଳିବା ପରେ ଥାନା ଅଧିକାରୀ ବିଜୟକୁମାର ସିଂ ନିର୍ଦ୍ଦେଶରେ ଏଏସ୍‌ଆଇ ଧର୍ମେନ୍ଦ୍ର ମହାପାତ୍ର ପୁଲିସ ଟିମ୍ ସହ ଅଚାନକ ଚଢ଼ଉ କରି ଅଭିଯୁକ୍ତ ଜିତେନ୍ଦ୍ର ଖୁଣ୍ଟିଆ ଓରଫ (ଟୁଟୁ)କୁ ନପଙ୍ଗା ଗାଁ ନିକଟରୁ କାବୁ କରି ନେଇଥିଲେ। ଥାନାରେ ଅଧିକ ପଚାରା ଉଚାରା ପରେ ଆଜି ଅପରାହ୍ନରେ ଅଭିଯୁକ୍ତକୁ ଅଦାଲତରେ ହାଜର କରାଯାଇଛି। ନ୍ୟାୟାଳୟରେ ଅଭିଯୁକ୍ତର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଆନନ୍ଦପୁର ଉପ କାରାଗାରକୁ ପଠାଇ ଦିଆଯାଇଥିବା ଜଣାପଡିଛି।

## ଫେବୃଆରୀ ପାଇଁ ଯୁଗ୍ମ ଶୁଣାଣି କାର୍ଯ୍ୟସୂଚୀ

**କେନ୍ଦୁଝର,୧।୨(ସମିସ):** ଫେବୃଆରୀ ମାସ ପାଇଁ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରକାଶ ପାଇଛି। ଫେବୃଆରୀ ୫ ତାରିଖ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ, ଫେବୃଆରୀ ୧୨ ତାରିଖ ସୋମବାର ବାଂଶପାଳ ବ୍ଲକ୍ କାର୍ଯ୍ୟାଳୟଠାରେ, ଫେବୃଆରୀ ୧୯ ତାରିଖ ସୋମବାର ହାଟଡିହି ବ୍ଲକ୍ କାର୍ଯ୍ୟାଳୟଠାରେ ଏବଂ ଫେବୃଆରୀ ୨୬ ତାରିଖ ସୋମବାର ଘଟଗାଁ ବ୍ଲକ୍ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଏହି ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସଂପର୍କରେ ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଶ୍ରୀ ସିଂହ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ କାର୍ଯ୍ୟସୂଚୀ ଅନୁଯାୟୀ ଅଭିଯୋଗ ଶୁଣାଣି ସ୍ଥାନମାନଙ୍କରେ ଚିକିତ୍ସା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରମ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଜଳସେଚନ, ଉଠା ଜଳସେଚନ, ଜଳଛାୟା, ଯୋଗାଣ ବିଭାଗ ତରଫରୁ (ନିର୍ଦ୍ଧାରିତ ସ୍ଥାନମାନଙ୍କରେ) ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ବିଶାଳ ସିଂହ ନିର୍ଦ୍ଦେଶ ଦେଇଛନ୍ତି।

## ବନ୍ୟାଞ୍ଚଳର ସୁରକ୍ଷା ଦାବି

**ହାଟଡ଼ିହୀ,୧।୨(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ବ୍ଲକ୍ ଅଧୀନସ୍ଥ ବିଭିନ୍ନ ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ଗୁଡ଼ିକର ସୁରକ୍ଷା ନେଇ ବର୍ଷାଦିନ ପୂର୍ବରୁ ସେସବୁ ସ୍ଥାନମାନଙ୍କୁ ରିଲିଫ୍ କମିଶନରଙ୍କ କ୍ଷେତ୍ର ପରିଦର୍ଶନ ଲାଗି ବଞ୍ଚୋ ଗ୍ରାମର ଯୁବ ସୁଶାନ୍ତ ବିଶ୍ୱାଳ ଡେପୁଟି ସ୍ପେସିଆଲ ରିଲିଫ୍ କମିଶନର ରବି ନାରାୟଣ ବାରିକଙ୍କୁ ଭୁବନେଶ୍ୱର ସ୍ଥିତ କମିଶନରଙ୍କ କାର୍ଯ୍ୟାଳୟରେ ଭେଟିବା ସହିତ ବନ୍ୟାଞ୍ଚଳର ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆନନ୍ଦପୁରର ଭୌଗୋଳିକ ସ୍ଥିତି ଅନୁଯାୟୀ, ବର୍ଷାଦିନେ ଯାଜପୁର ଓ ଭଦ୍ରକ ଜିଲ୍ଲା ପ୍ରଭାବିତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳ ସହିତ ହାଟଡ଼ିହୀ ବ୍ଲକର ଆଇତିପୁର, ଗେଡ଼ମା, ବଞ୍ଚୋ, ପଞ୍ଚୁଗୋଛିଆ, ସୁଲଣ, ଆମ୍ବୋ, ସମଣା, ସଡ଼ଙ୍ଗ, ହାବଳେଶ୍ୱର ଆଦିର ବୈତରଣୀ ନଦୀ ନିକଟବର୍ତ୍ତୀ ଗ୍ରାମ ଗୁଡ଼ିକରେ ବନ୍ୟାଜଳ ପ୍ରବାହିତ ହୋଇଥାଏ। ବନ୍ୟା ଛାଡ଼ି ଗଲାପରେ ସୁଦ୍ଧା ଚତୁଃପାଶ୍ୱର୍ ସନ୍ତସନ୍ତିଆ ଏବଂ ଚାରିଆଡ଼େ କୁଢ଼ କୁଢ଼ ଅଳିଆ ଆବର୍ଜ୍ଜନା ଯୋଗୁଁ ସେମାନେ ପାଖାପାଖି ୨/୪ସପ୍ତାହ ଯାଏଁ ଘରୁ ବାହାରି ପାରନ୍ତିନାହିଁ। ମାଟି ଶୁଖି ଟାଣ ନହେଲା ଯାଏଁ ସେସବୁ ସ୍ଥାନମାନଙ୍କୁ ଯାନବାହନ ଚଳାଚଳ ଏକ ପ୍ରକାର ବନ୍ଦ୍ ହୋଇରହିଥାଏ। ସ୍କୁଲ-କଲେଜ୍ ଛାତ୍ରଛାତ୍ରୀଙ୍କ ସହ ଜରୁରୀକାଳୀନ ପରିସ୍ଥିତିରେ ରୋଗୀମାନେ ମଧ୍ୟ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବନ୍ୟାଞ୍ଚଳବାସୀଙ୍କ ଦୁର୍ଦ୍ଦଶାକୁ ନେଇ ରିଲିଫ୍ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଇବା ସହ କ୍ଷେତ୍ର ପରିଦର୍ଶନ ପାଇଁ ଯୁବ ବୁଦ୍ଧିଜୀବୀ ସୁଶାନ୍ତ ବିଶ୍ୱାଳ ଅନୁରୋଧ କରିଥିବା ଜଣାପଡ଼ିଛି।

## ଆନନ୍ଦପୁରରେ ଖୋଲିଲା ଡାୟଲିସିସ୍ କେନ୍ଦ୍ର



**ଆନନ୍ଦପୁର,୧।୨ (ସମିସ):** ଦୀର୍ଘଦିନରୁ ଦାବି ହୋଇ ଆସୁଥିବା ବହୁ ପ୍ରତିକ୍ଷୀତ ଡାଏଲେସିସ୍ କେନ୍ଦ୍ର ଆଜି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି। ଡାକ୍ତରଖାନାର ସୁପରିଟେଣ୍ଡ ଡାକ୍ତର ଧନେଶ୍ୱର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ, ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତ, ବିଡିଓ ଯୋଗ ରଞ୍ଜନ ନାୟକ, ପୌରଅଧିକାରୀ ଦେବପ୍ରସାଦ ବଳ, ବିଧାୟକ ପ୍ରତିନିଧି ତଥା ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ କୁମାର ରାମ ଉପସ୍ଥିତ ଥିଲେ। ବହୁ ଦିନ ହେବ ବ୍ଲଡ ଡାଏଲେସିସି କେନ୍ଦ୍ର ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ କାର୍ଯ୍ୟକାରୀ କରାଯାଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଯୋଡ଼ାଠାରେ ଏହି ସୁବିଧା ଉପଲବ୍ଧ ହେଉଥିବା ବେଳେ ଆନନ୍ଦପୁରରେ ବ୍ଲଡ ଡାଏଲେସିସି କେନ୍ଦ୍ର କାର୍ଯ୍ୟକାରୀ ହେଉନଥିବା ଯୋଗୁ ରୋଗୀମାନେ ହୀନସ୍ତା ହେଉଥିଲେ। ଫଳରେ ପ୍ରତିଦିନ ବିଭିନ୍ନ ସ୍ଥାନରୁ ଯାଉଥିବା ରୋଗୀମାନେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସୁବିଧା ଆଜିଠାରୁ ଉପଲବ୍ଧ ହେବାକୁ କାର୍ଯ୍ୟକ୍ଷମ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି।

## ଫକୀରପୁରକୁ ହରାଇ ଆମ୍ପୋର ଚାମ୍ପିଅନ



**ଆନନ୍ଦପୁର,୧।୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ବଳରାମପୁର ପଞ୍ଚାୟତରେ ବଜରଙ୍ଗୀ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ସଭାପତି ମାନସ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। ଆଜି ମ୍ୟାଚରେ ମୁଖ୍ୟଅତିଥି ଭାବେ ସମାଜସେବୀ ଡ. ଶମ୍ଭୁନାଥ ରାଉତ ଯୋଗ ଦେଇ ଥିଲେ। ଯାଜପୁର ଆମ୍ପୋର୍ ବିଟିସିସି କ୍ଲବ୍ ସହିତ ଆନନ୍ଦପୁର ଫକିରପୁର ବିସିସି ମଧ୍ୟରେ ମ୍ୟାଚ ହୋଇଥିଲା। ପ୍ରଥମେ ବିସିସି ଟସ୍ ଜିତି ବ୍ୟାଟିଂ କରି ୧୦ଓଭରରେ ୬ୱିକେଟ ହରାଇ ୧୧୧ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ବିଟିସିସି ୭ଓଭର ୫ଟି ବଲରେ ୪ ୱିକେଟ ହରାଇ ୧୧୨ରନ୍ କରି ବିଜୟ ହୋଇଥିଲା। ଏହି ଖେଳକୁ ମାନସ ରାଉତ, ଅଶୋକ ବିଶ୍ୱାଳ ପରିଚାଳନା କରିଥିବା ବେଳେ ସ୍କୋର ବୋର୍ଡରେ ପରେଶ୍ ଜେନା, କୈଳାସ ପତି ଆଚାର୍ଯ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ଧାରାବିବରଣୀ ରାଜକିଶୋର ଜେନା ଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ଉଭୟ ଦଳକୁ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରଯାଇଥିଲା। ବଜରଙ୍ଗୀ ୟୁଥ୍ କ୍ଲବ୍‌ର ସଦସ୍ୟ ସାଗର, ସାନୁ, ବକୁଲି, ନନ୍ଦ, କାଳିଆ, ଲିଟୁ, ବୁଟୁଲୁ, ସରୋଜ, ବାପୁନ୍, ଦିଲୁଆ, ନବ, ମିଥୁନ, ଜୟଦେବ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଆଜିଠାରୁ ସର୍ବଭାରତୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

**ଘସିପୁରା,୧।୨(ସମିସ):** କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ରାମେଶ୍ୱର ଆଞ୍ଚଳିକ ଯୁବକ ସଂଘ ପକ୍ଷରୁ ରାମଚନ୍ଦ୍ରପୁରସ୍ଥିତ ରାମେଶ୍ୱର ଷ୍ଟାଡିୟମ ଠାରେ ଆଜି ଠାରୁ ତିନି ଦିନ ଧରି ଦ୍ୱିତୀୟ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଯାଉଛି। କ୍ଲବ ସଭାପତି ପ୍ରଦିପକୁମାର ସାହୁଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟର ଚୂଡାନ୍ତ ସମିକ୍ଷା କରିଛନ୍ତି। ଚଳିତ ବର୍ଷ ସର୍ବଭାରତୀୟସ୍ତରର ଶ୍ରେଷ୍ଠ ଭଲିବଲ ଟିମ୍ ମଧ୍ୟରେ ଇଣ୍ଡିଆନ୍ ଆର୍ମୀ, ସିଆଇଏସ୍‌ଏଫ୍ ଦିଲ୍ଲୀ, ହରିୟାନା ସ୍ପାଇକର, ଇନକମ୍ ଟ୍ୟାକ୍ସ କୋଲକତା, ଆନ୍ଧ୍ର ସ୍ପୋର୍ଟସ ଏକାଡେମୀ, ରାଇଜିଂ କ୍ଲବ ଓଡିଶା ପ୍ରଭୃତି ଜାତୀୟ ସ୍ତରର ୬ଟି ଦଳକୁ ନେଇ ରାଉଣ୍ଡ ଲିଗ ପର୍ଯ୍ୟାୟରେ ଖେଳ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଛି। ମ୍ୟାଚ୍ ପ୍ରତ୍ୟେକ ଦିନ ଅପରାହ୍ନ ୩ଟାରୁ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଅନେକ ନାମୀଦାମୀ ଅତିଥିଙ୍କ ଗହଣରେ ହଜାର ହଜାର ଦର୍ଶକ ଉପସ୍ଥିତ ରହି ଖେଳର ଭରପୁର ମଜା ନେବାକୁ କ୍ଲବ ପକ୍ଷରୁ ନିବେଦନ କରାଯାଇଛି।

## ଖଡ଼ିବିଲି ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା



**ଆନନ୍ଦପୁର, ୧।୨(ସମିସ):** ଆନନ୍ଦପୁର ବ୍ଲକର ଖଡିବିଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନୀଳମଣି ବାରିକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ପରିଚାଳନା କମିଟି ସଭାପତି ସୁରେଶ କୁମାର ଜେନାଙ୍କ ସଂଯୋଜନାରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅତୁଲ କୁମାର ବଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଅଜିତ କୁମାର ବାରିକ, ମୁଖ୍ୟବକ୍ତା ଭାବେ ଆନନ୍ଦପୁର ଏସଡିପିଓ ପ୍ରଶାନ୍ତ କୁମାର ବେହେରା, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ହେମେନ୍ଦ୍ର କୁମାର ମହାନ୍ତି, ସିଆର୍‌ସିସି ଶଶିକାନ୍ତ ମହାନ୍ତି, ୱାର୍ଡ ସଭ୍ୟା କବିତା ଜେନା, ଅନୁସୟା ଜେନା ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି, ପୂର୍ବତନ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ବାରିକଙ୍କୁ ପ୍ରୀତି ଉପହାର ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଯାଇ ତାଙ୍କ ବାସଭବନରେ ପହଞ୍ଚିଥିଲେ। ଏହି ଉତ୍ସବରେ ପୂର୍ବତନ ଶିକ୍ଷକ କୀର୍ତନ ବିହାରୀ ସେଠୀ, ଦୈତାରୀ ବେହେରା, ପ୍ରାଣବଲ୍ଲଭ ପଟ୍ଟନାୟକ, ବାବାଜୀ ପେରେଇ, ଗିରିଧାରୀ ବେହେରା, ନୀଳମଣି ଜେନା ଓ ସନ୍ତୋଷ କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ନେଇ ନୃତ୍ୟଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଖାଦ୍ୟ କମିଶନ ଅଧ୍ୟକ୍ଷଙ୍କ ତେଲକୋଇ ଗସ୍ତ

**ତେଲକୋଇ,୧।୨(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକକୁ ଓଡ଼ିଶା ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷ ଇଂ. ଅବନିକାନ୍ତ ସାହୁ ଗୁରୁବାର ଗସ୍ତ କରି ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରିଥିଲେ। ପ୍ରଥମେ ତେଲକୋଇ ବ୍ଲକର ଜଗମୋହନପୁର ପଞ୍ଚାୟତରେ ଥିବା ଜଗମୋହନପୁର ଆଶ୍ରମ ବିଦ୍ୟାଳୟକୁ ଯାଇ ଅନ୍ତେବାସୀଙ୍କ ସମସ୍ତ କଥା ବୁଝି ପଚାରିଥିଲେ। ପରେ ଉକ୍ତ ପଞ୍ଚାୟତର ସରୁଆଳି ଗ୍ରାମରେ ଥିବା ଗରିବ ଅସହାୟଙ୍କୁ ଭେଟି ଶ୍ରଦ୍ଧା ସେବା ସହଯୋଗ ସଂଗଠନ ଦ୍ୱାରା ଆୟୋଜିତ କମ୍ବଳ ବଣ୍ଟନରେ ଯୋଗ ଦେଇଥିଲେ। ପରେ ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ତଥା ଯୋଗାଣ ସାଥୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ବ୍ଲକର ସମସ୍ତ ଅଧିକାରୀ ନେଇ ସମୀକ୍ଷା ବୈଠକ କରାଯିବାର ରହିଥିଲା। ହେଲେ ୨୨ଟି ପଞ୍ଚାୟତରୁ ମାତ୍ର ୪ଜଣ ସରପଞ୍ଚ ଉପସ୍ଥିତି ରହିଥିବା ବେଳେ ପ୍ରଶାସନ ପକ୍ଷରୁ ସଠିକ କାଗଜପତ୍ର ଦର୍ଶାଇ ପରିନଥବଲେ। ତେଣୁ ବ୍ଲକ ପ୍ରଶାସନ ଉପରେ କ୍ଷୁବ୍ଧ ହୋଇ ସମୀକ୍ଷା ବୈଠକ ତୁରନ୍ତ ବନ୍ଦ କରି ପଳାଇଥିଲେ। ସେହିପରି ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନ କରି ସମସ୍ତ ସମସ୍ୟା କଥା ପଚାରିବୁଝି ଥିଲେ। ଗସ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଖାଦ୍ୟ କମିଶନ ସଦସ୍ୟ ଦୟାନିଧି ଦାସ, ଅଧ୍ୟକ୍ଷଙ୍କ ପରାମର୍ଶଦାତା ତମାଲ ରିଜା ସାମିଲ ହୋଇଥିଲେ।

## ଅରୁଣ ପଣ୍ଡାଙ୍କୁ ପୈତୃକ ଗାଁରେ ଶ୍ରଦ୍ଧାଞ୍ଜଳି



**ଘସିପୁରା,୧।୨(ସମିସ):** ବର୍ଷିଆନ ସାମ୍ବାଦିକ ଅରୁଣ ପଣ୍ଡାଙ୍କ ଏକାଦଶାହ ଅବସରରେ ତାଙ୍କ ପୈତୃକ ଗ୍ରାମ ସାଇଁକୁଳରେ ସ୍ମୃତି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଗଣେଶ୍ୱର ସାହୁଙ୍କ ପୌରୋହିତ୍ୱରେ ସ୍ୱର୍ଗତ ପଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ଠାରେ ସମବେତ ଶାନ୍ତି ପ୍ରାର୍ଥନା କରାଯାଇଥିଲା। ତାଙ୍କର ସମର୍ପିତ ଜୀବନ ଆଜିର ଯୁବପିଢିଙ୍କୁ ମାର୍ଗଦର୍ଶନ କରିବ ବୋଲି କବି ଶ୍ରୀକାନ୍ତ ସେନାପତି, ଅଧ୍ୟାପକ ଅନନ୍ତ ନାରାୟଣ ଦାସ, ଯୁବକବି ଦୀପକ ସ୍ୱାଇଁ, ଚନ୍ଦ୍ର ଶେଖର ବେହେରା ଓ କଳାକର ଚକ୍ର ପ୍ରମୁଖ ତାଙ୍କ ସ୍ମୃତିରେ ମତବ୍ୟକ୍ତ କରିଥିଲେ। ବରିଷ୍ଠ କବି ନରହରି ରାଉତ କବିତା ମାଧ୍ୟମରେ ତାଙ୍କର ଯଶଗାନ କରିଥିବା ବେଳେ କାଳନ୍ଦି ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଧରଣୀଧର ମହାପାତ୍ର, ଗୋପାଳ ପରିଡା, ଦୈତାରୀ ବିଶ୍ୱାଳ, ସୁରେନ୍ଦ୍ର ବେହେରା, ଧର୍ମାଧି ସାହୁ, ଭଗବାନ ଚକ୍ର, ପ୍ରଶାନ୍ତ ଚକ୍ର ଓ ମନୋଜ ପରିଡା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ପଣ୍ଡା ଅନେକ ସମୟରେ ସାଇଁକୁଳର ପତିତପାବନ ମହାବିଦ୍ୟାଳୟ, ରଥସେବା ପ୍ରତିଷ୍ଠାନମ୍ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦାନ କରିବା ସହିତ ନବେ ଦଶକରେ ସାଇଁକୁଳର ଯୁବକ ମାନଙ୍କ ଦ୍ୱାରା ଗଠିତ ରିଜିଓନାଲ ଡେଭେଲପମେଣ୍ଟ ଅର୍ଗାନାଇଜେସନ ସହ ପ୍ରତ୍ୟେକ୍ଷ ଭାବେ ଜଡ଼ିତ ଥିଲେ।

## ପାଟଣା ରେଞ୍ଜରେ ହାତୀପଲଙ୍କ ଉପଦ୍ରବ

**ତୁରୁମୁଙ୍ଗା/ପାଟଣା, ୧।୨ (ସମିସ):**



କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଞ୍ଚଳକୁ କିଛିଦିନର ବ୍ୟବଧାନ ପରେ ପୁଣି ୧୭ ଟିକିଆ ହାତୀପଲ ପଶି ଉପଦ୍ରବ ଜାରି ରଖିଛନ୍ତି। କରଞ୍ଜିଆ ରେଞ୍ଜରୁ ବିଳମ୍ବିତ ରାତିରେ ପାଟଣା ରେଞ୍ଜରେ ପଶି ହରିଡାଗୋଠ ଗ୍ରାମର ମଧୁ ମୁଣ୍ଡାଙ୍କ ଘରକୁ ଭାଙ୍ଗି ଦେଇଛନ୍ତି। ଏହାପରେ ହାତୀପଲ ପାଟଣା ନିକଟସ୍ଥ ଖସାପିଟା ସାହିର ମିଥୁନ ମୁଣ୍ଡାର ତେଜରାତି ଦୋକାନର ସାମଗ୍ରୀ ନଷ୍ଟ କରିଦେଇଥିବା ବେଳେ ଘରକୁ ଭାଙ୍ଗି ଦେଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ପନିପରିବା ଦଳି ମକଚି ନଷ୍ଟ କରିଦେଇଥିବା ଜଣାପଡିଛି।

ସେହିପରି ପଞ୍ଚାୟତ ଅନ୍ତର୍ଗତ ଅସନବଣୀ ପ୍ରାଥମିକ ବିଦ୍ୟାଳୟର କବାଟ ଭାଙ୍ଗି ଛାତ୍ରଛାତ୍ରୀଙ୍କ ପାଇଁ ଥିବା ମଧ୍ୟାହ୍ନ ଭୋଜନ ଚାଉଳକୁ ଖାଇ ନଷ୍ଟ କରିଦେଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୟାନିଧି ମହାନ୍ତଙ୍କ କହିବା ଅନୁସାରେ ୫ ଶ୍ରେଣୀର ୨୩ ଛାତ୍ରଛାତ୍ରୀଙ୍କ ପାଇଁଥିବା ୯୬ କେଜି ଚାଉଳ, ପନିପରିବା ନଷ୍ଟ କରିବା ସହ ଅଣ୍ଡା ମଧ୍ୟ ମାଡି ନଷ୍ଟ କରିଦେଇଛନ୍ତି। ଏରଣ୍ଡେଇ, ମାଧପୁର, ଗୋବରାବେଡା ଗ୍ରାମ ଜଙ୍ଗଲରେ ହାତୀପଲ ଡେରା ପକେଇଥିଲେ। ଫଳରେ ଅଞ୍ଚଳବାସୀ ଆଶଙ୍କିତ ହୋଇପଡିଛନ୍ତି। ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାର, ବନପାଳ ପିଅନ ନାଏକଙ୍କ ସମେତ ପାରା କର୍ମଚାରୀମାନେ ଘଟଣାସ୍ଥଳରେ ଜଗି ରହି ହାତୀପଲଙ୍କ ଗତିବିଧି ଉପରେ ସତର୍କ ଦୃଷ୍ଟି ରଖିଛନ୍ତି।

## ଧକୋଠା ହାଇସ୍କୁଲରେ ଷ୍ଟୁଡେଣ୍ଟ-ପୁଲିସ୍ କ୍ୟାଡେଟ୍ କାର୍ଯ୍ୟକ୍ରମ

**ଆନନ୍ଦପୁର,୧।୨(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଧକୋଠା ସରକାରୀ ଉଚ୍ଚ ବିଦ୍ୟାଳୟରେ ଷ୍ଟୁଡେଣ୍ଟ ପୁଲିସ କ୍ୟାଡେଟ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ଷେଣ୍ଡଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ପରେ ଆୟୋଜିତ ସଚେତନତା ସଭାରେ ସ୍ଥାନୀୟ ସରପଞ୍ଚ ବୀରଭଦ୍ର ସେଠୀ, ପୂର୍ବତନ ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ସାହୁ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ନିବେଦିତା ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ କ୍ରୀଡା ଶିକ୍ଷକ ସୌଜନ୍ୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସୌମେନ୍ଦ୍ର ପଟ୍ଟନାୟକ, ସତ୍ୟାନନ୍ଦ ନାଇକ, ଅଶୋକ ଗୋଚ୍ଛାୟତ, ଶିକ୍ଷୟିତ୍ରୀ ଅନୀତା ପରିଡ଼ା, ଲକିସ୍ମିତା ସେଠୀ, ବିଶ୍ୱବନ୍ଦିତା ସାହୁ, ସୁଜାତା ଦଳେଇ, ଦିପ୍ତିମୟୀ ଜେନା, କର୍ମଚାରୀ ଭାଗୀରଥି ବାରିକ ଓ ଅକ୍ଷୟ ଦେହୁରୀ ପରିଚାଳନା କରିଥିଲେ।

## ନୂତନ ମନ୍ଦିର ଓ ବିଗ୍ରହପ୍ରତିଷ୍ଠା ଉତ୍ସବ

**ବାଲିବନ୍ଧ, ୧।୨ (ସମିସ):** ଝୁମ୍ପୁରାସ୍ଥିତ ଶ୍ରୀଶ୍ରୀ ପଞ୍ଚାନନ ମହାଦେବ ମନ୍ଦିର ପରିସରରେ ନୂତନ ମନ୍ଦିର ପ୍ରତିଷ୍ଠା ସହ ବିଗ୍ରହ ପ୍ରାଣ ପ୍ରତିଷ୍ଠା ମହୋତ୍ସବ ପାଳିତ ହୋଇଯାଇଛି। ମନ୍ଦିର ପ୍ରାଙ୍ଗଣରେ ଦାତା ଓ ମନ୍ଦିର କମିଟି ଉଦ୍ୟମରେ ମାତାପାର୍ବତୀ, ମହାବୀର ହନୁମାନ ଓ ଗ୍ରହରାଜ ଶନିଦେବଙ୍କ ନୂତନ ମନ୍ଦିରର ନିର୍ମାଣ କରାଯାଇ ବିଗ୍ରହ ସ୍ଥାପନ କରାଯାଇଛି। ତେବେ ପ୍ରତିଷ୍ଠା ଉତ୍ସବ ନିମନ୍ତେ ୨୩୪ଜଣ ଭକ୍ତ ମଙ୍ଗଳ କଳସଯାତ୍ରାରେ ସାମିଲ ହୋଇଥିଲେ। ବିଧିମୁତାବକ ମନ୍ଦିର ଓ ବିଗ୍ରହ ପ୍ରାଣ ପ୍ରତିଷ୍ଠା ନିମନ୍ତେ ଧାର୍ଯ୍ୟ କାର୍ଯ୍ୟସୂଚୀ ଆଚାର୍ଯ୍ୟବରଣ, ଅଧିବାସ ଓ ଅଙ୍କୁରାରୋପଣ, କଳସଯାତ୍ରା, ସୂର୍ଯ୍ୟପୂଜା, କଳସ ସ୍ଥାପନ ଓ ଅଗ୍ନି ସ୍ଥାପନ, ମଣ୍ଡଳପୂଜା, ଦ୍ୱାରପାଳ ପୂଜା, ନୂତନ ମନ୍ଦିର ପ୍ରତିଷ୍ଠା ଏବଂ ବିଗ୍ରହସ୍ଥାପନ, ପ୍ରାଣ ପ୍ରତିଷ୍ଠା ଓ ପୂର୍ଣ୍ଣାହୁତି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ବିଦ୍ୟାଧର ରଥ, ଧନେଶ୍ୱର ମିଶ୍ର, ବିଶ୍ୱଜିତ ମିଶ୍ର, ରଣଜିତ ତ୍ରୀପାଠୀ, ମନୋରଞ୍ଜନ ମିଶ୍ର, ବବୁଲୁ ନନା, ଲକ୍ଷ୍ମୀଧର ପାଣିଗ୍ରାହି ଙ୍କ ଦ୍ୱାରା ବିଧିମୁତାବକ ମନ୍ତ୍ରପାଠ କରାଯାଇ ମନ୍ଦିର ପ୍ରତିଷ୍ଠା ସହ ବିଗ୍ରହ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ଏହି ଅବସରରେ ପଳସା ଗ୍ରାମର କୃଷ୍ଣଲୀଳା ଲୋକନୃତ୍ୟ କଳାକାରମାନଙ୍କ ଦ୍ୱାରା କୃଷ୍ଣଲୀଳା ପରିବେଷଣ ଓ ପାଟବିଲା ଗ୍ରାମର କଳାକାର ଦ୍ୱାରା ହରିନାମ ସଂକୀର୍ତ୍ତନ କରାଯାଇଥିଲା। ମନ୍ଦିର କମିଟିର ବରିଷ୍ଠ ଉପଦେଷ୍ଟା ଯୁଗଳକିଶୋର ବେହେରା, ସମ୍ପାଦକ ଡମ୍ବରୁଧର ଦାସ, ସଦସ୍ୟ ରଞ୍ଜନକୁମାର ବେହେରା, ପ୍ରଦ୍ୟୁମ୍ନ କୁମାରା ବେହେରା, ଶଶାଙ୍କଶେଖର ସାହୁ (ବୁଲୁ), ବିବୁଲ ସାହୁ, ହିମାଂଶୁ ବେହେରା, ହେମନ୍ତ କୁମାର ବେହେରା, ଶିନୁ ସାହୁ, ସୁମିତକୁମାର ପାତ୍ର, ସାଗରପ୍ରସାଦ ରାମ, ହରିହର ବେହେରାଙ୍କ ସମେତ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।



## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

# ଜିଲ୍ଲାରେ ୫ ପଞ୍ଚାୟତ ପୁରସ୍କୃତ; ଜଳେଶ୍ୱରରୁ ୨

**ଜଳେଶ୍ୱର ବ୍ଲକ, ୧।୨(ସମିସ):** ନିକଟରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଘୋଷିତ ହୋଇଛି। ଗତ ୩୧ ତାରିଖରେ ମୁଖ୍ୟମନ୍ତ୍ରୀ ଏଥିଲାଗି ପଞ୍ଚାୟତ, ନିର୍ଦ୍ଦିଷ୍ଟ ବିଦ୍ୟାଳୟ ଓ ନିର୍ଦ୍ଦିଷ୍ଟ ବିଦ୍ୟାଳୟର ଶିକ୍ଷକମାନଙ୍କୁ ପୁରସ୍କୃତ କରିଛନ୍ତି। ଏହି ଯୋଜନାରେ ବାଲେଶ୍ୱର ଜିଲାରୁ ୫ଟି ପଞ୍ଚାୟତକୁ ୫ଲକ୍ଷ ଟଙ୍କା କରି ସହାୟତା ଘୋଷଣା କରାଯାଇଛି। ସରକାରଙ୍କ ଚିଠି ନଂ ୧୩୩୧ ତା ୨୯-୧-୨୪ ଅନୁଯାୟୀ ଜଳେଶ୍ୱର ବ୍ଲକର ଚମାରଗା ଓ ପଶ୍ଚିମବାର୍ଡ ପଞ୍ଚାୟତକୁ ୫ଲକ୍ଷ ଟଙ୍କା ଲେଖାଏ ସହାୟତା ମିଳିବା ଲାଗି ଘୋଷଣା କରାଯାଇଛି। ଚମାରଗାଁ ପଞ୍ଚାୟତ ସରପଞ୍ଚ ଚନ୍ଦ୍ରକାନ୍ତ ମଲ୍ଲିକ ଓ ପିଇଓ ବିକ୍ରମ କୁମାର ଜେନା ତଥା ପଶ୍ଚିମବାର୍ହ ସରପଞ୍ଚ ଶମ୍ଭୁନାଥ ଜେନା, ପିଇଓ ପ୍ରଦୀପ ସେନାପତି ଭୂବନେଶ୍ୱର ଯାଇ ଗତ ୩୧ ତାରିଖରେ ପୁରସ୍କାର ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହା ଜଣାଯିବା ପରେ ଜଳେଶ୍ୱର ବ୍ଲକ ଅଞ୍ଚଳରେ ଖୁସିର ଲହରୀ ଖେଳିଛି। କିନ୍ତୁ ବିଭିନ୍ନ କାର୍ଯ୍ୟକ୍ରମର ସଫଳତାକୁ ନେଇ ଅନ୍‌ଲାଇନ୍‌ରେ ପ୍ରକାଶ ପାଇବା ପରେ ସମ୍ପୃକ୍ତ ପଞ୍ଚାୟତ ସମ୍ବର୍ଦ୍ଧିତ ହୋଇଥିବା ଜଣାଯାଇଛି।

# ସୋର ଡାକ୍ତରଖାନାରୁ ଶିଶୁ ଅପହରଣ ଅଭିଯୋଗ

**ସୋର, ୧।୨ (ସମିସ):** ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆଜି ଅପରାହ୍ନରେ ଜଣେ ୧ ବର୍ଷର ଶିଶୁପୁତ୍ରକୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ସୋର ପୌରପାଳିକା ଅନ୍ତର୍ଗତ ଡିପାସାହି ଗ୍ରାମର ପ୍ରତିମା ମୁର୍ମୁ ତାଙ୍କର ୧ ବର୍ଷର ଶିଶୁପୁତ୍ର ଏବଂ ତାଙ୍କ ଭଉଣୀ ଜଣେ ଓକିଲଙ୍କ ସହିତ ଡାକ୍ତରଖାନାକୁ ତାଙ୍କ ବଡ଼ ମାଆଙ୍କ ମୃତ୍ୟୁ ସାର୍ଟିଫିକେଟ ଆଣିବାକୁ ଯାଇଥିଲେ। ଡାକ୍ତରଖାନାରେ ପହଞ୍ଚିବା ପରେ ଓକିଲ ଜଣଙ୍କ ତାଙ୍କ ଶିଶୁପୁତ୍ରକୁ ଜଣେ ମହିଳାଙ୍କୁ ଧରିବାକୁ ଦେବା ପାଇଁ କହିଥିଲେ। ଏଥିରେ ପ୍ରତିମା ରାଜି ନ ହେବାରୁ ଓକିଲ ଜଣଙ୍କ ତାଙ୍କୁ ଦେବା ପାଇଁ ବାଧ ହୋଇଥିଲେ। ଫଳରେ ପ୍ରତିମା ଶିଶୁପୁତ୍ରଙ୍କୁ ମହିଳା ଜଣଙ୍କୁ ଦେଇ ଓକିଲଙ୍କ ସହ ଡାକ୍ତରଖାନାର ଉପର ମହଲାକୁ ସାର୍ଟିଫିକେଟ ଆଣିବାକୁ ଚାଲି ଯାଇଥିଲେ। ସେଠାରୁ ଫେରିବା ପରେ ପ୍ରତିମା ଶିଶୁପୁତ୍ର ସହ ଉକ୍ତ ମହିଳାଙ୍କୁ ସେଠାରେ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇ ସୋର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ସୋର ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଗେଣ୍ଡା ସାଉଣ୍ଟିବାକୁ ଆସି ମହିଳା ମୃତ

**ସିମୁଳିଆ, ୧।୨(ସମିସ):** ଗେଣ୍ଡା ସାଉଣ୍ଟିବାକୁ ଆସି ପୋଖରୀରେ ବୁଡି ମୃତ୍ୟୁବରଣ କରିଥିବା ଆଦିବାସୀ ମହିଳାଙ୍କୁ ଉଦ୍ଧାର କଲା ଦମକଳ ବାହିନୀ। ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳର ନୁକୁଡୁ ମୁର୍ମୁଙ୍କ ସ୍ତ୍ରୀ ରୁକ୍ମଣୀ ମୁର୍ମୁ(୪୨) ବୁଧବାର ଦିନ ଦଳବଦ୍ଧ ହୋଇ ଆସି ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ବଙ୍ଗାଳପୁର ପଞ୍ଚାୟତର ନଅଭରି ଅଞ୍ଚଳରେ ଗେଣ୍ଡା ଗୋଟାଉଥିଲେ। ଅପରାହ୍ନରେ ଘରକୁ ଫେରିବା ସମୟରେ ରୁକ୍ମଣୀକୁ ତାଙ୍କ ସହଯୋଗୀମାନେ ଫେରିବାର ଦେଖିବାକୁ ପାଇ ନ ଥିଲେ। ପରିବାର ଲୋକେ ଆଜି ସେହି ଗ୍ରାମକୁ ଆସି ଖୋଜାଖୋଜି କରିଥିଲେ। ଖୋଜିବା ସମୟରେ ନଅଭରି ପଞ୍ଚାୟତ ପୋଖରୀ ନିକଟରେ ତାର ଚପଲ ଦୁଇଟି ପଡ଼ିଥିବାର ଦେଖିବାକୁ ପାଇଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ଅଡା ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଦମକଳବାହିନୀ ପୋଖରୀ ଭିତରୁ ରୁକ୍ମଣୀର ମୃତଦେହ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଥିଲେ।

# ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ

**ସିମୁଳିଆ, ୧।୨(ସମିସ):** ଗୋପପ୍ରାଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଦୀର୍ଘ ୮ଦିନ ଧରି ଅନୁଷ୍ଠିତ ହୋଇ ଉଦଯାପିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ସିଂଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର କ୍ଷୀରକୋଣା ଶାଖାର ପରିଚାଳକ ଗୌତମ କୁମାର ଦାସ ଏବଂ କ୍ଷୀରକୋଣା ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ପ୍ରଶାନ୍ତ କୁମାର ଓଗ୍ରା ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅର୍ଥନୀତି ବିଭାଗର ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ରାଜନୀତି ବିଭାଗର ଅଧ୍ୟାପକ ପ୍ରଫୁଲ୍ଲ କୁମାର ନାୟକ, ଓଡିଆ ବିଭାଗର ଅଧ୍ୟାପକ ପଦ୍ମଲୋଚନ ନାୟକ, ଶିକ୍ଷା ବିଭାଗର ଜ୍ୟୋତିପ୍ରକାଶ ଦାଶ, କ୍ରୀଡା ଶିକ୍ଷକ ଗଣେଶଚନ୍ଦ୍ର ମହାରଣା, ଏକ୍ସୁକେସନ ଡେମୋଷ୍ଟ୍ରେଟର ପ୍ରମୋଦ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଶିକ୍ଷିକା ସ୍ୱର୍ଣ୍ଣମୟୀ ପଟ୍ଟନାୟକ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ବ୍ୟୋମକେଶ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଚଣ୍ଡୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ରାଜବରହମପୁର, ୧।୨ (ସମିସ):** ନୀଳଗିରି ବ୍ଲକ ଅଧିନ ସଜନାଗଡ଼ ଚଣ୍ଡୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଧର ସେଠୀ ଙ୍କ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ନୀଳଗିରି ଏବିଇଓ ଲମ୍ବୋଦର ସିଂ, ମୁଖ୍ୟବକ୍ତା ଭାବେ ଭୁଧାର ଚଣ୍ଡୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନିରୋଦ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଯୋଗେନ୍ଦ୍ରନାଥ ସେଠୀ, ପୂର୍ବତନ ବିଇଓ ରବିନାରାୟଣ ପରିଡ଼ା ପୂର୍ବତନ ଏବିଇଓ ନୀଳଗିରି, ପୂର୍ବତନ ପ୍ରଧାନ ଶିକ୍ଷକ ଗଣେଶ୍ୱର ବେହେରା, ସିଆରସିସି କୁଞ୍ଜବିହାରୀ ବେହେରା ଯୋଗଦାନ କରିଥିଲେ। କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏଥିରେ ବିଦ୍ୟାଳୟର ଶିକ୍ଷକ ରତନ କୁମାର ସ୍ୱାଇଁ, ଶ୍ରିହରୀ ବେହେରା, ଲଳିତା ମହାନ୍ତି, ବନପ୍ରିୟକ୍ଷ ମହାନ୍ତି, ବିକସ୍ମିତା ରାଉତ, ସୁକାନ୍ତିଲତା ଦାସ, ଦମୟନ୍ତୀ ନାୟକ ଛାତ୍ର ଛାତ୍ରୀ ଏସଏମସି ସଭ୍ୟ ସଭ୍ୟା ସହଯୋଗ କରିଥିଲେ।

# ଦେଶୀମଦ ଜବତ, ୩ ଗିରଫ

**ସୋର, ୧।୨(ସମିସ):** ସୋର ଆଦର୍ଶ ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦେଶୀମଦ ଜବତ କରିଥିବା ବେଳେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଅଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ସରସଙ୍ଗ ପଞ୍ଚାୟତ ହାତୀଗଡିଆ ଗ୍ରାମରେ ଚଢ଼ାଉ କରି ଝୁନୁ ପାଣିଗ୍ରାହୀ ନିକଟରୁ ୩୨ ଲିଟର ଦେଶୀମଦ, ଛତରା ଗ୍ରାମର ସାବିତ୍ରୀ ସାହୁ ନିକଟରୁ ୩୨ ଲିଟର ଏବଂ ସେହି ଗ୍ରାମର ଗିରିଧାରୀ ସାମଲ ନିକଟରୁ ୩୮ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡ଼ିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ମିନତୀ ଜେନା, କନେଷ୍ଟବଳ ଶଶୀକାନ୍ତ ସାହୁ, ଗଣେଷ ସିଂ, ରଜନୀକାନ୍ତ ସାହୁ ଏବଂ କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ।

# ୪୮୩ ନିର୍ମାଣ ଶ୍ରମିକଙ୍କୁ ୨ କୋଟି ୭୮ ଲକ୍ଷ ପ୍ରଦାନ

**ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୧।୨ (ସମିସ) :**



ଜଳେଶ୍ୱର ମୂରଲୀ କଲ୍ୟାଣ ମଣ୍ଡପରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ମାନଙ୍କ ବିନା ହସ୍ତକ୍ଷେପରେ କୌଣସି କାର୍ଯ୍ୟ ଅସମ୍ଭବ। କୋଠାବାଡ଼ି, ରାସ୍ତା, ପୋଲ, ମନ୍ଦିର, ମସଜିଦ, ଦୋକାନ, ଖେଳଣା ତିଆରି ସମସ୍ତ ସ୍ଥାନ ଶ୍ରମିକ ମାନଙ୍କ ଦ୍ୱାରା ସମ୍ଭବପର ହୋଇଛି। ତେଣୁ ସରକାର ନିର୍ମାଣ ଶ୍ରମିକ ମାନଙ୍କୁ ଅଧିକ ଗୁରୁତ୍ୱ ଦେଇଥିବା କହିଛନ୍ତି ଉପସ୍ଥିତ ଥିବା ଅତିଥି ବୃନ୍ଦ। ଶ୍ରମିକ ମାନଙ୍କ ପାଇଁ ସରକାର ଦୁର୍ଘଟଣା, ବିବାହ, ପିଲାମାନଙ୍କର ପାଠ ପଢ଼ା, ଘର ତିଆରି, ମେଡିକାଲ ପ୍ରଭୃତି ସହାୟତା ପ୍ରଦାନ କରୁଛନ୍ତି। କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ସହାୟତା ବଣ୍ଟନ ଶିବିରରେ ଅତିରିକ୍ତ ଲେବର ଅଧିକାରୀ ଦେବାଶିଷ ଜେନାଙ୍କ ସଭାପତିତ୍ୱରେ ଅତିରିକ୍ତ ଲେବର ଅଧିକାରୀ ସ୍ମୃତିରେଖା ମଲ୍ଲିକ, ଜିଲ୍ଲା ଶ୍ରମ ଅଧିକାରୀ ଶିବନାରାୟଣ ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଅଧକ୍ଷ ମାନସ ଜେନା ବ୍ଲକ ଉପାଧକ୍ଷ ସଞ୍ଜିତା ସେନାପତି, ପୌର ଅଧକ୍ଷ ପ୍ରତୀପ ପ୍ରଧାନ, ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲା, ପ୍ରମୁଖ ଉପସ୍ଥିତ ରହି ଜଳେଶ୍ୱର ବ୍ଲକ ଏବଂ ମ୍ୟୁନିସିପାଲିଟି ଅଞ୍ଚଳର ୪୮୩ଜଣ ହିତାଧିକାରୀ ମାନଙ୍କୁ ପ୍ରଦାନ କରା ଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬୨ଜଣଙ୍କୁ ଶିକ୍ଷା ସହାୟତା ପାଇଁ ୫ଲକ୍ଷ ୮୭ହଜାର ଟଙ୍କା, ୨୭୨ ଜଣଙ୍କୁ ବିବାହ ସହାୟତା ପାଇଁ ୧କୋଟି ୨୪ଲକ୍ଷ ୬୫ହଜାର ଟଙ୍କା, ୩ ଜଣଙ୍କୁ ପ୍ରସୂତୀ କାଳୀନ ସହାୟତା ୩୦ହଜାର ଟଙ୍କା, ୭୩ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ୧କୋଟି ୪୪ହଜାର ଟଙ୍କା, ୭୩ ଜଣଙ୍କୁ ଅନ୍ତିମ ସଂସ୍କାର ପାଇଁ ୩ଲକ୍ଷ ୬୫ହଜାର ଟଙ୍କା ମୋଟ ଦୁଇ କୋଟି ଅଠସ୍ତରୀ ଲକ୍ଷ ସତଚାଳିଶ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି।ତେବେ ଉକ୍ତ ଅର୍ଥ ରାଶି ପଞ୍ଜିକୃତ ହିତାଧିକାରୀ ମାନଙ୍କ ବ୍ୟାଙ୍କ ଏକାଉଣ୍ଟ୍ କୁ ପ୍ରଦାନ କରାଯିବ ବୋଲି ଅଧିକାରୀ ମାନେ କହିଛନ୍ତି।

## ଦାନ୍ତୁଣିଦା ସମ୍ପର୍କ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଏମ୍ ଆଣ୍ଡ ଜି କ୍ରିକେଟ୍ କ୍ଲବ ବାଲେଶ୍ୱର ଚାମ୍ପିଅନ




**ବାଲିଆପାଳ, ୧।୨(ସମିସ):** ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତ ଅଧିନସ୍ଥ ଦାନ୍ତୁଣିଦା ଖେଳ ପଡ଼ିଆରେ ସମ୍ପର୍କ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଯାପିତ ହୋଇଯାଇଛି।ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ବ୍ରଦସ୍ ଇଲେଭେନ୍ ଷ୍ଟାର, ବାଲିଆପାଳ କୁ ହରାଇ ଏମ୍ ଏଣ୍ଡ ଜି କ୍ରିକେଟ କ୍ଲବ, ବାଲେଶ୍ୱର ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା।ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହିତ ବିଜେତା ଦଳକୁ ପୁରସ୍କୃତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସମସ୍ତ ଅଞ୍ଚଳରେ କ୍ରୀଡ଼ାର ଉନ୍ନତି ସହ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ବିଭିନ୍ନ ଯୁଗୋପଯୋଗୀ ଯୋଜନା କରୁଛନ୍ତି। ଆଗାମୀ ଦିନରେ ଦେଭୋଗ ଅଞ୍ଚଳରେ ମଧ କିଭଳି କ୍ରୀଡ଼ା ଭିତ୍ତିଭୂମିର ଅଧିକ ବିକାଶ ହୋଇପାରିବ, ସେ ନେଇ ଯୁବପିଢ଼ିଙ୍କୁ ସହଯୋଗ କରିବେ ବୋଲି ମୁଖ୍ୟ ଅତିଥି ଶ୍ରୀମତୀ ଜେନା କହିଥିଲେ। ସମ୍ମାନିତ ଅତିଥି ଭାବେ ଆର.ଡି ଏସଡିଓ ଅବନୀ ରାଉତ, ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଦେଭୋଗ ପଞ୍ଚାୟତ ସରପଞ୍ଚ ସବିତା ନାୟକ, ପୂର୍ବତନ ସରପଞ୍ଚ ମୃତ୍ୟୁଞ୍ଜୟ ନାୟକ, ପ୍ରତାପପୁର ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ହାଡିବନ୍ଧୁ ରାଉତ, ଜିଲ୍ଲା ପରିଷଦ ନିଶାକର ସେଠୀ, ବେଣୁଧର ଜେନା, କାଞ୍ଚନ ଜେନା ପ୍ରମୁଖ ଯୋଗ ଦେଇଥିଲେ। ମନୋଜ କୁମାର ଏବଂ ଲିଟନ ପାତ୍ର ଖେଳକୁ ପରିଚାଳନା କରିଥିଲେ। ସମ୍ପର୍କ କ୍ରିକେଟ କ୍ଲବର ଦୁର୍ଜୟ ନାୟକ, ଗୌତମ ନାୟକ, ବାବୁଲି ଦଳାଇ, ଜ୍ଞାନରଞ୍ଜନ ଦାସ, ସରତ ବେହେରା, ରତିକାନ୍ତ ଦଳାଇ ଏବଂ ଅନ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଆମ୍ବିଳିଅଠାରେ ଭଗବତୀ ପୂଜା : ୩୦ ପଶୁବଳି

**ଜଳେଶ୍ୱର ବ୍ଲକ, ୧।୨(ସମିସ):** ଜଳେଶ୍ୱର ଥାନା ଅନ୍ତର୍ଗତ ଆମ୍ବିଳିଅଠା ଗାଁରେ ପ୍ରତିବର୍ଷ ପରି ଚଳିତବର୍ଷ ଗାଁ ଦେବୀ ପୀଠରେ ମା' ଭଗବତୀଙ୍କ ପୂଜାର୍ଚ୍ଚନା ଶେଷ ହୋଇଛି। ଏହି ଦିନଟି ସମଗ୍ର ଗାଁରେ ଆଧ୍ୟାତ୍ମିକ ଚିନ୍ତା ଚେତନା ମଧ୍ୟରେ ପାଳିତ ହୋଇଥାଏ। ପ୍ରତିଘରୁ ପୂଜା ଡଲା ଓ ଖଇ (ଉଖୁଡା) ଭୋଗ ମା ଚଣ୍ଡିଙ୍କ ଠାରେ ଲାଗି ହୋଇଥାଏ। ଚଳିତବର୍ଷ ଶତାଧିକ ଏହି ଭୋଗ ଲାଗି ହୋଇଥିଲା। ସମଗ୍ର ଗାଁରେ ମାଙ୍କର ପୂଜାର୍ଚ୍ଚନା ଧୂମଧାମ ଓ ଜାକଜମକରେ ପାଳିତ ହୋଇଥିଲା। ମଙ୍ଗଳବାର ରାତ୍ରି ତମାମ ଏହି ପୂଜାର୍ଚ୍ଚନା ହୋଇଥିବା ବେଳେ ଭୋର ସମୟରେ ମା' ଭଗବତୀଙ୍କ ଠାରେ ବଳୀ ଦିଆଯାଇଥାଏ। ପୂର୍ବରୁ ଶତାଧିକ ପଶୁବଳି ଦିଆଯାଉଥିବା ବେଳେ ଚଳିତବର୍ଷ ୩୦ଟି ପଶୁବଳୀ ହୋଇଥିବା କୁହାଯାଉଛି।

# ବିଜେଡିର ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଯାତ୍ରା



**ଜଳେଶ୍ୱର, ୧।୨(ସମିସ):** ବିଜୁ ଜନତା ଦଳ ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ବିକାଶମୂଳକ କାର୍ଯ୍ୟକ୍ରମକୁ ଜଳେଶ୍ୱର ସହରବାସୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ର ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ନେତୃତ୍ୱରେ ଜଳେଶ୍ୱର ନଗର ବିଜୁ ଜନତା ଦଳ ତରଫରୁ ସହରର ୨, ୬ ଓ ୧୧ ନମ୍ବର ୱାର୍ଡ଼ର ପ୍ରତ୍ୟେକ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଯାତ୍ରା ନଗରପାଳ ପ୍ରତୀପ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ଗୁରୁବାର ପୂର୍ବାହ୍ନ ୯ ଟାରେ ଶୁଭାରମ୍ଭ ହୋଇଛି। ନଗରପାଳ ଶ୍ରୀ ପ୍ରଧାନ ପ୍ରତ୍ୟେକ ଘର ଓ ଦୋକାନ ଗୁଡ଼ିକରେ ଶଙ୍ଖ ଚିହ୍ନର ପୋଷ୍ଟର ଲଗାଇ ପ୍ରତ୍ୟେକ ନଗରବାସୀଙ୍କୁ ସାକ୍ଷାତକରି ବିଜୁ ଜନତା ଦଳର ଏହି କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ। ପରିଶେଷରେ ବଡ଼ବଜାର ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ସମସ୍ତ ଦଳୀୟ କାର୍ଯ୍ୟକର୍ତ୍ତା ଏକଜୁଟ୍ ହୋଇ ଆଜିର କାର୍ଯ୍ୟକ୍ରମକୁ ସାଂଗ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ନଗରପାଳଙ୍କ ସମେତ ଉପ ନଗରପାଳ ପୁଷ୍ପପ୍ରିୟା କାମିଲା, କାଉନସିଲର ସୁଷମା କର, ସୁରଜ ଚୌରାସିଆ, ଚିତ୍ତରଞ୍ଜନ ମହାନ୍ତି, ମୀର ଆବାସ ଅଲ୍ଲୀ, ସେକ୍ ସୈଫୁଦ୍ଦିନ୍, କବିତା ଧଳ, ବରିଷ୍ଠ ନଗର ସାଧାରଣ ସମ୍ପାଦକ ବିଜୟ କାମିଲା, ଯୁବନେତା ଆନନ୍ଦ କର, ଅର୍ଚ୍ଚନା ଗିରି, ସଞ୍ଜୀବ ପାଳ, ସତ୍ୟଜିତ କର, ସମରେନ୍ଦ୍ର ଦାସ, ଜହର ଦାସ ପ୍ରମୁଖ ବିଜେଡି ନେତୃବୃନ୍ଦ ତଥା କର୍ମୀ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ପ୍ରଦୀପ ଦାସ



**ଜଳେଶ୍ୱର ବ୍ଲକ, ୧।୨ (ସମିସ) :** ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚୋରମରା ଜୟଚଣ୍ଡୀ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ତଥା ବ୍ଲକ କ୍ରୀଡା ସଙ୍ଘର ସମ୍ପାଦକ ପ୍ରଦୀପ କୁମାର ଦାସଙ୍କୁ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ତାଙ୍କର ଅସାଧାରଣ ସାଧନା, କଠିନ ପରିଶ୍ରମ, ନିଷ୍ଠାପର ଉଦ୍ୟମ, ଦୃଢ ଇଚ୍ଛାଶକ୍ତି, ଶିକ୍ଷା ପ୍ରତି ସମର୍ପିତ ମନୋଭାବ ତଥା ଛାତ୍ରଛାତ୍ରୀଙ୍କର ସାମଗ୍ରିକ ବିକାଶ ପାଇଁ ତାଙ୍କର ନିରବଛିନ୍ନ ଉଦ୍ୟମ ଯୋଗୁଁ ତାଙ୍କୁ ୨୦୨୩-୨୪ ବର୍ଷ ପାଇଁ ସମ୍ମାନ ଜନକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଶ୍ରେଷ୍ଠ 'ଶିକ୍ଷକ ସମ୍ମାନ' ପ୍ରଦାନ କରାଯାଇଛି। ଶିକ୍ଷକ ପ୍ରଦୀପ କୁମାର ଦାସ ଏହି ପୁରସ୍କାର ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରୀତିଲତା ସୋରେନଙ୍କ ପ୍ରେରଣା ସମସ୍ତ ଶିକ୍ଷକଙ୍କ ଅକୁଣ୍ଠ ସହଯୋଗ, ସମର୍ଥନ, ଛାତ୍ରଛାତ୍ରୀଙ୍କ ଭଲପାଇବା, ବାପା ମାଆ ତଥା ସ୍ତ୍ରୀ ଉର୍ମିଳା ଦାସଙ୍କ ପରିଶ୍ରମ ବ୍ଲକର ସମସ୍ତ ଶିକ୍ଷକ ଏବଂ ଚୋରମରା ଗ୍ରାମବାସୀଙ୍କର ଅବଦାନକୁ ଶ୍ରେୟ ଦେଇଛନ୍ତି। ଏହି କୃତିତ୍ୱ ପାଇଁ ପୁରାତନ ଛାତ୍ରଛାତ୍ରୀ ତଥା ଅନେକ ବୁଦ୍ଧିଜୀବୀଙ୍କ ମହଲରୁ ପ୍ରଦୀପ ଦାସଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



**ରାଜବରହମପୁର, ୧।୨(ସମିସ):** ନୀଳଗିରି ବ୍ଲକ ଅଧିନସ୍ଥ ରାଜବରହମପୁର ଡିଗ୍ରୀ ମହାବିଦ୍ୟାଳୟରେ ନୂଆ-ଓ ଓଡ଼ିଶା ଭାଷା ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଇଥିଲେ ବିଦ୍ୟାଳୟ ସଭାପତି ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡ. ରବିନାରାୟଣ ଚୌଧୁରୀ। ସେହିପରି ବିଦ୍ୟାଳୟର ଅଧକ୍ଷ ଶ୍ରୀକାନ୍ତ ଆଚାର୍ଯ୍ୟ, ଓଡ଼ିଆ ବିଭାଗର ଅଧକ୍ଷ ରଞ୍ଜନ ପାଣି, ଓ ଇଂରାଜୀ ବିଭାଗର ଅଧକ୍ଷ ଶୁଭକାନ୍ତ ବେହେରା ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ନଗଦ ରାଶି ଟ୍ରଫି ଓ ସାଟିଫିକେଟ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଅଣଶିକ୍ଷକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିବାରୁ ଅଧକ୍ଷ ସମସ୍ତ ଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ।

# ସିମୁଳିଆ ମହୋତ୍ସବ-୨୦୨୪ ଉଦ୍‌ଯାପିତ

**ସିମୁଳିଆ, ୧।୨(ସମିସ):**



ମାର୍କୋଣା ଷ୍ଟେସନ ବଜାରସ୍ଥିତ ରିଆ ରାବଣ ପୋଡି ପଡ଼ିଆରେ ଚାରିଦିନ ବ୍ୟାପି ଚାଲିଥିବା ଦଶମ ସିମୁଳିଆ ମହୋତ୍ସବ-୨୦୨୪ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦଯାପନି ଉତ୍ସବରେ ମହୋତ୍ସବ କମିଟିର ସଭାପତି ଗୋକୁଳାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଜୁ ଜନତା ଦଳ, ଓଡ଼ିଶା, କଳା, ସଂସ୍କୃତି ଓ ମାନବ ସମ୍ବଳ ବିକାଶ ବିଭାଗର ରାଜ୍ୟ ସମ୍ପାଦକ ଓ ସମାଜସେବୀ ଶଶୀ କୁମାର ସାହୁ ଯୋଗଦେଇ ଉଦଘାଟନ କରିବା ସହ ତାଙ୍କ ବକ୍ତବ୍ୟରେ ଏହି ମହୋତ୍ସବ ଭାଇଚାରାର ଉତ୍ସବ ଜାତି, ଧର୍ମ ନିର୍ବିଶେଷରେ ଉର୍ଦ୍ଧେର ରହି ଏହି ଉତ୍ସବକୁ ପାଳିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସୋର ମହୋତ୍ସବର ସଭାପତି ଗୌରୀ ଶଙ୍କର ଘଡେଇ ଯୋଗ ଦେଇ କମିଟି ସଦସ୍ୟଙ୍କୁ ଧନ୍ୟବାଦ ଦେବା ସହିତ ଉପସ୍ଥିତ ଥିବା ବିରାଟ ଜନସମୂହଙ୍କୁ ପ୍ରଶଂସା କରିଥିଲେ ତଥା ମହୋତ୍ସବ ସବୁ ଧର୍ମ ଜାତିକୁ ଏକ କରିଦିଏ ବୋଲି ପ୍ରକାଶ କରିଥିଲେ ଢ ବନ୍ଦେ ମାତରମ କଳାକେନ୍ଦ୍ର ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ ଆନନ୍ଦ କରାଇଥିଲା। ପରେ ସିନେ ତାରକା ଜିନା ସାମଲ, ବବି ମିଶ୍ରଙ୍କ ସହିତ ଏକ ରଙ୍ଗାରଙ୍ଗ ମେଲୋଡି କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ ଝୁମାଇଥିଲା। ଅତିଥିଙ୍କ ଉପସ୍ଥିତିରେ ଦିବ୍ୟାଙ୍ଗନ ଚିତ୍ରକାର ପ୍ରଭାକର ଜେନା, ପ୍ରକୃତି ବନ୍ଧୁ ଗଙ୍ଗାଧର ରାଉଳ, ସମାଜସେବୀ ଦିବ୍ୟାଙ୍ଗନ ଅକ୍ଷୟ ଜେନା ତଥା ସମାଜସେବା ଦୃଷ୍ଟିରେ ହ୍ୟୁମେନ କେୟାର ଫାଉଣ୍ଡେସନ ତଥା ବଜରଙ୍ଗୀ ସେନାଙ୍କୁ ମାନପତ୍ର ଦେଇ ସମାନିତ କରାଯାଇଥିଲା। ମହୋତ୍ସବ କମିଟିର ସମ୍ପାଦକ କମଳଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# 'ମହୋତ୍ସବ ପୂର୍ବ ଗରିମାକୁ ଉଜ୍ଜୀବିତ କରିଥାଏ'



**ଜଳେଶ୍ୱର ବ୍ଲକ, ୧।୨ (ସମିସ) :** ଜଳେଶ୍ୱର ମାଟିର ଅତୀତର ଗାରିମା ଓ ଏହାର ଭାଷା ସାହିତ୍ୟ, କଳା ସଂସ୍କୃତି ଐତିହାସିକ ସ୍ୱର୍ଣ୍ଣିମ ଗୌରବମୟ ଗାଥା କେବଳ ମହୋତ୍ସବ ମାଧ୍ୟମରେ ଉଜ୍ଜିବୀତ ହୋଇଥାଏ। ବୁଧବାର ଆୟୋଜିତ ୩ୟ ସନ୍ଧ୍ୟାର ସଭାରେ ବରିଷ୍ଠ ସାମ୍ୟବାଦୀ ନେତା ଶିଶିର ହୁଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଉଚ୍ଚ ନ୍ୟାୟାଳୟ ର ବିଚାର ବିଭାଗୀୟ ବରିଷ୍ଠ ଅଧିକାରୀ ଲଲାଟେନ୍ଦୁ ଦାସ ଯୋଗଦେଇ ଜଳେଶ୍ୱରର ଐତିହାସିକ ଗାଥାକୁ ରୁମନ୍ଥନ କରିଥିଲେ। ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ଓଲିଉଡ ନିର୍ଦ୍ଦେଶକ ତଥା କଳାକାର ପ୍ରତାପ ଜେନା ଆସନ ଅଳଙ୍କୃତ କରି, ସୀମାନ୍ତ ଜଳେଶ୍ୱର ବହୁ ସୁନାମଧନ୍ୟ ଓ ପ୍ରତିଭାବାନ କଳାକାର ଅଞ୍ଚଳକୁ ଗୌରାବାନିତ କରିଛନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଓଷ୍ଟା ସଭାପତି ମନୋରଞ୍ଜନ ଦାସ ଯୋଗ ଦେଇ ଦେଶକୁ, ଜଳେଶ୍ୱରର ଶିକ୍ଷା ସମ୍ପର୍କିତ ଅବଦାନ ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ରୋଟାରିୟାନ ସୁବ୍ରତ କୁମାର ରଣା ମଞ୍ଚ ଆହ୍ୱାନ କରିଥିବା ବେଳେ ନବେନ୍ଦୁ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।ପରେ ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଗାଁ ମହିଳାଙ୍କୁ ରୋଜଗାର ଦେଉଛି ମିଶନ ଶକ୍ତି

ବାହାନଗା, ୧।୨ (ସମିସ) :



ଜଳଖିଆ ପ୍ରସ୍ତୁତ କରି ସ୍ୱାବଲମ୍ବୀ

ଦୃଢ ଇଚ୍ଛା ଶକ୍ତି ବଳରେ ସ୍ୱଙ୍ଗ ସହାୟକ ଗୋଷ୍ଠୀ ଗଠନ କରି ଗୃହିଣୀରୁ ସ୍ୱାଦ୍ୱ ଜଳଖିଆ ତିଆରି କରି ବାର୍ଷିକ ଲକ୍ଷାଧିକ ଟଙ୍କା ରୋଜଗାର କରିବାର ଲକ୍ଷ୍ୟ ରଖିଛନ୍ତି ବାହାନଗା ବ୍ଲକ ଖରାସାହାପୁର ଗାଁର ମହିଳାମାନେ। ଆଉ ଏମାନଙ୍କୁ ସହଯୋଗର ହାତ ବଢ଼ାଇଛି ମିଶନ ଶକ୍ତି। ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଅନ୍ତର୍ଗତ ଖରାସାହାପୁର ପଞ୍ଚାୟତର ଖରାସାହାପୁର ଗ୍ରାମ। ସମୁଦ୍ର ଉପକୂଳବର୍ତ୍ତୀ ପଞ୍ଚାୟତରେ ଅବସ୍ଥିତ ଏହି ଅଞ୍ଚଳର ଲୋକେ ମୁଖ୍ୟତଃ ଚାଷ କାର୍ଯ୍ୟ ଏବଂ ସମୁଦ୍ରରୁ ମାଛ ମାରିଥାନ୍ତି। ତେବେ ସ୍ଥିତି ସ୍ୱାଭାବିକ ହେବା ପରେ ଏହି ଗାଁ ମହିଳାଙ୍କ ଜୀବନ ଧାରଣାରେ ଆସୁଛି ସୁଧାର। ଦିନ ମଜୁରିଆ ଭାବେ ଜୀବନ ବିତାଉଥିବା ମହିଳାମାନେ ଏବେ ସ୍ୱଙ୍ଗ ସହାୟକ ଗୋଷ୍ଠୀ ଗଠନ କରି ସ୍ୱାଦ୍ୱ ଜଳଖିଆ ପ୍ରସ୍ତୁତ କରୁଛନ୍ତି। ଏଠାକାର ଲୋକଙ୍କ ଜୀବନ ଜୀବିକା କହିଲେ ଚାଷ କାମ କିନ୍ତୁ ଏଠାକାର ମହିଳାମାନଙ୍କ ଇଚ୍ଛା ଶକ୍ତି ବଳରେ ଦିନ ମଜୁରିଆରୁ ସ୍ୱଙ୍ଗ ସହାୟକ ଗୋଷ୍ଠୀ ଗଠନ କରି ନିଜେ ରୋଜଗାରକ୍ଷମ ହେବାର ଲକ୍ଷ୍ୟ ରଖିଛନ୍ତି। ଏମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ସହଯୋଗର ହାତ ବଢ଼ାଇଛି ମିଶନ୍ ଶକ୍ତି। ଗ୍ରୁପ ଗଠନ ପୂର୍ବରୁ ଏହି ମହିଳାମାନେ ଦିନ ମଜୁରିଆ ଭାବେ ଖଟି ନିଜର ଗୁଜରାଣ ମେଣ୍ଟାଉଥିଲେ। ୨୦୧୮ ମସିହାରେ ଗାଁର ୧୦ ଜଣ ମହିଳା ଏକାଠି ହୋଇ ଆରମ୍ଭ କରିଛନ୍ତି 'କେଶରୀ ନନ୍ଦନ ସ୍ୱଙ୍ଗ ସହାୟିକା ଗୋଷ୍ଠୀ'। ମିଶନ ଶକ୍ତି ମାଧ୍ୟମରେ ବ୍ୟାଙ୍କରୁ ୪ ଲକ୍ଷ ଟଙ୍କା ଋଣ ଆଣି ଏହି ସ୍ୱଙ୍ଗ ସହୟକା ଗୋଷ୍ଠୀର ମହିଳା ମାନେ ଆରମ୍ଭ କରିଛନ୍ତି ବିଭିନ୍ନ ସ୍ୱାଦ୍ୱ ଜଳଖିଆ। ବର୍ତ୍ତମାନ ଗୋଷ୍ଠୀର ସଦସ୍ୟାମାନେ ଘର କାମ ସାରି ବଳକା ସମୟରେ ବିଭିନ୍ନ ସ୍ୱାଦ୍ୱ ଚୁଡା ଭଜା, ଗାଣ୍ଠିଆ, ଝୁରିଭଜା ଆଦି ପ୍ରସ୍ତୁତ କରୁଛନ୍ତି। ବ୍ୟାଙ୍କରୁ ଆଣିଥିବା ଋଣ ମଧ୍ୟ ଧୀରେ ଧୀରେ ଗ୍ରୁପର ସଦସ୍ୟା ମାନେ ପରିଶୋଧ କରୁଛନ୍ତି। ସମସ୍ତ ସଦସ୍ୟା ମିଳିତ ଭାବେ ସମସ୍ତ କାମ କରୁଛନ୍ତି। ପ୍ରସ୍ତୁତ କରୁଥିବା ସାମଗ୍ରୀକୁ ବାହାନଗା, ଗୋପାଳପୁର, ଅଞ୍ଜି, ଅଭଣା ଆଦି ବଜାରରେ ବିକ୍ରି କରୁଛନ୍ତି। ଭବିଷ୍ୟତରେ ଏହି ବ୍ୟବସାୟରୁ ବେଶ ଦୁଇ ପଇସା ରୋଜଗାର କରି ପାରିବେ ବୋଲି ଆଶା ରଖିଛନ୍ତି ଗୋଷ୍ଠୀର ସଦସ୍ୟାମାନେ। ମିଶନ ଶକ୍ତି ମାଧ୍ୟମରେ ସରକାର ବିଭିନ୍ନ ଯୋଜନାରେ ସାମିଲ କରି ସେମାନଙ୍କର ଆର୍ଥିକ ସ୍ଥିତିରେ ବେଶ ସ୍ୱଚ୍ଛଳ କରିବା ପାଇଁ ଚେଷ୍ଟା କରୁଥିବାରୁ ସ୍ୱଙ୍ଗ ସହାୟିକା ଗୋଷ୍ଠୀର ସେକ୍ରେଟାରୀ ରଶ୍ମିବାଳା କର, ପ୍ରେସିଡେଣ୍ଟ ଆରତୀ କରଙ୍କ ସହ ସଦସ୍ୟା ମମତା ସାହୁ, ପ୍ରଭାତୀ ସାହୁ, ଜୟନ୍ତୀ ସାହୁ, ନାରାୟଣୀ ସାହୁ, ଗାୟତ୍ରୀ ପାତ୍ର, ପଦ୍ମାବତୀ ପଣ୍ଡା, ମାଳତୀ ବେହେରା, ସରସ୍ୱତୀ ଘଡ଼ିଆ ପ୍ରମୁଖ ସରକାରଙ୍କ ଏଭଳି ପଦକ୍ଷେପକୁ ପ୍ରଶଂସା କରିଛନ୍ତି।

# ପ୍ରାଣକୃଷ୍ଣ ପାତ୍ରଙ୍କ ଏକାଦଶାହରେ ରକ୍ତଦାନ ଶିବିର

ବାଲେଶ୍ୱର, ୧।୨ (ସମିସ) : ଭୋଗରାଇ ବ୍ଲକ ଗୁନେଇବସାଣ ପଞ୍ଚାୟତ ଅନ୍ତର୍ଗତ ସେହି ଗ୍ରାମର ବାସିନ୍ଦା ଅବସରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତଥା ଗୁନେଇବସାଣ ହରି ସମାଜର ପୂର୍ବତନ ସଭାପତି ଏବଂ ଭୋଗରାଇ ବ୍ଲକ କଂଗ୍ରେସ ସଭାପତି, ବାଲେଶ୍ୱର- ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ତଥା କୁମ୍ଭାରମୁଳି ପଞ୍ଚାୟତ ସମିତି ସଦସ୍ୟ ଆଶିଷ ପାତ୍ରଙ୍କ ପିତା ଓ ଗୁନେଇବସାଣ ସରପଞ୍ଚ ସୁମତି ପାତ୍ରଙ୍କ ଶଶୁର ସ୍ୱର୍ଗତ ପ୍ରାଣକୃଷ୍ଣ ପାତ୍ରଙ୍କ ଏକାଦଶାହ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୋଗରାଇ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ସମ୍ମାନିତ ଅତିଥି ଭାବେ ୩୩ ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ପୂର୍ବତନ ସରପଞ୍ଚ ତଥା ବିଜେଡ଼ି ବ୍ଲକ ସଭାପତି ରମାକାନ୍ତ କରଣ, ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସ, ବ୍ଲକ ରକ୍ତଦାତା ସଂଘର ସଭାପତି ଅଧୀର ଗିରି ଗୋସ୍ୱାମୀ, ଜୟରାମପୁର ପଞ୍ଚାୟତ ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ, ଗୁନେଇବସାଣ ପଞ୍ଚାୟତ ସମିତି ସଦସ୍ୟ ପ୍ରଦୀପ କୁମାର ମହାନ୍ତି, ସ୍ୱର୍ଗତ ପାତ୍ରଙ୍କ ଧର୍ମପତ୍ନୀ ବାସନ୍ତୀ ପାତ୍ର, ପୁଅ ଦେବାଶିଷ, ଆଶିଷ ଓ ଶୁଭାଶିଷ, ପୁତ୍ରବଧୂ ମଧୁସ୍ମିତା, ସୁମତି ଓ ଅନିତା ପାତ୍ର ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରୁ ସମୁଦାୟ ୩୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

# 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



ବାଲିଆପାଳ, ୧।୨(ସମିସ): ବାଲିଆପାଳ ବ୍ଲକ କୁମ୍ଭାରୀ ସ୍ଥିତ ନଗେନ୍ଦ୍ର ନାଥ ସଂସ୍କୃତ କଲେଜରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ 'ଲୋକାର୍ପଣ ପରିପ୍ରେକ୍ଷୀରେ 'ନୂଆ-ଓ' ଅନ୍ତର୍ଗତ ସାହିତ୍ୟ ପ୍ରତିଯୋଗିତାର ଉଦଯାପନୀ ଉତ୍ସବ ଅଧ୍ୟକ୍ଷ ମନୋରଞ୍ଜନ ପଣାଙ୍କ ପୌରୋହିତ୍ୟରେ ବୁଧବାର ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟଅତିଥି ଭାବେ ନାବରା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ ଜାଲି, ମୁଖ୍ୟବକ୍ତା ସିଆରସିସି ମନୋରଞ୍ଜନ ଜେନା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୁବ ସାମ୍ବାଦିକ ଗୋପ ନାରାୟଣ ଜେନା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ରମେଶ ଚନ୍ଦ୍ର ସେଠୀ ପରିଚାଳନା କରିବା ସହ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ପ୍ରାପ୍ତ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଶ୍ରୀଧର ମହାଳିକ, ଦିଲ୍ଲୀପ ଭଦ୍ର, କାଶୀନାଥ ଗିରି, ଅଧ୍ୟାପିକା ସବିତା ରାଣୀ ମହାପାତ୍ର, ଅନୁପମା ମହାପାତ୍ର ଏବଂ ବିକାଶ ମହାପାତ୍ର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ଅଧ୍ୟାପକଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୧।୨ (ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ପିଠାପୁର ଗ୍ରାମରେ ଜନ୍ମିତ ବିଶିଷ୍ଟ ପଣ୍ଡିତ ତଥା ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଅନୀଲ ଦାଶଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ସଂଲଗ୍ନ ଦ୍ୱାଦଶ ଶିବାଳୟ ପରିସରରେ ଦେବଭାଷା ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପରିଷଦର ସଭାପତି ଡାକ୍ତର ଶ୍ରୀଶ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ସୁଶାନ୍ତ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ବିଜୟ ସିଂହ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନାରାଣୀ ଭଞ୍ଜ, ଅବସରପ୍ରାପ୍ତ ଶିକ୍ଷକ ଶମ୍ଭୁନାଥ ସାହୁ, ଶିକ୍ଷକ ଦେବଶଙ୍କର ଦାଶ, ଅଧ୍ୟାପକ ସମୀର କୁମାର ନନ୍ଦ ଓ ବିନୋଦ ବିହାରୀ ଜେନା, ଦେବବ୍ରତ ଦାସ, ସୁଭାଷ ବେହେରା, ପଦ୍ମଲୋଚନ ପଣ୍ଡା, ବଳରାମ ବିଶିଙ୍କ ସମେତ ପରିଷଦର ବହୁ ସଦସ୍ୟ ଓ ଦିବଙ୍ଗତ ଦାଶଙ୍କ ବହୁ ପ୍ରାକ୍ତନ ଛାତ୍ରଛାତ୍ରୀ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇ ଆଲୋଚନା ପୂର୍ବକ ସ୍ମୃତିଚାରଣ କରିଥିଲେ। ପରିଷଦର ମହାସଚିବ ତଥା ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା ଅବସରପ୍ରାପ୍ତ ଅଧ୍ୟକ୍ଷା ଡଃ ଜୟଶ୍ରୀ ଷଡଙ୍ଗୀଙ୍କ ରଚିତ ଶୋକଗୀତିକା ପାଠ କରିବା ସହିତ ଶ୍ଳୋକାବୃତ୍ତି ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ମୃତ ହରେନ୍ଦ୍ରଙ୍କ ପରିବାରକୁ ସମବେଦନା ଜଣାଇଲେ

ଜଳେଶ୍ୱର ବ୍ଲକ, ୧।୨ (ସମିସ) : ଜଳେଶ୍ୱର ବ୍ଲକ ଅଧିନ ଖୁଲୁଡ଼ା ଗ୍ରାମ ପଞ୍ଚାୟତରେ ବିଜେପି ପଞ୍ଚାୟତ ମୁଖ୍ୟ ହରେନ୍ଦ୍ର କୁମାର ବେହେରାଙ୍କ ଦେହାନ୍ତ ହୋଇ ଯାଇଥିଲା। ଏ ଦୁଃଖଦ ଖବର ପାଇ ବୁଧବାର ଅପରାହ୍ନରେ ବିଜେପି ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ ମେଦିନିପୁର ସ୍ଥିତ ତାଙ୍କ ବାସଭବନ ରେ ଉପସ୍ଥିତ ହୋଇ ଶୋକାକୁଳ ପରିବାରକୁ ସାକ୍ଷାତ କରିବା ସହ ସାନ୍ତ୍ୱନା ଓ ସମବେଦନା ଜଣାଇଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମବାର୍ଡ ମଣ୍ଡଳ ସାଧାରଣ ସମ୍ପାଦକ ଦେବାଶିଷ ପାଠୀ, ପାଡଁଶକୁଲି ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ମଳୟ ରଞ୍ଜନ ବେହେରା, ଜିଲ୍ଲା ମନକିବାତ ଜିଲ୍ଲା ସହ ସଂଯୋଜକ ରବୀନ୍ଦ୍ର ପାତ୍ର, ବରିଷ୍ଠ ବିଜେପି ନେତା ବିଦ୍ୟାଧର ବେହେରା, ଯୁବନେତା ସଂଗ୍ରାମ ଜେନା, ଯୁବନେତା ବିପ୍ଲବ କୁମାର ପ୍ରଧାନ ପ୍ରମୁଖ କର୍ମୀମାନେ ଯାଇ ଶୋକାକୁଳ ପରିବାରକୁ ସାକ୍ଷାତ କରି ସମବେଦନା ଜଣାଇଲେ।

# ସଚ୍ଚିଦାନନ୍ଦ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରାଜଘାଟ, ୧।୨ (ସମିସ): ବସ୍ତା ବ୍ଲକ ବରୁଣଗଡ଼ିଆ ପଞ୍ଚାୟତ ଏବଂ ଚକ୍ରଡା କ୍ଲଷ୍ଟର ଅନ୍ତର୍ଗତ ଚୋରପଦା ସଚ୍ଚିଦାନନ୍ଦ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ୨୦୨୪ ଓ ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ପିତାମ୍ବର ନାୟକଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବସ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ବିଜୟ ଜେନା, ମୁଖ୍ୟବକ୍ତା ସିନିୟର ଟିଚର ଏଡୁକେଟର ଡାଏଟ ରେମୁଣାର ରଘୁନାଥ ଦାସ, ସନ୍ମାନୀତ ଅତିଥିଭାବେ ଗୁଡିଖାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାୟକ, ଅନ୍ୟତମ ଅତିଥି ଭାବେ ଗଡ଼ପଦା ସିଆରସିସି ଅନିଲ କୁମାର ପାତ୍ର, ଯାମଶୂଳି ସିଆରସିସି ଭବାନୀ ଶଙ୍କର ମଣ୍ଡଳ, କୁଡ଼ିଆ ସିଆରସିସି ପ୍ରଶାନ୍ତ ଦାସ, ସଦର ସିଆରସିସି ଗଜେନ୍ଦ୍ର ହେମ୍ବ୍ରମ, ସୁନୀଲ ସେନାପତି, ପଞ୍ଚାନନ ଦାସ, ପୂର୍ବତନ ପ୍ରଧାନ ଶିକ୍ଷକ ଅଚ୍ୟୁତା ନନ୍ଦ ଗିରି, ସିଆରସିସି ଚକ୍ରଡା କ୍ଲଷ୍ଟର ପିତାମ୍ବର ବେହେରା, ବରୁଣଗଡ଼ିଆ ସିଆରସିସି ଅରବିନ୍ଦ ପାଣିଗ୍ରାହୀ, ପୂର୍ବତନ ପ୍ରଧାନ ଶିକ୍ଷକ ବସନ୍ତ ନାୟକ, ଜଗନ୍ନାଥ ଗିରି, ପରିଚାଳନା କମିଟିର ସଭାପତି ପ୍ରମୁଖ ସଞ୍ଜୟ ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ଜିଲ୍ଲା ପରିଷଦ ଜୋନ୍‌ସ୍ତରୀୟ ବିଜେଡିର ବନ୍ଧୁମିଳନ




୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ

ବାଲେଶ୍ୱର, ୧।୨ (ସମିସ) : ଭୋଗରାଇ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩୩ ନଂ ଜିଲ୍ଲା ପରିଷଦ ଜୋନ୍ ସ୍ତରୀୟ ବିଜୁ ଜନତା ଦଳର ଏକ ବନ୍ଧୁମିଳନ ଉତ୍ସବ ସହିତ ଶୀତବସ୍ତ୍ର କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଦଳ ପକ୍ଷରୁ ଯୁବନେତା ତଥା ଶିକ୍ଷାବିତ ଓ ବିଶିଷ୍ଟ ସମାଜସେବୀ ଇଂ ବିଦ୍ୟୁବେନ୍ଦୁ ପାତ୍ର ଏହି ବନ୍ଧୁମିଳନ ଉତ୍ସବରେ ଯୋଗ ଦେଇ ଜୋନ ଅନ୍ତର୍ଗତ ଦେହୁର୍ଦ୍ଦା, ଜଳେଶ୍ୱରପୁର, ଦେଉଳା, ଅନଳିଆ, ମନ୍ଦାରସାହି ଓ ପାଣିଷଣ୍ଡା ପଞ୍ଚାୟତର ୫ ହଜାରରୁ ଉଜାର ଗରିବ, ବିଧବା, ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ଲୋକଙ୍କୁ ଶୀତବସ୍ତ୍ର କମ୍ବଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିବା ସହିତ ରାଜନୈତିକ ସ୍ୱାର୍ଥରେ ନୁହେଁ ସମାଜସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି ବୋଲି ପ୍ରକାଶ କରିଥିଲେ। ୩୩ ନଂ ଜିଲ୍ଲା ପରିଷଦ ଜୋନର ଦେଉଳା ପଞ୍ଚାୟତ ଅନ୍ତର୍ଗତ ସରସ୍ୱତୀପୁର ପଡ଼ିଆରେ ଅନୁଷ୍ଠିତ ଏହି ବନ୍ଧୁମିଳନ ଉତ୍ସବ ଓ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା ବିଜେଡ଼ି ଜୋନ ନେତା ହରେନ୍ଦ୍ର ନାଥ ଦାସ (ବାବୁଲି ଭାଇ) ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ସମ୍ମାନିତ ଅତିଥି ଭାବେ ବିଜେଡି ଭୋଗରାଇ ବ୍ଲକ କମିଟିର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ଗୋଛିଦାଡେଘରୀ ସରପଞ୍ଚ ନଗେନ୍ଦ୍ର ନାଥ ପାତ୍ର, ପୂର୍ବତନ ମନ୍ଦାରସାହି ସରପଞ୍ଚ ସେକ ଅବଦୁଲ ମଜିଦ, ଦେହୁର୍ଦ୍ଦା ସରପଞ୍ଚ ସରସ୍ୱତୀ କରଣ ଓ ପଞ୍ଚାୟତ ସମିତି ସଦସ୍ୟା ସନ୍ଧ୍ୟାରାଣୀ ଜେନା, ପୂର୍ବତନ ଦେଉଳା ପଞ୍ଚାୟତ ସମିତି ସଦସ୍ୟା ନନ୍ଦାରାଣୀ ମହାନ୍ତି, ଅନଳିଆ ପଞ୍ଚାୟତ ସମିତି ସଦସ୍ୟା ଅଞ୍ଜଳି ପାଢ଼ୀ, କବି ଶ୍ରୀକୁମାର ଘୋଷ, ଭୋଗରାଇ ପ୍ରେସ କ୍ଲବ ସଭାପତି ଅମର ମହାନ୍ତି, ବରିଷ୍ଠ ସାମ୍ବାଦିକ ସୁବାସ ଦାସ, ପ୍ରଦୀପ ସେଠୀ, ସୁବଳ ଜେନା ଓ ଖଗେନ୍ଦ୍ର ନାଥ ତୋଳା ପ୍ରମୁଖଙ୍କ ସମେତ ବିଜେଡିର ବହୁ ପଞ୍ଚାୟତ ସ୍ତରୀୟ ନେତା ଯୋଗ ଦେଇଥିଲେ। ସମାଜସେବୀ ହରେକୃଷ୍ଣ ଦେ ମଞ୍ଚ ସଞ୍ଚାଳନ କରିଥିଲା ବେଳେ ପୂର୍ବତନ ମନ୍ଦାରସାହି ପଞ୍ଚାୟତ ସମିତି ସଦସ୍ୟ ହରିପଦ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦେଉଳା ପଞ୍ଚାୟତ ବିଜେଡି ନେତା ଅଚିନ୍ତ୍ୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ



ଜଳେଶ୍ୱର ବ୍ଲକ, ୧।୨ (ସମିସ): ଜଳେଶ୍ୱର ବ୍ଲକ ଚମାରଗାଁ ପଞ୍ଚାୟତସ୍ଥିତ ଭଣ୍ଡାରୀପଲ୍ଲୀ ଗ୍ରାମରେ ଅବସ୍ଥିତ ବିଭୂତି ଭୂଷଣ ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି। ଗୁରୁବାର ଆରମ୍ଭ ହେଇଥିବା ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ନୀଳଚକ୍ର ହାଇସ୍କୁଲର ପ୍ରଧାନ ଶିକ୍ଷକ ନନ୍ଦକିଶୋର ମହାନ୍ତି, ମୁଖ୍ୟ ବ୍ୟକ୍ତା ଅବସରପ୍ରାପ୍ତ ଅଧ୍ୟକ୍ଷ ଜିତାରାମ ଦେ, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଣି ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଅବସରପ୍ରାପ୍ତ ସିଆରସିସି ବିଦ୍ୟାଧର ପାଢ଼ୀ, ଚାଫଲା କ୍ଲଷ୍ଟର ସିଆରସିସି ଗୌରୀ ଶଙ୍କର ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରବୀନ୍ଦ୍ର ନାଥ ଦାସ ଯୋଗ ଦେଇଥିବା ବେଳେ ସନ୍ଧ୍ୟା ୬ଘଟିକାରେ ଆରମ୍ଭ ହୋଇଥିବା ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ କୁମାର ଜେନା, ମୁଖ୍ୟବକ୍ତା ବାଗେଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ ର ଅଧ୍ୟକ୍ଷ ବିବେକାନନ୍ଦ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯୋଗେଶ କୁମାର ରାଉଳ ଯୋଗ ଦେଇଥିଲେ।ଉଭୟ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଦନ ମୋହନ ମୁର୍ମୁ ସଭାପତିତ୍ୱ କରିଥିବା ବେଳେ ମଞ୍ଚ ଆହ୍ୱାନ କରିଥିଲେ ଶିକ୍ଷକ ସଞ୍ଜୟ ବିହାରି ପ୍ରଧାନ। ୩୦ଟି ବିଭାଗରେ ସଫଳତା ହାସଲ କରିଥିବା କୃତି ପ୍ରତିଯୋଗୀ ମାନଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ କୁନଲତା ଟୁଡୁ, ଦେବଯାନୀ ଦାସ, ମନୋରମା କେରକେଟା, ପ୍ରିୟବ୍ରତ ଦାସ ଓ ମାନସ କୁମାର ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ଶିକ୍ଷକ କନିଷ୍କ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳେଶ୍ୱର ମହୋତ୍ସବର ତୃତୀୟ ଦିନରେ କବିତା ପାଠୋତ୍ସବ

ଜଳେଶ୍ୱର ବ୍ଲକ, ୧।୨ (ସମିସ) : ଜଳେଶ୍ୱର ମହୋତ୍ସବର ୩ୟ ଦିନ ଗତ ବୁଧବାର ଅପରାହ୍ନ ୩ଟାରେ ସଭାପତି କବି ବାଞ୍ଛାନିଧି ମହାନ୍ତିଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କବି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଇଂରାଜୀ ବିଭାଗ ପ୍ରାଧ୍ୟାପକ ଡ. ମାନସ ରଞ୍ଜନ ସାମଲ, ମୁଖ୍ୟ ବକ୍ତା ଭାବେ ଶ୍ରୀ ଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ନୀଳକଣ୍ଠ ଖଣ୍ଡା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ କବି ଭାନୁକିରଣ ବାରିକ ପ୍ରମୁଖ ଯୋଗଦେଇ କବିତା ର ବିଭିନ୍ନ ଦିଗ ଓ ଦିଗନ୍ତ ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। କବି ସମ୍ମିଳନୀର ସଂଯୋଜକ କବି ତଥା ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ନାଥ ସେନାପତି କବିତା ଗୁଡିକୁ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।କବି ବସନ୍ତ ଦାସ, ତୀର୍ଥେଶ ଚନ୍ଦ୍ର ରାୟ ମହାଶୟ, ପୂର୍ଣ୍ଣଚନ୍ଦ୍ର ଓଝା, ପ୍ରଶାନ୍ତ ରାଉଳ, ପ୍ରଦୀପ ସିଂହ, ସୁଧୀର କର, ଶିଶିର ହୁଇ, ଅଧ୍ୟାପିକା ଡ. କ୍ରିଷ୍ଣା କୁମାରୀ ନାୟକ, ନିକୁଞ୍ଜ ଘୋଷ, ଶାନ୍ତିଲତା ପ୍ରଧାନ, ସୋମନାଥ ରଣା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗବତ ପରିଡ଼ା, ଜ୍ୟୋତ୍ସ୍ନାରାଣୀ ମହାନ୍ତି, ପ୍ରଦୀପ ଦାସ, ଅବସରପ୍ରାପ୍ତ ଅଧ୍ୟାପିକା ଇନ୍ଦୁମତି ଗିରି, ସୁଶୀଳ ମାହାନା, ରଞ୍ଜୁରାଣୀ ସାହୁ, ରଞ୍ଜନ ଘୋଷ, ବୀଣାପାଣି ଜେନା, ନଳିନୀ କାନ୍ତ ମହାପାତ୍ର, ଗୌରହରି ରାଉଳ, ଭାନୁ କିରଣ ବାରିକ, ରମେଶ ଚନ୍ଦ୍ର ନାୟକ, କମଳ କାମିନୀ ଦେ, ମିଲିରାଣୀ ପଣ୍ଡା, ଲିଲିମାରାଣୀ ମହାନ୍ତି, ଜଳଧର ଭଞ୍ଜ, ଶିବାନୀ ପ୍ରଧାନ, ମନୋରଞ୍ଜନ ଦାସ, ବାଞ୍ଛାନିଧି ମହାନ୍ତି, ରବୀନ୍ଦ୍ର ନାଥ ସେନାପତି, ଅନନ୍ତ ଦାସ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥଲେ।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଶ୍ରାଦ୍ଧବାର୍ଷିକୀ

ରାଇବଣିଆ, ୧।୨ (ସମିସ୍) : ବିଶାଳ ଜ୍ଞାନର ଭଣ୍ଡାର ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପାଇଁ ସମଗ୍ର ଆଦିବାସୀ ସମ୍ପ୍ରଦାୟ ନୂତନ ପରିଚୟ ପାଇବା ସହ, ନିଜ ଭାଷାକୁ ନେଇ ଗର୍ବର ସହ ବଞ୍ଚିବା ପାଇଁ ରାସ୍ତା ଦେଖେଇ ଦେଇ ଯାଇଛନ୍ତି। କାରଣ ତାଙ୍କ କଲମରେ ସୃଷ୍ଟି ହୋଇଥିବା ଅଲଚିକି ଲିପି ଭାରତୀୟ ସଂସ୍କୃତିର ମୂଳ ନିବାସୀ ଆଦିବାସୀ ସମ୍ପ୍ରଦାୟକୁ ନିଜ ଭାଷାରେ ବଞ୍ଚିବାକୁ ସାହସ ଦେଇଛି। ଆଜି ମହାି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଶ୍ରାଦ୍ଧବାର୍ଷିକୀ ଜଳେଶ୍ୱର ସ୍ଥିତ ଖୁଦିଆ ମାଝିସାହି ପଞ୍ଚାୟତ ଅନ୍ତର୍ଗତ ନମାଣିଆ ଗ୍ରାମଠାରେ ସ୍ଥାପିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଯାଇଛି। ଉକ୍ତ ଶ୍ରାଦ୍ଧବାର୍ଷିକୀରେ ଯୁବନେତା ବିପ୍ଳବ ପ୍ରଧାନ, ସଂଗ୍ରାମ ଜେନା, ଦେବ ପାଠୀ, ସନ୍ତୋଷ ସାହୁ, ସୂର୍ଯକାନ୍ତ ମାରାଣ୍ଡି, ଜବା ମାରାଣ୍ଡି, ରବୀନ ମାରାଣ୍ଡି, ଗଜେନ୍ଦ୍ର ମାରାଣ୍ଡି, ଝଡେଶ୍ୱର ମାରାଣ୍ଡି, ଗୋପାଳ ବାସ୍କେ, ବହାଦୁର ହାଁସଦା, ହାପନା ଟୁଡୁ, ବୁଦ୍ଧିରାମ ହାଁସଦା, ସୁନୀଲ ମାରାଣ୍ଡି, କାରୁ ମାରାଣ୍ଡି, ଧିରୁ ମୁର୍ମୁ, ପ୍ରମୁଖ ଉପସ୍ଥିତ ହୋଇ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ

ରାଜବରହମପୁର, ୧।୨ (ସମିସ): ନୀଳଗିରି ବ୍ଲକ ବରହମପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡ. ଅମରନାଥ ସ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରୋଗ୍ରାମ ଅଫିସର ପ୍ରଭାତ କୁମାର ଆଚାର୍ଯ୍ୟ କରାଟେ ଶିକ୍ଷା କୌଶଳରେ ଦୁରୁପଯୋଗ କରିବାକୁ ବାରଣ କରିଥିଲେ। ଏହି ଉଦଯାପନୀ ଉତ୍ସବରେ ଅଧ୍ୟାପକ ବାଲୁଙ୍କେଶ୍ୱର ବଳ, ହୃଷୀକେଶ ପଣ୍ଡା ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ସମୀର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ବନିତା



ଦହମୁଣ୍ଡା, ୧।୨ (ସମିସ) : ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହୋଇଥିବା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମରେ ପୁରସ୍କୃତ ହୋଇଛନ୍ତି ୟୁନିକ୍ ଏଜୁକେସନ୍‌ର ଛାତ୍ରୀ ବନିତା ଦାସ। ଚଳିତ ୨୦୨୨-୨୩ ଶିକ୍ଷାବର୍ଷରେ ଶିକ୍ଷକ-ଶିକ୍ଷୟିତ୍ରୀ, ଶିକ୍ଷାନୁଷ୍ଠାନ ଓ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନା କରି ବିଭିନ୍ନ ଦକ୍ଷତାକୁ ଆଧାର କରି ଶିକ୍ଷକ ଓ ଶିକ୍ଷାର୍ଥୀ ମାନଙ୍କୁ ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ଏଥିରେ ଭୋଗରାଇ ବ୍ଲକ ଅନ୍ତର୍ଗତ କମର୍ଦ୍ଦା ପଞ୍ଚାୟତ କଣ୍ଟାବଣିଆ ଗ୍ରାମର ଗୋବିନ୍ଦ ଦାସଙ୍କ ସାନ ଝିଅ ବନିତା ଦାସ କଚୁଆଡିସ୍ଥିତ ପ୍ରସାଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରୁ ଗତ ୨୦୨୧-୨୨ ଶିକ୍ଷାବର୍ଷରେ ଦଶମ ପରୀକ୍ଷାରେ ୫୪୦ ମାର୍କ ରଖି ଏହି ପୁରସ୍କାର ପାଇଁ ଯୋଗ୍ୟା ବିବେଚିତ ହୋଇ ଟ୍ରଫି, ମାନପତ୍ର ଓ ନଗଦ ପଚାଶ ହଜାର ଟଙ୍କା ଅର୍ଥ ରାଶି ପାଇଛନ୍ତି। ଭବିଷ୍ୟତରେ ଜଣେ ଅଧ୍ୟାପିକା ହେବାର ଲକ୍ଷ୍ୟ ନେଇ ସେ ବର୍ତ୍ତମାନ ସୁରେନ୍ଦ୍ରନାଥ ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନରେ ଯୁକ୍ତ ଦୁଇ ପ୍ରଥମ ବର୍ଷ କଳାରେ ଯୋଗଦାନ କରିବା ସହିତ 'ୟୁନିକ୍ ଏଜୁକେସନ୍' ନାମକ ଘରୋଇ ଶିକ୍ଷାନୁଷ୍ଠାନରୁ କୋଚିଂ ନେଉଛନ୍ତି। ଏହି ପୁରସ୍କାର ପାଇବା ପରେ ବନିତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିବା ସହ 'ୟୁନିକ ଏଜୁକେଶନ'ର ଉପଦେଷ୍ଟା ତଥା ଯୁବ ଶିକ୍ଷକ ଓ ସାହିତ୍ୟିକ ମଳୟ ସୁର ବନିତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

# ୨ଟି ଜୀବନ ଯିବା ପରେ ବି ଚେତୁନି ପ୍ରଶାସନ

ଦହମୁଣ୍ଡା, ୧।୨ (ସମିସ):



ରାସ୍ତା କଡ଼ରୁ ହଟୁନି ବେଆଇନ ଗାଡି ପାର୍କିଂ

ବେଆଇନି ଗାଡି ପାର୍କିଂ ଯୋଗୁଁ ଦୁଇ ଦୁଇଟି ମୂଲ୍ୟବାନ ଜୀବନ ଯିବା ପରେ ବି ପ୍ରଶାସନର ଚେତା ପଶୁନି। ଫଳରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଭୋଗରାଇ ବ୍ଲକର କମର୍ଦ୍ଦା-ବାଲିଆପାଳ ରାସ୍ତା ପାର୍ଶ୍ୱସ୍ଥ ଉଲୁଡ଼ାଠାରେ ଇଣ୍ଡିଆନ ଅଏଲ କମ୍ପାନୀର ପାଇପ ଲାଇନ କାର୍ଯ୍ୟ ହେଉଥିଲା ବେଳେ ପ୍ରାୟ ୩ ବର୍ଷ ପୂର୍ବରୁ ଏଠାରେ ବିଭିନ୍ନ ଯାନବାହନ ସହିତ ଯନ୍ତ୍ରପାତି ରଖି କାର୍ଯ୍ୟ ହେଉଥିଲା। ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ପରେ ତିନିଟି ବଡ ବଡ଼ ଟ୍ରକ ସହିତ, ଅନେକ ଯନ୍ତ୍ରାଂଶ, ରାସ୍ତା ପାର୍ଶ୍ୱରେ ଥିବା ଏକ ଜମିରେ ପାର୍କିଂ କରାଯାଇଥିଲା। ମାତ୍ର ସମ୍ପୃକ୍ତ ଜମି ମାଲିକ ସେହି ଜମିରେ ଏକ ପେଟ୍ରୋଲ ପମ୍ପ ବସାଉ ଥିବାରୁ ସେହି ଗାଡି ଗୁଡିକକୁ ରାସ୍ତା କଡ଼ରେ ପାର୍କିଂ କରିଦେଇଥିଲେ। ତେବେ ଏହି ବେଆଇନ ପାର୍କିଂ ପାଇଁ କିଛିଦିନ ତଳେ ବସ୍ତା ଅଞ୍ଚଳର ୩ ସାଙ୍ଗ ତାଳସାରି ବୁଲିବାକୁ ଯାଇ ରାତିରେ ଫେରୁଥିବାବେଳେ କୁହୁଡି ଯୋଗୁଁ ସେହି ପାର୍କିଂ ହୋଇଥିବା ଟ୍ରକକୁ ଦେଖି ନପାରି ସେଠାରେ ପିଟି ହୋଇ ୨ ଜଣଙ୍କ ଜୀବନ ଯାଇଥିଲା ଏବଂ ଅନ୍ୟ ଜଣେ ଗୁରୁତର ହୋଇ ଏବେ ବି ଚିକିତ୍ସିତ ହେଉଛନ୍ତି।ଏହି ଦୁର୍ଘଟଣା ପରେ ଗ୍ରାମବାସୀ ବେଆଇନ ପାର୍କିଂକୁ ବିରୋଧ କରି ଯଥା ଶୀଘ୍ର ଏହି ଟ୍ରକ ଗୁଡ଼ିକୁ ସେଠାରୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ପ୍ରଶାସନକୁ ଦାବି କରିଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ପାରିନଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

## ଜଗନ୍ନାଥ ରଥ ସୂଚନା କମିସନର ନିଯୁକ୍ତ



**ଭୁବନେଶ୍ୱର,୧।୨(ସମିସ):** ରାଜ୍ୟପାଳ ରଘୁବର ଦାସ ଆଇନଜୀବୀ ଜଗନ୍ନାଥ ରଥଙ୍କୁ ଓଡ଼ିଶା ସୂଚନା କମିସନର ଭାବେ ନିଯୁକ୍ତି ଦେଇଛନ୍ତି। ଗତ ସାଧାରଣତନ୍ତ୍ର ଦିବସ ଅବସରରେ ଶ୍ରୀ ରଥଙ୍କୁ ରାଜ୍ୟପାଳ ଏହି ନିଯୁକ୍ତି ଦେଇଛନ୍ତି। ଶ୍ରୀ ରଥ ଗତ ୨୫ବର୍ଷ ହେଲା ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଆଇନଜୀବୀ ଭାବେ କାର୍ଯ୍ୟ କରୁଛନ୍ତି। ସେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ବିପିନ ବିହାରୀ ରଥଙ୍କ କନିଷ୍ଠ ପୁତ୍ର ଏବଂ ଅବସରପ୍ରାପ୍ତ ବିଚାରପତି ବିଶ୍ୱନାଥ ରଥଙ୍କ ସାନ ଭାଇ। ଶ୍ରୀ ରଥ ଅନେକ ବର୍ଷ ହେଲା ଓଡ଼ିଶା ବୋର୍ଡ ଅଫ୍ ରେଭିନ୍ୟୁରେ ଆଇନ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି। ଏଥିସହ ସେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ଅବୈତନିକ ଆଇନ ପରାମର୍ଶଦାତା ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ନୂଆ ଦାୟିତ୍ୱ ପାଇବା ପରେ ଶ୍ରୀ ରଥଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ତେଲକୋଇ ଯୁବ ବିଜେଡି ସଭାପତି ବହିଷ୍କୃତ

**ଭୁବନେଶ୍ୱର, ୧।୨(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍‌ର ବିଜୁ ଯୁବ ଜନତା ଦଳ ବ୍ଲକ୍ ସଭାପତି ନୀଳମଣି ଦେହୁରୀଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିଥିବାରୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ବିରୋଧରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ହୋଇଛି। ଏହି ଆଦେଶନାମା ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

## ଅଣଓଡ଼ିଶା ପ୍ରଶାସନିକ ସେବା କ୍ଷେତ୍ରରୁ ୪ ଅଧିକାରୀ ଆଇଏଏସ୍ ପାହ୍ୟାକୁ ଉନ୍ନୀତ

**ଭୁବନେଶ୍ୱର, ୧।୨(ସମିସ):** ରାଜ୍ୟର ଅଣଓଡ଼ିଶା ପ୍ରଶାସନିକ ସେବା କ୍ଷେତ୍ରରୁ ୪ଜଣ ଅଧିକାରୀ ଆଇଏଏସ୍ ପାହ୍ୟାକୁ ଉନ୍ନୀତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ପଦରେ କାର୍ଯ୍ୟ କରୁଥିବା ସ୍ମିତା ରାଉତ, ମଧୁସ୍ମିତା ସାମଲ, ସଞ୍ଜୟ କୁମାର ବିଶ୍ୱାଳ, ସାଗରିକା ହୋତା ଆଇଏଏସ୍ ପାହ୍ୟାକୁ ଉନ୍ନୀତ ହୋଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଲୋଚନାକ୍ରମେ ୨୦୨୨ର ଚୟନ ତାଲିକା ଓ ରାଜ୍ୟରେ ଖାଲିଥିବା ପଦ ପୂରଣ ପାଇଁ ଏହି ୪ଅଧିକାରୀଙ୍କୁ ଆଇଏସ୍ ପାହ୍ୟାକୁ ଉନ୍ନୀତ କରାଯାଇଛି। ଏନେଇ ଗୁରୁବାର କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

## ୩ ଓଏଏସ୍‌ଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି

**ଭୁବନେଶ୍ୱର, ୧।୨(ସମିସ):** ରାଜ୍ୟ ସରକାର ୩ ଜଣ ବରିଷ୍ଠ ଓଏଏସ୍ ଅଧିକାରୀଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ଓକାକ୍‌ର ଜେନେରାଲ୍ ମ୍ୟାନେଜର ମଧୁସ୍ମିତା ରଥ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଗୃହ ନିର୍ମାଣ ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ଦେବାଶିଷ ସିଂ ଓ ଏମଏସ୍ଏମ୍ଇ ବିଭାଗ ଅତିରିକ୍ତ ସଚିବ ଥିବା ମହେଶ କୁମାର ଚୌଧୁରୀଙ୍କୁ ଏହି ପଦୋନ୍ନତି ମିଳିଛି। ଏନେଇ ଗୁରୁବାର ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇ ଏହି ସୂଚନା ଦିଆଯାଇଛି। ଏହି ଅଧିକାରୀମାନେ ପଦୋନ୍ନତି ସହ ନିଜ ନିଜ ସ୍ଥାନରେ କାର୍ଯ୍ୟ ଜାରି ରଖିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି।

# ଜାତିଗତ ପ୍ରମାଣପତ୍ର ସୁନିଶ୍ଚିତ କରିବ ଜଙ୍ଗଲ ଜମି ଅଧିକାର

- ୪୮୭ରୁ ୫୭ ଗାଁର ଲୋକଙ୍କୁ ମିଳିଲାଣି ସୁବିଧା
- ଯୋଜନା ପ୍ରଣୟନ ପରେ ତ୍ୱରାନ୍ୱିତ ହେଉଛି କାର୍ଯ୍ୟ
- ମାର୍ଚ୍ଚ ସୁଦ୍ଧା ସବୁ ଆବେଦନ ଗ୍ରହଣ ଲକ୍ଷ୍ୟ

**ଭୁବନେଶ୍ୱର,୧।୨(ସମିସ):** ରାଜ୍ୟରେ ଥିବା ରାଜସ୍ୱ ଗାଁଗୁଡ଼ିକ ମଧ୍ୟରୁ ପାଖାପାଖି ୪୮୭ଟି ଗାଁ ଜଙ୍ଗଲ ଜମିରେ ରହିଛି। ଏହି ଗାଁଗୁଡ଼ିକ ମଧ୍ୟରୁ ୫୭ଟି ଗାଁକୁ ରାଜସ୍ ଗ୍ରାମ ଭାବେ ଘୋଷଣା କରାଯାଇଛି। ଏହାଦ୍ୱାରା ସେଠାକାର ବାସିନ୍ଦାମାନେ ସରକାରୀ ସୁବିଧା ସୁଯୋଗ ପାଇବାକୁ ଯୋଗ୍ୟ ହୋଇଛନ୍ତି। ଫଳରେ ପୂର୍ବାପେକ୍ଷା ସେମାନଙ୍କ ଜୀବନଜୀବିକା ସହଜ ହୋଇଛି। ବିଶେଷକରି ଜାତିଗତ ପ୍ରମାଣପତ୍ର ପାଇଁ ରହିଥିବା ସମସ୍ୟା ଏହି ପଦକ୍ଷେପ ଦ୍ୱାରା ଦୂର ହୋଇଛି। ରାଜସ୍ୱ ଗ୍ରାମର ମାନ୍ୟତା ପରେ ଏଠାକାର ବାସିନ୍ଦାମାନେ ଜାତିଗତ ପ୍ରମାଣପତ୍ର ପାଇପାରିବା ସହ ଉଚ୍ଚଶିକ୍ଷା କ୍ଷେତ୍ରରେ ମିଳୁଥିବା ସରକାରୀ ସୁବିଧା ସୁଯୋଗ ମଧ୍ୟ ପାଇପାରୁଛନ୍ତି। ଆଗାମୀ ଦିନରେ ଜଙ୍ଗଲ ଜମିରେ ଥିବା ଅନ୍ୟ ଗାଁଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିଣତ କରି ଏଠାକାର ବାସିନ୍ଦାଙ୍କୁ ସୁବିଧା ସୁଯୋଗ ପ୍ରଦାନ କରିବାକୁ ସରକାର ଯୋଜନା କରିଛନ୍ତି।

ଜଙ୍ଗଲ ଜମିରେ ରହୁଥିବା ଗାଁଗୁଡ଼ିକର ପିଲାମାନେ ଜାତିଗତ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ରହୁଛନ୍ତି। ଏହାଦ୍ୱାରା ସରକାରଙ୍କ ଉଚ୍ଚଶିକ୍ଷା ଓ ଚାକିରି କ୍ଷେତ୍ରରେ ମିଳୁଥିବା ସୁବିଧା ସୁଯୋଗ ପାଇପାରୁନାହାନ୍ତି। ମାତ୍ର ଏହି ଗାଁଗୁଡ଼ିକ ରାଜସ୍ୱ ଗାଁର ମାନ୍ୟତା ପାଇବା ପରେ ସେମାନଙ୍କ ଏହି ସୁବିଧା ସୁଯୋଗ ମିଳି ପାରୁଛି। ସରକାରଙ୍କ ପକ୍ଷରୁ ଗଞ୍ଜାମର ୩୮, ସମ୍ବଲପୁର ୧, ଢେଙ୍କାନାଳ ୧୨, ଦେବଗଡ଼ ୧, ଅନୁଗୁଳ ୧ ଓ ମୟୂରଭଞ୍ଜର ୪ ଟି ଗାଁକୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରାଯିବା ପରେ ଏଠାକାର ବାସିନ୍ଦା ଏହି ସରକାରୀ ଯୋଜନାର ଲାଭ ପାଇପାରୁଛନ୍ତି। ରାଜ୍ୟ ସରକାର ନୂଆ ଯୋଜନା ମାଧ୍ୟମରେ କମ୍ ସମୟ ମଧ୍ୟରେ ଏହି ସମସ୍ତ ଗାଁକୁ ରାଜସ୍ୱ ଗାଁରେ ପରିଣତ କରିବା ପାଇଁ ଯୋଜନା କରିଛନ୍ତି। ତେଣୁ ଗତବର୍ଷ ଅଗଷ୍ଟରେ ମୋ ଜଙ୍ଗଲ ଜମି ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନା ଆରମ୍ଭ ହେବା ପରେ ପ୍ରତି ୧୦ଟି ଗାଁରେ ଜଣେ ଲେଖାଏଁ ଜଙ୍ଗଲ ଅଧିକାର ସାଥୀଙ୍କୁ ନିଯୁକ୍ତ କରାଯାଇଛି। ଏହି ଜଙ୍ଗଲ ଅଧିକାର ସାଥୀ ନିଜ ଅଧୀନରେ ଥିବା ଗାଁଗୁଡ଼ିକରେ ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ଆସନ୍ତା ମାର୍ଚ୍ଚ ସୁଦ୍ଧା ସବୁ ଗାଁରୁ କିପରି ଆବେଦନପତ୍ର ସରକାରଙ୍କ ନିକଟରେ ପହଞ୍ଚିବ, ସେନେଇ ପଦକ୍ଷେପ ନେଉଛନ୍ତି। ନିକଟରେ କେନ୍ଦୁଝରରୁ ଜିଲ୍ଲାସ୍ତରୀୟ ଜଙ୍ଗଲ ଅଧିକାର କମିଟି ୫ଟି ଗାଁକୁ ରାଜସ୍ୱ ଗ୍ରାମରେ ଘୋଷଣା କରିବା ପାଇଁ ଅନୁମୋଦନ ଦେଇଛନ୍ତି। ରାଜସ୍ୱ ବିଭାଗ ଦ୍ୱାରା ଏହି ଗାଁଗୁଡ଼ିକୁ ରାଜସ୍ୱ ଗ୍ରାମରେ ଘୋଷଣା କରାଯିବା ପରେ ଏଠାକାର ଲୋକମାନେ ସମସ୍ତ ସରକାରୀ ସୁବିଧା ସୁଯୋଗ ପାଇବାକୁ ଯୋଗ୍ୟ ବିବେଚିତ ହେବେ।

ଜନଜାତିଙ୍କ ସ୍ୱାର୍ଥକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର 'ମୋ ଜଙ୍ଗଲ ଜମି' ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଜଙ୍ଗଲ ଜମି ଉପରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ବ୍ୟକ୍ତିଗତ ଓ ଗୋଷ୍ଠିଗତ ଅଧିକାରକୁ ସୁନିଶ୍ଚିତ କରିବା ଏହି ଯୋଜନାର ଲକ୍ଷ୍ୟ ରହିଛି। ଏହି ଯୋଜନା ମାଧ୍ୟମରେ ସମସ୍ତ ଯୋଗ୍ୟ ହିତାଧିକାରୀମାନଙ୍କ ପାଖରେ ପହଞ୍ଚିବା ସରକାରଙ୍କ ଲକ୍ଷ୍ୟ ରହିଛି। କେହି ଜଣେ ବି ଯୋଗ୍ୟ ବ୍ୟକ୍ତି ଯେପରି ବଞ୍ଚିତ ନ ହେବ, ତାକୁ ସୁନିଶ୍ଚିତ କରିବା ପାଇଁ ଏହି ଯୋଜନାରେ ପଦକ୍ଷେପ ନିଆଯାଉଛି। ଜଙ୍ଗଲ ଜମି ଅଧିକାର ପ୍ରଦାନରେ ଓଡ଼ିଶା ଏକ ଆଗୁଆ ରାଜ୍ୟ ଭାବେ ପରିଚୟ ପାଇଛି। ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ଏହି ଯୋଜନା ସହିତ ଯୋଡ଼ି ଜନଜାତିମାନଙ୍କ ଜୀବିକାରେ ସ୍ଥାୟିତ୍ୱ ସୃଷ୍ଟି କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବାକୁ ଏହି ଯୋଜନାର ଲକ୍ଷ୍ୟ ରହିଛି। ଏହି ଯୋଜନା କାର୍ଯ୍ୟକାରୀ ଦ୍ୱାରା ସର୍ଭେ ହୋଇ ନ ଥିବା ଜଙ୍ଗଲ ଗାଁଗୁଡ଼ିକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯିବାକୁ ଯୋଜନା କରାଯାଉଛି। ଜଙ୍ଗଲ ଜମି ଉପରେ ଅଧିକାର ପାଇବା ଦ୍ୱାରା ବନବାସୀମାନେ ପନିପରିବା, ଫଳଚାଷ ଓ ଅନ୍ୟାନ୍ୟ ଜୀବିକା କାର୍ଯ୍ୟକ୍ରମରେ ସାମିଲ ହୋଇ ସେମାନଙ୍କର ପରିବାରର ପ୍ରତିପୋଷଣ କରିବା ସହିତ ପିଲାମାନଙ୍କୁ ମଧ୍ୟ ଶିକ୍ଷା ଦେଇପାରୁଛନ୍ତି।

**ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ**

## ଅତିଥିଙ୍କୁ ସ୍ୱାଗତ କରିବ ବାଲୁକା କଳା




**ଭୁବନେଶ୍ୱର,୧।୨(ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆସନ୍ତା ୩ ରୁ ୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଜନତା ମଇଦାନରେ ଆୟୋଜିତ ହେବାକୁ ଯାଉଛି। ଓଡ଼ିଆ ଭାଷା, ସାହିତ୍ୟ ଓ ଐତିହ୍ୟ ତଥା ଓଡ଼ିଆ ଅସ୍ମିତାର ପରିଚୟ ଏହି ସମ୍ମିଳନୀ ନିମନ୍ତେ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଥିବା ପ୍ରବାସୀ ଓଡ଼ିଆ ମାନେ ଉତ୍କଣ୍ଠାପୂର୍ଣ୍ଣ ଶୁଭେଚ୍ଛା ଭିଡିଓ ବାର୍ତ୍ତା ପ୍ରେରଣ କରୁଛନ୍ତି। ଏହି ସମ୍ମିଳନୀ ମାଧ୍ୟମରେ ଓଡ଼ିଆ ଭାଷାର ଗୁରୁତ୍ୱ ଆହୁରି ବୃଦ୍ଧି ପାଇବା ସହ ଲୋକପ୍ରିୟତା ହାସଲ କରିବ ବୋଲି ସେମାନେ ଉଲ୍ଲେଖ କରିଛନ୍ତି। ସମ୍ମିଳନୀକୁ ନେଇ ସେମାନେ ଖୁସିବ୍ୟକ୍ତ କରିବା ସହ ଏହାର ସଫଳତା କାମନା କରି ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି। ସେହିଭଳି ଅତିଥିମାନଙ୍କୁ ସ୍ୱାଗତ କରିବା ପାଇଁ ବିଜୁ ପଟ୍ଟନାୟକ ଅନ୍ତର୍ଜାତିକ ବିମାନ ବନ୍ଦରଠାରେ ସମ୍ମିଳନୀକୁ ନେଇ ଏକ ବାଲୁକା କଳା ପ୍ରଦର୍ଶିତ ହୋଇଛି। ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏହି କଳାକୃତି ପ୍ରସ୍ତୁତ କରିଛନ୍ତି। ଏଥିରେ ସମ୍ମିଳନୀ ଲୋଗୋକୁ ବାଲୁକା କଳା ମାଧ୍ୟମରେ ଅତି ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି। ଏହି ସମ୍ମିଳନୀରେ ଦେଶ ବିଦେଶରୁ ଭାଷାବିତ ଓ ଐତିହାସିକ ମାନେ ଯୋଗଦେଇ ସେମାନଙ୍କ ବହୁମୂଲ୍ୟ ତଥ୍ୟ ଉପସ୍ଥାପନ କରିବେ। ଏଥିସହ ସମ୍ମିଳନୀକୁ ଆମନ୍ତ୍ରିତ ଅତିଥି ମାନେ ଭୁବନେଶ୍ୱରରେ ପହଞ୍ଚିବା ଆରମ୍ଭ କଲେଣି। ଆସନ୍ତାକାଲି ଅନ୍ୟାନ୍ୟ ଅତିଥି ମାନେ ମଧ୍ୟ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ଏହି ସମ୍ମିଳନୀ ନିମନ୍ତେ ବିଭିନ୍ନ ସ୍ତରରେ ବ୍ୟାପକ ଆୟୋଜନ କରାଯାଇଛି।

**ପ୍ଲଟ୍ ଦେବା ଆଳରେ ୪ କୋଟି ଠକେଇ**

## ଡେଲାଙ୍ଗରୁ ବିଲ୍ଡରଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

**ଭୁବନେଶ୍ୱର, ୧।୨(ସମିସ):** ଲୋକଙ୍କୁ ପ୍ଲଟ ଦେବାକୁ କହି ୪ କୋଟି ଟଙ୍କା ଠକିନେବା ମାମଲାରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଜଣେ ବିଲ୍ଡରଙ୍କୁ ଗିରଫ କରିଛି। ଅଭିଯୁକ୍ତଜଣଙ୍କ ହେଲେ, ଜିଏଲ୍ଏଫ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଦୀପକ କୁମାର ଛୋଟରାୟ। ତାଙ୍କ ଘର ପୁରୀ ଜିଲ୍ଲା ଡେଲାଙ୍ଗରେ। ଅନିଲ କୁମାର ପଣ୍ଡା ନାମକ ଜଣେ ବ୍ୟକ୍ତିଙ୍କ ଅଭିଯୋଗକ୍ରମେ ଇଓଡବ୍ଲ୍ୟୁ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତେବେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଅନିଲଙ୍କ ଭଳି ବହୁ ଲୋକଙ୍କୁ ଦୀପକ ଚୂନ ମାରିଥିବା ତଦନ୍ତ ବେଳେ ଇଓଡବ୍ଲ୍ୟୁ ଜାଣିବାକୁ ପାଇଥିଲା। ପାଖାପାଖି ୩୪ ଜଣ ଠକେଇର ଶିକାର ହୋଇଥିବା ଜଣାଯାଇଛି।



ସୂଚନାନୁଯାୟୀ, ପାତ୍ରପଡ଼ାରେ ପ୍ଲଟ୍ ଦେବାକୁ କହି ଜିଏଲ୍ଏଫ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ଲୋକଙ୍କଠାରୁ ଟଙ୍କା ଅଗ୍ରିମ ଅର୍ଥ ନେଇଥିଲା। ଟଙ୍କା ନେବାର ବେଶ୍ କିଛି ଦିନ ପରେ ମଧ୍ୟ କମ୍ପାନୀ ଲୋକଙ୍କୁ ଜମି ଦେଇପାରିନଥିଲା। ତେଣୁ କମ୍ପାନୀ ସେମାନଙ୍କୁ ଗାଡ଼କଣରେ ଫ୍ଲାଟ୍ ଯୋଗାଇଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ପରେ ଏହି ୩୪ଜଣଙ୍କଠାରୁ ୧୨ଲକ୍ଷ ଟଙ୍କା ଲେଖାଏଁ ନେଇଥିଲା।

**୩୪ ଜଣଙ୍କୁ ପ୍ଲଟ୍ ଦେବାକୁ କହି ଟଙ୍କା ଠକିଥିଲେ**

୨୦୧୬ରୁ ୨୦୧୯ ମଧ୍ୟରେ କମ୍ପାନୀ ଏହି ଟଙ୍କା ନେଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା କମ୍ପାନି ସେମାନଙ୍କୁ ପ୍ଲଟ୍ କି ଫ୍ଲାଟ୍ ଦିଆଯାଇନାହିଁ। ଇଓଡବ୍ଲ୍ୟୁ କହିଛି ଯେ, ନିଜ ପାଖରେ କୌଣସି ଜମି ନଥିବା ବେଳେ ସଂସ୍ଥାର ଏମ୍‌ଡି ଦୀପକ ଲୋକଙ୍କୁ ମିଛ କହି ଟଙ୍କା ନେଇଥିଲେ। ନକଲି କାଗଜପତ୍ର ଦେଇ କମ୍ପାନୀ ଲୋକଙ୍କୁ ଠକିଥିଲା। କମ୍ପାନୀ ସେମାନଙ୍କଠାରୁ ୪କୋଟିରୁ ଅଧିକ ଟଙ୍କା ନେଇଯାଇଥିଲା। ଏହି ଠକେଇରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେ ଦିଗରେ ଇଓଡବ୍ଲ୍ୟୁ ଅଧିକ ତଦନ୍ତ କରୁଛି।

## ସାରା ରାଜ୍ୟରେ ଚାଲୁରହିଛି ଛାୟା ଭୋଟଦାନ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧।୨(ସମିସ):** ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଆନୁକୂଲ୍ୟରେ ଆଗାମୀ ସାଧାରଣ ନିର୍ବାଚନରେ ମତଦାନ ହାର ବୃଦ୍ଧି ପାଇଁ ଭୋଟରମାନଙ୍କୁ ଭୋଟ ଦାନର କୌଶଳ ଶିଖାଯାଉଛି। ବିଶେଷକରି ଯୁବ ଭୋଟରମାନଙ୍କୁ ଇଭିଏମ୍/ଭିଭିପ୍ୟାଟ୍ ମାଧ୍ୟମରେ ମତଦାନ କରିବାର କୌଶଳ ବିଷୟରେ ବୁଝାଇବା ସହ ମକ୍ ମତଦାନ କରାଯାଉଛି। ସାରା ରାଜ୍ୟରେ ଜାନୁଆରୀ ୧୫ଠାରୁ ମୋବାଇଲ ଭ୍ୟାନ୍ ଜରିଆରେ ଏହି କାର୍ଯ୍ୟ କରାଯାଉଛି। ଏହି ସଚେତନତା କାର୍ଯ୍ୟକ୍ରମ ନିର୍ବାଚନ ତାରିଖ ଘୋଷଣା ହେବା ପର୍ଯ୍ୟନ୍ତ ଚାଲୁ ରହିବ।

ସବୁ ଜିଲ୍ଲାର ସଦର ମହକୁମା, ସବୁ ଉପଖଣ୍ଡ ସଦର ମହକୁମା ଏବଂ ସବୁ ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥ୍ ହୋଇଥିବା ସ୍ଥାନମାନଙ୍କରେ ଭୋଟର ତଥା ଜନସାଧାରଣଙ୍କ ସଚେତନତା ନିମନ୍ତେ କରାଯାଉଛି। ଜାନୁଆରୀ ୧୫ ତାରିଖଠାରୁ ୨୬ ତାରିଖ ପର୍ଯ୍ୟନ୍ତ ସବୁ ଜିଲ୍ଲା ସଦର ମହକୁମାରେ ସମୁଦାୟ ୯୬୦୨ ଜଣ ଭୋଟର ଇଭିଏମ୍/ଭିଭିପ୍ୟାଟ୍ ପ୍ରଦର୍ଶନୀ ଦେଖିବା ସହ ୯୪୫୪ ଜଣ ଭୋଟର ମକ୍ ମତଦାନରେ ଅଂଶ ଗ୍ରହଣ କରିଥିଲେ। ସେହିପରି ଉପଖଣ୍ଡ ସ୍ତରରେ ହୋଇଥିବା ଇଭିଏମ୍/ଭିଭିପ୍ୟାଟ ପ୍ରଦର୍ଶନ କାର୍ଯ୍ୟକ୍ରମରେ ସମୁଦାୟ ୨୨ହଜାର ୩୩୨ ଜଣ ଭୋଟର ଏହି କାର୍ଯ୍ୟକ୍ରମକୁ ଦେଖିବା ସହ ୨୧ହଜାର ୯୨୩ ଜଣ ଭୋଟର ମକ୍ ମତଦାନରେ ଅଂଶଗ୍ରହଣ କରିଥିଲେ। ଏତଦ୍‌ବ୍ୟତୀତ ମୋବାଇଲ୍ ଡେମନ୍‌ଷ୍ଟ୍ରେସନ୍ ଭ୍ୟାନ୍ ମାଧ୍ୟମରେ ଇଭିଏମ୍/ଭିଭିପ୍ୟାଟ୍ ସବୁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୁଥ୍ ଥିବା ସ୍ଥାନଗୁଡ଼ିକୁ ଜନସାଧାରଣଙ୍କ ବ୍ୟାପକ ସଚେତନତା ସୃଷ୍ଟି ନିମନ୍ତେ କରାଯାଉଛି।

## ଗ୍ରାମ୍ୟ ଉନ୍ନୟନ ବିଭାଗର '୫-ଟି' ସମୀକ୍ଷା ବୈଠକ

**ଭୁବନେଶ୍ୱର, ୧।୨(ସମିସ):** ଗ୍ରାମ୍ୟ ଉନ୍ନୟନ ବିଭାଗର ୫-'ଟି' ମାସିକ ସମୀକ୍ଷା ବୈଠକ ଆଜି ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନସ୍ଥ ସମସ୍ତ ଯୋଜନା ଓ ପ୍ରକଳ୍ପଗୁଡ଼ିକ ଶୀଘ୍ର ସମ୍ପୂର୍ଣ୍ଣ କରିବା ସହ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରି ଠିକ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ପାଇଁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ। ସାଧାରଣ ଲୋକଙ୍କୁ ସର୍ବାଧିକ ସରକାରୀ ସେବା ପ୍ରଦାନ ନେଇ ରାଜ୍ୟ ସରକାରଙ୍କ ଲକ୍ଷ୍ୟକୁ ପୂରଣ କରିବା ଆମ ସମସ୍ତଙ୍କର ପ୍ରଥମ କର୍ତ୍ତବ୍ୟ। ତେଣୁ ରାଜ୍ୟ ମୁଖ୍ୟାଳୟ ଏବଂ ଜିଲ୍ଲାସ୍ତରରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ଏହାକୁ ଧ୍ୟାନ ରଖି ତ୍ୱରିତ ଢଙ୍ଗରେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ଶେଷ ହୋଇଥିବା ପ୍ରକଳ୍ପର ପିସିଆର ରିପୋର୍ଟ ଦାଖଲ, ନୂଆ ଡିଭିଜନ ପ୍ରତିଷ୍ଠା, ନିର୍ମାଣଧୀନ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ଆଦି ଉପରେ ଆଲୋଚନା ହୋଇଥିଲା। ଏଥିସହ ଅର୍ଥ ବିଭାଗ ଏବଂ ନାବାର୍ଡ ସହିତ ସମନ୍ୱୟ ରଖି ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନେବା, ବିଭାଗୀୟ କର୍ମଚାରୀ ଓ ଅଧିକାରୀମାନଙ୍କୁ ସଠିକ ସମୟରେ ପେନ୍‌ସନ ପ୍ରଦାନ, ଅଦାଲତ ସମ୍ବନ୍ଧୀୟ କେଶ୍‌ଗୁଡିକର ଅଗ୍ରାଧିକାର ଭିତ୍ତିରେ ସମାଧାନ ଏବଂ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରୁ ଆସୁଥିବା ସମସ୍ତ ଅଭିଯୋଗଗୁଡିକ ସମ୍ପର୍କରେ ସଚିବ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହାକୁ ତୁରନ୍ତ ସମାଧାନ ଦିଗରେ କାର୍ଯ୍ୟ କାରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଜୁସେତୁ ଯୋଜନା ଅଧୀନରେ ବିଭିନ୍ନ ଜିଲ୍ଲାରେ ଚାଲୁ ରହିଥିବା ପ୍ରକଳ୍ପଗୁଡିକର ଅଗ୍ରଗତି ସମ୍ବନ୍ଧରେ ସେ ପଚାରି ବୁଝିଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅଧୀନରେ ସମ୍ପୂର୍ଣ୍ଣ ହୋଇଥିବା ରାସ୍ତାଗୁଡିକର ନିୟମିତ ରକ୍ଷଣାବେକ୍ଷଣର କାର୍ଯ୍ୟ ଆଗେଇ ନେବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ, ସ୍ୱତନ୍ତ୍ର ଶାସନ ସଚିବ ସୁଦର୍ଶନ ପରିଡ଼ା, ସର୍ବେଶ୍ୱର ସିଂଙ୍କ ସମେତ ପ୍ରତ୍ୟେକ ସର୍କଲ ଓ ଡିଭିଜନର ମୁଖ୍ୟ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପରିକ୍ରମା ମାର୍ଗ ବୁଲିଲେ ୬ ଜିଲ୍ଲାର ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

**ପୁରୀ,୧।୨(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଦେଖିବା ଲାଗି ରାଜ୍ୟ ସରକାର ବ୍ୟବସ୍ଥା କରିଛନ୍ତି। ତାଲିକା ଅନୁଯାୟୀ ବିଭିନ୍ନ ଜିଲ୍ଲାରୁ ଶ୍ରଦ୍ଧାଳୁମାନେ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରୁଛନ୍ତି। ଗତ ସୋମବାରଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଗୁରୁବାର ୬ଟି ଜିଲ୍ଲା(ଗଞ୍ଜାମ, ଯାଜପୁର, ମୟୂରଭଞ୍ଜ, ବାଲେଶ୍ୱର, ଅନୁଗୁଳ ଓ ରାୟଗଡ଼ା)ରୁ ୧୦, ୮୮୦ ଭକ୍ତ ପରିକ୍ରମା ପ୍ରକଳ୍ପ ବୁଲି ଦେଖିଛନ୍ତି। ଏଥିସହ ମହାପ୍ରଭୁଙ୍କୁ ଦର୍ଶନ କରି ଦିବ୍ୟ ଅନୁଭୂତି ନେଇ ଫେରିଛନ୍ତି। ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପକୁ ପ୍ରଶଂସା କରିଛନ୍ତି ଶ୍ରଦ୍ଧାଳୁ। ତେବେ ଶୁକ୍ରବାର ୫ ଜିଲ୍ଲାରୁ ୭, ୨୬୦ ଭକ୍ତ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରିକ୍ରମା ମାର୍ଗ ପ୍ରଦକ୍ଷିଣର ଅନୁଭୂତି ସାଉଣ୍ଟିବେ।

ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ଉପରୋକ୍ତ ୬ଟି ଜିଲ୍ଲାରୁ ଭକ୍ତଙ୍କୁ ଧରି ଗୁରୁବାର ବିଭିନ୍ନ ସମୟରେ ସମଙ୍ଗ ପାର୍କିରେ ପହଞ୍ଚିଥିଲା ବସ୍। ଗଞ୍ଜାମ ଜିଲ୍ଲାର ୯୩ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୧ଟି ବସ୍‌ରେ ୧, ୮୬୦ଜଣ, ଯାଜପୁର ଜିଲ୍ଲାର ୧୧୦ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୯ଟି ବସ୍‌ରେ ୨, ୨୦୦ ଜଣ, ମୟୂରଭଞ୍ଜ ଜିଲ୍ଲାର ୧୦୧ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୫ଟି ବସ୍‌ରେ ୨, ୦୨୦ ଜଣ, ବାଲେଶ୍ୱର ଜିଲ୍ଲାର ୧୧୨ଟି ପଞ୍ଚାୟତ ଏବଂ ୱାର୍ଡରୁ ୫୦ଟି ବସ୍‌ରେ ୨, ୨୪୦ ଜଣ, ଅନୁଗୁଳ ଜିଲ୍ଲାର ୫୨ଟି ପଞ୍ଚାୟତ ଏବଂ ୱାର୍ଡରୁ ୧, ୦୪୦ ଜଣ, ରାୟଗଡ଼ା ଜିଲ୍ଲାର ୭୬ଟି ପଞ୍ଚାୟତ ଏବଂ ୱାର୍ଡରୁ ୧, ୫୨୦ ଜଣ ଏପହିରି ମୋଟ ୧୦ ହଜାର ୮୮୦ ଶ୍ରଦ୍ଧାଳୁ ବସ୍‌ରେ ଆସି ସମଙ୍ଗ ପାର୍କିରେ ପହଞ୍ଚିଥିଲେ। ସେଠାରୁ ଫିଡ୍‌ର ବସ୍‌ରେ ଭକ୍ତମାନେ ଜଗନ୍ନାଥ ବଲ୍ଲଭ ପିଲୀଗ୍ରିମ ସେଣ୍ଟର (ଜେବିପିସି)ରେ ପହଞ୍ଚିଥିଲେ। ପରେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ଦିବ୍ୟ ଅନୁଭୂତି ସାଉଣ୍ଟିଥିଲେ। ଏହାପରେ ଶ୍ରଦ୍ଧାଳୁ ସମଙ୍ଗ ପାର୍କିରେ ପହଞ୍ଚି ସେଠାରେ ଭୋଜନ କରିଥିଲେ। ପରେ ଯେଉଁ ବସ୍‌ରେ ଆସିଥିଲେ ସେଥିରେ ନିଜ ନିଜ ଘରକୁ ଫେରିଥିଲେ। ଅନ୍ୟପକ୍ଷରେ ଶୁକ୍ରବାର ୫ ଜିଲ୍ଲାରୁ ପରିକ୍ରମା ପ୍ରକଳ୍ପ ବୁଲିବାକୁ ଆସିବେ ୭, ୨୬୦ ଶ୍ରଦ୍ଧାଳୁ।



**ଆଜି ଆସିବେ ୫ ଜିଲ୍ଲାରୁ ଭକ୍ତ**

### ଅବଶିଷ୍ଟାଂଶ...

## ମାଗଣାରେ ଡାଏଲିସିସ୍...

ଏବେ '୫-ଟି' ଉପକ୍ରମ ଅଧୀନରେ ଏହି ସେବାକୁ ଉପ ଜିଲ୍ଲା ଡାକ୍ତରଖାନାକୁ ସମ୍ପ୍ରସାରଣ କରାଯାଇଛି। ରୋଗୀଙ୍କୁ ମାଗଣା ଡାଏଲିସିସ୍ ସେବା ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ବର୍ଷକୁ ୫୦ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ସରକାରୀ ସ୍ୱାସ୍ଥ୍ୟ ସେବା କେନ୍ଦ୍ରଗୁଡିକରେ ମାଗଣାରେ ଚିକିତ୍ସା ଦିଆଯିବା ସହିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ବିଏସ୍‌କେୱାଇ ନବୀନ କାର୍ଡ ଜରିଆରେ ବର୍ଷକୁ ୪କୋଟିରୁ ଅଧିକ ଲୋକଙ୍କୁ ବିନା ମୂଲ୍ୟରେ ଉତ୍ତମ ଚିକିତ୍ସା ଯୋଗାଇ ଦିଆଯାଉଛି। ରୋଗ ହେଲେ ଚିକିତ୍ସା ପାଇଁ ଆଉ ଖର୍ଚ୍ଚ ଚିନ୍ତା କରିବାକୁ ପଡୁନାହିଁ। ଶ୍ରୀ ପଟ୍ଟନାୟକ କହିଥିଲେ, ସରକାରୀ ସ୍ୱାସ୍ଥ୍ୟ ସେବା କେନ୍ଦ୍ରଗୁଡିକର ରୂପାନ୍ତରଣ କରାଯାଉଛି। ଆମ ହସ୍ପିଟାଲ କାର୍ଯ୍ୟକ୍ରମରେ ରୋଗୀଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ କାମ ଚାଲିଛି। ସେଠାରେ ଧନୀ, ଗରିବ ସମସ୍ତଙ୍କୁ ମାଗଣାରେ ଭଲ ସ୍ୱାସ୍ଥ୍ୟ ସେବା ମିଳୁଛି। ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା ଲକ୍ଷ୍ୟ ପୂରଣ କରିବା ଦିଗରେ ଆମର ଏହି କାର୍ଯ୍ୟକ୍ରମ ବେଶ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସ ବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ ଯେ ୨୦୧୮ରେ ଦେୟମୁକ୍ତ ଡାଏଲିସିସ୍ ସେବା ଆରମ୍ଭ କରାଯାଇ ସେଥିରେ ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୩୬ଟି ଡାଏଲିସିସ୍ କେନ୍ଦ୍ର ଖୋଲାଯାଇଥିଲା। ଏବେ ଉପ ଜିଲ୍ଲା ଚିକିତ୍ସାଳୟରେ ୩୨ଟି ଡାଏଲିସିସ୍ କେନ୍ଦ୍ର ଖୋଲିବା ପାଇଁ ଲକ୍ଷ୍ୟ ରହିଛି। ଏଥିରୁ ଆଜି ମୁଖ୍ୟମନ୍ତ୍ରୀ ୧୬ଟି କେନ୍ଦ୍ରର ଲୋକାର୍ପଣ କରିଛନ୍ତି। ଏହି କେନ୍ଦ୍ରଗୁଡିକ ହେଉଛି ଖୋର୍ଦ୍ଧା, ପାଲଲହରା, ତାଳଚେର, ସୋର, କାମାକ୍ଷାନଗର, ହିନ୍ଦୋଳ, ଧର୍ମଗଡ଼, ଗୁଣୁପୁର, ବାଲିଗୁଡ଼ା, ଆନନ୍ଦପୁର, ଚମ୍ପୁଆ, ବଣାଇଗଡ଼, ରାଇରଙ୍ଗପୁର, ଉଦଳା, ତିଗିରିଆ ଓ ଡୁଙ୍ଗୁରିପାଲି। ଏହି ସମ୍ପ୍ରସାରଣ ଦ୍ୱାରା ୬୮ଟି ଡାଏଲିସିସ୍ କେନ୍ଦ୍ରରେ ବର୍ଷକୁ ୩.୭୦ ଲକ୍ଷ ସେସନ୍ ଡାଏଲିସିସ୍ ହୋଇପାରିବ ଏବଂ ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ୫୦ କୋଟି ଟଙ୍କା ଖର୍ଚ୍ଚ କରିବେ। କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ, ରାଜ୍ୟର ସାଢ଼େ ଚାରି କୋଟି ଜନତା ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ପରିବାର। ସମସ୍ତଙ୍କ ଜୀବନ ତାଙ୍କ ପାଇଁ ମୂଲ୍ୟବାନ। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ପାଇଁ ଆଜି ସ୍ୱାସ୍ଥ୍ୟ ସେବାରେ ଅଭୂତପୂର୍ବ ରୂପାନ୍ତରଣ ଆସିଛି। ଆଜିର ରାଜ୍ୟର ଗରିବ ଲୋକଟିଏ ଦେଶର ବଡ଼ ବଡ଼ ଡାକ୍ତରଖାନାରେ ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ସେବା ପାଇପାରୁଛି। କଟକ ଜିଲ୍ଲା ତିଗିରିଆରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କହିଥିଲେ, ଏଣିକି ଡାଏଲିସିସ୍ ଭଳି ସେବା ପାଇଁ ରୋଗୀଙ୍କୁ ବହୁ ଦୂର ଯିବାକୁ ପଡ଼ିବନି। କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କହିଥିଲେ, କ୍ୟାନସର୍ ଓ କିଡ୍‌ନୀ ରୋଗୀଙ୍କ ଚିକିତ୍ସା ପାଇଁ ବହୁତ ଅର୍ଥ ଖର୍ଚ୍ଚ କରିବାକୁ ପଡିଥାଏ। କିନ୍ତୁ ରାଜ୍ୟବାସୀଙ୍କର ଏତେ ବଡ଼ ଚିନ୍ତାକୁ ମୁଖ୍ୟମନ୍ତ୍ରୀ ଦୂର କରିବାରେ ଲାଗିଛନ୍ତି। କାରଣ ପ୍ରତ୍ୟେକ ଓଡ଼ିଶାବାସୀ ହେଉଛନ୍ତି ତାଙ୍କ ପରିବାର। ସେଥିପାଇଁ ସେ କ୍ୟାନସର ରୋଗୀଙ୍କ ପାଇଁ କେମୋ ଥେରାପି, କିଡ୍‌ନୀ ରୋଗୀଙ୍କ ପାଇଁ ଡାଏଲିସିସ୍ ସୁବିଧା ଘର ପାଖରେ ଏବଂ ମାଗଣାରେ ଉପଲବ୍ଧ କରାଇଛନ୍ତି। ଗ୍ରାମାଞ୍ଚଳର ସବୁ ଲୋକଙ୍କୁ କ୍ୟାସଲେସ୍ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ବିଏସ୍‌କେୱାଇ ନବୀନ କାର୍ଡ ଆରମ୍ଭ କରିଛନ୍ତି। ଗ୍ରାମାଞ୍ଚଳରେ କାମ କରୁଥିବା ସବୁ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ମଧ୍ୟ ଏଥିରେ ସାମିଲ ହେବେ। ସେମାନେ ତୃଣମୂଳ ସ୍ତରରେ ସମାଜ ସେବାରେ ନିୟୋଜିତ ଅଛନ୍ତି ତେଣୁ ସେମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ଆମ ପାଇଁ ଅତ୍ୟନ୍ତ ଜରୁରୀ। ଆବଶ୍ୟକ ହେଲେ ବିଏସ୍‌କେୱାଇ ନବୀନ କାର୍ଡର ପଞ୍ଜୀକରଣ ଅବଧି ଆହୁରି ବୃଦ୍ଧି କରାଯିବ ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରକାଶ କରିଥିଲେ।

ବଣାଇ, ଗୁଣୁପୁର, ପାଲଲହଡ଼ା, ଧର୍ମଗଡ଼, ସୋର, ଉଦଳା ଓ ରାଇରଙ୍ଗପୁର ଉପଜିଲ୍ଲା ଡାକ୍ତରଖାନାରେ ଆୟୋଜିତ କାର୍ଯ୍ୟକ୍ରମରେ ଡାଏଲିସିସ୍ ନେଉଥିବା ରୋଗୀ ଦେବେନ୍ଦ୍ର ଦାସ, ବିଜୟଲକ୍ଷ୍ମୀ ସାହୁ, ଭଗବାନ ପାତ୍ର, ଅଭିକ୍ଷେତ୍ର ସୁନାନୀ, ସତ୍ୟଜିତ ପଣ୍ଡା, ଚିତ୍ତରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ କହିଥିଲେ ଯେ ଡାଏଲିସିସ୍ ପାଇଁ ବହୁ ଦୂରକୁ ଯିବା ଜରୁରୀ ଥିଲା। ବହୁ ଟଙ୍କା ଖର୍ଚ୍ଚ ହେଉଥିଲା, କଷ୍ଟ ମଧ୍ୟ ପାଉଥିଲୁ। '୫-ଟି' ଅଧ୍ୟକ୍ଷ ଆମ ଜିଲ୍ଲାକୁ ଆସିଥିବା ବେଳେ ଆମେ ତାଙ୍କୁ ଏହି ସମସ୍ୟା ଦୂର ପାଇଁ ନିବେଦନ କରିଥିଲୁ। ଆଜି ଆମର ଦୀର୍ଘ ଦିନର ସମସ୍ୟା ଦୂର ହୋଇଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ଯେତେ ଧନ୍ୟବାଦ ଦେଲେ ବି କମ୍ ହେବ ବୋଲି ସେମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ପ୍ରଫେସର ବିଜୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷିପ୍ତ ବଜେଟ...

୩ କୋଟି 'ଲକ୍ଷପତି ଦିଦି' ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାବ୍ୟତୀତ ଅଙ୍ଗନବାଡ଼ି ଓ ଆଶା କର୍ମୀଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ କରିବାକୁ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି।

ଏହି ଅନ୍ତରୀଣ ବଜେଟର ମୋଟ ରାଶିର ୧୬.୯% ଅର୍ଥାତ୍ ୧୧.୧୧ ଲକ୍ଷ କୋଟି ଟଙ୍କା ଭିତ୍ତିଭୂମି ବିକାଶ ନିମନ୍ତେ ବ୍ୟୟ କରାଯିବାକୁ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି । ସେହିପରି ପ୍ରତିରକ୍ଷା ବିଭାଗ ପାଇଁ ୬.୨ ଲକ୍ଷ କୋଟି ଟଙ୍କା ବରାଦ କରାଯାଇଛି। ଖାଉଟି ବ୍ୟାପାର ଓ ସାଧାରଣ ବଣ୍ଟନ ବିଭାଗ ନିମନ୍ତେ ୨.୧୩ ଲକ୍ଷ କୋଟି, ଗୃହ ବ୍ୟାପାର ନିମନ୍ତେ ୨.୦୩ ଲକ୍ଷ କୋଟି ଓ ଗ୍ରାମୀଣ ବିକାଶ ନିମନ୍ତେ ୧.୭୭ କୋଟି, କୃଷି ଓ କୃଷକ କଲ୍ୟାଣ ନିମନ୍ତେ ୧.୨୭ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି ।

ରାଜ୍ୟଗୁଡ଼ିକୁ କ୍ୟାପେକ୍ସ ପାଇଁ ୫୦ ବର୍ଷର ସୁଧମୁକ୍ତ ଋଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଏ ବାବଦରେ ୧.୩ ଲକ୍ଷ କୋଟି ଟଙ୍କା ବରାଦ କରାଯାଇଛି । ଅନୁରୂପ ଭାବରେ ଦେଶର ପୁଞ୍ଜିଗତ ବ୍ୟୟ ବରାଦ ୧୧.୧ ପ୍ରତିଶତ ବୃଦ୍ଧି ପାଇ ୧୧,୧୧,୧୧୧ କୋଟି ଟଙ୍କାରେ ପହଞ୍ଚିଛି, ଯାହାକି ଜିଡ଼ିପିର ୩.୪% ରହିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

ଅନ୍ୟପକ୍ଷରେ ୨୦୨୪-୨୫ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ବୈଦେଶିକ ଋଣ ବ୍ୟତୀତ ଟିକସ କ୍ଷେତ୍ରରୁ ୨୬ ଲକ୍ଷ କୋଟି ଓ ଅଣ ଟିକସରୁ ୪ ଲକ୍ଷ କୋଟି ଟଙ୍କା ଆୟ ଲକ୍ଷ୍ୟ ରଖିଛନ୍ତି । ଏହା ସହ ସରକାରୀ ବ୍ୟୟ ଓ ଋଣ ହ୍ରାସ ଲକ୍ଷ୍ୟରେ ବିତ୍ତୀୟ ଏକତ୍ରିକରଣକୁ ଗୁରୁତ୍ୱ ଦେଇଛନ୍ତି ।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ଷମତା ଉପରେ ଭରସା ରଖନ୍ତୁ । ଆର୍ଥିକ ସମସ୍ୟା ଦୂର ହେବ । ବୈବାହିକ ଜୀବନ ସୁଖମୟ ହେବ । ଦୂର ସ୍ଥାନ ଯାତ୍ରା କରିପାରନ୍ତି ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ଆର୍ଥିକସ୍ତରରେ ସ୍ୱଚ୍ଛଳ ରହିବେ । ବିଦ୍ୟାର୍ଥୀମାନେ ଖେଳକୁଦରେ ଅଧିକ ସମୟ ବିତାଇବେ । ମହିଳାମାନେ ଗୁରୁତ୍ୱ ପୂର୍ଣ୍ଣ ଦାୟିତ୍ୱ ତୁଲାଇବେ ।

**ମିଥୁନ:** ନୂତନ ବ୍ୟବସାୟ ଆରମ୍ଭ କରିବେ । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିବ ।ଧନପ୍ରାପ୍ତି ଯୋଗ ରହିଛି ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଜୀବନସାଥିଙ୍କ ସହଯୋଗ ଲୋଡିବେ । ଦିନଆରମ୍ଭରୁ ଥକ୍କା ଅନୁଭବ କରିପାରନ୍ତି । ବିଦ୍ୟାର୍ଥୀମାନଙ୍କ ପାଇଁ ଭଲ ସମୟ ।

**ସିଂହ:** ଭାବିଚିନ୍ତି କାର୍ଯ୍ୟ କରନ୍ତୁ । ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି । ଧନପ୍ରାପ୍ତି ଯୋଗ ରହିଛି । ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ । କିଣା-ବିକାରେ ସମୟ ବିତିବ । ବୈବାହିକ ଜୀବନ ସୁଖମୟ ହେବ ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ । ପିଲାମାନେ ଖେଳକୁଦରେ ସମୟ ବିତାଇବେ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ । ଅକସ୍ମାତ ଖୁସି ଖବର ପାଇବେ । ଜୀବନସାଥୀଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ଜୀବନସାଥୀଙ୍କ ସହ ଭ୍ରମଣ ଯୋଗ ରହିଛି । ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ ।

**ଧନୁ:** ବନ୍ଧୁମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ । ପ୍ରେମ ବ୍ୟାପାରରେ ସଫଳ ହେବେ ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ କିଛି ସମୟ ବିତାନ୍ତୁ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି । ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟକଳାପରେ ଦିନଟି ଭଲରେ ବିତିବ । ଜୀବନସାଥୀଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ । ଅଫିସ୍ କାର୍ଯ୍ୟ ଯୋଗୁଁ ଦୂର ସ୍ଥାନ ଯାତ୍ରା କରିପାରନ୍ତି ।

## ଆଜିର ଇତିହାସ

- ୧୬୨୬: ଚାର୍ଲସ୍ ପ୍ରଥମ ଇଂଲଣ୍ଡର ସମ୍ରାଟ୍ ଘୋଷିତ ।
- ୧୮୧୪- କଲିକତା ସଂଗ୍ରହାଳୟର ସ୍ଥାପନା ।
- ୧୯୧୩: ନ୍ୟୁୟର୍କରେ 'ଗ୍ରାଣ୍ଡ ସେଣ୍ଟ୍ରାଲ୍ ଟର୍ମିନାଲ୍'ର ଉଦ୍‌ଘାଟନ ।
- ୧୯୪୯- ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ(ପିଟିଆଇ)ର ସ୍ଥାପନା ।
- ୧୯୮୭- ଫିଲିପାଇନ୍ସରେ ନୂତନ ଆଇନ ପ୍ରଣୟନ ।
- ୨୦୦୭- ଆଇପିସି ଗ୍ଲୋବାଲ୍ ୱାର୍ମିଂ ଉପରେ ରିପୋର୍ଟ ପ୍ରସ୍ତୁତ କଲା ।



# ହିମ କମଳ

ଆର୍କଟିକ୍ ସାଗରରେ ଏକ ବିଶେଷ ପ୍ରକାର ତଥା ଅଦ୍ଭୁତ ବରଫ ଫୁଲ ଫୁଟିଥାଏ । ଯାହାକି 'ସି-ଆଇସ୍' ନାଁରେ ପରିଚିତ । ତେବେ ଏ ଫୁଲର ଆକୃତି ଅବିକଳ ପଦ୍ମଫୁଲ ସଦୃଶ । ଏହି ଫୁଲର ବ୍ୟାସ ୩ରୁ୪ ସେଣ୍ଟିମିଟର ହୋଇଥାଏ । ବେଳେବେଳେ ଏହା ପାଣିରେ ତଥା ଓଦାଳିଆ ସ୍ଥାନରେ ଫୁଟୁଥିବା ଦେଖାଯାଏ । ଏହାବାଦ୍ ସମୁଦ୍ରକୂଳ ଥଣ୍ଡା ସ୍ଥାନରେ ମଧ୍ୟ ଏହା ଦେଖିବାକୁ ମିଳିଥାଏ । ତେବେ ବରଫ କିଭଳି ଭାବେ ଏମିତି ଏକ ଫୁଲର ରୂପ ନେଉଛି, ତାହାକୁ ନେଇ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ । ଅସଲରେ ଏହା ହେଉଛି ବରଫର ପତଳା ପରସ୍ତ । ଯାହାକି ଖୁବ୍ କମ୍ ତାପମାତ୍ରାରେ ଏଭଳି ସୃଷ୍ଟି ହୁଏ । ବରଫର ପତଳା ସ୍ତରରେ ବାୟୁର ଚାପ ଯୋଗୁ ଏହା ଏଭଳି ଫୁଲରେ ପରିଣତ ହୋଇଥାଏ । ମୁଖ୍ୟତଃ ଏହା ଆର୍କଟିକ୍ ସାଗର ଓ ଏହାର ଆଖପାଖ ସ୍ଥାନରେ ଦେଖିବାକୁ ମିଳିଥାଏ । ତେବେ ଏହି ହିମ କମଳ ଥଣ୍ଡାସ୍ଥାନରେ କେବଳ ସକାଳ କିମ୍ବା ସଂଧ୍ୟାବେଳେ ଦେଖାଯାଏ ।



# 'ୱାଟର୍ ସେଲୁନ୍'
## ଆଣ୍ଠୁଏ ପାଣିରେ ଚୁଟିକଟା

ସାଧାରଣତଃ ବିଭିନ୍ନ ଧରଣର ସ୍ପା ଓ ସେଲୁନ୍ ବାବଦରେ ସମସ୍ତେ ଜାଣିଥାନ୍ତି । କିନ୍ତୁ, କେହି କେବେ ୱାଟର୍ ସେଲୁନ୍ ବାବଦରେ ଶୁଣିନଥିବେ । ତେବେ, ନିକଟରେ ଏପରି ଏକ ସେଲୁନ୍ ରହିଥିବା ଜଣାପଡ଼ିଛି, ଯେଉଁଠି ଉଭୟ ଚୁଟି କାଟିବା ସହ ମାଛ ମଧ୍ୟ ଧରାଯାଉଛି । ଯାହାର ଏକ ଭିଡିଓ ବର୍ତ୍ତମାନ ସମୟରେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ 'ଆଚେ' ନାମକ ଏହି ୱାଟର୍ ସେଲୁନ୍ ଇଣ୍ଡୋନେସିଆରେ ରହିଛି । ଯେଉଁଠି ସମ୍ପୂର୍ଣ୍ଣ ତଳ ଚଟାଣରେ ପାଣି ଭର୍ତ୍ତି ହୋଇଥିବା ବେଳେ ଲୋକମାନେ ଚେୟାର୍ ଉପରେ ବସି ଚୁଟି କାଟୁଥିବା ଦେଖିବାକୁ ମିଳିଛି । ସେହିପରି ସେଲୁନ୍‌ର କାର୍ଯ୍ୟ କରୁଥିବା ଲୋକେ ଆଣ୍ଠୁଏ ପାଣିରେ ଛିଡ଼ାହୋଇ ଗୀତ ଶୁଣି ଖୁବ୍ ଆନନ୍ଦର ସହିତ କାର୍ଯ୍ୟ କରୁଛନ୍ତି । ଏଠାକୁ ଚୁଟି କାଟିବାକୁ ଆସୁଥିବା ଗ୍ରାହକ କିନ୍ତୁ ଆଦୌ ଓଦା ହୋଇନଥାନ୍ତି । ତେବେ ଏହି ସେଲୁନ୍ ମଧ୍ୟରେ ଥିବା ପାଣିରୁ ଜାଲ ସାହାଯ୍ୟରେ କଟା କେଶଗୁଡ଼ିକୁ ବାହାର କରାଯାଇଥାଏ । ଯାହାକୁ ଦେଖିଲେ ଜାଲରେ ମାଛ ଧରାଯିବାର ଭ୍ରମ ସୃଷ୍ଟି ହୋଇଥାଏ । ଏହି ସେଲୁନ୍‌ର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଚର୍ଚ୍ଚାକୁ ଆସିଛି ।

# ଚେହେରା କହେ ଧନୀ କି ଗରିବ!

ସାଧାରଣତଃ ଜଣକ ବେଶ ପରିପାଟୀରୁ ବ୍ୟକ୍ତିତ୍ୱ ତଥା ଆର୍ଥିକ ସ୍ୱଚ୍ଛଳତା ବାରି ହୋଇପଡ଼େ । ଏବେ କିନ୍ତୁ ଜଣକର ଚେହେରାରୁ ସେ ଧନୀ କି ଗରିବ ତାହା ସୂଚନା ଦିଏ ବୋଲି ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି । ଏକ ସ୍ୱତନ୍ତ୍ର ଚେହେରାକୁ ଲୋକେ ଧନୀ ଶ୍ରେଣୀର ଚେହେରା ଭାବିଥାନ୍ତି ବୋଲି ଏହି ଅଧ୍ୟୟନରେ ପ୍ରକାଶ ପାଇଛି । ଗ୍ଲାସ୍‌ଗୋ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏଭଳି ଏକ ଅଧ୍ୟୟନ କରିଛନ୍ତି । ବିତ୍ତଶାଳୀ ଚେହେରାର ଲକ୍ଷଣ କିପରି ହୋଇଥାଏ ସେକଥା ଏହି ଅଧ୍ୟୟନରେ ଦର୍ଶାଯାଇଛି । ଯେଉଁ ଲୋକମାନଙ୍କ ମୁହଁ ହସହସ ଓ ପତଳା ସେମାନେ ଧନୀ ବ୍ୟକ୍ତି ହୋଇଥାନ୍ତି ବୋଲି ଲୋକମାନଙ୍କ ମଧ୍ୟରେ ଧାରଣା ଥାଏ । ତେବେ ଯେଉଁମାନଙ୍କ କପାଳ ଉଚ୍ଚ, ଗାଲ ଲାଲ୍, ସବୁବେଳେ ହସ ହସ ମୁହଁ ଥାଏ, ନାକ ବାହାରକୁ ବାହାରିଥାଏ, ମୁହଁ ସାମାନ୍ୟ ଲମ୍ବା ହୋଇଥାଏ, ସେଭଳି ଲୋକଙ୍କୁ ଧନାଢ୍ୟ ବ୍ୟକ୍ତିବିଶେଷ ବୋଲି ବିବେଚନା କରାଯାଏ । ଏପରିକି ସେମାନଙ୍କ କଥାକୁ ଲୋକେ ବିଶ୍ୱାସ କରିବା ସହ ସେମାନେ ଉତ୍ସାହୀ ଓ ଦକ୍ଷତାସମ୍ପନ୍ନ ହୋଇଥାନ୍ତି ବୋଲି ଭାବନ୍ତି । ଅନ୍ୟପଟେ ଗରିବ ଲୋକଙ୍କ ଚେହେରା କିନ୍ତୁ ଏସବୁର ଓଲଟା ସୂଚନା ପ୍ରଦାନ କରେ । ଯେଉଁମାନେ ଗରିବ, ସେମାନଙ୍କ ଭ୍ରୂଲତା ତଳକୁ ହୋଇଥିବା ବେଳେ ଥୋଡ଼ି ଛୋଟ ହୋଇଥାଏ । ତା'ସହ ସେମାନଙ୍କ ମୁହଁ ତଳକୁ ଥାଏ ଏବଂ ତ୍ୱଚାର ରଙ୍ଗ ଗାଢ଼ ହୋଇଥାଏ ବୋଲି ଲୋକଙ୍କ ମଧ୍ୟରେ ଧାରଣା ରହିଛି । ଏସବୁ ଲକ୍ଷଣ ଥିବା ଲୋକଙ୍କୁ ଲୋକେ ବିଶ୍ୱାସ ମଧ୍ୟ କରି ନଥାନ୍ତି । ସେହିପରି ଲୋକମାନେ କେଉଁ ଚେହେରାକୁ ଉଚ୍ଚ ଓ ନୀଚ ଶ୍ରେଣୀର ବୋଲି ବିବେଚନା କରିଥାନ୍ତି, ତାହାକୁ ମଧ୍ୟ ଉକ୍ତ ଅଧ୍ୟୟନରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ତେବେ ଏହି ଅଧ୍ୟୟନରୁ ଜଣକର ଚେହେରା ଦେଖି ସେ ଧନୀ କି ଗରିବ ଲୋକେ କିପରି ମନରେ ଧାରଣା ବନେଇ ନିଅନ୍ତି ତାହା ସ୍ପଷ୍ଟ ହୋଇଛି ।



# ରାକେଶଙ୍କ ସହ କାମ କରିବେ ଜାହ୍ନବୀ

ବଲିଉଡ୍‌ର ଆଗ ଧାଡ଼ିର ନିର୍ଦ୍ଦେଶକ ରାକେଶ ଓମ୍ ପ୍ରକାଶ ମେହେରାଙ୍କ ଏକ ଫିଲ୍ମରେ ଏବେ ଜାହ୍ନବୀ କପୁର ଦେଖାଯିବେ । ଏହି ଫିଲ୍ମର ନାମ 'କର୍ଣ୍ଣ' ରହିଛି । ଏହା ମହାଭାରତର ଚରିତ୍ର କର୍ଣ୍ଣଙ୍କ ଉପରେ ଆଧାରିତ ହେବ । ଏଥିରେ କର୍ଣ୍ଣ ଭୂମିକାରେ ଦେଖାଯିବେ ସାଉଥ୍‌ର ଲୋକପ୍ରିୟ ଅଭିନେତା ସୂର୍ଯ୍ୟା । ଏବେ ଏହାର ପ୍ରିପ୍ରଡକ୍ସନ କାମ ଚାଲିଛି । ତେବେ ଏଥିରେ ନାୟିକା ଭାବେ ଜାହ୍ନବୀଙ୍କୁ ମନୋନୀତ କରାଯାଇଛି । ଏହାକୁ ଦୁଇଟି ପାର୍ଟରେ ନିର୍ମାଣ କରିବା ପାଇଁ ରାକେଶ ଯୋଜନା କରିଛନ୍ତି । ଜାହ୍ନବୀ ପ୍ରଥମ ଥର ପାଇଁ ଏକ ପିରିୟଡିକ୍ ଫିଲ୍ମରେ କାମ କରିବାକୁ ଯାଉଛନ୍ତି । ଇତିମଧ୍ୟରେ ଜାହ୍ନବୀ ସାଉଥ୍ ଇଣ୍ଡଷ୍ଟ୍ରୀରେ କାମ କଲେଣି । ସେ ଜୁନିୟର୍ ଏନ୍‌ଟିଆର୍‌ଙ୍କ ସହିତ 'ଦେବରା' ଫିଲ୍ମରେ ଦେଖାଯିବେ । ଚଳିତବର୍ଷେ ଏହା ରିଲିଜ୍ ହୋଇପାରେ ବୋଲି ଆଶା କରାଯାଉଛି । ଏହାବାଦ୍ ଜାହ୍ନବୀଙ୍କ ଅଭିନୀତ 'ଉଲଝ' ଓ 'ମିଷ୍ଟର ଆଣ୍ଡ ମିସେସ୍ ମାହି' ଚଳିତବର୍ଷ ରିଲିଜ୍ ହେବ ।





# ଦାନ୍ତଖୁଣ୍ଟା ବ୍ୟବହାର କରୁଥିଲେ...

**ଦାନ୍ତ ମନୁଷ୍ୟ ଶରୀରର ପ୍ରମୁଖ ଅଙ୍ଗ । ଦାନ୍ତକୁ ସଫା ଓ ଚିକ୍କଣ କରିବାକୁ ଅଧିକାଂଶ ଭିନ୍ନ ଭିନ୍ନ ଉପାୟ ଆପଣାଇଥାନ୍ତି । ଦାନ୍ତକୁ ଭଲ ଭାବେ ନ ଘଷିଲେ, ଦାନ୍ତ ମୂଳରେ ମଇଳା ଜମି ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରାଏ । ସେଥିପାଇଁ ଅଧିକାଂଶ ଖାଇବା ପରେ ଦାନ୍ତମୂଳରେ ଲାଗିଥିବା ଖାଦ୍ୟ ଅଂଶକୁ ସଫା କରିବାକୁ ଦାନ୍ତଖୁଣ୍ଟା ବ୍ୟବହାର କରନ୍ତି । ଅଧିକ ଦାନ୍ତଖୁଣ୍ଟା ବ୍ୟବହାର ଦ୍ୱାରା ଦାନ୍ତ ଦୁର୍ବଳ ହେବା ସହିତ ଦନ୍ତରୋଗ ସୃଷ୍ଟି ହୁଏ । ଏହା ଦାନ୍ତ ଓ ମାଢ଼ିକୁ ଦୁର୍ବଳ କରିଥାଏ । କାଠ ନିର୍ମିତ ଦାନ୍ତଖୁଣ୍ଟା ଅଧିକ କଠିନ ହୋଇଥିବାରୁ ବେଳେବେଳେ ମାଢ଼ିରୁ ରକ୍ତ ବାହାରିଥାଏ । ଦାନ୍ତ ଚମକ କମିଯାଏ । ତେବେ ଅଧିକ ଦାନ୍ତଖୁଣ୍ଟା ବ୍ୟବହାର ଦ୍ୱାରା ଆଉ କେଉଁ ସମସ୍ୟା ହୁଏ ଜାଣି ରଖନ୍ତୁ ।**

**ଦାନ୍ତ ମଝିରେ ଗ୍ୟାପ୍:** ଖାଇବା ପରେ ଯଦି ଲଗାତାର ଦାନ୍ତଖୁଣ୍ଟା ବ୍ୟବହାର କରୁଥାନ୍ତି, ଏଥିଯୋଗୁ ଦାନ୍ତ ମଝିରେ ଫାଙ୍କା ସୃଷ୍ଟି କରେ । ଏପରି ହେଲେ, ଏହା ଚେହେରାକୁ ବିଗାଡ଼ିବା ସହ ଏହା ମଧ୍ୟରେ ଖାଦ୍ୟ ଅଂଶ ଲାଗିବା କାରଣରୁ ଦାନ୍ତ ପୋକ କାଟିବା ସହ ଦାନ୍ତ ମୂଳ ପଚିବାର ଭୟ ରହିଥାଏ ।

**ଦୁର୍ବଳ ହୁଏ ଦାନ୍ତ:** ଦାନ୍ତରେ ଲାଗିଥିବା ଖାଦ୍ୟ ଟୁକୁଡ଼ାକୁ ଦାନ୍ତଖୁଣ୍ଟାରୁ ବାହାର କରିବା ପରେ ଏହାକୁ ପୁନର୍ବାର ଚୋବାଇବା ଦ୍ୱାରା ଦାନ୍ତର ଏନାମେଲ ପରସ୍ତ ନଷ୍ଟ ହୋଇଥାଏ । ଏହି କାରଣରୁ ଦାନ୍ତକ୍ଷୟ ହୋଇଥାଏ ।

**ମାଢ଼ିରୁ ରକ୍ତ ପଡ଼ିବା:** ତରବରିଆ ଭାବେ ଦାନ୍ତଖୁଣ୍ଟା ବ୍ୟବହାର କରିବା ଦ୍ୱାରା ମାଢ଼ିରେ ଆଘାତ ଲାଗିବା ଦ୍ୱାରା ଏଥିରୁ ରକ୍ତ ପଡ଼େ । ଏହାଦ୍ୱାରା ନାନା ସମସ୍ୟା ସୃଷ୍ଟି ହୋଇଥାଏ । ତେବେ ଦାନ୍ତଖୁଣ୍ଟାର ଅଧିକ ବ୍ୟବହାର କରିବା ଦ୍ୱାରା ଦାନ୍ତମୂଳ ଦୁର୍ବଳ ହୋଇଯାଉଥିବାରୁ ଏଥିରୁ ନିବୃତ୍ତ ରହିବା ଜରୁରି ।

## ସୁସ୍ଥ ମନ ସୁସ୍ଥ ଶରୀର



# ସଞ୍ଜୀବନୀ

# କ୍ଲୋଷ୍ଟ୍ରୋଫୋବିଆ

ସମଗ୍ର ବିଶ୍ୱରେ କ୍ଲୋଷ୍ଟ୍ରୋଫୋବିଆରେ ୧୦ ପ୍ରତିଶତ ଲୋକ ପୀଡ଼ିତ । ଏମାନେ ଛୋଟ ସ୍ଥାନ ବା ସୀମିତ ବନ୍ଦ କୋଠରି ପ୍ରତି ଅଧିକ ଭୟ କରନ୍ତି । ଏହି ସମସ୍ୟା ଦୈନନ୍ଦିନ ଜୀବନରେ ଅନେକଙ୍କ ପାଇଁ ସମସ୍ୟା ସୃଷ୍ଟି କରେ । ତେବେ ଏହି ଭୟ ସୃଷ୍ଟି ହେବାର ମୂଳ କାରଣ ହେଉଛି ସଂଘର୍ଷ, ଭୟଙ୍କର ଘଟଣାକୁ ସାମନା କରିବା କିମ୍ବା କୌଣସି ସ୍ଥାନରେ ବନ୍ଦ ହୋଇଯିବାର ଅନୁଭୂତି । ଏଥିରେ ଶ୍ୱାସ ଜୋର ହେବା, ହୃଦ୍‌ସ୍ପନ୍ଦନ ବୃଦ୍ଧି, ଶରୀରରୁ ଝାଳ ବୋହିବା, ମୁଣ୍ଡ ବୁଲାଇବା, ଏଣୁତେଣୁ ଚିନ୍ତା କରିବା ଆଦି ଲକ୍ଷଣ ଦେଖାଯାଏ । ମାନସିକ, ଭାବନାତ୍ମକ କିମ୍ବା ଭୌତିକ ଅନୁଭବ, ଭୟାନକ ଘଟଣାର ସାମନା କରିବା, ଅବସାଦ, ଅତ୍ୟଧିକ ଚିନ୍ତାସହିତ ବ୍ୟକ୍ତିଗତ ଏବଂ ସାମାଜିକ ପରିସରରୁ ମଧ୍ୟ କ୍ଲୋଷ୍ଟ୍ରୋଫୋବିୟା ଆଦି ହୋଇଥାଏ । ତେଣୁ ଏପରି ସମସ୍ୟାରୁ ବର୍ତ୍ତିବା ପାଇଁ ଧ୍ୟାନ, ଆତ୍ମସହାୟତା କୌଶଳ, ଏବଂ ମନୋବୈଜ୍ଞାନିକ ଚିକିତ୍ସା ଆଦି ଉପରେ ଗୁରୁତ୍ୱ ଦେବା ଦରକାର । ଏପରି ସମସ୍ୟା ଦେଖାଯିବା ମାତ୍ରେ, ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି ।



## ଅତ୍ୟାଧୁନିକ ରୋଗ ନିରୂପଣ ପଦ୍ଧତି
# ବାୟୋପ୍ସି ଟେଷ୍ଟ

**ଜଣେ ବ୍ୟକ୍ତିଙ୍କ ଶରୀରର କୌଣସି ଅଂଶରେ କର୍କଟ ସୃଷ୍ଟି ହୋଇଛି କି ନାହିଁ ତାହା ଜାଣିବା ପାଇଁ ବାୟୋପ୍ସି ଟେଷ୍ଟ କରାଯାଏ । ଏହି ପରୀକ୍ଷା ଦ୍ୱାରା କର୍କଟ ରୋଗର ପ୍ରକାରଭେଦ ଓ ସ୍ଥିତି ଆଦି ଜଣାପଡ଼ିଥାଏ । ଅଧିକାଂଶ ଲୋକ ବାୟୋପ୍ସି ଟେଷ୍ଟ ଶୁଣିବା ମାତ୍ରେ ଭୟ କରନ୍ତି । ତେବେ ବାୟୋପ୍ସି ଟେଷ୍ଟ କ'ଣ, କାହିଁକି କରାଯାଏ ଏବଂ ରୋଗୀଙ୍କ ସ୍ୱାସ୍ଥ୍ୟ ଉପରେ ଏହାର କ'ଣ ପ୍ରଭାବ ରହିଛି ତାହା ଜାଣିବା ।**

ଶରୀରରେ ସଂକ୍ରମଣ ହେଲେ କିମ୍ବା ମଧୁମେହ ରୋଗରେ ଶରୀରର ରକ୍ତସର୍କରାର ସ୍ତର କେତେ ଜାଣିବାକୁ ଯେପରି ରକ୍ତ ପରୀକ୍ଷା କରାଯାଏ, ସେହିପରି ଶରୀରରେ ଅସ୍ୱାଭାବିକ ମାଂସ ବୃଦ୍ଧି ହେଲେ, ସେଥିରୁ କିଞ୍ଚିତ୍ ପରିମାଣର ମାଂସ ବାହାର କରି ପରୀକ୍ଷା କରିବା ପଦ୍ଧତିକୁ ବାୟୋପ୍ସି ଟେଷ୍ଟ କୁହାଯାଏ । ଏହି ପରୀକ୍ଷାର ରିପୋର୍ଟ ଆସିବା ପରେ ରୋଗର ସଠିକ୍ ନିରୂପଣ ସମ୍ଭବ ହୋଇଥାଏ । ପରବର୍ତ୍ତୀ ଚିକିତ୍ସା ସହଜ ହୋଇଥାଏ । ଶରୀରର ଯେକୌଣସି ଅଙ୍ଗ ଯଥା - ମସ୍ତିଷ୍କ,ଚର୍ମ, ଅସ୍ଥି, ଫୁସ୍‌ଫୁସ୍, ଯକୃତ୍, ବୃକ୍କ ଆଦି ଅଙ୍ଗରେ ବଢ଼ିଥିବା ମାଂସ ପିଣ୍ଡୁଳା ପାଇଁ ଏହି ଟେଷ୍ଟ କରାଯାଏ ।

**କର୍କଟ ପାଇଁ ବାୟୋପ୍ସି ଟେଷ୍ଟ ଜରୁରି:** ଅସ୍ୱାଭାବିକ ମାଂସ ବୃଦ୍ଧିର ପ୍ରକାରଭେଦକୁ ଜାଣିବାକୁ ବାୟୋପ୍ସି ଟେଷ୍ଟ କରାଯାଏ । ଏହାଦ୍ୱାରା ଶରୀରରେ କର୍କଟ ବ୍ୟାପିଛି କି ନାହିଁ ଜଣାପଡ଼େ । ଫୁସ୍‌ଫୁସ୍, ବୃକ୍କ ଆଦି ପାଇଁ ସିଟିସ୍କାନ କିମ୍ବା ଅଲଟ୍ରାସାଉଣ୍ଡ ମାଧ୍ୟମରେ ଫଟୋ ଉତ୍ତୋଳନ କରି ବାୟୋପ୍ସି ଟେଷ୍ଟ କରାଯାଏ । ବାୟୋପ୍ସି ପରୀକ୍ଷା ଦ୍ୱାରା ଆଭ୍ୟନ୍ତରୀଣ ସଂକ୍ରମଣର ଭୟ ଥାଏ, ତେଣୁ ଅଭିଜ୍ଞ ବିଶେଷଜ୍ଞଙ୍କ ଦ୍ୱାରା ଏହି ପରୀକ୍ଷା କରାଯିବା ଭଲ । ମାଂସବୃଦ୍ଧିର ସ୍ଥାନ ଓ ପ୍ରକାରଭେଦ ଅନୁସାରେ ବିଭିନ୍ନ ପ୍ରକାରର ବାୟୋପ୍ସି ପରୀକ୍ଷା କରାଯାଇଥାଏ । ଛୁଞ୍ଚି ମାଧ୍ୟମରେ, ବାୟୋପ୍ସି ଗନ୍, ଇନ୍‌ସିଜ୍‌ନାଲ ବାୟୋପ୍ସି ଓ ଏକ୍ସିଜନାଲ୍ ବାୟୋପ୍ସି, ଷ୍ଟିରିଓଟାକଟିକ୍ ବାୟୋପ୍ସି ଟେଷ୍ଟ କରାଯାଇଥାଏ ।

**କେଉଁ କ୍ଷେତ୍ରରେ ହୁଏ ପରୀକ୍ଷା:** ବାୟୋପ୍ସିରେ ବେଳେବେଳେ ଇମ୍ୟୁନୋହିଷ୍ଟୋକେମେଷ୍ଟ୍ରି (ଆଇଏଚ୍‌ସି), ମଲେକୁଲାର ମାର୍କର, ଜିନୋମ ସିକ୍ୱେନ୍ସିକୁ ପରୀକ୍ଷା କରାଯାଏ । କର୍କଟର ରୋଗରେ ମାଂସ ପରୀକ୍ଷା ପରେ ରୋଗ ବିଷୟରେ ଜାଣିହୁଏ । ରକ୍ତକର୍କଟ ଚିହ୍ନଟ ପାଇଁ ଅସ୍ଥିମଜ୍ଜାରୁ ବୋନ୍‌ମ୍ୟାରୋ ବାୟୋପ୍ସି, ଗର୍ଭାଶୟ କର୍କଟ ଚିହ୍ନଟ ପାଇଁ ଏଣ୍ଡୋମେଟ୍ରିଆଲ ବାୟୋପ୍ସି କରାଯାଏ । ବିଭିନ୍ନ ପ୍ରକାରର କର୍କଟ ଚିହ୍ନଟ ପାଇଁ ଭିନ୍ନ ଭିନ୍ନ ପଦ୍ଧତିରେ ବାୟୋପ୍ସି କରାଯାଏ ।

## ସ୍ୱାସ୍ଥ୍ୟ ସମ୍ବାଦ

# କର୍କଟକୁ ହରାଇବ ଆତ୍ମବିଶ୍ୱାସ

ତମାଖୁ ସେବନ, ମଦ୍ୟପାନ, ଖାଦ୍ୟ ପଦାର୍ଥରେ ରାସାୟନିକ ଦ୍ରବ୍ୟର ମିଶ୍ରଣ ଓ ଭୂତାଣୁ ଜନିତ ସଂକ୍ରମଣରୁ କର୍କଟ ରୋଗ ସୃଷ୍ଟି ହୁଏ । ବିଭିନ୍ନ ପ୍ରକାର କର୍କଟ ରୋଗ ଯୋଗୁଁ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି । କର୍କଟ ଯେକୌଣସି ବୟସର ବ୍ୟକ୍ତିଙ୍କୁ ପ୍ରଭାବିତ କରିଥାଏ । ଆନୁବଂଶିକ ଏବଂ ପ୍ରଦୂଷିତ ପରିବେଶ ତଥା ଖରାପ ଜୀବନଶୈଳୀ, ଆହାର ଆଦି କାରଣରୁ ଏହି ରୋଗର ମାତ୍ରା ବୃଦ୍ଧି ପାଉଛି । ଅଧିକାଂଶ କର୍କଟ ନାଁ ଶୁଣି ମନୋବଳ ଭାଙ୍ଗିଦିଅନ୍ତି । ତେବେ କର୍କଟମୁକ୍ତ ସମାଜ ଗଠନ କରିବା ସହ କର୍କଟ ରୋଗ ସମ୍ପର୍କରେ ବିଶ୍ୱବ୍ୟାପୀ ସଚେତନତା, ନିରାକରଣ ସାଙ୍ଗକୁ ରୋଗୀ ସଂଖ୍ୟା ହ୍ରାସ ପାଇଁ ଉଦ୍ୟମ କରିବା ପାଇଁ ପ୍ରତିବର୍ଷ ଫେବୃୟାରୀ ୪ ତାରିଖକୁ 'ବିଶ୍ୱ କର୍କଟ ଦିବସ' ଭାବେ ପାଳନ କରାଯାଇଆସୁଅଛି ।



ପ୍ରତିବର୍ଷ ସ୍ୱତନ୍ତ୍ର ଥିମ୍ ରଖି ବିଶ୍ୱ କର୍କଟ ଦିବସ ପାଳନ କରାଯାଉଥିବାବେଳେ ଚଳିତ ବର୍ଷ ପାଇଁ ଥିମ୍ ହେଉଛି 'କ୍ଲୋଜ ଦି କେୟାର ଗ୍ୟାପ୍' । ତେବେ କର୍କଟ ରୋଗକୁ ଚିହ୍ନଟ କରି ସଠିକ୍ ଚିକିତ୍ସା କରାଯିବା ସହିତ ଦୃଢ଼ ଆତ୍ମବିଶ୍ୱାସ ବଳରେ କର୍କଟକୁ ହରାଇବା ସହ ଏଥିରେ ରୋଗୀକୁ ଉପଶମ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି ।



# କର୍କଟ ମୁକ୍ତ ହେବି ବୋଲି ଭରସା ଥିଲା

ମାତ୍ର ୧୯ ବର୍ଷ ବୟସରେ ମୁଁ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲି । ଚିହ୍ନଟ ହେବା ପରେ ଆଦୌ ଭୟ କରିନଥିଲି । ବରଂ ଚିକିତ୍ସା ଦ୍ୱାରା କର୍କଟ ମୁକ୍ତ ହେବି ବୋଲି ମୋର ଭରସା ଥିଲା । କର୍କଟ ରୋଗକୁ ଜିତିବା ମୋର ମୂଳ ଲକ୍ଷ୍ୟ ଥିଲା । ଏଥିରେ ମୋର ପାପା ମାମାଙ୍କ ସହିତ ପୂରା ପରିବାର ମୋତେ ବହୁତ ସାହାଯ୍ୟ କରିଥିଲେ । ପିଉସା ଏବଂ ବନ୍ଧୁମାନେ ମୋର ଉତ୍ସାହକୁ ବଢ଼ାଇଥିଲେ । କେବଳ ସେତିକି ନୁହେଁ; ମୋର ଚିକିତ୍ସା ସମୟରେ ଈଶ୍ୱରରୂପୀ ଡାକ୍ତର କ୍ଷିତୀଶ ମିଶ୍ର ଏବଂ ଡାକ୍ତର ସୌମ୍ୟ ସୁରଥ ପଣ୍ଡାଙ୍କ ବ୍ୟବହାର ମୋତେ ଅଧିକ ସୁସ୍ଥ କରିଥିଲା । ସେ ସର୍ବଦା ମୁଁ କେମିତି ଆରୋଗ୍ୟ ଲାଭ କରିବି ମୋର ମନୋବଳକୁ ଦୃଢ଼ କରୁଥିଲେ । ଫଳରେ ମୁଁ ନୂଆ ଜୀବନ ପାଇଥିଲି । କର୍କଟ ହେଉ କିମ୍ବା ଅନ୍ୟ ରୋଗକୁ ହରାଇବା ପାଇଁ ଈଶ୍ୱରଙ୍କ ଉପରେ ଭରସା, ଆତ୍ମ ବିଶ୍ୱାସ ଏବଂ ଦୃଢ଼ ମନୋବଳ ରହିବା ଜରୁରି । ଓଡ଼ିଶାରେ ମଧ୍ୟ କର୍କଟ ରୋଗର ଚିକିତ୍ସା ସମ୍ଭବ । ମୋ ପାଇଁ ରୋଗକୁ ଜିତିବା ଅପେକ୍ଷା ଅନ୍ୟ କର୍କଟ ପୀଡ଼ିତମାନଙ୍କୁ ସେମାନଙ୍କ ଯୁଦ୍ଧରେ ଜିତିବାକୁ ଉତ୍ସାହିତ କରିବା ଜରୁରୀ । କାରଣ ଜଣେ କର୍କଟ ରୋଗରୁ ସୁସ୍ଥ ହୋଇ ନିଜ ଅନୁଭୂତି ଓ ସଂଘର୍ଷର କଥା କହିଲେ ହିଁ ଅନ୍ୟ କର୍କଟ ପୀଡ଼ିତ ବଞ୍ଚିବାକୁ ଆଶା ପାଆନ୍ତି । ଏଥିପାଇଁ ନିଜେ କର୍କଟ ରୋଗକୁ ପ୍ରତିହତ କରି ମୁଁ 'ଆୱାକେନ୍ ଟ୍ରଷ୍ଟ' ନାମକ ଏକ ଏନ୍‌ଜିଓ ଚଳାଉଛି । ଏହାରି ଜରିଆରେ କର୍କଟ ରୋଗ ଚିକିତ୍ସା, ପ୍ରକାର, ଚିକିତ୍ସା ସମୟରେ ସତର୍କତା ଆଦି ବିଷୟରେ ରାଜ୍ୟର ଗ୍ରାମାଞ୍ଚଳ ତଥା ସହରାଞ୍ଚଳର ଲୋକଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରୁ । ଏହାସହିତ ଆଗାମୀ ଦିନରେ କର୍କଟ ଶିକ୍ଷା କାର୍ଯ୍ୟକ୍ରମ, ପୀଡ଼ିତମାନଙ୍କ ପାଇଁ ମଜାଳିଆ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଚେଷ୍ଟା କରୁଛୁ । ଆମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କର୍କଟ ରୋଗର ଭୟ ଲୋକଙ୍କ ମନରୁ ଦୂରେଇ ଯିବା ଆବଶ୍ୟକ । ସମସ୍ତଙ୍କୁ ମୋର ବାର୍ତ୍ତା "କର୍କଟ ଉପଶମକାରୀ କିନ୍ତୁ ଉପଯୁକ୍ତ ଏବଂ ସମୟାନୁବର୍ତ୍ତୀ ଚିକିତ୍ସା, ଏହା ବିଷୟରେ ସଚେତନତା ଏବଂ ଏହି ରୋଗ ପ୍ରତି ଉପଯୁକ୍ତ ଆଭିମୁଖ୍ୟ ଆମକୁ କର୍କଟ ରୋଗ ସହିତ ଲଢ଼ିବାର ସାହାଯ୍ୟ କରିବ ।"

- ସ୍ୱାଗତିକା ଆଚାର୍ଯ୍ୟ
ଆୱାକେନ୍ କ୍ୟାନସର କେୟାର ଟ୍ରଷ୍ଟ, କଟକ



ବିଜେଡିର ରାଜ୍ୟସଭା ସାଂସଦମାନେ ଗୁରୁବାର ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହିତ ରାଜ୍ୟସ୍ୱାର୍ଥ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ।

## ୬୮ତମ ପୁଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଘାଟିତ

# ସାଇବର ଅପରାଧ ତଦନ୍ତ ଦକ୍ଷତା ଉପରେ ଡିଜିପିଙ୍କ ଗୁରୁତ୍ୱାରୋପ

**କଟକ,୧।୨(ସମିସ):** ଆଗାମୀ ଦିନରେ ପୁଲିସର ବୃତ୍ତିଗତ ଦକ୍ଷତା ବୃଦ୍ଧି, ଫରେନସିକ ତଦନ୍ତ ଏବଂ ସାଇବର ଅପରାଧରେ ଦକ୍ଷତା ହାସଲ ଉପରେ ଡିଜିପି ଅରୁଣ କୁମାର ଷଡ଼ଙ୍ଗୀ ଗୁରୁତ୍ୱାରୋପ କରିଛନ୍ତି। ଏ ସମ୍ପର୍କରେ ଆଗାମୀ ଲକ୍ଷ୍ୟ ରଖାଯାଇଛି ବୋଲି ଡିଜିପି ମତବ୍ୟକ୍ତ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ପୁଲିସ ଡିଜି ଶ୍ରୀ ଷଡ଼ଙ୍ଗୀ ଷଷ୍ଠ ବାଟାଲିୟନ ପରିସରରେ ୬୮ତମ ବୃତ୍ତିଗତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ଅବସରରେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି। ସେ କହିଥିଲେ ଯେ ସାଇବର ଅପରାଧ, ସୋସିଆଲ ମିଡିଆ ଅପରାଧ, ବ୍ୟାଙ୍କ ଠକେଇ, ନାରୀ ଉପରେ ହେଉଥିବା ଅତ୍ୟାଚାର ଭଳି ଅପରାଧକୁ ଯଥାଶୀଘ୍ର ଅନୁସନ୍ଧାନ କରି ଦୋଷୀକୁ ଦଣ୍ଡ ଦେବା ଆମ ସମସ୍ତଙ୍କର ପ୍ରାଥମିକତା କର୍ତ୍ତବ୍ୟ ହେବା ଉଚିତ। ବୈଜ୍ଞାନିକ ଏବଂ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ କରି ଦୋଷୀ ସାବ୍ୟସ୍ତ ହାରରେ ଉନ୍ନତି ସଂକ୍ରାନ୍ତରେ ସେ ଗୁରୁତ୍‌ବାରୋପ କରିଥିଲେ। ରାଜ୍ୟ ପୁଲିସ ବାହିନୀରେ କନଷ୍ଟେବଲଠାରୁ ଇନ୍ସପେକ୍ଟର୍ ପାହ୍ୟା ପର୍ଯ୍ୟନ୍ତ କର୍ମଚାରୀଙ୍କର ବୃତ୍ତିଗତ ସ୍ତରରେ ଦକ୍ଷତା ବୃଦ୍ଧି ଲାଗି ଏହି ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି। ପ୍ରତିଯୋଗିତାରେ ରାଜ୍ୟର ୩୪ପୁଲିସ ଜିଲ୍ଲା ଓ ପ୍ରତିଷ୍ଠାନରୁ ୨୧୫ଜଣ ପ୍ରତିଯୋଗୀ ଓ ୩୪ଟି ପୁଲିସ ଶ୍ୱାନ ଅଂଶଗ୍ରହଣ କରିଛନ୍ତି। ୪୫ଜଣ ଇନ୍ସପେକ୍ଟର, ୫୧ଜଣ ଏସ୍. ଆଇ, ୫୬ଜଣ ଏଏସ୍ଆଇ ଏବଂ ୬୩ଜଣ କନଷ୍ଟେବଲ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ତିନି ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଆଙ୍ଗୁଳି ଛାପ, କମ୍ପ୍ୟୁଟର୍ ଜ୍ଞାନକୌଶଳର ଦକ୍ଷତା, ଫଟୋଗ୍ରାଫି, ନିରୀକ୍ଷଣ ପରୀକ୍ଷା, ସାଇବର ଅପରାଧ ଓ ସଂନିରୀକ୍ଷଣ, ପୁଲିସ ଆଇନ କାନୁନ, ପୁଲିସ ରୂପଚିତ୍ର, ମେଡିକୋ-ଲିଗାଲ, ପୁଲିସ ଶ୍ୱାନଙ୍କ କୌଶଳ ପ୍ରଦର୍ଶନ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହେବ।

ରାଜ୍ୟ ଅପରାଧ ଅନୁସନ୍ଧାନ ଶାଖାର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ବୋଥ୍ରାଙ୍କ ତତ୍ତ୍ୱାବଧାନରେ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେଉଛି। ଏହି ଅବସରରେ ଶ୍ରୀ ବୋଥ୍ରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଇ.ଜି ସଫିନ ଅହମ୍ମଦ କେ. ଧନ୍ୟବାଦ ଦେଇଥିଲେ।





# ମଧ୍ୟାହ୍ନଭୋଜନ ଖାଇ ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅସୁସ୍ଥ

**ବାରିପଦା, ୧।୨(ସମିସ):** ସ୍ଥାନୀୟ ଏମପିକେ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ନିବାସରେ ମଧ୍ୟାହ୍ନ ଭୋଜନ ଖାଇ ୨୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ଛାତ୍ରୀ ନିବାସରେ ପ୍ରସ୍ତୁତ ମଧ୍ୟାହ୍ନ ଭୋଜନ ଛାତ୍ରୀମାନେ ଖାଇଥିଲେ। କିଛି ସମୟ ପରେ ସେମାନେ ଅସୁସ୍ଥତା ଅନୁଭବ କରିବା ସହ ବାନ୍ତି କରିଥିଲେ। ପରେ ଅସୁସ୍ଥ ଛାତ୍ରୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ଚିକିତ୍ସା ଜାରି ରହିଥିବାବେଳେ ସନ୍ଧ୍ୟାରେ କିଛି ଛାତ୍ରୀ ମଧ୍ୟ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତେବେ ପିଇବା ପାଇଁ ଛାତ୍ରୀ ନିବାସରେ ପାଣି ନ ଥିବାରୁ ସେମାନେ ସୁସ୍ଥ ଅନୁଭବ କରିବା ସହ ବାନ୍ତି କରିଥିବା ଅନ୍ୟ ଅନ୍ତେବାସୀ ପ୍ରକାଶ କରିଛନ୍ତି।

# ଶିମିଳିପାଳରୁ ୫ଶିକାରୀ ଗିରଫ



**ବାରିପଦା,୧।୨(ସମିସ):** ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଶିକାର ନିମନ୍ତେ ପ୍ରବେଶ କରିଥିବା ୫ଜଣ ଶିକାରୀକୁ ବନ ବିଭାଗ ଗିରଫ କରିଛି। ଏଥିସହିତ ଶିକାରୀଙ୍କ ନିକଟରୁ ଧନୁ, ତୀର ଓ ଅନ୍ୟାନ୍ୟ ସରଞ୍ଜାମ ଜବତ ହୋଇଛି। ସେମାନେ ହେଲେ କରଞ୍ଜିଆ ଥାନା ଅନ୍ତର୍ଗତ କେନ୍ଦୁମୁଣ୍ଡି ଗ୍ରାମର ସାଲଖାନ ହେମ୍ବ୍ରମ (୨୦), ଲାଲ ମୋହନ ହାଁସଦା (୩୨), ବଳରାମ ସରେନ (୪୪), ମଧୁସୂଦନ ମୁର୍ମୁ (୩୨) ଓ ବୀରସିଂ ହେମ୍ବ୍ରମ (୨୫)। ଏମାନେ ଶିମିଳିପାଳ ଅଭୟାରଣ୍ୟର କୋର ଏରିଆ (ଟିଏଲ-୩)କୁ ଶିକାର ନିମନ୍ତେ ପ୍ରବେଶ କରିଥିଲେ। ଏ ନେଇ ଖବର ପାଇ ଏସଟିପିଏଫ, ଜେଟିଏଫ, ବନ କର୍ମଚାରୀ ଓ ସ୍ଥାନୀୟ ପୁଲିସ ଚଢ଼ଉ ୫ଜଣ ଯାକ ଶିକାରୀକୁ କାବୁ କରିଥିଲେ। ପରେ ସେମାନଙ୍କ ନିକଟରୁ ଶିକାର ଜାଲ, ୨ଟି ଧନୁ, ୨୩ଟି ତୀର, ଗୋଟିଏ କୁରାଢ଼ି, ୨ଟି ହୁକ, ଛୁରି ଓ ଅନ୍ୟାନ୍ୟ ସରଞ୍ଜାମ ଜବତ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ଡିଭିଜନର ଉପନିର୍ଦ୍ଦେଶକ ସାଇ କିରଣ ସୂଚନା ଦେଇଛନ୍ତି।

# ଗିରଫ ହେଲେ କୋଟିପତି କନିଷ୍ଠ ଯନ୍ତ୍ରୀ

**ଭୁବନେଶ୍ୱର, ୧।୨ (ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମାଲକାନଗିରି କାଡା ଡିଭିଜନର କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମହାନ୍ତି ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ସେ ନିଜ ଆୟର ୨୩୬ ପ୍ରତିଶତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ସଞ୍ଜୟ

**ଆୟଠାରୁ ୨୩୬ ପ୍ରତିଶତ କଳାଧନ**

ଏବଂ ତାଙ୍କ ପତ୍ନୀ ନାମରେ ଡିଏ ମାମଲା ରୁଜୁ କରାଯାଇଛି। ସଞ୍ଜୟଙ୍କୁ ମେଡ଼ିକାଲ ପରୀକ୍ଷା କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି। ଆଗାମୀ ଦିନରେ ତାଙ୍କ ପତ୍ନୀଙ୍କୁ ପଚରାଉଚରା କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ମାଲକାନଗିରି, ଭୁବନେଶ୍ୱର ଓ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ସମେତ ୭ଟି ସ୍ଥାନରେ ଏହି ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ଜଳେଶ୍ୱର ଦେଉଳି ପଞ୍ଚାୟତରେ ଗୋଟିଏ ତିନି ତାଲା କୋଠା, ଭୁବନେଶ୍ୱର ରଘୁନାଥପୁରରେ ୧୨ଶହ ବର୍ଗଫୁଟ୍‌ର ଗୋଟିଏ ୨ ବିଏଚ୍‌କେ ଫ୍ଲାଟ୍, ଜଳେଶ୍ୱର ଟାଉନ୍‌ରେ ୧୪ଟି ପ୍ଲଟ୍, ନଗଦ ୧ଲକ୍ଷ ୪୩ହଜାର ୨୨୦ ଟଙ୍କା, ୧୨.୭୦ ଲକ୍ଷର ଗୋଟିଏ ୪ ଚକିଆ ଏବଂ ଗୋଟିଏ ଦୁଇ ଚକିଆ ଠାବ କରାଯାଇଥିଲା। ତାଙ୍କର ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଇନ୍ସୁରାନ୍ସରେ ୮ ଲକ୍ଷ ଟଙ୍କା ଥିବା ବେଳେ ଘରର ଆସବାବପତ୍ର ମିଶି ୧୪.୧୮ ଲକ୍ଷ ଟଙ୍କା ହେବ ବୋଲି ଭିଜିଲାନ୍ସ ପକ୍ଷରୁ ଆକଳନ କରାଯାଇଥିଲା।

● ପେଟ୍ ସିଟି ସ୍କାନ ମେସିନ ସ୍ଥାପନ ପ୍ରସଙ୍ଗ

# ୪ସହରରେ କେବେ କାର୍ଯ୍ୟକ୍ଷମ ହେବ ଜଣାଅ: ହାଇକୋର୍ଟ

**କଟକ, ୧।୨(ସମିସ):** ପେଟ୍ ସିଟି ସ୍କାନ ସ୍ଥାପନ ସମ୍ପର୍କିତ ଜନସ୍ୱାର୍ଥ ମାମଲାକୁ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରି ଆସୁଛନ୍ତି। ହାଇକୋର୍ଟଙ୍କ ହସ୍ତକ୍ଷେପ ଫଳରେ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା କେନ୍ଦ୍ର (ଏଏଚଆରସି)ରେ ପେଟ୍ ସିଟି ସ୍କାନ ସୁବିଧା ବି ଉପଲବ୍ଧ ହୋଇସାରିଛି। ତେବେ ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର ଓ ଝାରସୁଗୁଡ଼ାରେ ଏହି ସୁବିଧା ଉପଲବ୍ଧ ସମ୍ପର୍କରେ ରାଜ୍ୟ ସରକାର ସାନି ସମୀକ୍ଷା କରିବାକୁ ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ। ଝାରସୁଗୁଡ଼ା ସମେତ ଅନ୍ୟ ସହରଗୁଡ଼ିକରେ କେବେ ସୁଦ୍ଧା ପେଟ୍ ସିଟି ସ୍କାନ ସୁବିଧା ଉପଲବ୍ଧ ହୋଇପାରିବ, ତାହାକୁ ସତ୍ୟପାଠ ଜରିଆରେ ଜଣାଇବାକୁ ହାଇକୋର୍ଟ ଆଜି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଓ ଜଷ୍ଟିସ୍ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଝାରସୁଗୁଡା ଓ ବ୍ରହ୍ମପୁରରେ ଗୃହ ନିର୍ମାଣ କାର୍ଯ୍ୟ ଚାଲୁଥିଲେ ମଧ୍ୟ ଦିଲ୍ଲୀ କିମ୍ବା ମୁମ୍ବାଇରୁ ଏହି ସ୍ଥାନ ଗୁଡିକୁ ସିଧାସଳଖ ବିମାନ ସେବା ନଥିବାରୁ ପେଟ୍ ସିଟି ସ୍କାନ ପାଇଁ ଆବଶ୍ୟକ ରେଡିଓ ଆଇସୋଟପ ସ୍ଥାନାନ୍ତର ସମସ୍ୟା ରହିଥିବା ନେଇ ପୂର୍ବରୁ ଏକ ସତ୍ୟପାଠ ଦିଆଯାଇଥିଲା। ଆଜି ଶୁଣାଣି ବେଳେ ଆବେଦନକାରୀଙ୍କ ଓକିଲ ଏହା ଉପରେ ଆପତ୍ତି କରିବା ସହ ଝାରସୁଗୁଡାକୁ ବିମାନ ସେବା ଉପଲବ୍ଧ ଥିବା କହିଥିଲେ। ଏଣୁ ହାଇକୋର୍ଟ ଏହାକୁ ଗ୍ରହଣ କରି ଝାରସୁଗୁଡା ସମେତ ୪ସହରର ହସପିଟାଲରେ କେବେ ଏହି ଚିକିତ୍ସା ସୁବିଧା ଉପଲବ୍ଧ ହେବ ତାହା ଜଣାଇବାକୁ କହିଛନ୍ତି ଖଣ୍ଡପୀଠ। ମାମଲାରୁ ପ୍ରକାଶଯେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀ ଅନିତା ବୁଢ଼ିଆ ପେଟ୍ ସିଟି ସ୍କାନ ସୁବିଧା ନଥିବାରୁ ଖର୍ଚ୍ଚାନ୍ତ ହୋଇ ବାହାରେ କରୁଥିବାରୁ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ମୃତ୍ୟୁ ହୋଇଯାଇଥିଲା।ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ କର୍କଟ ଚିକିତ୍ସା କେନ୍ଦ୍ରରେ ପେଟ୍ ସିଟି ସ୍କାନ ମେସିନ କାର୍ଯ୍ୟକ୍ଷମ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୌତମ ଆଚାର୍ଯ୍ୟ ଓ ଆଇନଜୀବୀ ଅରୁଣ ବୁଢ଼ିଆ ମାମଲା ପରିଚାଳନା କରୁଛନ୍ତି।

# CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB: SCIENCE

### SECTION-A

1. A sexual reproduction takes place through budding in
(a) amoeba (b) yeast (c) plasmodium (d) leishmania
2. Which of the following is not a part of the female reproductive system in human beings?
(a) Ovary (b) Uterus (c) Vas deferens (d) Fallopian tube
3. The anther contains
(a) Sepals (b) Ovules (c) Pistil (d) Pollen grains
4. The image shows a bud developing on a Hydra. How does the bud develop in the Hydra?




(a) Bud develops due to repetitive cell division at a specific site
(b) Bud develops due to separation of body parts of Hydra
(c) Bud develops due to attachment of another Hydra at a specific site
(d) Bud develops due to change in the environmental conditions
5. What is the commercial unit of electrical energy?
(a) Joules (b) Kilojoules (c) Kilowatt-hour (d) Watt-hour
6. Which of the following gases are filled in electric bulbs?
(a) Helium and Neon (b) Neon and Argon
(c) Argon and Hydrogen (d) Argon and Nitrogen
7. Electric power is inversely proportional to
(a) resistance (b) voltage (c) current (d) temperature
8. What will be the position and nature of the image of an object formed by a convex mirror placed between infinity and pole (P) of the mirror?
(a) In between P and F behind mirror virtual and erect
(b) In between P and F behind mirror virtual and inverted
(c) In front of the mirror, real and erect.
(d) Infront of mirror virtual and erect (Here F is the focus)
9. Focal length of a convex mirror is 12 cm. The radius of convex surface will be:
(a) 6 cm (b) 12 cm (c) 18 cm (d) 24 cm
10. A ray of light is travelling from a rarer medium to a denser medium. While entering the denser medium at the point of incidence, it
(a) goes straight into the second medium (b) bends towards the normal
(c) bends away from the normal (d) does not enter at all
11. Basic salts are formed by neutralization of
(a)strong acid and strong base (b)strong acid and weak base
(c)weak acid and weak base (d)strong base and weak acid
12. When we heat the carbonates of some metals, we get
(a) $SO_2$ (b) $H_2$ (c) $CO_2$ (d) $NO_2$
13. Although metals form basic oxides, which of the following metals form an amphoteric oxide?
(a) Al (b) Ca (c) Na (d) Cu
14. Which of the following is true?
(a) Color of basic copper carbonate is green
(b) Malachite is an ore of Copper
(c) Aluminum is more reactive than Copper
(d) All the above
15. In general, the number of electrons in the outermost shell of a metal atom is
(a) 1 (b) 1 to 3 (c) 5 to 8 (d) 8
16. Which reducing agent is used in chemical reduction
(a)C (b)CO (c)Al (d)None of these

<u>**Assertion & Reason:**</u>
(a) Both A and R are true and R is the correct explanation of A.
(b) Both A and R are true but R is not the correct explanation of A.
(c) A is true but R is false.
(d) A is false and R is true.

17. **Assertion (A):** The planets twinkle while the stars do not.
**Reason (R):** The planets are much closer to the earth than the stars.
18. **Assertion (A):** In human beings, the sex of the individual is largely genetically determined.
**Reason (R):** In snails, sex is not genetically determined.
19. **Assertion (A):** Amoeba always produces two daughter amoebae while Plasmodium divides into many daughter cells.
**Reason (R):** Amoeba undergoes binary fission while Plasmodium undergoes multiple fission.
20. **Assertion (A):** Burning of natural gas is an endothermic process.
**Reason (R):** Methane gas combines with oxygen to produce carbon dioxide and water.

### SECTION - B (2 Marks)

21. What prevents the metals such as magnesium, aluminium, zinc and lead from oxidation at ordinary temperature ?
22. If you keep the potted plant horizontally for 2-3 days, what type of movements would be shown by the shoot and root after two or three days. Why ?
23. State two positions in which a concave mirror produces a magnified image of a given object. List two differences between the two images.
24. Give two examples each of producers, consumers and decomposer.

### SECTION-C (3 Marks)

25. Why does a ray of light passing through the centre of curvature of a concave mirror after reflection, is reflected back along the same path ?
26. (a) A compound lens is made of two lenses in contact having powers +12. D5 and -2 5. D. Find the focal length and power of the combination.
(b) The magnification produced by a mirror is +1 . What does this mean ?
27. Our government launches campaigns to provide information about AIDS prevention, testing and treatment by putting posters, conducting radio shows and using other agencies of advertisements. To which category of diseases AIDS belongs ? Name and explain. What is its causative organism ? Also give two more examples of such diseases.
28. An organic compound with molecular formula $C_3H_8O$ reacts with sodium metal to produce hydrogen gas. Deduce the possible structure of the compound. Write the balanced chemical equation of the reaction.
29. Explain the following chemical changes, giving one example in each case :
(i) Displacement or substitution
(ii) Dissociation
(iii) Isomerisation reaction.

### SECTION-D (5 Marks)

30. A household uses the following electric appliances :
(i) refrigerator of rating 400 W for 10 hours each day.
(ii) two electric fans of rating 80 W each for 6 hours daily.
(iii) six electric tubes of rating 18 W each for 6 hours daily. Calculate the electricity bill for the household for month of June, if cost of electrical energy is
31. Suggest three contraceptive methods to control the size of human population. Mention two factors that determine the size of population.
32. Explain the following points-
(a) Reactivity of Aluminium metal decreases if it is dipped in nitric acid $HNO_3$
(b) Carbon cannot reduce the oxides of sodium Na or Mg
(c) NaCl is not a good conductor of electricity in the solid state, whereas it does conduct electricity in an aqueous solution as well as in a molten state
(d) Iron articles are galvanised.
(e) Metals like sodium potassium, calcium Na, K, Ca, and Mg are never found in their free state in nature.

### SECTION-E (4 Marks)

33. **Read the given text and answer the following questions:**
Acids, bases and salts are three main categories of chemical compounds. These have certain definite properties which distinguish one class from the other. The acids are sour in taste while bases are bitter in taste. Tasting a substance is not a good way of finding out if it is an acid or a base! Acids and bases can be better distinguished with the help of indicators. Indicators are substances that undergo a change of colour with a change of acidic, neutral or basic medium. Many of these indicators are derived from natural substances such as extracts from flower petals and barrier. Litmus, a purple dye is extracted from the lichen plant. Some indicators are prepared artificially. For example, methyl orange and phenolphthalein. Given below is a table of indicators and their colour change in acidic and basic medium.

| Indicator | Colour in Acid | Colour in Alkali |
|---|---|---|
| Litmus | Red | Blue |
| Methyl | Pinkish red | Yellow |
| Phenolphthalein | Colourless | Pink |

(i) Give two examples each of natural and artificial indicators.
(ii) An aqueous solution turns red litmus solution blue. Excess addition of which solution would reverse the change-ammonium hydroxide solution or hydrochloric acid?
(iii) What will be the change in colour when a few drops of phenolphthalein is added to a solution having pH 8.5.
34. **Read the given text and answer the following questions:**
The rate of flow of charge is called electric current. The SI unit of electric current is Ampere (A). The direction of flow of current is always opposite to the direction of flow of electrons in the current.
The electric potential is defined as the amount of work done in bringing a unit positive test charge from infinity to a point in the electric field. The amount of work done in bringing a unit positive test charge from one point to another point in an electric field is defined as potential difference.
The SI unit of potential and potential difference is volt.

$$V_{AB}=V_B-V_A=\frac{W_{BA}}{q}$$

(i) The 2 C of charge is flowing through a conductor in 100 rns, the current in the circuit is
(a) 20 A (b) 2 A (c) 0.2 A (d) 0.02 A
(ii) Which of the following is true?
(a) Current flows from positive terminal of the cell to the negative terminal of the cell outside the cell.
(b) The negative charge moves from lower potential to higher potential.
(c) The direction of flow of current in same as the direction of flow of positive charge.
(d) All of these
(iii) The potential difference between the two terminals of a battery, if 100 joules of work is required to transfer 20 coulombs of charge from one terminal of the battery to other is
(a) 50 V (b) -5 V (c) 0.5 V (d) 500 V
(iv) The number of electrons flowing per second in a conductor if 1A current is passing through it
(a) $6.25 \times 10^{20}$ (b) $6.25 \times 10^{19}$ (c) $6.25 \times 10^{18}$ (d) $6.25 \times 10^{-19}$

*****

*All the Best...*

<u>ANSWER KEY</u>

| | | | | | | | | | |
|---|---|---|---|---|---|---|---|---|---|
| 1(b) | 2(c) | 3(d) | 4(a) | 5(c) | 6(d) | 7(a) | 8(a) | 9(d) | 10(b) |
| 11(d) | 12(c) | 13(a) | 14(d) | 15(b) | 16(d) | 17(d) | 18 (b) | 19 (a) | 20 (d) |

ePaper : sakalaepaper.com Twitter : SakalaNews
News Portal : thesakala.in Instagram : sakalanews
Facebook : SakalaNews Youtube : @SakalaNews

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

### ବାରବାଟୀରେ ରଣଜୀ ମୁକାବିଲା

# ଆଜିଠୁ ଓଡ଼ିଶା-ପୁଡୁଚେରୀ ଲଢ଼େଇ

କଟକ, ୧।୨(ସମିସ): ଘରୋଇ ବାରବାଟୀ ଷ୍ଟାଡିୟମରେ ଚଳିତ ରଣଜୀ ଟ୍ରଫିର ୫ମ ଲିଗ୍ ମ୍ୟାଚ୍ ଖେଳିବ ଓଡ଼ିଶା। ଗୁରୁବାର ଠାରୁ ପୁଡୁଚେରୀ ବିପକ୍ଷରେ ଏହି ମ୍ୟାଚ୍ ଆରମ୍ଭ ହେବ। କ୍ୱାର୍ଟର ଫାଇନାଲ ରାଉଣ୍ଡ କ୍ରମଶଃ ପାଖେଇ ଆସୁଥିବା ବେଳେ ଉଭୟ ଦଳ ପାଇଁ ଏହି ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ଦିଲ୍ଲୀ ଏବଂ ଉତ୍ତରାଖଣ୍ଡ ଭଳି ଶକ୍ତିଶାଳୀ ଦଳକୁ ପରାସ୍ତ କରି ପୁଡୁଚେରୀ ଆଗକୁ ବଢ଼ିଛି। ସେହିପରି ହିମାଚଳପ୍ରଦେଶକୁ ଏକତରଫା ଭାବେ ହରାଇଥିବା ଓଡ଼ିଶା ଦଳର ଖେଳାଳିଙ୍କ ମନୋବଳ ମଧ୍ୟ ଦୃଢ଼ ରହିଛି। ଉଭୟ ବ୍ୟାଟିଂ ଓ ବୋଲିଂ ସୁହାଇଲା ଭଳି ବାରବାଟୀରେ ପ୍ରସ୍ତୁତ ହୋଇଥିବା ପିଚ୍‌ରେ ଏକ ରୋମାଞ୍ଚକ ମ୍ୟାଚ୍ ଦେଖିବାକୁ ମିଳିବ।



ଶାନ୍ତନୁ ମିଶ୍ରଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳର ବିଜୟରେ ମୁଖ୍ୟ ଭୂମିକା ତୁଲାଉଛନ୍ତି ପେସ୍ ବୋଲରମାନେ। ୨୪ବର୍ଷୀୟ ଡାହାଣହାତୀ ମିଡିୟମ ପେସର ରାଜେଶ ମହାନ୍ତି ଦମଦାର ଫର୍ମରେ ଅଛନ୍ତି। ୩ଟି ମ୍ୟାଚ୍‌ରୁ ୨୨ଟି ୱିକେଟ ଅକ୍ତିଆର କରିଥିବା ରାଜେଶଙ୍କ ଉପରେ ପ୍ରତିପକ୍ଷ ପୁଡୁଚେରୀ ଦଳର ନଜର ରହିବ। ପେସ୍ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ, ଦେବବ୍ରତ ପ୍ରଧାନ, ସୁନୀଲ କୁମାର ରାଉଳ, ପ୍ରୟାସ ସିଂହ ମଧ୍ୟ ବ୍ୟୟବହୁଳ ସାବ୍ୟସ୍ତ ନହୋଇ ଦଳ ପାଇଁ ଉଚିତ ସମୟରେ ୱିକେଟ ଅକ୍ତିଆର କରୁଛନ୍ତି। ପୁଡୁଚେରୀ ପାଇଁ ଓଡ଼ିଶାର ପେସ୍ ଆଟାକ୍ ନିଶ୍ଚିତ ରୂପେ ଚିନ୍ତା ସୃଷ୍ଟି କରିବ। ସେହିପରି ବାରବାଟୀରେ ଟସ୍ ଜିତିବା ଦଳ ପ୍ରଥମେ ବୋଲିଂ କରିବାକୁ ଗୁରୁତ୍ୱ ଦେବ ବୋଲି ଚର୍ଚ୍ଚା ହେଉଛି। ଓଡ଼ିଶାର ବ୍ୟାଟରମାନଙ୍କ ଭିତରୁ ଦୁଇ ଜଣ ଶତକ ହାସଲ କରିଛନ୍ତି। ସନ୍ଦୀପ ପଟ୍ଟନାୟକ ଦୁଇଟି ଶତକୀୟ ଇନିଂସ ଖେଳିଥିବା ବେଳେ ପୂର୍ବତନ ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି ୨୭୭ରନର ଏକ ସ୍ମରଣୀୟ ଇନିଂସ ଖେଳିଛନ୍ତି। ଏହାଛଡ଼ା ଗୋବିନ୍ଦ ପୋଦାର, ଅନୁରାଗ ଷଡ଼ଙ୍ଗୀ, ଶାନ୍ତନୁ ମିଶ୍ର, ରାଜେଶ ଧୂପର, ହର୍ଷିତ ରାଥୋଡଙ୍କ ଠାରୁ ଅର୍ଦ୍ଧଶତକୀୟ ଇନିଂସ ଦେଖିବାକୁ ମିଳିଛି।

ଓଡ଼ିଶା ପାଇଁ ଘାତକ ସାଜି ପାରନ୍ତି ପୁଡୁଚେରୀର ୩୨ବର୍ଷୀୟ ଡାହାଣହାତୀ ମିଡିୟମ ପେସର ଗୌରବ ଯାଦବ। ୪ଟି ମ୍ୟାଚ୍‌ରୁ ୩୧ଟି ୱିକେଟ ଅକ୍ତିଆର କରି ସେ ଚଳିତ ସିଜନର ଅଗ୍ରଣୀ ୱିକେଟ ଦଖଲକାରୀ ତାଲିକାରେ ସ୍ଥାନ ପାଇଛନ୍ତି। ବାମହାତୀ ସ୍ପିନର ସାଗର ପରେଶ ଉଦେଶୀ ବି ୩ଟି ମ୍ୟାଚ୍‌ରୁ ୨୪ଟି ୱିକେଟ ଦଖଲ କରିଛନ୍ତି। ଏହି ଦୁଇ ବୋଲରଙ୍କ ଉପରେ ଓଡ଼ିଶାର ବ୍ୟାଟିଂ ଲାଇନଅପ ନଜର ରଖିବ। ବୋଲିଂ ତୁଳନାରେ ପୁଡୁଚେରୀର ବ୍ୟାଟିଂ ଲାଇନଅପ ସାମାନ୍ୟ ଦୁର୍ବଳ ପରିଲକ୍ଷିତ ହୋଇଛି। ଅଲରାଉଣ୍ଡର ଆକାଶ କାରଗାଭେ ଦଳ ପାଇଁ ସର୍ବାଧିକ ୨୨୫ରନ କରିଛନ୍ତି। ଏହା ଭିତରେ ଗୋଟିଏ ଅର୍ଦ୍ଧଶତକୀୟ ଇନିଂସ ରହିଛି। ଘରୋଇ ପରିବେଶ ଓ ଦର୍ଶକଙ୍କ ଉପସ୍ଥିତିରେ ପୁଡୁଚେରୀ ଉପରେ ଓଡ଼ିଶା ଚାପ ସୃଷ୍ଟି କରିବାରେ ସଫଳ ହେବ ବୋଲି

### ବୃନ୍ଦାବନ ରାଉତରାୟ ସ୍ମୃତି ମିନି ମାରାଥନ

# ସାଗର, ପିଙ୍କି ଚାମ୍ପିଅନ



କଟକ, ୧।୨(ସମିସ): ଖ୍ୟାତନାମା ଫୁଟବଲ ଖେଳାଳି, ଆନ୍ତଃ ଗ୍ରାମ୍ୟ କ୍ରୀଡ଼ା ପରିଷଦର ପ୍ରତିଷ୍ଠାତା ସଭାପତି ତଥା ଓଡ଼ିଶା ପୁଲିସର ଅବସରପ୍ରାପ୍ତ ଡିଏସପି ସ୍ୱର୍ଗତ ବୃନ୍ଦାବନ ରାଉତରାୟଙ୍କ ସ୍ମୃତିରେ ୮ମ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଆନ୍ତଃ ଗ୍ରାମ୍ୟ କ୍ରୀଡ଼ା ପରିଷଦ ଓ କୋଟୁଆଁସ୍ଥିତ ନେହେରୁ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମିନି ମାରାଥନକୁ ସ୍ୱର୍ଗତ ରାଉତରାୟଙ୍କ ପୁତ୍ର ତଥା ଗଜପତି ଜିଲ୍ଲାର ଜିଲ୍ଲା ଓ ଦୌରାଜଜ ପ୍ରଣବ କୁମାର ରାଉତରାୟ ପୃଷ୍ଠପୋଷକତା କରିଥିଲେ। ଏହା ଫକିରପଡ଼ାସ୍ଥିତ କାଳୀ ମନ୍ଦିର ପଡ଼ିଆରୁ ଆରମ୍ଭ ହୋଇ କୋଟୁଆଁ ଖେଳ ପଡ଼ିଆ ଶେଷ ହୋଇଥିଲା। ଉଭୟ ବିଭାଗରେ ଶ୍ରେଷ୍ଠ ୧୫ଜଣ କ୍ରୀଡାବିତଙ୍କୁ ପୁରସ୍କୃତ କରାଯାଇଥିଲା। ପୁରୁଷ ବିଭାଗରେ ସାଗର ଭୋଇ ପ୍ରଥମ, ସିତୁଲ ଦାସ ୨ୟ ଓ ଦୀପୁ ହାଲଦାର ୩ୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହିଳା ବିଭାଗରେ ପିଙ୍କି ଦାସ ଚାମ୍ପିଅନ ହୋଇଥିଲେ। ମେହେକ ଓ ବନିତା ରାଉତ ଯଥାକ୍ରମେ ୨ୟ ଓ ୩ୟରେ ରହିଥିଲେ।

ଆନ୍ତଃ ଗ୍ରାମ୍ୟ କ୍ରୀଡ଼ା ପରିଷଦର ସଭାପତି ଲକ୍ଷ୍ମଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ 'ଆକା' ର ପ୍ରତିଷ୍ଠାତା ସଭାପତି ଦେବବ୍ରତ ପାତ୍ର ମୁଖ୍ୟଅତିଥି, ସଞ୍ଜୟ ସାହୁ, ଅଜୟ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି କ୍ରୀଡାବିତଙ୍କୁ ମାନପତ୍ର, ନଗଦ ଅର୍ଥରାଶି ଓ ଟ୍ରଫି ପ୍ରଦାନ କରିଥିଲେ। କ୍ରୀଡ଼ା ପରିଷଦର ସମ୍ପାଦକ ସମୀର ଖୁଣ୍ଟିଆ ବିବରଣୀ ପ୍ରଦାନ, ତାପସ ରାଉତରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ରୀଡ଼ା ପରିଷଦର ପ୍ରଶିକ୍ଷକ ରବୀନ୍ଦ୍ର ନାଥ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପତିତ ପାବନ ନାଥ, ବାପି ପୃଷ୍ଟି, ସଙ୍ଗୀତା ସେଠୀ, ବିଜୟ କୁମାର ରାଉତ ପ୍ରମୁଖ ସହଯୋଗ କରିଥିଲେ।

### ● ସୋଆ ଅନ୍ତର୍ଜାତୀୟ ଜିଏମ୍ ଚେସ୍ ଉତ୍ସବ

# ଓଡ଼ିଆ ଖେଳାଳି ସମ୍ବିତଙ୍କ ପ୍ରଭାବୀ ପ୍ରଦର୍ଶନ

ଭୁବନେଶ୍ୱର, ୧।୨ (ସମିସ): ଏଠାରେ ଚାଲିଥିବା ସୋଆ ଗ୍ରାଣ୍ଡମାଷ୍ଟର ଚେସ୍ ଉତ୍ସବର ୭ମ ରାଉଣ୍ଡ ଶେଷ ହୋଇଛି। ଗୁରୁବାର ଦୁଇ ରାଉଣ୍ଡ ଖେଳାଯାଇଥିଲାବେଳେ ଓଡ଼ିଆ ଖେଳାଳି ସମ୍ବିତ ପଣ୍ଡା ପ୍ରଭାବୀ ପ୍ରଦର୍ଶନ କରି ଉଭୟ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ଗୁରୁବାର ଖେଳାଯାଇଥିବା ୬ଷ୍ଠ ରାଉଣ୍ଡରେ ସେ ଭାରତୀୟ ଗ୍ରାଣ୍ଡମାଷ୍ଟର ସପ୍ତର୍ଷି ରାୟ ଚୌଧୁରୀଙ୍କୁ ସହଜରେ ପରାସ୍ତ କରିଛନ୍ତି। ଏହା ପରେ ୭ମ ରାଉଣ୍ଡରେ ସେ ତାଙ୍କଠାରୁ ଅଧିକ ମାନ୍ୟତାପ୍ରାପ୍ତ ଖେଳାଳି ତଥା ଅନ୍ୟତମ ଆଇଏମ୍ ସମେଦ ଜୟକୁମାରଙ୍କୁ ପରାସ୍ତ କରିଥିଲେ। ଏହା ଫଳରେ ସେ ପଏଣ୍ଟ ସାରଣୀର ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ୭ମ ରାଉଣ୍ଡ ଶେଷରେ ତେଲଙ୍ଗାନାର ବିଘ୍ନେଶ ଅଦ୍ୱୈତ ଭେମୁଲା ୬ ପଏଣ୍ଟ ପାଇ ଏକାକୀ ପ୍ରଥମସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ ୪ଜଣ ଖେଳାଳି ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। କିନ୍ତୁ ବୁକୋଲଜରେ ସମ୍ବିତ



ପଣ୍ଡା ଚତୁର୍ଥ ସ୍ଥାନରେ ରହିଛନ୍ତି। ପ୍ରଥମ ୫ଜଣଙ୍କ ମଧ୍ୟରେ କେବଳ ଜଣେ ମାତ୍ର ଗ୍ରାଣ୍ଡମାଷ୍ଟର ସାୟନ୍ତନ ଦାସ ୫ମ ସ୍ଥାନରେ ରହିଛନ୍ତି। ସମ୍ବିତଙ୍କ ଭଳି ଆଉ ଜଣେ ଯୁବ ଆଇଏମ୍ ସାହିଲ ଦେ ମଧ୍ୟ ଗୁରୁବାର ଭଲ ଖେଳିଛନ୍ତି। ସେ ୬ଷ୍ଠ ରାଉଣ୍ଡରେ ନିତିନ ବାବୁଙ୍କୁ ଓ ୭ମ ରାଉଣ୍ଡରେ ରୁଷିଆର ଗ୍ରାଣ୍ଡମାଷ୍ଟର ସଭାଚେଙ୍କୋ ବୋରିସ୍‌ଙ୍କ ସହ ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୋଇଛନ୍ତି। ଅନ୍ୟ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ନୀଳସୁ ପଟ୍ଟନାୟକ ଦୁଇଟିଯାକ ରାଉଣ୍ଡରେ ମ୍ୟାଚ୍ ଡ୍ର ରଖିଛନ୍ତି। କିନ୍ତୁ ଅନ୍ୟତମ ଆଇଏମ୍ ସିଦ୍ଧାନ୍ତ ମହାପାତ୍ର ଓ ମହିଳା ଫିଡେ ମାଷ୍ଟର ସାଇନା ସଲୋନିକା ସେମାନଙ୍କ ମ୍ୟାଚ୍ ହାରିଯାଇଛନ୍ତି। ଅନ୍ୟପକ୍ଷରେ ୨୦ଟି ରାଜ୍ୟରୁ ୩୩୬ ଜଣ ଖେଳାଳିଙ୍କୁ ନେଇ କାଟୋଗାରୀ ସି' ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି।

# ଆଇଏସ୍ଏଲ୍-୧୦: ଶୀର୍ଷ ସ୍ଥାନ ଲକ୍ଷ୍ୟରେ ଓଏଫ୍‌ସି-ବ୍ଲାଷ୍ଟର୍ସ

ଭୁବନେଶ୍ୱର, ୧।୨ (ସମିସ): ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍ଏଲ୍)ର ୧୦ମ ସଂସ୍କରଣର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଶୁକ୍ରବାର ଘରୋଇ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ଓ ଟେବଲ୍ ଶୀର୍ଷରେ ଥିବା କେରଳ ବ୍ଲାଷ୍ଟର୍ସ ମଧ୍ୟରେ ମୁକାବିଲା ହେବ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ସନ୍ଧ୍ୟା ୭ଟା ୩୦ରେ ଏହି ମ୍ୟାଚ୍ ଖେଳାଯିବ। ସର୍ଗିଓ ଲୋବେରାଙ୍କ ପ୍ରଶିକ୍ଷଣରେ ଖେଳୁଥିବା ଓଡ଼ିଶା ଏଫ୍‌ସି ଏହି ମ୍ୟାଚ୍ ଜିତି ପଏଣ୍ଟ ଟେବଲ୍ ଶୀର୍ଷକୁ ଉନ୍ନୀତ ହେବାକୁ ଲକ୍ଷ୍ୟ ରଖିଛି। ଅପରପକ୍ଷରେ ଭ୍ରମଣକାରୀ କେରଳ ଶୀର୍ଷ ସ୍ଥାନକୁ ବଜାୟ ରଖିବା ଲକ୍ଷ୍ୟରେ ଗ୍ରାଉଣ୍ଡକୁ ଓହ୍ଲାଇବ।

■ ରୟଙ୍କ ଲକ୍ଷ୍ୟ ୫୦ତମ ଗୋଲ୍ ପୂରଣ
■ ଓଡ଼ିଶା-୮; କେରଳ-୭

ଆଇଏସ୍ଏଲ୍‌ର ଚଳିତ ପଏଣ୍ଟ ଟେବଲ୍ ଉପରେ ନଜର ପକାଇଲେ ଓଡ଼ିଶା ଏଫ୍‌ସି ବର୍ତ୍ତମାନ ସୁଦ୍ଧା ୧୨ ମ୍ୟାଚ୍ ଖେଳି ୭ ବିଜୟ, ୨ ପରାଜୟ ଓ ୩ ଅମୀମାଂସିତ ସହ ୨୪ ପଏଣ୍ଟ ପାଇ ୩ୟ ସ୍ଥାନରେ ରହିଛି। ସେହିଭଳି କେରଳ ସମାନ ୧୨ ମ୍ୟାଚ୍‌ରୁ ୮ ବିଜୟ ଏବଂ ୨ଟି ଲେଖାଏ ଅମୀମାଂସିତ ଓ ପରାଜୟ ସହ ୨୬ ପଏଣ୍ଟ ପାଇ ଶୀର୍ଷ ସ୍ଥାନ ବଜାୟ ରଖିଛି। ଓଡ଼ିଶା ଚଳିତ ସିଜନରେ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛି। ନିକଟରେ ଶେଷ ହୋଇଥିବା କଳିଙ୍ଗ ସୁପର୍ କପ୍ ପ୍ରତିଯୋଗିତାରେ ଓଡ଼ିଶା ଏଫ୍‌ସି ଫାଇନାଲରେ ପ୍ରବେଶ କରି ଅଳ୍ପକେ ଟ୍ରଫି ଜିତିବାରୁ ବଞ୍ଚିତ ହୋଇଥିଲା। ବ୍ରାଜିଲ ଅଗ୍ରଭାଗ ଖେଳାଳି ଡିଏମୋ ମୌରିସିଓ, ଫିଜିର ରୟ କ୍ରିଷନ, ଅହମ୍ମଦ ଜାହୋଉ, ମୌତାଡା ଫଲ୍‌ଙ୍କ ଭଳି ଦକ୍ଷ ଖେଳାଳିଙ୍କୁ ନେଇ ଓଏଫ୍‌ସି ଦଳ ବେଶ୍ ସନ୍ତୁଳିତ ରହିଛି। ଯେଉଁମାନେ ଚଳିତ ସଂସ୍କରଣରେ ଏମାନେ ବେଶ୍ ସ୍ଥିର ପ୍ରଦର୍ଶନ କରିଆସୁଛନ୍ତି। ରୟ କ୍ରିଷନ ଆଉ ଗୋଟିଏ ଗୋଲ୍ ସ୍କୋର କଲେ ଆଇଏସ୍ଏଲ୍‌ରେ ୫୦ତମ ଗୋଲ୍ ପୂରଣ କରିବେ।

**ମ୍ୟାଚ୍ ଆରମ୍ଭ: ରାତି ୭ଟା୩୦**
**ସ୍ଥାନ: କଳିଙ୍ଗ ଷ୍ଟାଡିୟମ**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**

# ଲେଭଲ-୧ ପ୍ରଶିକ୍ଷକ ହେଲେ ଅନୁରାଧା



ଭୁବନେଶ୍ୱର, ୧।୨ (ସମିସ): ଓଡ଼ିଶାର ଅଲିମ୍ପିଆନ ଆଥଲେଟ ଅନୁରାଧା ବିଶ୍ୱାଳ ଲେଭଲ-୧ ପ୍ରଶିକ୍ଷକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଏବେ ସେ ଲେଭଲ-୨ ପ୍ରଶିକ୍ଷକ ଲାଗି ଯୋଗ୍ୟ ବିବେଚିତ ହେବେ। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆଥଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ କରାଯାଇଥିବା ବିଶ୍ୱ ଦୌଡ଼କୁଦ ଶିକ୍ଷା କାର୍ଯ୍ୟକ୍ରମ (ପ୍ରଶିକ୍ଷକ) ପରୀକ୍ଷାରେ ସେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରୀକ୍ଷା କୃତକାର୍ଯ୍ୟ ହେବା ଲାଗି ସହାୟତା ଯୋଗାଇଦେଇଥିବାରୁ ସେ ତାଙ୍କ ନିଯୁକ୍ତିଦାତା ନାଲ୍‌କୋ, କିଟ୍ ବିଶ୍ୱବିଦ୍ୟାଳୟ ଓ ଆଥଲେଟିକ ଫେଡେରେସନ ଅଫ୍ ଇଣ୍ଡିଆକୁ ଅନୁରାଧା ଧନ୍ୟବାଦ ଜଣାଇଛନ୍ତି।

# ସାଫ୍ ମହିଳା ଚାମ୍ପିଅନସିପ୍ ଆଜିଠାରୁ

ନୂଆଦିଲ୍ଲୀ, ୧।୨(ଏଜେନ୍ସି): ବାଂଲାଦେଶ ରାଜଧାନୀ ଢ଼ାକାରେ ଶୁକ୍ରବାରଠାରୁ ଆରମ୍ଭ ହେବ ୧୯ ବର୍ଷରୁ କମ୍ ସାଫ୍ ମହିଳା ଚାମ୍ପିଅନସିପ୍। ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଦକ୍ଷିଣ ଏସିଆର ୪ଟି ଦେଶ ଭାଗ ନେବେ। ଆୟୋଜକ ବାଂଲାଦେଶ ସମେତ ଭାରତ, ଭୁଟାନ, ନେପାଳ ଅଂଶଗ୍ରହଣ କରିବେ। ଶୁକ୍ରବାର ଭୁଟାନ ବିପକ୍ଷରେ ମ୍ୟାଚ୍ ଖେଳି ଭାରତ ଅଭିଯାନ ଆରମ୍ଭ କରିବ ଓ ନେପାଳ ବିପକ୍ଷରେ ବାଂଲାଦେଶ ତା'ର ପ୍ରଥମ ମ୍ୟାଚ୍ ଖେଳିବ। ୨୦୧୮, ୨୦୨୧, ୨୦୨୩ରେ ଚାମ୍ପିଅନ ହୋଇ ୩ଥର ଟାଇଟଲ ଜିତିବା ସହ ବାଂଲାଦେଶ ଏହି ଟୁର୍ଣ୍ଣାମେଣ୍ଟରେ ସଫଳତମ ଦଳ ବିବେଚିତ ହେଉଛି।

# ବ୍ରହ୍ମପୁର ଓ ମହେନ୍ଦ୍ରଗିରିରେ ଟ୍ରେକିଂ




ଭୁବନେଶ୍ୱର, ୧।୨ (ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ଏକ କୋଷ୍ଟାଲ ଓ ମାଉଣ୍ଟେନ ଟ୍ରେକିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଷ୍ଟାଲ ଟ୍ରେକିଂ ସୋନପୁର ଜିଲ୍ଲାର ମହାନଦୀ ପଠାରୁ ଆରମ୍ଭ ହୋଇ ବ୍ରହ୍ମପୁରରେ ଶେଷ ହୋଇଥିଲା। ଏଥିରେ ୮ଟି କଲେଜ୍‌ର ୪୮ ଜଣ ଛାତ୍ର ଓ ୫୨ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହା ପରେ ମହେନ୍ଦ୍ରଗିରିରେ ମାଉଣ୍ଟେନ ଟ୍ରେକିଂ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ କଲେଜ୍‌ରୁ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ସମସ୍ତ ପ୍ରତିଯୋଗୀଙ୍କୁ ସଫଳତାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଆୟୋଜିତ ପ୍ରମାଣପତ୍ର ପ୍ରଦାନ ଉତ୍ସବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଗୀତାଞ୍ଜଳି ଦାସ ମୁଖ୍ୟ ଅତିଥି, ଆଶାର ଉପଦେଷ୍ଟା ଅଶୋକ କୁମାର ମହାନ୍ତି ଓ ଏନ୍ଏସ୍ଏସ୍ ପ୍ରୋଗ୍ରାମ ନିର୍ଦ୍ଦେଶକ ଡଃ ଜୟନ୍ତ କୁମାର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏଭରେଷ୍ଟ ଆରୋହଣକାରୀ ଗଣେଶ ଚନ୍ଦ୍ର ଜେନା ବୈଷୟିକ ସହାୟତା ପ୍ରଦାନ କରିଥିଲେ।

# ଅନ୍ତର୍ଜାତୀୟ ର୍‌ୟାକେଟ ସମ୍ମିଳନୀରେ ଭାଗନେବେ ଦିଲୀପ ମହାନ୍ତି



ଭୁବନେଶ୍ୱର, ୧।୨ (ସମିସ): ଆମେରିକାର ଫ୍ଲୋରିଡା ସହରରେ ଆୟୋଜିତ ହେବ ପିଟିଆର (ପ୍ରଫେସନାଲ ଟେନିସ ରେଜିଷ୍ଟ୍ରି) ଅନ୍ତର୍ଜାତୀୟ ର୍‌ୟାକେଟ ସମ୍ମିଳନୀ। ଫେବୃଆରୀ ୧୧ରେ ହେବାକୁ ଥିବା ଏହି ସମ୍ମିଳନୀରେ ପିଟିଆର୍'ର ନିର୍ଦ୍ଦେଶକ ତଥା ଓଡ଼ିଆ ଖେଳାଳି ଦିଲୀପ ମହାନ୍ତି ଯୋଗ ଦେବାକୁ ମନୋନୀତ ହୋଇଛନ୍ତି। ଏହି ସମ୍ମିଳନୀରେ ବିଶ୍ୱ ଟେନିସର କିମ୍ବଦନ୍ତୀ ଖେଳାଳି ଓ କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥାନ୍ତି।

### ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ

# ଫାଇନାଲରେ ଷ୍ଟାର ବନାମ ରକ୍ ଷ୍ଟାର

ଭୁବନେଶ୍ୱର, ୧।୨ (ସମିସ): କୁମାରବସ୍ତର ରାଇଜିଂ ଷ୍ଟାର ବନାମ ଝାଁଲାର ବ୍ଲୁ ରକ୍ ଷ୍ଟାର ମଧ୍ୟରେ ତମାଣ୍ଡୋ ପ୍ରିମିୟର ଲିଗ୍-୨୦୨୪ର ଫାଇନାଲ ମୁକାବିଲା ହେବ। ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ରାଇଜିଂ ଷ୍ଟାର ୨୮ ରନ୍‌ରେ ଆୟୋଜକ ତମାଣ୍ଡୋର ବାଲୁଙ୍କେଶ୍ୱର ୱାରିୟର୍ସକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ବୁଧବାର




ଖେଳଯାଇଥିବା ପ୍ରଥମ ସେମିଫାଇନାଲରେ ବ୍ଲୁ ରକ୍‌ଷ୍ଟାର ୭ ୱିକେଟରେ ସୁନ୍ଦରଗ୍ରାମର ଏସ୍‌ଜି ସ୍ପୋର୍ଟିଂକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଆସନ୍ତା ୩ ତାରିଖ ଶନିବାର ଷ୍ଟାର ଓ ରକ୍ ଷ୍ଟାର ମଧ୍ୟରେ ଫାଇନାଲ ମୁକାବିଲା ହେବ।

ତମାଣ୍ଡୋ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ସେମିଫାଇନାଲ ରାଇଜିଂ ଷ୍ଟାର ଓ ବାଲୁଙ୍କେଶ୍ୱର ୱାରିୟର୍ସ ମଧ୍ୟରେ ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ରାଇଜିଂ ଷ୍ଟାର ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୨୪ ରନ୍ କରିଥିଲା। ଦଳ ପକ୍ଷରୁ ସୁନୀଲ ସାହୁ ୭୬ ଓ ଶୁଭେନ୍ଦୁ ପ୍ରଧାନ ୬୦ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଶାଶ୍ୱତ ପ୍ରଧାନଙ୍କୁ ୩ ୱିକେଟ ମିଳିଥିଲା। ଜବାବରେ ୨୨୫ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରି ଘରୋଇ ମାଟିରେ ବାଲୁଙ୍କେଶ୍ୱର ୱାରିୟର୍ସ ୮ ୱିକେଟରେ ୧୯୬ ରନ୍ କରିବାକୁ ସମର୍ଥ ହୋଇଥିଲା। ସୁଦର୍ଶନ ସାହୁଙ୍କ ୮୩ ଓ ଶିବାଶିଷ ମହାନ୍ତିଙ୍କ ୫୭ ରନ୍ ଦଳକୁ ବିଜୟୀ କରାଇପାରି ନଥିଲା। ବିଜୟୀ ଦଳର ଜଗନ୍ନାଥ କୋଟା ୩୨ ରନ୍‌ରେ ୩ ଓ ଅସୀମାନନ୍ଦ ଦଳବେହେରା ୱିକେଟ ନେଇଥିଲେ। ଅମ୍ପାୟାର ବିଭୁ ଚୌଧୁରୀ ଓ ସୌମେନ୍ଦ୍ର ପାତ୍ର ଖେଳ ପରିଚାଳନା କରିଥିଲେ। ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍‌ର ପୂର୍ବତନ ଉପସଭାପତି ଆଶୁତୋଷ ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇ ବିଜୟୀ ରାଇଜିଂ ଷ୍ଟାର ଦଳର ସୁନୀଲ ସାହୁଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ଫାଇନାଲ ମୁକାବିଲା ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରାଯାଉଛି।

### ଏଫ୍‌ଆଇଏଚ୍ ପ୍ରୋ ଲିଗ୍

# ଓଡ଼ିଶାରୁ ଏକା ଅମିତ୍

ନୂଆଦିଲ୍ଲୀ, ୧।୨(ଏଜେନ୍ସି): ଭୁବନେଶ୍ୱର ଓ ରାଉରକେଲାରେ ଖେଳାଯିବାକୁ ଥିବା ଆଗାମୀ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପୁରୁଷ ହକି ପ୍ରତିଯୋଗିତା ଲାଗି ଗୁରୁବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ରକ୍ଷଣଭାଗ ଖେଳାଳି ହର୍‌ମନପ୍ରୀତ୍ ସିଂହଙ୍କୁ ୨୪ ଜଣିଆ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଦଳରେ ଗୋଲ୍‌ରକ୍ଷକ ଭାବେ ପିଆର୍ ଶ୍ରୀଜେଶ ଓ କ୍ରିଷନ ବାହାଦୁର ପାଠକ ରହିଛନ୍ତି। ଘୋଷିତ ଦଳରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ଅମିତ୍ ରୋହିଦାସ ସ୍ଥାନ ପାଇଛନ୍ତି।

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ (ପୁରୁଷ)ର ଭୁବନେଶ୍ୱର ଲେଗ୍ ଫେବୃଆରୀ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏହାପରେ ଫେବୃଆରୀ ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ରାଉରକେଲା ଲେଗ୍ ଅନୁଷ୍ଠିତ ହେବ। ଘରୋଇ ଭାରତ ଉଭୟ ଲେଗ୍‌ରେ ଆୟର୍ଲାଣ୍ଡ, ନେଦରଲାଣ୍ଡସ, ସ୍ପେନ ଓ ଅଷ୍ଟ୍ରେଲିଆ ବିପକ୍ଷରେ ୨ଥର ଲେଖାଏ ଖେଳିବ। ୧୦ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ସ୍ପେନ ବିପକ୍ଷରେ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ହର୍‌ମନପ୍ରୀତ୍‌ଙ୍କ ନେତୃତ୍ୱରେ ଭାରତ ଉଭୟ ଭୁବନେଶ୍ୱର ଓ ରାଉରକେଲା ଲେଗ୍‌ରେ ମଇଦାନକୁ ଓହ୍ଲାଇବ। ତାଙ୍କୁ ଉପ-ଅଧିନାୟକ ହାର୍ଦ୍ଦିକ ସିଂହ ସହଯୋଗ କରିବେ। ହର୍‌ମନପ୍ରୀତ୍‌ଙ୍କ ସମେତ ଅମିତ୍, ଜରମନପ୍ରୀତ୍ ସିଂହ, ବରୁଣ କୁମାର, ସୁମିତ, ସଞ୍ଜୟ, ଯୁଗରାଜ ସିଂହ ଓ



**ଭାରତୀୟ ଦଳ**

**ଗୋଲ୍‌ରକ୍ଷକ:** ପିଆର୍ ଶ୍ରୀଜେଶ, କ୍ରିଷନ ବାହାଦୁର ପାଠକ, **ରକ୍ଷଣଭାଗ:** ଜର୍‌ମନପ୍ରୀତ୍ ସିଂହ, ସୁମିତ୍, ଯୁଗରାଜ ସିଂହ, ଅମିତ୍ ରୋହିଦାସ, ହର୍‌ମନପ୍ରୀତ୍ ସିଂହ (ଅଧିନାୟକ), ବରୁଣ କୁମାର, ସଞ୍ଜୟ, ବିଷ୍ଣୁକାନ୍ତ ସିଂ, **ମଧ୍ୟକ୍ରମ:** ହାର୍ଦ୍ଦିକ ସିଂହ (ଉପ-ଅଧିନାୟକ), ବିବେକ ସାଗର ପ୍ରସାଦ, ମନପ୍ରୀତ୍ ସିଂହ, ନୀଳକାନ୍ତ ଶର୍ମା, ଶମ୍‌ଶେର୍ ସିଂହ, ରାଜକୁମାର ପାଲ୍, ରବିଚାନ୍ଦ ସିଂ ମୋଇରଙ୍ଗଥିମ୍, **ଅଗ୍ରଭାଗ:** ଲଳିତ କୁମାର ଉପାଧ୍ୟାୟ, ମନଦୀପ୍ ସିଂହ, ଗୁର୍‌ଜାନ୍ତ ସିଂହ, ସୁଖଜିତ୍ ସିଂହ, ଅଭିଷେକ, ଆକାଶଦୀପ୍ ସିଂହ ଓ ଅରଜିତ୍ ସିଂହ ହୁଣ୍ଡାଲ।

ବିଷ୍ଣୁକାନ୍ତ ସିଂ ରକ୍ଷଣାଭାଗ ଦାୟିତ୍ୱ ସମ୍ଭାଳିବେ।

ଦଳ ଗଠନକୁ ନେଇ ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲ୍‌ଟନ କହିଛନ୍ତି, 'ଆମେ ଯତ୍ନର ସହ ଏକ ସନ୍ତୁଳିତ ଦଳ ଗଠନ କରିଛୁ। ଯେଉଁଥିରେ ଅଭିଜ୍ଞ ଓ ଯୁବ ଖେଳାଳିଙ୍କ ମିଶ୍ରଣ ରହିଛି। ସର୍ବୋଚ୍ଚସ୍ତରରେ ପ୍ରତିଦ୍ୱନ୍ଦ୍ୱୀତା କରିବାକୁ ଏହି ଦଳ ପ୍ରସ୍ତୁତ ରହିଛି।'

## ଆଜିଠାରୁ ଦ୍ୱିତୀୟ ଟେଷ୍ଟ

# ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଭାରତ

ବିଶାଖାପଟନମ୍, ୧।୨(ଏଜେନ୍ସି): ସ୍ଥାନୀୟ ୱାଇଏସ୍ ରାଜଶେଖର ରେଡ୍ଡୀ ଷ୍ଟାଡିୟମରେ ଶୁକ୍ରବାରଠାରୁ ଭାରତ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ହାଇଦରାବାଦ୍‌ରେ ପ୍ରଥମ ଟେଷ୍ଟରେ ଅପ୍ରତ୍ୟାଶିତ ଭାବେ ପରାଜୟ ବରଣ କରିବା ପରେ ଭାରତୀୟ ଦଳ ଏବେ ଚାପର ସମ୍ମୁଖୀନ ହୋଇଛି। ୫ ମ୍ୟାଚ୍ ବିଶିଷ୍ଟ ଏହି ହାଇପ୍ରୋଫାଇଲ ସିରିଜରେ ୦-୧ରେ ପଛରେ ପଡ଼ିଥିବା ଭାରତ ପ୍ରତ୍ୟାବର୍ତ୍ତନ କରି ବିଜୟୀ ହେବା ସହ ସିରିଜକୁ ୧-୧ ବରାବର ସ୍ଥିତିକୁ ଆଣିବାକୁ ଚେଷ୍ଟା କରିବ। ପ୍ରଥମ ପାଳିରେ ଅଗ୍ରଣୀ ହାସଲ କରିଥିଲେ ମଧ୍ୟ ଦ୍ୱିତୀୟରେ ଭାରତୀୟ ବ୍ୟାଟିଂ ଓ ବୋଲିଂ ବିଫଳତା ପଦାରେ ପଡ଼ିଥିଲା। ପୁଣି ଲୋକେଶ ରାହୁଲ ଓ ରବୀନ୍ଦ୍ର ଜାଡେଜାଙ୍କ ଭଳି ଅଭିଜ୍ଞ କ୍ରିକେଟର ଆଘାତ ସମସ୍ୟା କାରଣରୁ ଦଳରୁ ବାଦପଡ଼ିବା ପରେ ଟିମ୍ ମ୍ୟାନେଜମେଣ୍ଟର ଚିନ୍ତା ବଢ଼ିଯାଇଛି। ପ୍ରଥମ ଟେଷ୍ଟରେ ଇଂଲଣ୍ଡ ବ୍ୟାଟର ଓଲି ପୋପ ଭାରତଠାରୁ ଏକପ୍ରକାର ମ୍ୟାଚ୍ ଛଡାଇ ନେଇଥିଲେ। ଭାରତୀୟ ସ୍ପିନରଙ୍କ ପାଖରେ ତାଙ୍କ ପାଇଁ ଜବାବ ନ ଥିଲା। ପୁଣି ତାରକା ବ୍ୟାଟର କୋହଲିଙ୍କ ଅନୁପସ୍ଥିତି ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ପ୍ରଥମ ଟେଷ୍ଟ ବିଜୟ ପରେ ଇଂଲଣ୍ଡ ଦଳର ଆତ୍ମବିଶ୍ୱାସ ବୃଦ୍ଧି ହୋଇଛି।

ଜାଡେଜାଙ୍କ ଅନୁପସ୍ଥିତିରେ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଖେଳିବା ସମ୍ଭାବନା ରହିଛି। ଏହି ମ୍ୟାଚ୍‌ରେ ଏକମାତ୍ର ଦ୍ରୁତ ବୋଲର ଭାବେ ଯଶପ୍ରୀତ ବୁମ୍‌ରା ଖେଳିବେ ବୋଲି ଆଶା କରାଯାଉଛି। ବ୍ୟାଟିଂରେ ଶୁବମାନ ଗିଲ ଓ ଶ୍ରେୟାସ ଆୟରଙ୍କ ଖରାପ ଫର୍ମ ଦଳକୁ ଆହୁରି ସମସ୍ୟାରେ ପକାଇଛି। ରାହୁଲଙ୍କ ଅନୁପସ୍ଥିତିରେ ରଜତ ପଟିଦାର ଦଳରେ ସାମିଲ ହେବାର ଅଧିକ ସମ୍ଭାବନା ରହିଛି। ତେବେ ଘରୋଇ କ୍ରିକେଟରେ ବିପୁଳ ରନ ସଂଗ୍ରହ କରିଥିବା ସର୍ଫରାଜ ଖାନ୍ ମଧ୍ୟ ଦଳରେ ସାମିଲ ହେବା ସମ୍ଭାବନା ରହିଛି। ସ୍ଥିତି ଅନୁଯାୟୀ କାହାକୁ ଖେଳାଯିବ ସେ ନେଇ ମ୍ୟାଚ୍ ପୂର୍ବରୁ ନିଷ୍ପତ୍ତି ନିଆଯିବ। ଗିଲ୍‌ଙ୍କୁ ବାଦ ଦିଆଗଲେ ଉଭୟ ସର୍ଫରାଜ ଓ ରଜତ ଖେଳିପାରନ୍ତି। ସେହିପରି ୩ଜଣ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ, ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦର କିମ୍ବା କୁଲଦୀପ ଯାଦବଙ୍କୁ ନେଇ ଭାରତ ପଡ଼ିଆକୁ ଓହ୍ଲାଇବ। ସେହିପରି ନବାଗତ ବାମହାତୀ ସ୍ପିନର ସୌରଭ କୁମାରଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି।




ଅପରପକ୍ଷରେ ଇଂଲଣ୍ଡ ପୂର୍ବଭଳି ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିବ। ଅଭିଜ୍ଞ ବାମହାତୀ ସ୍ପିନର ଜ୍ୟାକ ଲିଚ୍ ଆଘାତ ସମସ୍ୟା କାରଣରୁ ବାଦ ପଡ଼ିଥିବାରୁ ଇଂଲଣ୍ଡକୁ ଝଟ୍‌କା ଲାଗିଛି। ଯୁବ ଅଫ୍ ସ୍ପିନର ସୋଏବ ବସିର ଖେଳିବା ସମ୍ଭାବନା ରହିଛି। ଅଭିଜ୍ଞ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଦଳରେ ସାମିଲ ହୋଇଛନ୍ତି। ମୋଟ ଉପରେ ଏହି ମ୍ୟାଚ୍‌ରେ ଭାରତ ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। କେତେଜଣ ଅଭିଜ୍ଞ ଖେଳାଳିଙ୍କ ଅନୁପସ୍ଥିତି ଭାରତ ପାଇଁ ପରୀକ୍ଷା ସୃଷ୍ଟି କରିବ। ଏହି ପିଚ୍‌କୁ ବ୍ୟାଟରଙ୍କ ସ୍ୱର୍ଗ ବୋଲି ବିବେଚନା କରାଯାଇଥାଏ। ତେବେ ଚତୁର୍ଥ ଇନିଂସରେ ବୋଲରମାନେ ଅଧିକ ପ୍ରଭାବୀ ସାବ୍ୟସ୍ତ ହେବେ। ଟସ୍‌ର ଭୂମିକା ନିର୍ଣ୍ଣାୟକ ହେବ। ଟସ୍ ଜିତିବା ଦଳ ପ୍ରଥମେ ବ୍ୟାଟିଂ କରି ବଡ଼ ସ୍କୋର ହାସଲ କରିବାକୁ ପ୍ରୟାସ କରିବ। ଚତୁର୍ଥ ପାଳିରେ ବ୍ୟାଟିଂ କରିବା କଷ୍ଟକର ହେବ। ପ୍ରଥମେ ଦ୍ରୁତ ବୋଲରମାନେ ପ୍ରଭାବ ବିସ୍ତାର କରିବେ। କିନ୍ତୁ ମ୍ୟାଚ୍ ଆଗକୁ ବଢ଼ିଲେ ସ୍ପିନରମାନେ ଘାତକ ସାବ୍ୟସ୍ତ ହେବେ। ଏହି ପିଚ୍‌ରେ ଖେଳାଯାଇଥିବା ଦୁଇଟି ଯାକ ଟେଷ୍ଟରେ ଭାରତ ବିଜୟୀ ହୋଇଛି।

## ସମ୍ପୂର୍ଣ୍ଣ ସିରିଜ୍ ଖେଳି ନ ପାରନ୍ତି କୋହଲି !

ନୂଆଦିଲ୍ଲୀ, ୧।୨ (ଏଜେନ୍ସି): ଭ୍ରମଣକାରୀ ଇଂଲଣ୍ଡ ବିପକ୍ଷ ଚଳିତ ଟେଷ୍ଟ ସିରିଜରେ ସମ୍ପୂର୍ଣ୍ଣ ଭାବେ ଖେଳି ନ ପାରନ୍ତି ବିରାଟ କୋହଲି। ବ୍ୟକ୍ତିଗତ କାରଣ ଦର୍ଶାଇ ବିସିସିଆଇକୁ ଅନୁରୋଧକ୍ରମେ କୋହଲି ପ୍ରଥମ ଦୁଇ ଟେଷ୍ଟରୁ ଓହରି ଯାଇଥିଲେ। ସଦ୍ୟତମ ରିପୋର୍ଟ ମୁତାବକ, କୋହଲି ଏବେ ଶେଷ ୩ଟି ଟେଷ୍ଟ ମଧ୍ୟ ଖେଳି ନ ପାରନ୍ତି। ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ କୋହଲି ବର୍ତ୍ତମାନ ବିଦେଶ ଗସ୍ତରେ ରହିଛନ୍ତି।

ବିସିସିଆଇର ଜୈନିକ ଅଧିକାରୀଙ୍କ ସୂଚନା ଅନୁଯାୟୀ, 'ବିରାଟ ଏନେଇ ଅଧିନାୟକ ରୋହିତ୍ ଶର୍ମା, ଟିମ୍ ମ୍ୟାନେଜମେଣ୍ଟ ସହ ଆଲୋଚନା କରିଛନ୍ତି। ବିସିସିଆଇ ତାଙ୍କ ନିଷ୍ପତ୍ତିକୁ ସମର୍ଥନ କରେ। ଏଥିସହ ସମସ୍ତ ଗଣମାଧ୍ୟମ ଓ ପ୍ରଶଂସକ ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ କୋହଲିଙ୍କ ଗୋପନୀୟତାକୁ ସମ୍ମାନ ଦିଅନ୍ତୁ ଏବଂ ତାଙ୍କ ବ୍ୟକ୍ତିଗତ ଘଟଣା ସମ୍ପର୍କରେ ଅଯଥା ଆଲୋଚନା ନ କରନ୍ତୁ' ବୋଲି ଏହି ଅଧିକାରୀ ଜଣଙ୍କ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ କୋହଲିଙ୍କ ମା'ଙ୍କ ଦେହ ଖରାପ ଥିବାନେଇ ଚର୍ଚ୍ଚା ହେଉଥିବାବେଳେ ଗତକାଲି ତାଙ୍କ ଭାଇ ବିକାଶ କୋହଲି ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଥିଲେ।

## ତୃତୀୟ ଅନ୍‌ଅଫିସିଆଲ ଟେଷ୍ଟ

## ଭାରତ-ଏ ୧୯୨ରେ ଅଲ୍‌ଆଉଟ୍

ଅହମ୍ମଦାବାଦ, ୧।୨(ଏଜେନ୍ସି): ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଭାରତ-ଏ ଓ ଇଂଲଣ୍ଡ ଲାୟନ୍ସ ମଧ୍ୟରେ ଗୁରୁବାରଠାରୁ ତୃତୀୟ ଅନଅଫିସିଆଲ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଟସ୍ ଜିତି ଇଂଲଣ୍ଡ ଲାୟନ୍ସ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ପ୍ରଥମ ପାଳିରେ ଆଶାନୁରୂପ ପ୍ରଦର୍ଶନ କରି ନପାରି ୫୦.୨ ଓଭରରେ ମାତ୍ର ୧୯୨ ରନକରି ଅଲଆଉଟ ହୋଇଛି। ଜବାବରେ ପ୍ରଥମ ପାଳି ଆରମ୍ଭ କରି ଇଂଲଣ୍ଡ ଲାୟନ୍ସ ଦମ୍‌ଦାର ପ୍ରଦର୍ଶନ କରିଛି ଓ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୩୪ ଓଭରରେ ଗୋଟିଏ ୱିକେଟ ହରାଇ ୯୮ ରନ ସଂଗ୍ରହ କରିଛି। ଫଳରେ ୯ ୱିକେଟ ବାକିଥାଇ ଇଂଲଣ୍ଡ ଏବେ ୯୪ ରନ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ଆଲେକ୍ସ ଲେସ ୪୮ ଓ ଓଲିଭର ପ୍ରାଇସ୍ ୨୦ ରନକରି ଅପରାଜିତ ରହିଛନ୍ତି। କିଟ୍ ଜେନିଙ୍ଗ୍‌ସ ୧୭ ରନକରି ଆକାଶ ଦୀପଙ୍କ ଦ୍ୱାରା ବୋଲ୍ଡ ହୋଇଛନ୍ତି।

**ପଡ଼ିକାଲ, ସାରାଂଶଙ୍କ ଅର୍ଦ୍ଧଶତକ:** ପ୍ରଥମେ ବ୍ୟାଟିଂ କରି ଭାରତ ନିୟମିତ ଅନ୍ତରରେ ୱିକେଟମାନ ହରାଇଥିଲା। ୮୨ ରନରେ ୫ ୱିକେଟ ହରାଇ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦେବଦତ୍ତ ପଡ଼ିକାଲ ୬୫ ଓ ସାରାଂଶ ଜୈନ ୬୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ତିଳକ ବର୍ମା ୨୨ ଓ ସାମ୍ସ ମୁଲାନୀ ୧୧ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନଥିଲେ। ଅଧିନାୟକ ଅଭିମନ୍ୟୁ ଈଶ୍ୱରନ, ରିଙ୍କୁ ସିଂ, ଅର୍ଶଦୀପ ସିଂ ଓ ଯଶ ଦୟାଲ ଖାତା ଖୋଲିପାରି ନଥିଲେ। ଇଂଲଣ୍ଡର ମାଥ୍ୟୁ ପଟ୍ସ ୬ ଓ ବ୍ରାଇଡନ କାର୍ସ ୪ ୱିକେଟ ନେଇଥିଲେ।

● କ୍ରୀଡ଼ା ବଜେଟ୍‌ରେ ୪୫ କୋଟି ବୃଦ୍ଧି

## ଖେଲୋ ଇଣ୍ଡିଆକୁ ୯୦୦, ସାଇକୁ ୭୯୫

ନୂଆଦିଲ୍ଲୀ, ୧।୨ (ଏଜେନ୍ସି): କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୁରୁବାର ଆର୍ଥିକ ବର୍ଷ ୨୦୨୪-୨୫ ଲାଗି ଅନ୍ତରୀଣ ବଜେଟ୍ ଉପସ୍ଥାପନା କରିଛନ୍ତି। ଚଳିତ ବର୍ଷ ପ୍ୟାରିସ ଅଲିମ୍ପିକ୍ସ ଭଳି ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା ପ୍ରତିଯୋଗିତା ଖେଳାଯିବାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ବଜେଟରେ ୪୫.୩୬ କୋଟି ବୃଦ୍ଧି ଘଟିଛି। ଚଳିତ ଆର୍ଥିକ ବର୍ଷ ଲାଗି କ୍ରୀଡ଼ା ପାଇଁ ବଜେଟ୍‌ରେ ୩ ହଜାର ୪୪୨.୩୨ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଗତ ଆର୍ଥିକ ବର୍ଷରେ କ୍ରୀଡ଼ା ବଜେଟ୍ ୩ ହଜାର ୩୯୬.୯୬ କୋଟି ଟଙ୍କା ରହିଥିଲା। ଜୁଲାଇ ୨୬ରୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ଫ୍ରାନ୍ସର ରାଜଧାନୀ ପ୍ୟାରିସରେ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସ ଆୟୋଜିତ ହେବାକୁ ଥିବାରୁ ଚଳିତଥର ଆଶାନୁଯାୟୀ କ୍ରୀଡ଼ା ବଜେଟ୍ ବୃଦ୍ଧି ହୋଇଛି।

ଚଳିତ ବର୍ଷ କ୍ରୀଡ଼ା ପାଇଁ ଆବଣ୍ଟନ ହୋଇଥିବା ବଜେଟରୁ ଖେଲୋ ଇଣ୍ଡିଆକୁ ୯୦୦ କୋଟି ଟଙ୍କା ମିଳିଛି। ଯାହାକି ଗତବର୍ଷ ତୁଳନାରେ ୨୦ କୋଟି ଅଧିକ ରହିଛି। ସେହିଭଳି ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପାଇଁ ଚଳିତ ବର୍ଷ ବଜେଟ ପରିମାଣ ୨୬.୮୩ କୋଟି ବୃଦ୍ଧି ଘଟି ୭୯୫.୭୭ କୋଟିରେ ପହଞ୍ଚିଛି। ନ୍ୟାସନାଲ ସ୍ପୋର୍ଟ୍ସ ଫେଡେରେସନ (ଏନ୍‌ଏସ୍‌ଏଫ୍)କୁ ୩୨୫ କୋଟି, ଜାତୀୟ ଡୋପିଙ୍ଗ ନିରୋଧୀ ସଂସ୍ଥା (ନାଡା)କୁ ୨୨.୩୦ କୋଟି ଟଙ୍କା ମିଳିଛି।

## ଶ୍ରୀନିବାସନଙ୍କ କମ୍ପାନୀ ଉପରେ ଇଡିର ଚଢ଼ାଉ

ନୂଆଦିଲ୍ଲୀ, ୧।୨(ଏଜେନ୍ସି): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ପୂର୍ବତନ ସଭାପତି ଏନ୍ ଶ୍ରୀନିବାସନଙ୍କ କମ୍ପାନୀ 'ଇଣ୍ଡିଆ ସିମେଣ୍ଟ'ର କାର୍ଯ୍ୟାଳୟ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ାଉ କରିଛି। ଗୁରୁବାର କମ୍ପାନୀର ଦିଲ୍ଲୀସ୍ଥିତ ଗୋଟିଏ ଓ ଚେନ୍ନଇର ଦୁଇଟି କାର୍ଯ୍ୟାଳୟ ଉପରେ ଚଢ଼ାଉ କରିବା ସହ ଇଡି ବିଭିନ୍ନ ଦସ୍ତାବିଜର ଯାଞ୍ଚ କରିଛି। ଶ୍ରୀନିବାସନଙ୍କ କମ୍ପାନୀ ବିଦେଶୀ ମୁଦ୍ରା ପ୍ରବନ୍ଧନ ଅଧିନିୟମ (ଫେମା)ର ଉଲ୍ଲଂଘନ କରିଥିବା ନେଇ ଏହି ଚଢ଼ାଉ କରିଛି ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ୧୯୯୯ରେ ବିଦେଶୀ ମୁଦ୍ରାର ଆମଦାନୀକୁ ନିୟନ୍ତ୍ରଣ କରିବା ପାଇଁ ଫେମା ଲାଗୁ କରାଯାଇଥିଲା। ଇଣ୍ଡିଆ ସିମେଣ୍ଟ ଦେଶର ୯ମ ସର୍ବବୃହତ ସିମେଣ୍ଟ କମ୍ପାନୀ ଭାବେ ପରିଗଣିତ ହେଉଛି। ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗନାରେ ଏହି କମ୍ପାନୀର ୭ଟି ପ୍ଲାଣ୍ଟ ରହିଛି।

● ୨୩ବର୍ଷରୁ କମ୍ ମହିଳା ଏକଦିବସୀୟ

## ହରିୟାଣାକୁ ହରାଇଲା ଓଡ଼ିଶା

କଟକ, ୧।୨(ସମିସ): ୨୩ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫିର ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୨ ୱିକେଟରେ ହରିୟାଣାକୁ ପରାସ୍ତ କରିଛି। ଥାନେର ଦାଦାଜି କୋନଦେବ ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ହରିୟାଣା ୧୩୭ ରନରେ ଅଲଆଉଟ ହୋଇଥିଲା। ସୋନିଆ ମେନ୍ଧିଆ ସର୍ବାଧିକ ୬୭ ରନ କରିଥିଲେ। ଓଡ଼ିଶାର ବିଜୟଲକ୍ଷ୍ମୀ ବେହେରା ୩ଟି ଏବଂ ସୋନାଲୀ ହେମ୍ବ୍ରମ ୨ଟି ୱିକେଟ ଦଖଲ କରିଥିଲେ। ୪୮ତମ ଓଭରରେ ୮ ୱିକେଟ ହରାଇ ଓଡ଼ିଶା ବିଜୟ ଲକ୍ଷ୍ୟ ହାସଲ କରିଥିଲା। ତନ୍ମୟୀ ବେହେରା ୪୬ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ହରିୟାଣାର ଅମନଦୀପ କୌର ଏବଂ ଜେ କରୀନାଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର